# ଉତ୍କଳ ପ୍ରସଙ୍ଗ




ଅଗଷ୍ଟ ୧୯୯୧

05/91
Licence No. C. R. N. P. 5-Licensed to post without Pre-payment





ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଅଭିନେତା ଶ୍ରୀ ସାମୁଏଲ୍ ସାହୁ(ବୋବି)ଙ୍କୁ
୧୯୯୧ ମସିହା 'ଉପେନ୍ଦ୍ରଭଞ୍ଜ ପୁରସ୍କାର' ପ୍ରଦାନ କରୁଛନ୍ତି । ସଂସ୍କୃତି ବିଭାଗ ମନ୍ତ୍ରୀ
ଶ୍ରୀ ଶରତ କୁମାର କର ଏହି ଉତ୍ସବରେ ଉପସ୍ଥିତ ଅଛନ୍ତି ।

# ଉତ୍କଳ ପ୍ରସଙ୍ଗ


୪୮ ଭାଗ ୧ମ ସଂଖ୍ୟା
ଶ୍ରାବଣ ୧୯୧୩ ଶକାବ୍ଦ
ଅଗଷ୍ଟ ୧୯୯୧


## ସମ୍ପାଦନା ମଣ୍ଡଳୀ


ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର
*ନିର୍ଦ୍ଦେଶକ*

ପ୍ରହରାଜ ସତ୍ୟନାରାୟଣ ନନ୍ଦ
*ସହ ସମ୍ପାଦକ*

ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ
*ସମ୍ପାଦନା ସହଯୋଗୀ*

ଶ୍ରୀ ସତୀଶ ପାତ୍ର
*ମୁଖ୍ୟ ସମ୍ପାଦକ*

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ
*ପ୍ରଚ୍ଛଦ ଶିଳ୍ପୀ*


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଗଣିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ଭାବିବାକୁ ହେବ ନାହିଁ ।


ବାର୍ଷିକ ଦେୟ : ଟ୨୦.୦୦
ପ୍ରତି ଖଣ୍ଡ : ଟ୨.୦୦

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର
ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ଫଟୋଟାଇପ୍ ସେଟିଙ୍ଗ୍ ପଦ୍ଧତିରେ ଅକ୍ଷର ସଂଯୋଜିତ


## ସୂଚୀ


୧ ସ୍ୱାଗତ ହେ ଅଗଷ୍ଟ ପନ୍ଦର
● ପଣ୍ଡିତ ଶ୍ରୀ ହରିକୃଷ୍ଣ ସାହୁ
୨ ରାଷ୍ଟ୍ରପିତା ଓ ସ୍ୱାଧୀନତା ଦିବସ
● ଶ୍ରୀ କିଶୋର ଚନ୍ଦ୍ର ଜେନା
୪ ସଂଘର୍ଷର ଇତିହାସ
● ସୁପ୍ରିୟା ମଲ୍ଲିକ୍
୯ ଆମ ପରିବେଶ ଆମ ସମସ୍ୟା
● ବସନ୍ତ କୁମାର ବେହୁରା
୧୪ ଆଧୁନିକ ଭାରତ ନିର୍ମାଣରେ ବାବା ସାହେବ ଆମ୍ବେଦକର
● ବସନ୍ତ କୁମାର ମଲ୍ଲିକ୍
୧୯ ମୁକ୍ତିର ପଥ ପୁରୋଧା ଜୟ ପ୍ରକାଶ
● ଡକ୍ଟର ଜଗନ୍ନାଥ ମହାନ୍ତି
୨୧ ସଂହତିର ସାରଥି ପଟେଲଜୀ
● କୁମାରୀ ଉଷା ଦତ୍ତ
୨୩ ସ୍ୱାଧୀନତା ଦିବସର ଶପଥ
● ମମତା ପାଣ୍ଡ
୨୫ ବ୍ରିଟିଶ୍ ଶାସନ କାଳରେ ଓଡ଼ିଶାରେ ନାରୀ ଶିକ୍ଷା
● ଡକ୍ଟର କୃଷ୍ଣଚନ୍ଦ୍ର ଜେନା
୨୭ ନୀଳକଣ୍ଠଙ୍କର ସମନ୍ୱୟାତ୍ମକ ମୂଲ୍ୟବୋଧ
● ଡକ୍ଟର ମହେନ୍ଦ୍ର କୁମାର ମିଶ୍ର
୩୦ ସ୍ୱାଧୀନତା ସଂଗ୍ରାମରେ କନ୍ଧମାନଙ୍କର ଭୂମିକା
● ଶ୍ରୀ ମାଗୁଣି ଦାସ
୩୩ ଜାତୀୟ ଶୃଙ୍ଖଳା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ
● କିଶୋର ସ୍ୱାଇଁ
୩୫ ବିଶ୍ୱ କବିଙ୍କ ଦେଶପ୍ରେମ
● ଶୁଭଲକ୍ଷ୍ମୀ ମହାନ୍ତି
୩୭ ପୁରାତନ ଓ ନୂତନ
● ଇଞ୍ଜିନିୟର ଜଗଦୀଶ ପଣ୍ଡା
୩୮ ଆଦର୍ଶ କବି ଶ୍ରୀମତୀ ଅନ୍ନପୂର୍ଣ୍ଣା ପଟ୍ଟନାୟକ
● ଶ୍ରୀ ରାଜେନ୍ଦ୍ର ଦାଶ ଶର୍ମା
୪୧ ଓଡ଼ିଶାରେ ରେଲସେବା ଏକ ସମୀକ୍ଷଣ
● ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି
୪୪ ଗଞ୍ଜାମରେ ମୁକ୍ତି ସଂଗ୍ରାମ
● ପ୍ରଫେସର ପ୍ରହଲ୍ଲାଦ ପଣ୍ଡା
୪୭ ସ୍ୱାଧୀନତାର ଜନ୍ମ ମୁହୂର୍ତ୍ତ
● ଯଶୋବନ୍ତ ନାରାୟଣ ଧର
୫୧ ସାର୍ଥକ ସ୍ୱପ୍ନ
୫୩ ସମ୍ବାଦ ପରିକ୍ରମା
୫୯ କୁଣ୍ଡନକାରୀ ବନ୍ୟପ୍ରାଣୀ ଝିଙ୍କ
● ଜେନାମଣି ଲକ୍ଷ୍ମୀକାନ୍ତ
୬୧ ଓଡ଼ିଶାରେ ଲବଣ ସତ୍ୟାଗ୍ରହ
● ଅଧ୍ୟାପିକା ଗୀତିରାଣୀ ଦାଶ
୬୫ ଶ୍ରୀଅରବିନ୍ଦଙ୍କ ଅଖଣ୍ଡ ଭାରତ ଗଠନର ସ୍ୱପ୍ନ
● ଶ୍ରୀ ଦେବଦାସ ମହାନ୍ତି

# ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୂପଠାରୁ ଦ୍ୱାରକା ଯାଏଁ ଆମର ୮୦ କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :


## ଜାତୀୟ ପତାକା



## ଜାତୀୟ ସଙ୍ଗୀତ

ଜନ–ଗଣ–ମନ–ଅଧିନାୟକ ଜୟ ହେ
ଭାରତ–ଭାଗ୍ୟ–ବିଧାତା
ପଞ୍ଜାବ–ସିନ୍ଧୁ–ଗୁଜୁରାଟ–ମରାଠା
ଦ୍ରାବିଡ଼–ଉତ୍କଳ–ବଙ୍ଗ
ବିନ୍ଧ୍ୟ–ହିମାଚଳ–ଯମୁନା–ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ-ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା.
ଜନଗଣ–ମଙ୍ଗଳଦାୟକ ଜୟ ହେ,
ଭାରତ–ଭାଗ୍ୟ–ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।

## ଜାତୀୟ ସଙ୍କେତ



ଏ ତିନୋଟିର ପଛରେ ଅଛି–ଯୁଗ ଯୁଗର ଇତିହାସ, ଆମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପ କାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱକୁ କୁଟୁମ୍ବ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଣ୍ଡରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ପୁନ ମଥା ନତ କରେ – ତା'ର ଆତ୍ମା ଅଜେୟ, ଅମର ।

ଆ ମ ର ପ ତା କା

–ତିନିଟିର ପରିଚୟ ସମସ୍ତେ ଜାଣନ୍ତି ।

# ୪୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ବାର୍ତ୍ତା



୪୫ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଜାତି ବିଶେଷତଃ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି । ଆଜିର ଏହି ପୁଣ୍ୟ ଅବସରରେ ଯେଉଁମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଓ ତ୍ୟାଗ ବିନା ଭାରତ ସ୍ୱାଧୀନତାର ଆଲୋକ ଦେଖିପାରି ନଥାନ୍ତା, ସେହି ଦୀପ୍ତିମନ୍ତ ନେତୃବର୍ଗ, ଶହୀଦ, ଦେଶବ୍ରତୀ ଓ ବିପ୍ଳବୀମାନଙ୍କୁ କୃତଜ୍ଞତାର ସହିତ ଏ ଜାତି ସ୍ମରଣ କରୁଛି । ଜନସାଧାରଣଙ୍କ ମନରେ କେବଳ ସ୍ୱାଧୀନତାର ଚେତନା ଉନ୍ମୀଳିତ ନକରି ଯେଉଁ କବି, ଔପନ୍ୟାସିକ, କଳାକାର ଏବଂ ସାମ୍ବାଦିକମାନେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଲଢ଼ିବା ପାଇଁ ଜନସାଧାରଣଙ୍କୁ ଅନୁପ୍ରାଣିତ କରିଥିଲେ ସେମାନଙ୍କୁ ମଧ୍ୟ ଏହି ପୁଣ୍ୟ ଅବସରରେ ଆମେ ସ୍ମରଣ କରିବା । କେବଳ ରାଜନୈତିକ ସ୍ୱାଧୀନତା ପାଇଁ ନୁହେଁ : ସତ୍ୟ, ଅହିଂସା ଏବଂ ସାମାଜିକ ନ୍ୟାୟର ଆଦର୍ଶ ପାଇଁ ସଂଗ୍ରାମ କରିଥିବା ଆମର ମହାନ୍ ପୂର୍ବ ସୁରୀମାନଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଓଡ଼ିଶାବାସୀଙ୍କ ସହିତ ମୁଁ ଆଜି ଯୋଗ ଦେଇଛି ।

ଏଇ ଐତିହାସିକ ଦିବସ ଆମ ସାମ୍ପ୍ରତିକ ପରିସ୍ଥିତିର ସମୀକ୍ଷା ପାଇଁ ମଧ୍ୟ ଉପଯୁକ୍ତ ଅବସର । ରାଜନୈତିକ ସ୍ୱାଧୀନତା ପ୍ରାପ୍ତିର ୪୫ ବର୍ଷ ପରେ ମଧ୍ୟ ଆର୍ଥିକ ଅନଟନ ଓ ଅଭାବ ଅସୁବିଧା, ଅର୍ଥନୈତିକ ସଙ୍କଟ, ଖାଦ୍ୟାଭାବ, ଆକାଶ ଛୁଆଁ ଦରଦାମ୍, ଧନୀମାନଙ୍କ ଦ୍ୱାରା ଦରିଦ୍ର ଲୋକଙ୍କ ଶୋଷଣ ଏବଂ ବିବିଧ ପ୍ରକାରର ସାମାଜିକ ବୈଷମ୍ୟ ସମ୍ପର୍କରେ ଏବେ ମଧ୍ୟ ସାମୟିକ ବିବରଣୀମାନ ମିଳୁଛି । ଜାତିଆଣ ଭାବ ଓ ସାମ୍ପ୍ରଦାୟିକତା, ଉଗ୍ରପନ୍ଥୀ କାର୍ଯ୍ୟକଳାପ ଓ ସନ୍ତ୍ରାସବାଦୀ ଭଳି କୁଶକ୍ତିମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଲୋପ କରିବାକୁ ହେବ । ଦେଶ ଯେ ରାଜନୈତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛି, ସମସ୍ତଙ୍କ ମନରେ ଏପରି ଧାରଣା ସୃଷ୍ଟି ହୋଇଛି । ଯେଉଁ ସବୁ ମୂଲ୍ୟବୋଧ ଆମର ସ୍ୱାଧୀନତା ସଂଗ୍ରାମକୁ ଉଦ୍ଦୀପିତ କରିଥିଲା, ବର୍ତ୍ତମାନ ରାଷ୍ଟ୍ରର ଏଇ ଘଡ଼ିସନ୍ଧି ମୁହୂର୍ତ୍ତରେ ସେଗୁଡ଼ିକର ଯଥେଷ୍ଟ ଆବଶ୍ୟକତା ରହିଛି । ନିଃସ୍ୱାର୍ଥପର ତ୍ୟାଗ ଓ ସାର୍ବଜନୀନ ଏକତାର ଭାବଧାରା ତଥା ଗଣତନ୍ତ୍ର ଓ ସମାଜବାଦର ଆଦର୍ଶ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଭିତ୍ତିଶିଳା ସଦୃଶ । ଦେଶର ନାଗରିକମାନେ ଏଇ ସବୁ ମୂଲ୍ୟବୋଧକୁ ଆଜି ଯଥାର୍ଥ ଭାବେ ଅନୁସରଣ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି ।

ସାହସିକତା, ଅଭିଯାନ, କଳା ଓ ସଂସ୍କୃତି, ନିର୍ମାଣ ଓ ସୃଜନଶୀଳତା ଏବଂ ଶୁଭେଚ୍ଛା ଓ ମାନବିକତା ପାଇଁ ଓଡ଼ିଶାର ସୁଖ୍ୟାତି ରହିଛି । ବକ୍ସି ଜଗବନ୍ଧୁ, ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକଙ୍କ ପାଇଁ ଆମେ ଗର୍ବିତ । ଆମେ ମଧ୍ୟ ଗୋପବନ୍ଧୁ ଓ ମଧୁସୂଦନଙ୍କ ପାଇଁ ଗର୍ବ ଅନୁଭବ କରୁ । ଏଇ

ଓଡ଼ିଶାରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ଓଡ଼ିଶାର ପ୍ରଖ୍ୟାତ ସନ୍ଥକବି ଭୀମ ଭୋଇ ବିଶ୍ୱର ମୁକ୍ତି ଓ ଦୁର୍ଦ୍ଦଶାଗ୍ରସ୍ତ ମାନବ ସମାଜର ଉଦ୍ଧାର ନିମନ୍ତେ ନିଜର ଅମର ଗାଥା ରଚନା କରି ଯାଇଛନ୍ତି ।

ଏଇ ସବୁ ଗୌରବମୟ ପରମ୍ପରା ସମ୍ପର୍କରେ ଆମେ ଅବହିତ ଥିବାବେଳେ ଜାତି ଗଠନ କାର୍ଯ୍ୟରେ ଆମେ ସହଯୋଗ କରିବା ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଓ ଭବିଷ୍ୟତ ଯେପରି ଉଜ୍ଜ୍ୱଳତର ଓ ଅଧିକ ସୁଦୃଢ଼ ହୁଏ ସେଥିପାଇଁ ଆମେ ଉଦ୍ୟମ କରିବା ଆବଶ୍ୟକ ।

ବିଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ଓଡ଼ିଶା ସରକାର ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଦାରିଦ୍ର୍ୟ ଦୂର କରିବା ପାଇଁ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି । ଅସହାୟ, ଅଥର୍ବ ଏବଂ ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ବହୁ ସଂଖ୍ୟକ ସମାଜ କଲ୍ୟାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି । ସାଧାରଣ ଜୀବନରୁ ଦୁର୍ନୀତି ଲୋପ କରିବା ପାଇଁ ସରକାର କେତେକ କ୍ରାନ୍ତିକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଆର୍ଥନୀତିକ ଅଭିବୃଦ୍ଧିର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ ଯୋଜନା ବୋର୍ଡ଼ ଓ ଜିଲ୍ଲା ଯୋଜନା ବୋର୍ଡ଼ଗୁଡ଼ିକର ପୁନର୍ଗଠନ କରାଯାଇଛି । ବେକାର ସମସ୍ୟାର ସମାଧାନ ନିମନ୍ତେ ବିଶେଷ ଦୃଷ୍ଟି ଦିଆଯାଇଛି । ଅନ୍ତତଃ ପ୍ରତ୍ୟେକ ପରିବାରରୁ ଜଣେ ଯେପରି ଲାଭଜନକ ନିଯୁକ୍ତି ପାଇପାରିବେ ସେଥିପାଇଁ ଅଧିକ କର୍ମ ନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯୋଜନା ପ୍ରକ୍ରିୟାର ପୁନର୍ବିନ୍ୟାସ କରାଯାଇଛି । ଗ୍ରାମ ଉନ୍ନୟନ ପ୍ରତି ରାଜ୍ୟ ସରକାର ଅଧିକ ଧ୍ୟାନ ଦେଇଛନ୍ତି । କୃଷକମାନଙ୍କର କଲ୍ୟାଣ, ଅଧିକ କୃଷି ଉତ୍ପାଦନ, ଅଧିକ ସେଚ ସୁବିଧା, ସର୍ବ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ପାଇଁ ଫଳପ୍ରଦ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି । ବହୁ ଅନ୍ତରାୟ ସତ୍ତ୍ୱେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ଦିଗରେ ଉଦ୍ୟମ ଅବ୍ୟାହତ ରହିଛି । ଆଜି ଓଡ଼ିଶା ଦାରିଦ୍ର୍ୟ, ଦୁର୍ନୀତି ଓ ବେକାରୀ ବିରୁଦ୍ଧରେ ରଣାଙ୍ଗନରେ ଅବତୀର୍ଣ୍ଣ ।

ଏଇ ପବିତ୍ର ଦିବସରେ ସମସ୍ତ ବିଭେଦକାରୀ ଶକ୍ତି ବିରୁଦ୍ଧରେ ନିରବଚ୍ଛିନ୍ନ ସଂଗ୍ରାମ ତଥା ଏକ ଆଦର୍ଶ ଗଣତାନ୍ତ୍ରିକ, ସମାଜବାଦୀ ଓ ଧର୍ମ ନିରପେକ୍ଷ ସାଧାରଣତନ୍ତ୍ର ଗଠନ ପାଇଁ ଆସନ୍ତୁ ପୁନର୍ବାର ଅଙ୍ଗୀକାରବଦ୍ଧ ହେବା ।

ଜୟହିନ୍ଦ୍

# ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବାର୍ତ୍ତା



ସ୍ୱାଧୀନତା ଦିବସ ପାଳନ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱାଧୀନତା ଦିବସ ଆମ ଜାତୀୟ ଜୀବନର ଏକ ମହାନ୍ ଓ ପବିତ୍ର ଦିବସ । ଦୀର୍ଘକାଳ ଭାରତ ବ୍ରିଟିଶ୍ ଶାସନ ଅଧୀନରେ ରହିବା ପରେ ଭାରତ ମାତାଙ୍କୁ ବିଦେଶୀ ଶାସନର ବନ୍ଧନରୁ ମୁକ୍ତ କରିବା ପାଇଁ ନୂତନ ଜାଗରଣ ସୃଷ୍ଟି ହେଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଲୋକେ ନିଜର ଓ ନିଜ ପରିବାରର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ମୁକ୍ତି ସଂଗ୍ରାମରେ ଝାସ ଦେଲେ । ଲାଠି ଗୁଳିର ଶିକାର ହୋଇ ସେମାନେ ତ୍ୟାଗର ଯେଉଁ ମହାନ୍ ପରାକାଷ୍ଠା ଦେଖାଇଛନ୍ତି ତାହା ସବୁଦିନ ପାଇଁ ଇତିହାସର ପୃଷ୍ଠାରେ ଅମ୍ଳାନ ରହିବ । ସେହି ମହାନ୍ ତ୍ୟାଗୀ ସ୍ୱାଧୀନତା ସଂଗ୍ରାମୀମାନେ ଏ ଜାତିର ଚିର ନମସ୍ୟ । ସେମାନଙ୍କ ଭିତରୁ ଅନେକେ ଆଜି ଆମ ଭିତରେ ନାହାନ୍ତି । ସ୍ୱାଧୀନତା ଦିବସ ପାଳନ ଅବସରରେ ସେମାନଙ୍କ ଅମର ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଉଛି ।

ସ୍ୱାଧୀନତା ହାସଲ କରିବାର ଦୀର୍ଘ ୪୪ ବର୍ଷ ଅତୀତ ହୋଇଥିଲେ ହେଁ ଏବେ ଦେଶ ଘୋର ସଙ୍କଟର ସମ୍ମୁଖୀନ ହୋଇଛି । ଦେଶରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଚରମ ବିଭ୍ରାଟ ଓ ବିଶୃଙ୍ଖଳା ଦେଖାଦେଇଛି । ଏସବୁ ସଙ୍କଟର ମୁକାବିଲା କରିବା ପାଇଁ ଆଜି ପ୍ରତ୍ୟେକ ଭାରତୀୟ ସ୍ୱାଧୀନତା ସଂଗ୍ରାମ ବେଳର ତ୍ୟାଗ ମନ୍ତ୍ରରେ ପୁଣି ଥରେ ଅନୁପ୍ରାଣିତ ହେବା ଦରକାର । ଦେଶର ସମୃଦ୍ଧ ଉନ୍ନତି ପାଇଁ ସମସ୍ତଙ୍କୁ ଭୋଗର ମାର୍ଗ ପରିହାର କରି ତ୍ୟାଗ ପାଇଁ ପ୍ରସ୍ତୁତ ରହିବାକୁ ଦେଶ ଆଜି ଆହ୍ୱାନ କରୁଛି ।

ଦେଶରେ ବହୁ ସଂଖ୍ୟକ ଲୋକେ, ଯେଉଁମାନଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ଶତକଡ଼ା ୬୦ ଭାଗ ଅର୍ଥାତ୍ ପ୍ରାୟ ୫୦ କୋଟି ହେବ, ଭୋକ ଉପାସରେ ସଢୁଥିବା ବେଳେ ମୁଷ୍ଟିମେୟ ଅଳ୍ପ ସଂଖ୍ୟକ ଲୋକେ ନାନା ପ୍ରକାର ସୁଖ ସୁବିଧା ଉପଭୋଗ କରିବାରେ ଲାଗିଛନ୍ତି । ଏହି ଅବସ୍ଥାକୁ ଅଧିକ ଦିନ ଚାଲିବାକୁ ଦିଆଯିବା ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଦୌ ହିତକର ନୁହେଁ । ତେଣୁ ଶିକ୍ଷା କ୍ଷେତ୍ରରେ, ସାମାଜିକ କ୍ଷେତ୍ରରେ ଓ ଅର୍ଥନୈତିକ କ୍ଷେତ୍ରରେ ନାନା କାରଣରୁ ପଛରେ ପଡ଼ିଥିବା ଆମର ଭାଇଭଉଣୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ପଡ଼ିବ । ବର୍ଷ ବର୍ଷ ଧରି ସମାଜିକ ନ୍ୟାୟ ପ୍ରଦାନ ଦିଗରେ ଅନଗ୍ରସର ଶ୍ରେଣୀର ଲୋକମାନଙ୍କୁ ଯେଉଁଳି ଅବହେଳା କରାଯାଇଛି; ତାକୁ ସଜାଡ଼ିବାକୁ ହେବ । ନଚେତ୍ ଏମାନଙ୍କ ପାଇଁ ସ୍ୱାଧୀନତାର ଅର୍ଥ ମୂଲ୍ୟହୀନ ହୋଇପଡ଼ିବ ।

ଆଜି ଦେଶର ଶାସନ ଢାଞ୍ଚାରେ ବୈପ୍ଳବିକ ପରିବର୍ତ୍ତନ ଲୋଡ଼ା । ସମାଜର ଆବଶ୍ୟକତାକୁ ଆଖି ଆଗରେ ରଖି ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା ଦରକାର । ବ୍ରିଟିଶ୍‌ମାନେ ଦେଶ ଛାଡ଼ି ଚାଲିଯାଇଛନ୍ତି ସତ; କିନ୍ତୁ ଆମର ମନୋବୃତ୍ତି ଓ କାର୍ଯ୍ୟ ପ୍ରଣାଳୀ ଉପରେ ବ୍ରିଟିଶ୍ ଛାପ ଏ ପର୍ଯ୍ୟନ୍ତ ସୁସ୍ପଷ୍ଟ ରହିଛି । ରାଜ୍ୟର ପ୍ରାକୃତିକ ସମ୍ପଦକୁ ପୂର୍ଣ୍ଣ ବିନିଯୋଗ କରି ଦାରିଦ୍ର୍ୟ ଓ ଅନଗ୍ରସରତା ଦୂର କରିବା ପାଇଁ ରାଜ୍ୟଗୁଡ଼ିକୁ ଅଧିକ ଆର୍ଥିକ ସ୍ୱାଧୀନତା ମିଳିବା ଉଚିତ । ଏକ ସୁନ୍ଦର ଓ ସୁସ୍ଥ ଭାରତବର୍ଷ ଗଢ଼ି ତୋଳିବା ପାଇଁ ସମ୍ବିଧାନର କାର୍ଯ୍ୟକାରିତା ଓ କେନ୍ଦ୍ର–ରାଜ୍ୟ ସମ୍ପର୍କ ନେଇ ବିତର୍କ ହେବା ଦରକାର । ମୁଁ ଚାହେଁ ଦେଶର ଯୁବ ପୀଢ଼ିର ଲୋକେ ଏ ବାବଦରେ ଆଗୁଆ ହୁଅନ୍ତୁ ।

ଆଜି ଧର୍ମ ଓ ଜାତି ନାମରେ ଦେଶରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି ଏବଂ ଏ ନେଇ ନାନା ସ୍ଥାନରେ ହିଂସା ଓ ଉତ୍ତେଜନା ସୃଷ୍ଟି ହେଉଛି । ଯୁଗଯୁଗ ଧରି ଆମର ମହାପୁରୁଷମାନେ ସାମ୍ୟ, ପ୍ରେମ ଓ ମୈତ୍ରୀର ବାଣୀରେ ଆମକୁ ଉଦ୍‌ବୁଦ୍ଧ କରିଛନ୍ତି । ଶାନ୍ତି ଓ ପ୍ରଗତି ପାଇଁ ଆମ ଭିତରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବନ୍ଧୁତା ଓ ଭ୍ରାତୃଭାବ ସୃଷ୍ଟି ହେବା ଉଚିତ । ଆମର ମନୋଭାବ ପ୍ରଗତି ଓ ବିକାଶ ଦିଗରେ କେନ୍ଦ୍ରିତ ହେବା ଦରକାର; ହିଂସାରେ ନୁହେଁ । ଭାରତକୁ ଏକ ଶକ୍ତିଶାଳୀ ଓ ଅଗ୍ରଗାମୀ ରାଷ୍ଟ୍ରରେ ପରିଣତ କରିବାକୁ ସମସ୍ତେ ହିଂସା ଓ ଦ୍ୱେଷର ମାର୍ଗ ପରିହାର କରି ଏକ ମନ, ଏକ ପ୍ରାଣ ହୋଇ କାର୍ଯ୍ୟ କରିବା ପାଇଁ ମୁଁ ନିବେଦନ କରୁଛି ।

ଜୟହିନ୍ଦ୍ ।



# ସ୍ୱାଧୀନତା ଦିବସ ଉପଲକ୍ଷେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ

# ବାର୍ତ୍ତା

ଭାରତବର୍ଷର ୪୫ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ମୁଁ ରାଜ୍ୟବାସୀ ମୋର ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଦୀର୍ଘ ଦିନର ପରାଧୀନତାର ଶୃଙ୍ଖଳ ଛିନ୍ନ କରି, ଆଜିର ଏହି ପବିତ୍ର ଦିବସରେ ଅସଂଖ୍ୟ ଭାରତବାସୀଙ୍କର ହୃଦୟର ଉଦ୍‌ବେଳିତ ଆକାଙ୍କ୍ଷା, ଆଶା ଓ ବିଶ୍ୱାସ ବହନ କରି ଉଦିତ ହୋଇଥିଲା ସ୍ୱାଧୀନତାର ସୂର୍ଯ୍ୟ । ଏଥିନିମନ୍ତେ ଅଗଣିତ ଦେଶବାସୀ ଯେଉଁ ଆତ୍ମୋତ୍ସର୍ଗ କରିଥିଲେ ତାହା ବିଶ୍ୱ ଇତିହାସରେ ଚିରଦିନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସ୍ୱାଧୀନତା ସଂଗ୍ରାମର ଅଗ୍ନି ବଳୟ ମଧ୍ୟରେ ଝାସ ଦେଇଥିବା ଅଗଣିତ ଶହୀଦଙ୍କ ଉଦ୍ଦେଶ୍ୟରେ ଆଜିର ଏହି ଶୁଭ ଦିବସରେ ମୁଁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ସ୍ୱାଧୀନତାର ଦୀର୍ଘ ୪୪ ବର୍ଷ ପରେ ମଧ୍ୟ ଆଜି ଜାତୀୟ କବି ବୀରକିଶୋରଙ୍କର ରଚିତ "ଅରି ଫେରି ନାହିଁ" ଗୀତଟି ମନେପଡ଼େ ।

"ଅରି ଫେରି ନାହିଁ, ଯୁଦ୍ଧ ସରି ନାହିଁ,
ଆସ ମୋ ଶିବିରେ ଆସ ଭାଇ ।"

୧୯୩୧ ମସିହାରେ ରଚିତ ଏହି ଗୀତର ପ୍ରାସଙ୍ଗିକତା ଆଜି ମଧ୍ୟ ରହିଛି । ପ୍ରକୃତରେ ଆମର ସ୍ୱାଧୀନତା ସଂଗ୍ରାମ ଶେଷ ହୋଇନାହିଁ । ଆମେ ରାଜନୈତିକ ସ୍ୱାଧୀନତା ହାସଲ କରିଥିଲେ ମଧ୍ୟ ଆଜି ଆମ ସମାଜରେ ଧର୍ମାନ୍ଧତା, ନିରକ୍ଷରତା, ଅସ୍ପୃଶ୍ୟତା ଅନେକ ବହୁ କ୍ଷେତ୍ରରେ ଅନଗ୍ରସରତା ପୁରି ରହିଛି । ଦେଶ ଓ ସମାଜର ଏହି ଶତ୍ରୁ ବିରୁଦ୍ଧରେ ଆମକୁ ସଂଗ୍ରାମ କରିବାକୁ ହେବ । ରାଜନୈତିକ ସ୍ୱରାଜ୍ୟ ସହ ଅର୍ଥନୈତିକ ସ୍ୱାଧୀନତା ନଆସିଲେ ଦେଶର କୋଟି କୋଟି ଲୋକ ଦାରିଦ୍ର୍ୟର କଶାଘାତରେ ନିପୀଡ଼ିତ ହୋଇ ରହିଥିବେ ଓ ସ୍ୱାଧୀନତା ଓ ଗଣତନ୍ତ୍ର ସେମାନଙ୍କ ପ୍ରତି ଏକ ନିଷ୍ଫଳ ନିବେଦନ ହୋଇ ରହିଥିବ । ଆଜି କେବଳ ବିଭିନ୍ନ ଶ୍ରେଣୀ ମଧ୍ୟରେ ବ୍ୟବଧାନ ବଢ଼ିଛି ତାହା ନୁହେଁ, ଆଞ୍ଚଳିକ ବ୍ୟବଧାନ ମଧ୍ୟ ବୃଦ୍ଧି ପାଇଛି । ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ଓ କର୍ମଠ ଜନଶକ୍ତି ଥାଇ ମଧ୍ୟ ଆଜି ଓଡ଼ିଶା ଏକ ଦରିଦ୍ର ରାଜ୍ୟ । ଆମକୁ ଏହି ଅର୍ଥନୈତିକ ଓ ଆଞ୍ଚଳିକ ବୈଷମ୍ୟ ତଥା ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ ଜାରି ରଖିବାକୁ ପଡ଼ିବ ।

ଆଜିର ଏହି ଶୁଭ ଅବସରରେ ଏକ ସୁନ୍ଦର ଓ ଉନ୍ନତ ରାଷ୍ଟ୍ର ଗଠନ ପାଇଁ ସଙ୍କଳ୍ପବଦ୍ଧ ଉଦ୍ୟମ କରିବାକୁ ଆମକୁ ଶପଥ ନେବାକୁ ହେବ । ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରି ଓଡ଼ିଶାକୁ ଏକ ଉନ୍ନତ ରାଜ୍ୟରେ ପରିଣତ କରିବାକୁ ଏବଂ ଲୋକମାନଙ୍କ ମନରେ ପୁଣି ଆତ୍ମବିଶ୍ୱାସ ଫେରାଇ ଆଣିବାକୁ ଯେଉଁ ଉଦ୍ୟମର ସୂତ୍ରପାତ ହୋଇଛି ତାହାର ସଫଳ ରୂପାୟନ ପାଇଁ ଆମକୁ ସକ୍ରିୟ ଉଦ୍ୟମ କରିବାକୁ ହେବ ।

ଆଜିର ଦିବସରେ ଏହା ହିଁ ଆମର ସଙ୍କଳ୍ପ ଓ ଆଗ୍ନେୟ ଶପଥ ।

ଜୟହିନ୍ଦ୍, ଜୟ ଓଡ଼ିଶା ।

## ସମ୍ପାଦକୀୟ. . .

# "ଅର୍ଥନୈତିକ ସ୍ୱାଧୀନତା" ଆଜିର ଆହ୍ୱାନ

ଆଜି ଅଗଷ୍ଟ ପନ୍ଦର। ପଞ୍ଚଚଳିଶିତମ ସ୍ୱାଧୀନତା ଦିବସ। ଆଜିର ଦିବସଟି ସମଗ୍ର ଦେଶବାସୀଙ୍କ ପାଇଁ ଏକ ଜାଗରଣର ଦିବସ, ସଂକଳ୍ପର ଦିବସ। ଦେଶର ସ୍ୱାଧୀନତା ଆଣିବା ପାଇଁ ଯେଉଁ ପୂର୍ବସୂରୀମାନେ ଅସୀମ ତ୍ୟାଗ ସ୍ୱୀକାର କରି କାରାବରଣ କରିଛନ୍ତି, ଶହୀଦ ହୋଇଛନ୍ତି, ଆଜି ସେମାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଆମର କର୍ତ୍ତବ୍ୟ। ଯେଉଁ ସଂଗ୍ରାମୀ ମହାପୁରୁଷମାନଙ୍କ ଉତ୍ସର୍ଗୀକୃତ ତ୍ୟାଗ ଫଳରେ ଆମ ଦେଶ ସ୍ୱାଧୀନ ହୋଇପାରିଛି, ସେମାନଙ୍କ ତ୍ୟାଗ, ଆତ୍ମୋତ୍ସର୍ଗ, ଆଦର୍ଶ ଓ ସାହସ ଆମମାନଙ୍କୁ ସେହିଭଳି ପ୍ରେରଣା ଦେଉ, ଆମ ମନରେ ସେହି ଜାଗରଣ ଆଣି ଦେଉ, ଏଇଆ ହିଁ ଆଜିର ଏହି ପବିତ୍ର ଦିବସର ସଂକଳ୍ପ।

ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶା ପ୍ରଦେଶର ଭୂମିକା ଏକ ଗୌରବମୟ ଅଧ୍ୟାୟ। ୧୮୫୭ ମସିହା ସିପାହୀ ବିଦ୍ରୋହକୁ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଐତିହାସିକମାନେ ଗ୍ରହଣ କରିଛନ୍ତି। କିନ୍ତୁ ଏହା ପୂର୍ବରୁ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧା–ବାଣପୁର ଅଞ୍ଚଳରେ ପାଇକ ବିଦ୍ରୋହ ଏବଂ ଘୁମୁସର ଭଞ୍ଜନଗରର ଦୋହରା ବିଷୋୟୀ ଓ ଚକରା ବିଷୋୟୀଙ୍କ ନେତୃତ୍ୱରେ କନ୍ଧ ମେଳି, ଶବର ମେଳି ପ୍ରଭୃତି ବିଦ୍ରୋହ ମୁଣ୍ଡ ଟେକିଛି ଯାହାକି ସ୍ୱାଧୀନତା ସଂଗ୍ରାମର ଆଦ୍ୟ ପର୍ବ ବା ଉଦ୍‌ଯୋଗ ପର୍ବ। ସେହିଭଳି ନାରୀମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କଲେ, ପାରଳାଖେମୁଣ୍ଡିର ବୀରାଙ୍ଗନା ଗଜପତି ପାଟ ମହାଦେଇ ନିଜ ନେତୃତ୍ୱରେ ଶବର ସୈନ୍ୟମାନଙ୍କୁ ନେଇ ଇଂରେଜ ବିରୁଦ୍ଧରେ ଲଢ଼େଇ କରି ଯେଉଁ ବୀରତ୍ୱ ପ୍ରଦର୍ଶନ କରିଥିଲେ ତାହା ପରବର୍ତ୍ତୀ କାଳରେ ଝାନ୍‌ସି ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱ ସହ ତୁଳନୀୟ। କୋମଳମତି ବାଳକ ବାଜି ରାଉତର ଆତ୍ମବଳୀ କେବଳ ଢେଙ୍କାନାଳ ଜିଲ୍ଲା କିମ୍ବା ଓଡ଼ିଶା କାହିଁକି, ସମଗ୍ର ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଅବିସ୍ମରଣୀୟ।

ବୀର ଓଡ଼ିଆ ଜାତି ସବୁବେଳେ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ହୋଇ ଆଗୁଆ ଜାତି ରୂପେ ପରିଗଣିତ ହୋଇଆସିଛି। କଳା, ସଂସ୍କୃତି, ବାଣିଜ୍ୟ ଓ ଶୌର୍ଯ୍ୟ ବୀର୍ଯ୍ୟରେ ଅଗ୍ରଗାମୀ ଏହି ରାଜ୍ୟ ଆଜି ପଛୁଆ ରାଜ୍ୟରେ ପରିଣତ ହୋଇଯାଇଛି। ଆମର କର୍ମକ୍ଷମ ଜନଶକ୍ତି, ବିପୁଳ ପ୍ରାକୃତିକ ସମ୍ପଦ ସବୁ ଥାଇ ମଧ୍ୟ ଆମେ ଆଜି ଦରିଦ୍ର।

ଏହି ପଛୁଆ ରାଜ୍ୟକୁ ଏକ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶାବାସୀ ବର୍ତ୍ତମାନ ଭାରତର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନେତା ବିଜୁବାବୁଙ୍କ ହାତରେ ଓଡ଼ିଶାର ଶାସନ ଭାର ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଓଡ଼ିଶାକୁ ଦେଶର ସବୁଠାରୁ ଉନ୍ନତ ରାଜ୍ୟରେ ପରିଣତ କରି ଏକ ଅର୍ଥନୈତିକ ତଥା ସାମାଜିକ ପରିବର୍ତ୍ତନ ପାଇଁ ଆଜି ସଂକଳ୍ପବଦ୍ଧ। କେବଳ ଆମର ରାଜ୍ୟବାସୀ ନୁହନ୍ତି, ସମଗ୍ର ଦେଶ ନିକଟରେ ଆଜି ଯେଉଁ ନୂତନ ପ୍ରସ୍ତାବ ସେ ଉପସ୍ଥାପନ କରିଛନ୍ତି ତାହା ଦଳମତ ନିର୍ବିଶେଷରେ ବିପୁଳ ସମର୍ଥନ ଲାଭ କରିଛି। ଆମର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଭାରତବର୍ଷ ରାଷ୍ଟ୍ରସଂଘ ଭିତ୍ତିକ ଦେଶ ହେଲେ ହେଁ ପ୍ରକୃତ ପକ୍ଷେ କୌଣସି ରାଜ୍ୟର କିଛି ହେଲେ ସ୍ୱାତନ୍ତ୍ର୍ୟ ନାହିଁ। ସମସ୍ତ କ୍ଷମତା କେନ୍ଦ୍ର ସରକାର ନିକଟରେ ପୁଞ୍ଜ ହୋଇ ରହିଛି। ଏପରିକି

କେଉଁ ରାଜ୍ୟ ପାଇଁ କ'ଣ ଯୋଜନା କରାଯିବ, ସଂପୃକ୍ତ ସରକାର ସେ ସମ୍ପର୍କରେ ସିଦ୍ଧାନ୍ତ ଗ୍ରହଣ କରିବାକୁ ଅସମର୍ଥ । ନିଜର ପ୍ରାକୃତିକ ସମ୍ପଦର ବିନିଯୋଗ କରି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜ୍ୟମାନଙ୍କୁ କ୍ଷମତା ଦିଆଯାଇ ନାହିଁ ।

ଜଣେ ସ୍ୱାଧୀନତା ସଂଗ୍ରାମୀ, ଦକ୍ଷ ପ୍ରଶାସକ ତଥା ଚିନ୍ତାଶୀଳ ବ୍ୟକ୍ତି ରୂପେ ବିଜୁବାବୁ ଉପଲବ୍ଧି କରିଛନ୍ତି ଯେ ଏହି ବ୍ୟବସ୍ଥାର ପରିବର୍ତ୍ତନ କରି ସମ୍ବିଧାନର ସଂଶୋଧନ ନକଲେ ବିଭିନ୍ନ ଅନୁନ୍ନତ ରାଜ୍ୟ ଚିରକାଳ ଅନୁନ୍ନତ ହୋଇ ରହିଯିବେ । ଏହା ଫଳରେ ଯୁବ ସମାଜର ପୁଞ୍ଜିଭୂତ ଅସନ୍ତୋଷ ଦେଶର ଐକ୍ୟ ଓ ସ୍ୱାଧୀନତାକୁ ବିପନ୍ନ କରିବ ।  ଜାମ୍ମୁକାଶ୍ମୀର, ପଞ୍ଜାବ ଓ ଆସାମର ବର୍ତ୍ତମାନ ଅବସ୍ଥା ସମ୍ପର୍କରେ ଅନ୍ତତଃ ଆଜି ଦେଶବାସୀ ସଜାଗ ହେବା ଉଚିତ । ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ରାଜ୍ୟମାନଙ୍କୁ ଅଧିକ ଅର୍ଥନୈତିକ ଓ ପ୍ରଶାସନିକ ସ୍ୱାଧୀନତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଦାବୀ ଉପସ୍ଥାପନ କରିଛନ୍ତି । ସୁଖର ବିଷୟ, ବିଜୁବାବୁଙ୍କର ଏହି ଦାବୀ ବିଭିନ୍ନ ରାଜ୍ୟ ସରକାର ତଥା ଲୋକମାନଙ୍କ ନିକଟରୁ ବିପୁଳ ସମର୍ଥନ ଲାଭ କରିଛି ।

ଆମେ ଦେଶକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମ କରିଥିଲେ । ବର୍ତ୍ତମାନ ଦେଶର ଐକ୍ୟ ଓ ସ୍ୱାଧୀନତାକୁ ସୁଦୃଢ଼ କରିବା ସହ ଆଞ୍ଚଳିକ ଅଭିବୃଦ୍ଧି ଓ ସାମ୍ୟ ପାଇଁ ବିଜୁବାବୁଙ୍କର ଏହି ଆହ୍ୱାନର ସଫଳ ରୂପାୟନ ପାଇଁ ଆମକୁ ଉତ୍ସର୍ଗୀକୃତ ଉଦ୍ୟମ କରିବାକୁ ପଡ଼ିବ । ଆଜିର ଏହି ପବିତ୍ର ଦିବସରେ ଏ ଦିଗରେ ଆମର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଆମକୁ ଅଗ୍ନି ଶପଥ ଗ୍ରହଣ କରିବାକୁ ହେବ ।

ଜୟ ଭାରତ ମାତା
ଜୟ ଉତ୍କଳ ଜନନୀ ।

# ସ୍ୱାଗତ ହେ ଅଗଷ୍ଟ ପନ୍ଦର

● ପଣ୍ଡିତ ଶ୍ରୀ ହରିକୃଷ୍ଣ ସାହୁ

ଦିନ ପରେ ମାସ, ମାସପରେ ବର୍ଷ, ପଞ୍ଚ–ଚତ୍ୱାରିଂଶ ତିଥି,
ପୁଣି ଆସିଚ ହେ ଅଗଷ୍ଟ ପନ୍ଦର ! ଗାଇ ସ୍ୱାଧୀନତା ଗୀତି !
ତିଳକ, ଗୋଖଲେ, ବାପୁଜୀ, ପଟେଲ, ନେତାଜୀ, ଉତ୍କଳମଣି,
ଜବାହର ଲାଲ, ମାଳବ୍ୟ, ରାଜାଜୀ ସାଧନାର ମହା ମଣି !
ହଜାର ବରଷେ ଏ ଭାରତ ବର୍ଷେ ଟେକିଲ ତିରଙ୍ଗୀ ଝଣ୍ଡା,
ଅହିଂସା ସଂଗ୍ରାମେ ଏହି ପୁଣ୍ୟ ଧାମେ ହଟାଇ ବ୍ରିଟିଶ୍–ଖଣ୍ଡା !
ପଞ୍ଚାଅଶୀ କୋଟି କଣ୍ଠେ ଜପେ ଆଜି ତୁମ ନାମ–ମହାମନ୍ତ୍ର !
ସ୍ଥାପିଲ ହେ ଶେଷେ ଏ ପବିତ୍ର ଦେଶେ ବୃହତ୍ତମ ଗଣତନ୍ତ୍ର !!
ଆଗାମୀ ପୁରୁଷେ ଆସିବହେ ହର୍ଷେ ତମେ କେତେ ଶତବାର,
ସାମ୍ୟ, ଶାନ୍ତି, ମୈତ୍ରୀ, ତମେ ତିନି ମୂର୍ତ୍ତି, ଘେନ ମୋର ନମସ୍କାର !

ରୁମ୍ ନମ୍ବର ୨୦୭,
ସୌରପାଳିକା ଅତିଥି ଭବନ,
ବ୍ରହ୍ମପୁର (ଗଞ୍ଜାମ)।

# ରାଷ୍ଟ୍ରପିତା ଓ ସ୍ୱାଧୀନତା ଦିବସ

• ଶ୍ରୀ କିଶୋର ଚନ୍ଦ୍ର ବେହେରା

"ଶତାବ୍ଦୀ–ଶତାବ୍ଦୀର ଦାସତ୍ୱର ବନ୍ଧନ ଆଜି ଛିନ୍ନ — ଦେଶ ସ୍ୱାଧୀନ, ବାପୁଜୀ କିଛି କୁହନ୍ତୁ–ସମସ୍ତଙ୍କର କଲ୍ୟାଣ ହେଉ — ଭାରତ ସରକାରଙ୍କର ସୂଚନା ଓ ପ୍ରସାର ବିଭାଗର ଜଣେ ପ୍ରମୁଖ ଅଧିକାରୀଙ୍କର ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କଠାରେ ପ୍ରାର୍ଥନା ।

–"ମୋର କିଛି କହିବାକୁ ନାହିଁ"–ମହାତ୍ମା ସହଜ ଭାବରେ ସ୍ମିତହସି କହିଲେ । ଆଖିରେ ବେଦନା ବିଜଡ଼ିତ କରୁଣା ଓ ଅସାମାନ୍ୟ ଜ୍ୟୋତି, ସୂଚନା ଅଧିକାରୀ ନୀରବରେ ଉଠି ଚାଲିଗଲେ । କିଛି ସମୟପରେ ସାକ୍ଷାତ୍‌କାର ପାଇଁ ଆସିଲେ ବ୍ରିଟିଶ୍ ପ୍ରସାରଣ ସଂସ୍ଥାର ଜଣେ ପ୍ରତିନିଧି–ଯଦି ଆପଣ ଆଜି କିଛି ବାଣୀ ଦିଅନ୍ତେ ତାହାହେଲେ ମୁଁ ସାରା ବିଶ୍ୱରେ ଅବିଳମ୍ବେ ପ୍ରଚାର ଓ ପ୍ରସାର କରିଦେଇ ପାରନ୍ତି–ବାଣୀଟିଏ ଦିଅନ୍ତୁନା" ।

–ବାପୁ ମୁଣ୍ଡ ହଲାଇ ମନା କରିବା ସମୟରେ କହିଲେ–"ମୋତେ ପ୍ରଲୋଭନ ଦେଖାନ୍ତୁ ନାହିଁ । ଆପଣ ମଧ୍ୟ ଭୁଲି ଯାଆନ୍ତୁ ଯେ ମୁଁ ଇଂରାଜୀ ଜାଣେ" ।

ଭାରତର ପ୍ରଥମ ସ୍ୱାଧୀନ ଦିବସ । ଦେଶର ସାନବଡ଼ ପ୍ରାୟ ସମସ୍ତ ନେତାଙ୍କର ବାଣୀରେ ସମ୍ବାଦପତ୍ର ଭରପୁର । କିନ୍ତୁ ବାପୁଜୀ ସେ ଦିନ ପଦଟିଏ ବି କହି ନଥିଲେ । ଅଗଷ୍ଟ ୧୩ ତାରିଖ ୧୯୪୭ ବାପୁ କଲିକତାର ବେଲିଆଘାଟ ମୋହଲ୍ଲାର ଏକ କ୍ଷୁଦ୍ର କୁଟୀରରେ ରହିଲେ । ଲୋକମାନଙ୍କୁ ଯେତେବେଳେ ଖବର ମିଳିଲା ସେମାନେ କ୍ରୋଧରେ ଜଳିଗଲେ । ସମୟ ତୃତୀୟ ପ୍ରହର–କିଏ ଇଟା ଫିଙ୍ଗୁଛି ତ, କିଏ ପଥର । ଝରକା କାଚରୁ ଖଣ୍ଡିଏ ବାପୁଜୀଙ୍କ ସଚିବ ପୃଷ୍ଠରେ ପଶିଲା । ବାପୁ ଏ ପ୍ରକାର କାର୍ଯ୍ୟରତ ଲୋକମାନଙ୍କର ପ୍ରତିନିଧିଙ୍କୁ ନିଜପାଖକୁ ଡାକିଲେ ।–"ଆପଣମାନେ ଏତେ ଅସନ୍ତୁଷ୍ଟ କାହିଁ କି ? କ'ଣ ଚାହୁଁ ଛନ୍ତି ?"

ଜଣେ ଯୁବକ ଅତର୍କିତ ଭାବେ ଉତ୍ତର ଦେଲା–"ଗତବର୍ଷ ଯେତେବେଳେ କଲିକତାର ମୁସଲମାନମାନେ ୧୬ ଅଗଷ୍ଟ ଦିନ ହିନ୍ଦୁମାନଙ୍କୁ ନିର୍ବିଘ୍ନରେ ହତ୍ୟାକଲେ.........କେବଳ ମୁଖ୍ୟମନ୍ତ୍ରୀ ସୁରାବର୍ଦ୍ଦିଙ୍କ ଇଙ୍ଗିତରେ ସପ୍ତାହ ସପ୍ତାହ ବ୍ୟାପୀ ଏପରି କାଣ୍ଡ ହେଲା । ଯେଉଁ ସୁରାବର୍ଦ୍ଦିଙ୍କୁ ଆପଣ ଆଦରରେ ନିଜପାଖରେ ରଖିଛନ୍ତି ତାଙ୍କରି ପରୋକ୍ଷ ପ୍ରରୋଚନାରେ ରକ୍ତର ନଦୀ ବହିଗଲା । ସେ ଦିନ ଆପଣ କାହିଁକି ଆମମାନଙ୍କୁ ରକ୍ଷାକରିବା ପାଇଁ ଆସିନଥିଲେ । ଏବେ ମୁସଲମାନଙ୍କ ଉପରେ ସାମାନ୍ୟ ଆଘାତ ଲାଗିବାରୁ ଆପଣ ସେମାନଙ୍କୁ ରକ୍ଷା କରିବା ପାଇଁ ଧାଇଁ ଚାଲି ଆସିଲେ । ଆମେ ଆପଣଙ୍କୁ ଚାହୁଁନା............

ବାପୁ ଗଣ୍ଡଗୋଳକାରୀଙ୍କୁ ବହୁ ଧୈର୍ଯ୍ୟର ସହିତ ବୁଝାଇବାକୁ ଲାଗିଲେ । ଶେଷରେ ସେ କହିଲେ–"ମୁଁ ତ'ଏଠାରୁ ଯିବି ନାହିଁ ବରଂ ତୁମମାନଙ୍କ କଥା ସେତେବେଳେ ମାନିନେବି ଯଦି ତୁମେମାନେ ପ୍ରମାଣିତ କରି ଦେବ ଯେ ମୁଁ ଏଠାକୁ ଆସି ଭୁଲ କରିଛି ? ୧୪ ତାରିଖ ଦିନ ଲୋକମାନେ ପୁଣି ଆସିଲେ ଓ ବାପୁ ସେମାନଙ୍କୁ ବୁଝାଇଲେ ଦ୍ୱିତୀୟବାର । ସନ୍ଧ୍ୟା ପୂର୍ବ ପରିସ୍ଥିତି ବଦଳିଗଲା । ଗୃହର ଏକପାର୍ଶ୍ୱରେ ଥିବା ଖୋଲା ପଡ଼ିଆରେ ପ୍ରାର୍ଥନା ହେଲା । ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ–ହିନ୍ଦୁ ମୁସଲମାନ ଆଦି ସବୁ ଧର୍ମର ଲୋକ ଯୋଗ ଦେଇ ଥାନ୍ତି । ବାପୁ କହିଲେ–"ଆସନ୍ତା କାଲି ଆମେ ଇଂରେଜ ଦାସତ୍ୱରୁ ମୁକ୍ତି ପାଇବା କିନ୍ତୁ ଆଜି ରାତିରେ ଭାରତ ଭାଗ ଭାଗ ହୋଇଯିବ । ଏଥି ଯୋଗୁଁ ଆସନ୍ତା କାଲି ଖୁସିର ଦିନ ହେଲେ ମଧ୍ୟ ଦୁଃଖର ଦିନ ହିଁ ହେବ । ଆମ ସମସ୍ତଙ୍କର ଦାୟିତ୍ୱ ବଢ଼ିଯିବ ।"

ସୁରାବର୍ଦ୍ଦିଙ୍କ ଅନୁରୋଧ କ୍ରମେ ରାତି ଦଶଟାବେଳେ ସେ ସହର ଦେଖିବାକୁ ଗଲେ । ହିନ୍ଦୁ ମୁସଲମାନ ଏକାଠି ପତାକା ବାନ୍ଧୁ ଥିଲେ ଏବଂ ୧୫ ତାରିଖ ପାଇଁ ସାଜସଜ୍ଜାରେ ମଗ୍ନ ଥିଲେ । ସେ ରାତି ୧୧ଟା ବେଳେ ଶୋଇଲେ । ଘଣ୍ଟାଏ ପରେ–ଅଗଷ୍ଟ ପନ୍ଦର, ବାର ଶୁକ୍ରବାର –ଭାରତର ପ୍ରଥମ ସ୍ୱାଧୀନତା ଦିବସ ।

ବାପୁ ନିଦ୍ରାତ୍ୟାଗ କଲାବେଳେ ଅନ୍ୟମାନେ ଶୋଇ ଆନ୍ତି। ବାପୁ ନିଦ୍ରାତ୍ୟାଗ କଲାବେଳେ ପ୍ରତିଦିନ ପରି ପ୍ରାର୍ଥନା ହେଲା। ସିନ୍ଦୁରା ଫାଟ ଫୁଟିବା ବେଳେ ପ୍ରତିଦିନ ପରି ପ୍ରାର୍ଥନା ହେଲା। ସିନ୍ଦୁରା ... ଗାନ୍ଧିଘାଟରେ ଶୁଭିଲା ମନ ମୋହନ ତାନ୍–ସ୍ୱାଧୀନତାର ଗାନ୍। ସ୍ୱାଧୀନତା ଦିବସ ଉପଲକ୍ଷେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସୁମଧୁର ଗୀତ ଗାଇ ଗାଇ ଦଳେ କିଶୋରୀ ବାପୁଙ୍କ କୋଠରୀର ଦ୍ୱାର ଦେଶରେ ଉପନୀତ ହେଲେ ଓ ପ୍ରାର୍ଥନାରେ ଯୋଗ ଦେଲେ। ପ୍ରାର୍ଥନା ସମାପ୍ତ ହେଲାପରେ ବାପୁ ମୁଣ୍ଡ ଉଠାଇ ପୁଣିଥରେ ଭଜନ ଶୁଣିବାକୁ ଇଚ୍ଛା ପ୍ରକାଶ କଲେ। ଭାବ ବିହ୍ୱଳ ତଥା ସୁମଧୁର ସ୍ୱରରେ ସେମାନେ ଭଜନ ଗାଉଥାନ୍ତି–ସମସ୍ତଙ୍କ ଆଖିରୁ ଲୁହ ବହୁଥାଏ। ଦିନ ବଢ଼ିବା ସଙ୍ଗେ ସଙ୍ଗେ ଦର୍ଶନାର୍ଥୀଙ୍କର ସଂଖ୍ୟା ମଧ୍ୟ ବଢ଼ୁଥିଲା। ଆକାଶ କମ୍ପି ଉଠୁଥିଲା ଜୟ ଧ୍ୱନିରେ–ମହାତ୍ମାଗାନ୍ଧୀକୀ ଜୟ– ହିନ୍ଦୁ ମୁସଲମାନ ଭାଇଭାଇ–ସ୍ୱାଧୀନ ଭାରତ କୀ ଜୟ..............

ସାକ୍ଷାତ କରିବାକୁ ଆସୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ନୂଆ ପଶ୍ଚିମବଙ୍ଗର ରାଜ୍ୟପାଳ ତଥା ବାପୁଙ୍କର ସମ୍ବନ୍ଧୀ, ପୁରାତନ ବନ୍ଧୁ ଓ ସ୍ୱାଧୀନତା ସଂଗ୍ରାମର ସାଥୀ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ। ବାପୁଙ୍କ ନିକଟକୁ ଯିବା ପୂର୍ବରୁ ପ୍ରହରୀ ଦ୍ୱାର ଦେଶରେ ଜୋତାରୁ ଚପଲ ବାହାର କରୁଥିବା ସମୟରେ କିଏ ଜଣେ ତାଙ୍କୁ କହିଲା–କେହି ନେଇ ନଯାଉ ବରଂ ଆପଣ ପିନ୍ଧିଆନ୍ତୁ। ରାଜାଜୀ କହିଲେ–ମହାତ୍ମାଙ୍କ ଦର୍ଶନ ପାଇଁ ଆସିଛି। ବାପୁ ରାଜାଜୀଙ୍କୁ ଦେଖି ଠିଆ ହେଲେ। ଆଲିଙ୍ଗନ ପୂର୍ବକ ସମ୍ଭାଷଣ ଜଣାଇଲେ। ପ୍ରଥମେ ହାସ୍ୟ ବିନୋଦ ପରେ ଗମ୍ଭୀର ଆଲୋଚନା ଚାଲିଲା। ପ୍ରାୟ ଘଣ୍ଟାଏ ପରେ ରାଜାଜୀ ବାହାରକୁ ଆସିଲେ–ଚପଲ ପୂର୍ବପରି ସେଇଠି ଥିଲା–"ମୁଁ କଲିକତାରେ ଗତକାଲିଠାରୁ ବାପୁଙ୍କର ଚମତ୍କାରିତା ଦେଖୁଛି–ଏହି ଚପଲ ହିଁ ସାକ୍ଷୀ ।"

ସମସ୍ତେ ଆଶ୍ଚର୍ଯ୍ୟ–ଯେଉଁ କଲିକତା ନଗରୀରେ ଦୁଇଦିନ ପୂର୍ବେ ରକ୍ତର ନଈ ବହିଯିବ ବୋଲି ଏତେ କଳ୍ପନା–ଆଶଙ୍କା ଥିଲା, ସେଇଠି ପୁଣି ଶାନ୍ତି, ମୈତ୍ରୀ, ପ୍ରେମରେ ନିର୍ମଳ ଗଙ୍ଗା ବହି ଚାଲିବ–ଏମିତି ହିନ୍ଦୁ ମୁସଲମାନ ପ୍ରେମ ଏହି ମହାନଗରୀରେ ପୂର୍ବରୁ କେହି କେବେ ଦେଖି ନଥିଲେ, କି ଶୁଣି ନ ଥିଲେ, ସେ ଦିନର ଗାନ୍ଧୀଙ୍କର ଦୁଇଟିପତ୍ର–ପ୍ରଥମପତ୍ର ପୁରୁଣା ମିତ୍ର ଇଂରେଜ ମହିଳା ଅଗାଥା ହାରିସନ୍‌ଙ୍କ ନାମରେ–

–ତୁମେ ଜାଣ ଆଜି ପରି ଦିନର ସ୍ମରଣୀୟ ଘଟଣାବଳୀଗୁଡ଼ିକକୁ ପାଳନ କରିବା ପାଇଁ ମୋର ଯୋଜନା ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଦେବା, ପ୍ରାର୍ଥନାରତ ରହିବା ଓ ଉପବାସ ପାଳନ ସଙ୍ଗେ ସଙ୍ଗେ ଦୁଃଖୀ ଦରିଦ୍ରଙ୍କ ସହିତ ନିଜକୁ ସାମିଲ କରିବା ପାଇଁ ଅରଟରେ ସୂତା କାଟିବା।

ଦ୍ୱିତୀୟ ପତ୍ର–ସଂଗ୍ରାମୀ ଜୀବନର ସାଥୀ–ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜକୁମାରୀ ଅମୃତ କୌରଙ୍କ ନାମରେ–"ମୁଁ ଜଣେ ମୁସଲମାନଙ୍କ ଘରେ ରହୁଛି, ଲୋକମାନେ ଭାରୀ ଭଲ। ସୋଦପୁର ଆଶ୍ରମର କାହାରିକୁ ମୁଁ ସଙ୍ଗରେ ରଖି ନାହିଁ। ଯାହା କିଛି ସାହାଯ୍ୟ ମୋର ଆବଶ୍ୟକ ମୁସଲମାନ ବନ୍ଧୁଙ୍କଠାରୁ ପାଉଛି। ଅବଶ୍ୟ ମୋପାଇଁ ଏହା ନୂଆ ଅନୁଭବ ନୁହେଁ। ଏହା ମୋତେ ଦକ୍ଷିଣ ଆଫ୍ରିକାର ସେଇ ପୁରୁଣା ଦିନ ଓ ଖିଲାଫତ୍ ଆନ୍ଦୋଳନର ଦିନଗୁଡ଼ିକ କଥା ମନେ ପକାଇ ଦେଉଛି। କ୍ଷଣିକପାଇଁ ମୁଁ ତ' କାହାରି ଶତ୍ରୁ ହୋଇ ରହି ନାହିଁ। କିଏ ଜାଣେ ଏପରି ପରିସ୍ଥିତି କେତେ ଦିନ ପର୍ଯ୍ୟନ୍ତ ରହିବ,"

ବାପୁଜୀ–ଆମେ ଆପଣଙ୍କଠାରୁ ଆଶୀର୍ବାଦ ଓ ମାର୍ଗ ଦର୍ଶନ ପାଇଁ ଆସିଛୁ–ବିନୀତ ଅନୁରୋଧ କରୁଥାନ୍ତି ତତ୍‌କାଳୀନ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ଡା: ପ୍ରଫୁଲ୍ଲ ଚନ୍ଦ୍ର ସେନ୍ ଓ ତାଙ୍କ ମନ୍ତ୍ରୀ ମଣ୍ଡଳର ସଭ୍ୟ ବୃନ୍ଦ।

ବାପୁ ହସିଲେ ଓ ମୁଣ୍ଡ ହଲାଇଲେ। ଜଣ ଜଣଙ୍କୁ ଅତି ନିକଟରେ ଦେଖିଲେ। ପରିଚୟ ପ୍ରଦାନ କରୁଥାନ୍ତି ମୁଖ୍ୟମନ୍ତ୍ରୀ। କ୍ଷଣିକ ପାଇଁ ବାପୁ ଆଖି ବନ୍ଦ କଲେ ଓ ତାପରେ କହିବାକୁ ଲାଗିଲେ–ଆପଣମାନେ ସ୍ୱାଧୀନ–ଆଜିଠାରୁ ଆପଣମାନଙ୍କୁ କଣ୍ଟାର ଯୋତା ପିନ୍ଧିବାକୁ ପଡ଼ିବ। ସତ୍ୟ ଓ ଅହିଂସା ପାଳନ ପାଇଁ ସତତ୍ ଚେଷ୍ଟିତ ରହନ୍ତୁ। ଏହା ସତ୍ୟ ଯେ ବ୍ରିଟିଶ୍ ଆପଣମାନଙ୍କୁ କଣ୍ଟକି ପଥରରେ କଷିଛି କିନ୍ତୁ ଏବେ ଆହୁରି ବଡ଼ ପରୀକ୍ଷା ଦିନ। କ୍ଷମତା ପାଇଁ ସାବଧାନ ରହନ୍ତୁ। କ୍ଷମତା ପତନର ପଥ ଦେଖାଏ, କ୍ଷମତାର ଶୌର୍ଯ୍ୟ ଓ ମାୟାଜାଲରେ ନିଜକୁ କେବେ ଭସାଇ ଦିଅନ୍ତୁ ନାହିଁ।" ମନେରଖନ୍ତୁ ଆପଣମାନେ ଭାରତର ଦରିଦ୍ର ଗ୍ରାମବାସୀମାନଙ୍କର ସେବା ନିମିତ୍ତ କ୍ଷମତାକୁ ଆସିଛନ୍ତି। ଈଶ୍ୱର ଆପଣମାନଙ୍କର ମଙ୍ଗଳ କରନ୍ତୁ।"

---

ନିର୍ଦ୍ଦେଶକ,
ଲୋକବିକାଶ–ଅନୁପାଲ,
ଭଦ୍ରକ–୭୫୬୧୧୬।

■ କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ତୁରନ୍ତ ଲକ୍ଷ୍ୟ ହାସଲର ପନ୍ଥା ସ୍ୱରୂପ ଗ୍ରହଣ କରିବାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ ! ଉଦ୍ଦେଶ୍ୟ ଯେତେ ମହତ୍ ହେଲେ ସୁଦ୍ଧା ଏବଂ ସେଥିପ୍ରତି ମୋର ସବୁପ୍ରକାର ସହାନୁଭୂତି ରହିଥିଲେ ମଧ୍ୟ ସେହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ହିଂସାତ୍ମକ ପଦ୍ଧତି ଅବଲମ୍ବନ ମୁଁ ବରଦାସ୍ତ କରିପାରିବି ନାହିଁ ।

–ଗାନ୍ଧିଜୀ

# ସଙ୍ଘର୍ଷର ଇତିହାସ

• ସୁପ୍ରିୟା ମଲ୍ଲିକ

ଊନବିଂଶ ଶତାବ୍ଦୀର ଆଦ୍ୟ ପାଦଯାଏ, ଭାରତବର୍ଷର ପୂର୍ବ ଭାଗର ଯେଉଁ ଅଞ୍ଚଳଟି ବ୍ରିଟିଶ୍ ଶାସନାଧୀନ ହୋଇନଥିଲା, ତାହା ହେଉଛି ଓଡ଼ିଶା। ସେତେବେଳକୁ ଭାରତର ଉତ୍ତର, ଦକ୍ଷିଣ, ପଶ୍ଚିମ ଓ ମଧ୍ୟ ଭାଗର ସମସ୍ତ ଅଞ୍ଚଳ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଅଧିକୃତ ହୋଇସାରିଥିଲା। ସମଗ୍ର ପୂର୍ବ ଉପକୂଳରେ ଅଖଣ୍ଡ ପ୍ରଭୁତ୍ୱ ବିସ୍ତାର ନିମିତ୍ତ ଓଡ଼ିଶା ଅଧିକାର, ଏକାନ୍ତ ଆବଶ୍ୟକ ବୋଲି ଇଂରେଜମାନେ ଅନୁଭବ କଲେ। ୧୮୦୩ ଶ୍ରୀ: ଅ:ରେ ବଡ଼ଲାଟ୍ ଲର୍ଡ଼ ୱେଲ୍‌ସେଲିଙ୍କ ଯୋଜନାନୁସାରେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଏହି ତିନିଦିଗରୁ ଏକ ସମୟରେ ଆକ୍ରମଣ କରାଯାଇ, ଓଡ଼ିଶାକୁ ବ୍ରିଟିଶ୍ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରାଗଲା। ଏହା ପୂର୍ବରୁ ୧୭୬୫ ଶ୍ରୀ: ଅ:ରେ ମୋଗଲ୍ ସମ୍ରାଟ୍ ଦ୍ୱିତୀୟ ଶାହା ଆଲାମ୍, ଏକ ଆଦେଶନାମାରେ ଗଞ୍ଜାମ ଜିଲ୍ଲାକୁ ଇଂରେଜମାନଙ୍କୁ ଇନାମ୍ ବା ମାଗଣା ଦାନ କରିଦେଇଥିଲେ। ଯଦି ୧୭୬୫ ଶ୍ରୀ: ଅ:କୁ ଓଡ଼ିଶାରେ ବ୍ରିଟିଶ୍ ଶାସନର ଅସ୍ତମାରମ୍ଭ ବୋଲି ଧରି ନିଆଯାଏ, ତେବେ ଭାରତର ସ୍ୱାଧୀନତା ଯାଏ, ଇଂରେଜମାନେ ୧୮୨ ବର୍ଷ ଧରି ଓଡ଼ିଶା ମାଟିରେ ସେମାନଙ୍କର ଶାସନ ଚଳାଇଥିଲେ। ୧୮୨ ବର୍ଷ, ସେମାନଙ୍କ ପାଇଁ ଶାନ୍ତି, ବିଳାସ ଓ ନିର୍ବିରୋଧ କ୍ଷମତା ଜାହିର୍‌ର ସମୟ ନଥିଲା। ପ୍ରତିରୋଧ, ବିଦ୍ରୋହ ଓ ରକ୍ତପାତରେ ଅଶାନ୍ତ ଥିଲା ଏହି ସମୟ। ବାରମ୍ବାର ବିକ୍ଷୁବ୍ଧ ହୋଇଥିଲା ଓଡ଼ିଶା ମାଟିର ବକ୍ଷ, ଇଂରାଜୀ ଶାସକଙ୍କର ଅନ୍ୟାୟ, ଅତ୍ୟାଚାର, ଲୁଣ୍ଠନ, ଶୋଷଣ ଓ କୁଟଚକ୍ରାନ୍ତ ବିରୁଦ୍ଧରେ। ବାରମ୍ବାର ପ୍ରଜ୍ୱଳିତ ହୋଇଥିଲା ଜନସାଧାରଣଙ୍କର ଅଶାନ୍ତି, ଅସନ୍ତୋଷର ବହ୍ନି ଏବଂ ରୂପାନ୍ତରିତ ହୋଇଯାଇଥିଲା ଅନେକ ଐତିହାସିକ ବିଦ୍ରୋହ ରୂପରେ। ୧୭୬୬ ଶ୍ରୀ: ଅ:ରେ ପାରଳାଖେମୁଣ୍ଡି ଓ ଘୁମୁସରଠାରେ ଇଂରେଜ ବିରୁଦ୍ଧରେ ଯେଉଁ ସଂଘର୍ଷର ସୂତ୍ରପାତ ହୋଇଥିଲା, ତାହା ହିଁ ପାଇକ ବିଦ୍ରୋହ (୧୮୧୭ ଶ୍ରୀ: ଅ:), ସିପାହୀ ବିଦ୍ରୋହ (୧୮୫୭ ଶ୍ରୀ: ଅ:), (୧୯୨୦ ଶ୍ରୀ: ଅ:), ଅସହଯୋଗ ଆନ୍ଦୋଳନ ଶ୍ରୀ: ଅ:), ଆଇନ୍ ଅମାନ୍ୟ ଆନ୍ଦୋଳନ (୧୯୩୦ ଶ୍ରୀ: ଅ:) ଏବଂ ଭାରତ ଛାଡ଼ ଆନ୍ଦୋଳନ (୧୯୪୨ ଶ୍ରୀ: ଅ:)ରେ ରୂପାନ୍ତରିତ ହୋଇ, ପରିଶେଷରେ ସ୍ୱାଧୀନତା ପ୍ରାପ୍ତିରେ ହିଁ ଶେଷ ହେଲା।

## ଗଡ଼ଜାତରେ ବିଦ୍ରୋହ :

ବ୍ରିଟିଶ୍ କର୍ତ୍ତୃପକ୍ଷ ଓଡ଼ିଶା ମାଟିରେ ପ୍ରବେଶ କରିବା ମାତ୍ରେ, ଗଡ଼ଜାତ ରାଜାମାନଙ୍କର ପ୍ରବଳ ପ୍ରତିରୋଧ ଓ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ। ଦକ୍ଷିଣ ଓଡ଼ିଶାର ପାରଳାଖେମୁଣ୍ଡି ଓ ଘୁମୁସର ଏବଂ ଉତ୍ତର ଓଡ଼ିଶାର ମୟୂରଭଞ୍ଜ ରାଜାଙ୍କ ବିଦ୍ରୋହ, ବ୍ରିଟିଶ୍ ଶାସନର ପ୍ରତିରୋଧର ଇତିହାସରେ ବିଶିଷ୍ଟ ସ୍ଥାନ ଅଧିକାର କରେ।

୧୭୬୬ ଶ୍ରୀ: ଅ:ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଜଣେ ଇଂରେଜ ଅଫିସରଙ୍କୁ ପ୍ରଥମ କରି ଗଞ୍ଜାମରେ ନିଯୁକ୍ତି କଲେ। ଘୁମୁସର ରାଜା କୃଷ୍ଣ ଭଞ୍ଜ ଇଂରେଜମାନଙ୍କର ସମସ୍ତ ଆଦେଶକୁ ଅବମାନନା କଲେ ଏବଂ ଖଜଣା ଦେବା ପାଇଁ ସ୍ପଷ୍ଟ ରୂପେ ମନା କରିଦେଲେ। ଏଣୁ କୃଷ୍ଣ ଭଞ୍ଜ ଦେବଙ୍କର ମୃତ୍ୟୁଯାଏ, ରାଜା ଓ ଇଂରେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମାଗତ ଦ୍ୱନ୍ଦ୍ୱ ଲାଗି ରହିଥିଲା। ୧୭୭୨ ଶ୍ରୀ: ଅ:ରେ ରାଜାଙ୍କର ମୃତ୍ୟୁ ପରେ, ବିକ୍ରମ ଭଞ୍ଜ (୧୭୭୩–୧୭୮୨ ଶ୍ରୀ: ଅ:), ଲକ୍ଷ୍ମଣ ଭଞ୍ଜ (୧୭୮୨–୧୭୮୩ ଶ୍ରୀ: ଅ:), ଶ୍ରୀକର ଭଞ୍ଜ (୧୭୮୩–୧୮୦୧ ଶ୍ରୀ: ଅ: ଓ ୧୮୧୮–୧୮୩୨ ଶ୍ରୀ: ଅ:) ଏବଂ ଧନଞ୍ଜୟ ଭଞ୍ଜ (୧୮୦୧–୧୮୦୫ ଶ୍ରୀ: ଅ: ଏବଂ ୧୮୩୨–୧୮୩୫ ଶ୍ରୀ: ଅ:) ଆଦି ରାଜାମାନେ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଅବ୍ୟାହତ ରଖିଥିଲେ। ଏହି ସବୁ ରାଜାମାନେ ବିଦ୍ରୋହର ନେତୃତ୍ୱ ନେଇଥିଲେ ମଧ୍ୟ, ଏଥିରେ ରାଜ୍ୟର କନ୍ଧ, ବିଶୋଇ, ଡୋରା ଓ ଅନ୍ୟାନ୍ୟ ଆଦିବାସୀ ଜାତିଗୁଡ଼ିକ ସଙ୍ଗଠିତ ଭାବରେ ଇଂରେଜ ବିରୁଦ୍ଧରେ ଯୁଦ୍ଧ କରୁଥିଲେ। ୧୮୦୧ ଶ୍ରୀ: ଅ:ରେ ଘୁମୁସରର ରାଜା ଶ୍ରୀକର ଭଞ୍ଜଙ୍କୁ ଗାଦିଚ୍ୟୁତ କରାଯିବାରୁ ଏକ ଭୟଙ୍କର ବିଦ୍ରୋହ ମୁଣ୍ଡ ଟେକି ଉଠିଥିଲା। ଇଂରେଜମାନଙ୍କ ଦ୍ୱାରା ଭୂ-ରାଜସ୍ୱ ଆଦାୟ ନିମିତ୍ତ ନିଯୁକ୍ତ କରାଯାଇଥିବା "ସିବନ୍ଦୀ" ନାମକ ସୈନ୍ୟ ବାହିନୀ ଇଂରେଜ ବିରୁଦ୍ଧରେ ସମ୍ପୂର୍ଣ୍ଣ ଭାବରେ ଉପନୀତ ହୋଇଥିଲେ। ୧୮୦୩ ଶ୍ରୀ: ଅ: ଯାଏ ହିଁ ଏପରି ଲାଗି ରହିଥିଲା।

ଘୁମୁସର କନ୍ଧ ବିଦ୍ରୋହର ଅନ୍ୟତମ ଅଧିନାୟକ ଥିଲେ କମଳଲୋଚନ ଡୋରା ବିଶୋଇ, ଯେ କି ରାଜ ପରିବାରର ବ୍ୟକ୍ତି ଥିଲେ ମଧ୍ୟ, 'ରାଜ ପିଲା'ର ଅଭିଭାବକ ଭାବେ ୧୮୧୫ ଖ୍ରୀ:ଅରୁ ୧୮୧୮ ଖ୍ରୀ: ଅ: ଯାଏ, ଘୁମୁସରର ଶାସନ ପରିଚାଳନା କରିଥିଲେ । କମଳଲୋଚନ, ଘୁମୁସର କନ୍ଧମାନଙ୍କର ଏକ ଦଳକୁ ବାଣପୁର ପଠାଇ, ଖୋର୍ଦ୍ଧା ପାଇକମାନଙ୍କ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାରେ ଅଗ୍ନି ସଂଯୋଗ କରିଥିଲେ ଏବଂ ସୃଷ୍ଟି ହୋଇଥିଲା ପାଇକ ବିଦ୍ରୋହ । ୧୮୩୬ ଖ୍ରୀ: ଅ:ରୁ ୧୮୩୭ ଖ୍ରୀ: ଅ: ଯାଏ ଦୁର୍ଦ୍ଧର୍ଷମାନଙ୍କୁ ନେଇ ଘୁମୁସରରେ ସେ ଇଂରେଜମାନଙ୍କ ସହିତ ପ୍ରବଳ ଯୁଦ୍ଧ ଚଳାଇଥିଲେ । ତାଙ୍କ ପରେ ଅନ୍ୟତମ ନେତା ଚକ୍ର ବିଶୋଇଙ୍କ ଦ୍ୱାରା ୧୮୪୬ ଖ୍ରୀ: ଅ:ରେ ଏକ ଗଣ ବିଦ୍ରୋହ ଆରମ୍ଭ କରାଯାଇଥିଲା । ଏହା ୧୮୫୬ ଖ୍ରୀ: ଅ: ଯାଏ ଲାଗି ରହିଥିଲା । ଦୀର୍ଘ ଏକ ଶତାବ୍ଦୀ ଧରି (୧୭୬୬–୧୮୬୬ ଖ୍ରୀ: ଅ:) ଘୁମୁସରବାସୀ ଇଂରେଜ ଶାସକର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଅବିରତ ସଂଗ୍ରାମ ଚଳାଇଥିଲେ । ଏହି ସଂଗ୍ରାମ ଇତିହାସରେ ସ୍ୱତନ୍ତ୍ର ମର୍ଯ୍ୟାଦା ଦାବି କରେ ।

ଉତ୍ତର ଓଡ଼ିଶା ଅନ୍ତର୍ଗତ ମୟୂରଭଞ୍ଜର ଶକ୍ତିଶାଳୀ ରାଜା ଦାମୋଦର ଭଞ୍ଜ (୧୭୬୧–୧୭୯୬ ଖ୍ରୀ: ଅ:) ବ୍ରିଟିଶ୍ ଶାସକମାନଙ୍କର ବଶ୍ୟତା ସ୍ୱୀକାର କରିନଥିଲେ । ସୁଶିକ୍ଷିତ ଓ ଆଧୁନିକ ଅସ୍ତ୍ର ଶସ୍ତ୍ରରେ ସୁସଜ୍ଜିତ ବ୍ରିଟିଶ୍ ସାମରିକ ଶକ୍ତି ବିରୁଦ୍ଧରେ ଦୀର୍ଘ ୨୦ ବର୍ଷରୁ ଅଧିକ କାଳ ସେ ପ୍ରତ୍ୟକ୍ଷ ସଂଗ୍ରାମ କରିଥିଲେ । ୧୭୮୮ ଖ୍ରୀ: ଅ:ରେ ମୟୂରଭଞ୍ଜର ଅମର୍ଦ୍ଧା ପ୍ରଗଣା କମ୍ପାନୀ କର୍ତ୍ତୃପକ୍ଷ ଅଧିକାର କରିନେବାରୁ ଏହି ଯୁଦ୍ଧ ଭୟଙ୍କର ଆକାର ଧାରଣ କରିଥିଲା । ଦାମୋଦର ଭଞ୍ଜ ତାଙ୍କର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବା ନିମନ୍ତେ ବିଚକ୍ଷଣ ସାମରିକ କୌଶଳ ପ୍ରୟୋଗ କରି ମରହଟ୍ଟା ଓ ଇଂରେଜ, ଦୁଇଟି ବିରାଟ ସାମରିକ ଶକ୍ତି ବିରୁଦ୍ଧରେ ଯୁଦ୍ଧ ଚଳାଇଥିଲେ ।

## ଜୟୀ ରାଜଗୁରୁ :

ଊନବିଂଶ ଶତାବ୍ଦୀର ଆଦ୍ୟଭାଗରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ପରେ ୧୮୦୪ ଖ୍ରୀ: ଅ:ରେ ଖୋର୍ଦ୍ଧା, କୁଜଙ୍ଗ, କନିକା ଓ ହରିଶ୍ଚନ୍ଦ୍ରପୁରର ରାଜାମାନେ ବ୍ରିଟିଶ୍ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ । ଖୋର୍ଦ୍ଧାର ରାଜା ଦ୍ୱିତୀୟ ମୁକୁନ୍ଦଦେବ ଏହି ସଂଗ୍ରାମର ନେତା ଥିଲେ ବୋଲି ଅନୁଭୂତ ହେଉଥିଲା; କିନ୍ତୁ ଏହି ବିଦ୍ରୋହର ପ୍ରକୃତ ନେତା ଥିଲେ ନାବାଳକ ଖୋର୍ଦ୍ଧା ରାଜାଙ୍କର ଅଭିଭାବକ ଜୟୀ ରାଜଗୁରୁ । ଇଂରେଜ ପ୍ରଭୁତ୍ୱକୁ ସ୍ୱୀକାର ନକରିବା ପାଇଁ ସେ ହିଁ ଏହି ଶକ୍ତିଶାଳୀ ଓଡ଼ିଆ ରାଜାମାନଙ୍କୁ ପ୍ରରୋଚିତ କରିଥିଲେ ଏବଂ ଏକ ଭୟଙ୍କର ବିଦ୍ରୋହର ସୂତ୍ରପାତ କରିଥିଲେ । ଏଣୁ ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରି, ପରିଶେଷରେ ତାଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ ।

## ପାଇକ ବିଦ୍ରୋହ :

୧୮୧୭ ଖ୍ରୀ: ଅ:ରେ ଖୋର୍ଦ୍ଧା ଭୂମିରେ ଯେଉଁ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହୋଇ ଉଠିଥିଲା, ତାହା ହିଁ ହେଉଛି ଐତିହାସିକ ପାଇକ ବିଦ୍ରୋହ । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧାର ଦୁର୍ଦ୍ଧର୍ଷ ପାଇକଗଣ ତଥା ଖଣ୍ଡାୟତ, ଦଳାଇ, ଦଳବେହେରା ଏବଂ କୃଷକମାନେ ସଙ୍ଗଠିତ ହୋଇ ଘୁମୁସରର ସ୍ୱାଧୀନଚେତା କନ୍ଧମାନଙ୍କ ସହିତ ହାତ ମିଳାଇ ଇଂରେଜ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ । ଇଂରେଜମାନଙ୍କୁ ଅପସାରିତ କରି ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ଖୋର୍ଦ୍ଧାର ରାଜ ଗାଦୀରେ ଅଭିଷିକ୍ତ କରିବା ହିଁ ସେମାନଙ୍କର ଲକ୍ଷ୍ୟ ଥିଲା । ଏହି ବିଦ୍ରୋହୀମାନଙ୍କ ପ୍ରତି ଛୋଟ ବଡ଼ ଅନେକ ଜମିଦାର, କୁଜଙ୍ଗ ରାଜା ଓ ଜନସାଧାରଣଙ୍କର ସାହାଯ୍ୟ ଓ ସମର୍ଥନ ରହିଥିଲା । ପୁରୀ ଜିଲ୍ଲାର ପିପିଲି, ଖୋର୍ଦ୍ଧା, ପୁରୀ, ବାଣପୁର, ନୟାଗଡ଼, ଲିମ୍ବାଇ ଓ କଟକ ଜିଲ୍ଲାର ଗୋପ, ତିରଣ, ପଟାମୁଣ୍ଡାଇ, ଅସୁରେଶ୍ୱର, କୁଜଙ୍ଗ ଆଦି ସ୍ଥାନକୁ ଏହା ବ୍ୟାପି ଯାଇଥିଲା । ଦୁର୍ଦ୍ଧର୍ଷ ପାଇକ ଓ ସ୍ୱାଧୀନଚେତା କନ୍ଧମାନଙ୍କର ମିଳିତ ଆକ୍ରମଣରେ ବ୍ରିଟିଶ୍ ସରକାର ବ୍ୟତିବ୍ୟସ୍ତ ହୋଇଉଠିଲା । ଏପରିକି, ବିଦ୍ରୋହୀମାନଙ୍କ ଭୟରେ ପୁରୀର ସମସ୍ତ ଇଂରାଜୀ ଅଫିସର୍ କଟକ ପଳାଇଯିବା ପରେ, ପୁରୀ ମନ୍ଦିରର ସେବକଗଣ ଘୋଷଣା କରିଥିଲେ ଯେ, "ବର୍ତ୍ତମାନ ଇଂରେଜମାନଙ୍କ ଶାସନରୁ ଓଡ଼ିଶା ମୁକ୍ତ ହେଲା ଏବଂ ଏଥର ଆମ ଓଡ଼ିଆ ରାଜାମାନଙ୍କ ଦ୍ୱାରା ଶାସିତ ହେବ । ......", କିନ୍ତୁ ଇଂରେଜମାନଙ୍କର ତାଲିମ ପ୍ରାପ୍ତ ସୁଶିକ୍ଷିତ ସୈନ୍ୟ ବାହିନୀ, ଉନ୍ନତ ଆଧୁନିକ ଅସ୍ତ୍ର ଶସ୍ତ୍ର ସହିତ ଯୁଦ୍ଧ କରି ବିଦ୍ରୋହୀମାନଙ୍କୁ ପରାସ୍ତ କଲେ । ସେମାନଙ୍କୁ ଫାଶି, କାରାଦଣ୍ଡ ଓ ନିର୍ବାସନ ଆଦି ବିଭିନ୍ନ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଖୋର୍ଦ୍ଧାରେ ଏହି ବିଦ୍ରୋହକୁ ଦମନ କରାଯାଇଥିଲା, ତଥାପି ଅନ୍ୟ ସ୍ଥାନଗୁଡ଼ିକରେ ଦୀର୍ଘ ଆଠ ବର୍ଷ ଧରି ଏହା ଲାଗି ରହିଥିଲା ।

## ଊନବିଂଶ ଶତାବ୍ଦୀର 'ହରତାଳ' :

ଊନବିଂଶ ଶତାବ୍ଦୀରେ ଯେ କେବଳ ହିଂସାତ୍ମକ ସଂଘର୍ଷ ଲାଗି ରହିଥିଲା ତାହା ନୁହେଁ, କେତୋଟି ଶାନ୍ତିପୂର୍ଣ୍ଣ 'ହରତାଳ'ର ଉଦାହରଣ ମଧ୍ୟ ଦେଖାଯାଏ । ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଏହିଭଳି ଦୁଇଟି ଘଟଣା ଓଡ଼ିଶାରେ ଘଟିଥିଲା — ପ୍ରଥମତଃ ୧୯୧୦ ଖ୍ରୀ: ଅ:ରେ 'ବାସଗୃହ ଟିକସ'ର ପ୍ରତିବାଦ ସ୍ୱରୂପ ଏବଂ ଦ୍ୱିତୀୟତଃ, ୧୯୧୪ ଖ୍ରୀ: ଅ:ରେ 'ଚୌକିଦାରୀ ଟିକସ'କୁ ବିରୋଧ କରି କଟକରେ ହରତାଳ ହୋଇଥିଲା । ଚୌକିଦାରୀ ଟିକସ ବିରୁଦ୍ଧରେ ୧୮୧୪ ଖ୍ରୀ: ଅ: ସେପ୍ଟେମ୍ବର ୨୦ ତାରିଖ ଦିନ ହରତାଳ ପାଳନ କରାଯାଇଥିଲା । କଟକର ସମସ୍ତ ଦୋକାନ ବଜାର ବନ୍ଦ୍ କରାଯାଇଥିଲା । ସେପ୍ଟେମ୍ବର ୨୨ରୁ ୩୦ ତାରିଖ ଯାଏ ଏହା ବିରୁଦ୍ଧରେ ଗଣ ବିକ୍ଷୋଭମାନ ପ୍ରଦର୍ଶନ କରାଯାଇଥିଲା । ପରିଶେଷରେ ୧୮୧୮ ଖ୍ରୀ: ଅ:ରେ କଟକ ମାଜିଷ୍ଟ୍ରେଟ୍ ଏହି କରକୁ ଉଠାଇ ଦେଇଥିଲେ ।

## ତାପଙ୍ଗ ବିଦ୍ରୋହ :

୧୮୨୭ ଖ୍ରୀ: ଅ:ରେ ସାମନ୍ତ ମାଧବ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ତାପଙ୍ଗ ଗଡ଼ର ଜନସାଧାରଣ ବିଦେଶୀ ଶାସନର

ଅନ୍ୟାୟ ଓ ଅତ୍ୟାଚାରର ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଏହି ଅଞ୍ଚଳର ଜନସାଧାରଣ ପାଇକ ବିଦ୍ରୋହ ସମୟରୁ ଇଂରେଜମାନଙ୍କୁ କର ଦେବା ବନ୍ଦ୍ କରିଦେଇଥିଲେ । ୧୮୧୭ ଖ୍ରୀ: ଅ:ରେ ଖୋର୍ଦ୍ଧାର ଜଣେ ବ୍ରିଟିଶ୍ ଅଫିସର୍ କେତେଜଣ ସିପାହୀଙ୍କୁ ନେଇ ତାପଙ୍ଗରେ ପହଞ୍ଚିଲେ । ଜନସାଧାରଣଙ୍କ ସହିତ ସଂଘର୍ଷରେ ଦୁଇଜଣ ଇଂରାଜୀ ସୈନ୍ୟ ମୃତ୍ୟୁବରଣ କରିଥିଲେ ଏବଂ ଆହୁରି ଅନେକ ସିପାହୀ ଆହତ ହେଲେ । ବ୍ରିଟିଶ୍ ଲେଫ୍‌ଟନାଣ୍ଟ କର୍ଣ୍ଣେଲ୍ ହାରକୋର୍ଟ ଏକ ବଡ଼ ସୈନ୍ୟବାହିନୀ ସହିତ ତାପଙ୍ଗରେ ୧୮୧୭ ଖ୍ରୀ: ଅ: ଜୁନ୍ ମାସରେ ପହଞ୍ଚିଲେ ଏବଂ ଅତ୍ୟନ୍ତ କଠୋର ଭାବରେ ଏହି ବିଦ୍ରୋହକୁ ଦମନ କରିଥିଲେ ।

## ଢେଙ୍କାନାଳରେ ଉତ୍ତେଜନା :

୧୮୪୬ ଖ୍ରୀ: ଅ:ରେ ଅନୁଗୁଳର ରାଜା ସୋମନାଥ ସିଂ ଏବଂ ଜନସାଧାରଣ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ସେହି ସମୟରେ ବୌଦର କନ୍ଧମାନେ ମାଧବ କନର ଓ ଘୁମୁସରର କନ୍ଧମାନେ ଚକ୍ର ବିଶୋଇଙ୍କ ନେତୃତ୍ୱରେ ଇଂରେଜ ବିରୁଦ୍ଧରେ ବିଦ୍ରୋହ କରୁଥିଲେ । ଅନୁଗୁଳର ରାଜାଙ୍କର ଏହି ବିଦ୍ରୋହୀମାନଙ୍କ ପ୍ରତି ଗଭୀର ସମର୍ଥନ ଓ ପର୍ଯ୍ୟାପ୍ତ ସାହାଯ୍ୟ ରହିଥିଲା । ସେ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଇଂରେଜମାନେ ପ୍ରଥମେ ଅନୁଗୁଳ ଦଖଲ କରିବା ପାଇଁ ଅଗ୍ରସର ହେଲେ । ରାଜାଙ୍କୁ ବନ୍ଦୀ କରି ନିଆଗଲା ଏବଂ ହଜାରୀବାଗ୍ ଜେଲ୍‌ରେ ରଖାଗଲା ।

## ନୟାଗଡ଼ରେ ବିଦ୍ରୋହ :

୧୮୪୯ ଖ୍ରୀ: ଅ:ରେ ନୟାଗଡ଼ରେ ଏକ ଗଣ ବିକ୍ଷୋଭ ଆରମ୍ଭ ହେଲା । କମଳଲୋଚନ ପାଇକରାୟ ଏହାର ନେତୃତ୍ୱ ନେଇଥିଲେ । ୧୮୫୯ ଖ୍ରୀ: ଅ: ଯାଏ, ଏହା ଲାଗି ରହିଥିଲା । ନୟାଗଡ଼ର ରାଜାଙ୍କୁ ଗାଦିଚ୍ୟୁତ କରାଗଲା ଏବଂ ବିଦ୍ରୋହୀମାନଙ୍କୁ ବନ୍ଦୀ କରି ରଖାଗଲା । ଏହାପରେ ନୟାଗଡ଼କୁ ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସନ ମଧ୍ୟରେ ରଖାଗଲା ।

## ସିପାହୀ ବିଦ୍ରୋହ :

ଚକ୍ର ବିଶୋଇଙ୍କ ନେତୃତ୍ୱରେ କନ୍ଧ ବିପ୍ଳବ ପାଇଁ ପୁନର୍ବାର ଆୟୋଜନ ଚାଲିଥିବା ସମୟରେ ୧୮୫୭ ଖ୍ରୀ: ଅ:ରେ ଭାରତର ଚାରିଆଡ଼େ ସ୍ୱାଧୀନତା ସଂଗ୍ରାମର ଦୁନ୍ଦୁଭି ବାଜି ଉଠିଲା । ଚକ୍ର ବିଶୋଇ ଏହି ସଂଗ୍ରାମରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେଇଥିଲେ । ପୁରୀ ପଣ୍ଡା ଚକ୍ଷି ଖୁଣ୍ଟିଆ ଉତ୍ତର ଭାରତର ସିପାହୀମାନଙ୍କ ସହିତ ସଂଯୋଗ ସ୍ଥାପନ କରି ଚତୁର୍ଦ୍ଦିଗରେ ବିପ୍ଳବର ଅଗ୍ନି ବିସ୍ତାରିତ କରୁଥିଲେ । ଏକୋନବିଂଶ ବେଙ୍ଗଲ୍ ନେଟିଭ୍ ଇନ୍‌ଫ୍ୟାଣ୍ଟ୍ରିରେ ଯେଉଁ ବିଦ୍ରୋହ ଦେଖାଦେଇଥିଲା, ସେଥିପାଇଁ ସେ ଅନେକ ପରିମାଣରେ ଦାୟୀ ଥିଲେ । ଏଣୁ ତାଙ୍କର ଉତ୍ତର ଭାରତ ଗସ୍ତ ସମୟରେ ୧୮୫୮ ଖ୍ରୀ: ଅ:ରେ ତାଙ୍କୁ ବିହାରରେ ଗିରଫ୍ କରାଯାଇ ଜେଲ୍‌ରେ ରଖାଗଲା । ୧୮୫୭ ସାଲର ବିଦ୍ରୋହରେ ସମ୍ବଲପୁରର ବୀର ସୁରେନ୍ଦ୍ରସାଏ ଏବଂ ଘାଳପୁରର ମାଧୋ ସାମନ୍ତସିଂହାରଙ୍କର ଅବଦାନ ସ୍ମରଣୀୟ । ସ୍ୱାଧୀନଚେତା ବୀର ସୁରେନ୍ଦ୍ରସାଏ ତାଙ୍କର ଭାଇ, ପୁଅ ଓ ହଜାର ହଜାର ଅନୁଗାମୀ ସହିତ ଦୀର୍ଘଦିନ ଧରି ଇଂରେଜମାନଙ୍କ ବିରୁଦ୍ଧରେ ସଂଘର୍ଷ ଜାରି ରଖିଥିଲେ । ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ କଠୋର କାର୍ଯ୍ୟାନୁଷ୍ଠାନ ଫଳରେ ଭାରତର ଚାରିଆଡ଼େ ବିଦ୍ରୋହ ଅବଦମିତ ହୋଇଯାଇଥିଲେ ହେଁ ସମ୍ବଲପୁରରେ ଏହି ସଂଗ୍ରାମ ଦୀର୍ଘ ଦିନ ଧରି ଚାଲିଥିଲା । ୧୮୬୪ ଖ୍ରୀ: ଅ:ରେ ସୁରେନ୍ଦ୍ରସାଏ ବନ୍ଦୀ ହେବା ପରେ ହିଁ ଏହାର ଅବସାନ ହେଲା ।

## ବିଦ୍ରୋହୋତ୍ତର ଜନଜାଗରଣ :

ସିପାହୀ ବିଦ୍ରୋହ ପରେ ୧୮୬୬ ଖ୍ରୀ: ଅ:ରେ ଭୟଙ୍କର ନଅଙ୍କ ଦୁର୍ଭିକ୍ଷରେ କବଳିତ ହେଲା ଓଡ଼ିଶା, ଯେଉଁଥିରେ ଓଡ଼ିଶାର ଏକ ତୃତୀୟାଂଶ ଅଧିବାସୀ ପ୍ରାଣ ହରାଇଲେ । ବ୍ରିଟିଶ୍ ସରକାରର ଶୋଷଣ ନୀତି ଓ ଚରମ ଅବହେଳା ଜନସାଧାରଣଙ୍କ ନିକଟରେ ସ୍ପଷ୍ଟ ହୋଇ ଉଠିଲା । ଉତ୍କ୍ଷିପ୍ତ ଜନତା ବ୍ରିଟିଶ୍ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା । ୧୮୬୬ ଖ୍ରୀ: ଅ: ମେ ମାସରେ ଖୋର୍ଦ୍ଧାର ପାଇକ, ଦଳାଇ, ଦଳବେହେରା, ସରବରାକାର, ଖଣ୍ଡାୟତ ଏବଂ ରାଉତମାନେ ସଙ୍ଗଠିତ ଭାବେ ବ୍ରିଟିଶ୍ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ । ୧୮୬୭ ଖ୍ରୀ: ଅ:ରେ କେନ୍ଦୁଝରର ଜୁଆଙ୍ଗ ଭୂୟାଁ ଓ କୋହ୍ଲମାନେ ଦେଶୀ ରାଜାଙ୍କ ସମର୍ଥନରେ ଏକଜୁଟ୍ ହୋଇ ରତ୍ନା ନାୟକଙ୍କ ନେତୃତ୍ୱରେ ଇଂରେଜ ବିରୁଦ୍ଧରେ ସଂଗ୍ରାମ ଚଳାଇଲେ । ୧୮୮୨ ଖ୍ରୀ: ଅ:ରେ କଳାହାଣ୍ଡିର କନ୍ଧ ଏବଂ ୧୮୯୧ ଖ୍ରୀ: ଅ:ରେ କେନ୍ଦୁଝର ଆଦିବାସୀମାନଙ୍କ ମଧ୍ୟରେ ବିଦ୍ରୋହର ନିଆଁ ଜଳି ଉଠିଲା ।

ଦୁର୍ଭିକ୍ଷର ପରବର୍ତ୍ତୀ ସମୟରେ ବ୍ରିଟିଶ୍ ବିରୁଦ୍ଧରେ ବିଦ୍ରୋହ ଓ ସଂଘର୍ଷର ଅଗ୍ନି ପ୍ରଜ୍ୱଳିତ ହେଉଥିବା ସମୟରେ ଅନ୍ୟ ଏକ ଚେତନା ମଧ୍ୟ ଦେଖାଦେଇଥିଲା । ଓଡ଼ିଆ ଭାଷୀ ଅଞ୍ଚଳକୁ ଏକତ୍ରିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ଆନ୍ଦୋଳନ ଆରମ୍ଭ ହେଲା । ୧୯୦୩ ଖ୍ରୀ: ଅ:ରେ କୁଳବୃଦ୍ଧ ମଧୁସୂଦନଙ୍କ ନେତୃତ୍ୱରେ ଗଠିତ ଉତ୍କଳ ସମ୍ମିଳନୀ ଏହି ଉଦ୍ଦେଶ୍ୟରେ ନିରନ୍ତର ଆନ୍ଦୋଳନ ଚଳାଇଲେ । ମଧୁସୂଦନଙ୍କ ବ୍ୟତୀତ ପଣ୍ଡିତ ଗୋପବନ୍ଧୁ, ଗୋଦାବରୀଶ, ରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ବଙ୍ଗ, ବିହାର ଓ ଆନ୍ଧ୍ର ପ୍ରଦେଶରେ ମିଶି ରହିଥିବା ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦଶ ଗଠନ କରାଗଲା । ୧୯୩୬ ଖ୍ରୀ: ଅ: ଏପ୍ରିଲ୍ ପହିଲାରୁ ଏହା କାର୍ଯ୍ୟକାରୀ କରାଗଲା ।

## ଅସହଯୋଗ ଆନ୍ଦୋଳନ (୧୯୨୦ ଖ୍ରୀ:ଅ:) :

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଚାଲିଥିବା ସମୟରେ, ସ୍ୱାଧୀନତା ସଂଗ୍ରାମ

ଜାତୀୟ ଭାବରେ ଖୋଲିଥିଲା । ୧୯୨୦ ଖ୍ରୀ: ଅ:ରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସମଗ୍ର ଭାରତରେ ଅସହଯୋଗ ଆନ୍ଦୋଳନର ଆରମ୍ଭ ହେଲା । ଉତ୍କଳମଣି ଗୋପବନ୍ଧୁଙ୍କ ସଭାପତିତ୍ୱରେ ଉତ୍କଳ କଂଗ୍ରେସ କମିଟି ଗଠିତ ହେଲା ଓ ଅସହଯୋଗ ଆନ୍ଦୋଳନର କର୍ମପନ୍ଥା ନିର୍ଦ୍ଧାରିତ କରାଗଲା । ୧୯୨୧ ଖ୍ରୀ: ଅ:ରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଭ୍ରମଣ ପରେ ଆନ୍ଦୋଳନ ତୀବ୍ରତର ହେଲା । ପ୍ରଥମ ପର୍ଯ୍ୟାୟରେ କଂଗ୍ରେସ ନେତାମାନେ ଜାତୀୟ ବିଦ୍ୟାଳୟ ସ୍ଥାପନ କରିବା, କଂଗ୍ରେସ ସଭ୍ୟ ସଂଖ୍ୟା ବୃଦ୍ଧି କରିବା ଓ 'ତିଳକ ସ୍ୱରାଜ୍ୟ ପାଣ୍ଠି' ପାଇଁ ଅର୍ଥ ସଂଗ୍ରହ କରିବା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ପୁରୀସ୍ଥିତ 'ସତ୍ୟବାଦୀ' ବିଦ୍ୟାଳୟ ଏକ ଜାତୀୟ ବିଦ୍ୟାଳୟ ଭାବରେ କାର୍ଯ୍ୟ କରୁଥିଲା, ଯାହାର ମୂଳ ଲକ୍ଷ୍ୟ ଥିଲା ଛାତ୍ରମାନଙ୍କ ମଧ୍ୟରେ ଜାତୀୟତା ଭାବରେ ସଞ୍ଚାର କରିବା । ସମ୍ବଲପୁର, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଓ ସୋରୋ ଆଦି ସ୍ଥାନରେ ନୂତନ ବିଦ୍ୟାଳୟମାନ ସ୍ଥାପନ କରାଗଲା । ଚମ୍ପଥପୁର ଉଚ୍ଚ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିବର୍ତ୍ତିତ କରାଗଲା । ଉତ୍କଳ ସ୍ୱରାଜ ଶିକ୍ଷା ପରିଷଦ ନାମରେ ଏକ ଜାତୀୟ ବିଶ୍ୱବିଦ୍ୟାଳୟ ମଧ୍ୟ ସ୍ଥାପନ କରାଗଲା । ବିଭିନ୍ନ ସ୍ଥାନରେ ତାଲିମ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇ ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟତା ଓ ସୂତାକଟା, ଲୁଗାବୁଣା ଆଦି କଂଗ୍ରେସ କାର୍ଯ୍ୟକ୍ରମ ସମ୍ପର୍କରେ ଶିକ୍ଷା ଦିଆଗଲା । ଛାତ୍ରମାନେ ସ୍କୁଲ୍ କଲେଜ ଛାଡ଼ି ଓକିଲ ଓ ମୁକ୍ତାରମାନେ କୋର୍ଟ ବର୍ଜନ କରି ଓ ସରକାରୀ କର୍ମଚାରୀମାନେ ନିଜ ନିଜ ପଦରୁ ଇସ୍ତଫା ଦେଇ ଆନ୍ଦୋଳନରେ ଅଂଶ ଗ୍ରହଣ କଲେ । କଟକରେ ସ୍ୱରାଜ ଆଶ୍ରମ ଓ ଜଗତସିଂହପୁରର ଅଳକାଶ୍ରମ କଂଗ୍ରେସ କାର୍ଯ୍ୟକ୍ରମର ପ୍ରାଣକେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲା । ଅସହଯୋଗ ଆନ୍ଦୋଳନ ଅନ୍ୟ ଦୁଇଟି ଆନ୍ଦୋଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରି ୧୯୨୪ ଖ୍ରୀ: ଅ:ରେ ଶେଷ ହୋଇଗଲା ।

## ଆଇନ ଅମାନ୍ୟ ଆନ୍ଦୋଳନ (୧୯୩୦ ଖ୍ରୀ:ଅ:)

୧୯୩୦ ଖ୍ରୀ: ଅ: ଫେବୃୟାରୀରେ ସାବରମତୀ ଆଶ୍ରମରେ କଂଗ୍ରେସ କାର୍ଯ୍ୟକାରିଣୀ ସଭାର ଅଧିବେଶନ ବସିଲା ଓ ଗାନ୍ଧୀଜୀଙ୍କୁ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଗଲା । ଲବଣ ସତ୍ୟାଗ୍ରହର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପରେ ୧୯୩୦ ଖ୍ରୀ: ଅ: ମାର୍ଚ୍ଚ ମାସରେ ଗାନ୍ଧୀଜୀ ତାଙ୍କର ଦାଣ୍ଡିଯାତ୍ରା ଆରମ୍ଭ କଲେ । ସେହି . ସମୟରେ ହରେକୃଷ୍ଣ ମହତାବ, ସୁରେନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ଲବଣ ସତ୍ୟାଗ୍ରହ ଆରମ୍ଭ କରାଗଲା । ଏପ୍ରିଲ୍ ୬ ତାରିଖ ଦିନ ୨୧ ଜଣ କଂଗ୍ରେସ ସ୍ୱେଚ୍ଛାସେବୀଙ୍କୁ ନେଇ ଆଚାର୍ଯ୍ୟ ହରିହର ଦାସ, ବାଲେଶ୍ୱରର ଇଞ୍ଚୁଡ଼ିଠାରେ ପ୍ରଥମେ ଲୁଣ ମାରିବା ଆରମ୍ଭ କଲେ । ଦ୍ୱିତୀୟ ଦଳ ଏପ୍ରିଲ୍ ୯ ତାରିଖ, ତୃତୀୟ ଦଳ ଏପ୍ରିଲ୍ ୧୩ ତାରିଖ ଏବଂ ଚତୁର୍ଥ ଓ ପଞ୍ଚମ ଦଳ ଏପ୍ରିଲ୍ ୧୬ ତାରିଖରେ ଏହି ସତ୍ୟାଗ୍ରହରେ ଅଂଶ ଗ୍ରହଣ କରିଥିଲେ । ରମାଦେବୀ, ଅନ୍ନପୂର୍ଣ୍ଣା ଦେବୀ, ସରଳା ଦେବୀ, ଗୋପବନ୍ଧୁ ଚୌଧୁରୀ, ଅଟଳ ବିହାରୀ ଆଚାର୍ଯ୍ୟ, ଗୋବିନ୍ଦ ମିଶ୍ର ଓ ହରେକୃଷ୍ଣ ମହତାବ ଆଦି ଲବଣ ସତ୍ୟାଗ୍ରହର କର୍ଣ୍ଣଧାର ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ କାରାବରଣ କଲେ । ବାଲେଶ୍ୱରରୁ ଆରମ୍ଭ ହୋଇ କସବା, ବସ୍ତା, ଅସ୍ତରଙ୍ଗ, ଜଦୁଖ, ମରିଚପୁର ଓ କୁଜଙ୍ଗକୁ ଏହି ଆନ୍ଦୋଳନ ବ୍ୟାପିଯାଇଥିଲା ।

ଆନ୍ଦୋଳନ ଓ ସତ୍ୟାଗ୍ରହରେ ବ୍ୟତିବ୍ୟସ୍ତ ହୋଇ ବ୍ରିଟିଶ୍ ସରକାର କଂଗ୍ରେସକୁ ବେଆଇନ୍ ଘୋଷଣା କରି କଂଗ୍ରେସ୍ କାର୍ଯ୍ୟାଳୟରେ ତାଲାବନ୍ଦ୍ କରିବାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭାମାନ ଅନୁଷ୍ଠିତ ହେବାକୁ ଲାଗିଲା । ଲୋକମାନଙ୍କ ନିକଟରେ ଆନ୍ଦୋଳନର ସମ୍ବାଦ ପହଞ୍ଚାଇବା ନିମିତ୍ତ ଏବଂ ସେମାନଙ୍କ ମଧ୍ୟରେ ଚେତନା ସୃଷ୍ଟି କରି ଆନ୍ଦୋଳନକୁ ତୀବ୍ରତର କରିବା ନିମିତ୍ତ ସେହି ସମୟରେ 'ସମାଜ', 'ପ୍ରଜାତନ୍ତ୍ର' ଓ 'ସତ୍ୟ ସମାଚାର' ଆଦି ସମ୍ବାଦପତ୍ରଗୁଡ଼ିକ କାର୍ଯ୍ୟ କରୁଥିଲେ ।

ଲବଣ ସତ୍ୟାଗ୍ରହ ବ୍ୟତୀତ, ବିଦେଶୀ ବସ୍ତ୍ର ବର୍ଜନ, ବିଦେଶୀ ଜିନିଷ ବର୍ଜନ, ଚୌକିଦାରୀ ଟିକସ ବନ୍ଦ, ଖଜଣା ବିରୋଧୀ ପ୍ରଚାର, ମଦ ଦୋକାନ ସାମ୍ନାରେ ପିକେଟିଂ, ଅବକାରୀ ଲାଇସେନ୍ସ ନିଲାମ ବିରୁଦ୍ଧରେ ପ୍ରଚାର, କାଠ ଓ ଗୋ-ଚାରଣ ଭୂମି ଉପରେ ସରକାରଙ୍କର ନିୟନ୍ତ୍ରଣ ଲଙ୍ଘନ ଏବଂ ସରକାରଙ୍କର ଜଙ୍ଗଲ ନିୟମ ବିରୁଦ୍ଧରେ ସତ୍ୟାଗ୍ରହ ଆଦି ଅସହଯୋଗ ଓ ଆଇନ ଅମାନ୍ୟ ଆନ୍ଦୋଳନର ଅନ୍ତର୍ଭୁକ୍ତ ଥିଲା । ବ୍ୟବସାୟୀ ଗୋଷ୍ଠୀ, ମଧ୍ୟବିତ୍ତ ଶ୍ରେଣୀ, କୃଷକ ଓ ସମାଜର ଅନ୍ୟ ସବୁ ଶ୍ରେଣୀର ଲୋକ ସ୍ୱେଚ୍ଛାକୃତ ଭାବରେ ଆନ୍ଦୋଳନରେ ଭାଗ ନେଇଥିଲେ ।

## ଗଡ଼ଜାତ ବିଦ୍ରୋହର ପୁନରାବୃତ୍ତି :

ଓଡ଼ିଶାର ଅସହଯୋଗ ଆନ୍ଦୋଳନ ଚାଲିଥିବା ସମୟରେ ଗଡ଼ଜାତ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ଜାଗରଣ ଦେଖାଦେଇଥିଲା । ୧୯୦୧ ଖ୍ରୀ: ଅ:ରୁ ୧୯୩୨ ଖ୍ରୀ: ଅ: ଯାଏ ଏହି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବାରମ୍ବାର ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଦେଖାଦେଲା । ୧୯୧୧ ଖ୍ରୀ: ଅ:ରୁ ୧୯୨୮ ଖ୍ରୀ: ଅ: ମଧ୍ୟରେ ବାମରାଠାରେ ବର୍ଦ୍ଧିତ ଭୂ-ରାଜସ୍ୱ, ଦୋଷଯୁକ୍ତ ଜମିଜମା ବନ୍ଦୋବସ୍ତ ବିରୁଦ୍ଧରେ ପାଞ୍ଚଥର ଜନ ବିକ୍ଷୋଭ ହୋଇଥିଲା । ତାଳଚେରରେ ମଧ୍ୟ ୧୯୧୧ ଖ୍ରୀ: ଅ:ରୁ ୧୯୨୮ ଖ୍ରୀ: ଅ: ମଧ୍ୟରେ ତିନିଥର ବିଦ୍ରୋହର ସୂତ୍ରପାତ ହୋଇଥିଲା । ସବୁଠାରୁ ଭୟଙ୍କର ଥିଲା ୧୯୧୪ ଖ୍ରୀ: ଅ:ର କନ୍ଧ ବିଦ୍ରୋହ, ଯାହା କି ଦଶପଲ୍ଲାଠାରେ ସୃଷ୍ଟି ହୋଇଥିଲା । ୧୯୧୭ ଖ୍ରୀ: ଅ:ରେ ମୟୂରଭଞ୍ଜ, ୧୯୨୨ ଖ୍ରୀ: ଅ:ରେ ଢେଙ୍କାନାଳ ଓ ୧୯୨୮ ଖ୍ରୀ: ଅ:ରେ ନୀଳଗିରି, ବିଦ୍ରୋହରେ ବିକ୍ଷୁବ୍ଧ ହୋଇ ଉଠିଥିଲା ।

୧୯୩୮ ଖ୍ରୀ: ଅ:ରେ ସମାଜବାଦୀ ନେତାମାନଙ୍କ ଅଧିକ୍ଷତାରେ ନୀଳଗିରି, ନୟାଗଡ଼ ଓ ରଣପୁରରେ ଜାତୀୟ ଆନ୍ଦୋଳନ ତୀବ୍ରତର କରାଗଲା । ପରବର୍ତ୍ତୀ ସମୟରେ ଏହା ଢେଙ୍କାନାଳ, ଅନୁଗୋଳ ଓ ତାଳଚେରକୁ ବ୍ୟାପିଯାଇଥିଲା ।

## ଭାରତ ଛାଡ଼ ଆନ୍ଦୋଳନ :

୧୯୪୨ ଖ୍ରୀ: ପରେ କଂଗ୍ରେସ୍ କମିଟିର ୱାର୍ଦ୍ଧା ସମ୍ମିଳନୀ ପରେ ମୌଲାନା ଆବୁଲ୍ କାଲାମ୍ ଆଜାଦ୍ ଘୋଷଣା କଲେ, ଭାରତର ସ୍ୱାଧୀନତା ଲାଭ ଯାଏ, ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅବ୍ୟାହତ ରହିବ। ଭାରତ ଛାଡ଼ ଆନ୍ଦୋଳନର ଅବ୍ୟବହିତ ପୂର୍ବରୁ ଅଗଷ୍ଟ ୯ ତାରିଖ ଦିନ ଭାରତର ସମସ୍ତ କଂଗ୍ରେସ ନେତାଙ୍କୁ ଗିରଫ କରି ଜେଲ୍‌ରେ ରଖା ଦିଆଗଲା। ଓଡ଼ିଶାର ନେତୃବୃନ୍ଦଙ୍କୁ ମଧ୍ୟ ଗିରଫ କରି ନିଆଗଲା। ତଥାପି ଗାନ୍ଧିଜୀଙ୍କ ନିର୍ଦ୍ଦେଶକ୍ରମେ ଲୋକମାନେ ନିଜେ ନିଜର ନେତା ରୂପେ ଆନ୍ଦୋଳନ ଚଳାଇଲେ। ସୁରେନ୍ଦ୍ରନାଥ ଦ୍ୱିବେଦୀ ଜନସାଧାରଣଙ୍କୁ ଆନ୍ଦୋଳନର ବିଭିନ୍ନ ପନ୍ଥା ଓ କଂଗ୍ରେସ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିର୍ଦ୍ଦେଶ ଦେଲେ ଏବଂ 'କଂଗ୍ରେସ ବାର୍ତ୍ତା' ଓ 'ସତ୍ୟ ସମ୍ବାଦ' ପ୍ରକାଶ କରି ଆନ୍ଦୋଳନକୁ ଅବ୍ୟାହତ ରଖିଲେ। ସମାଜବାଦୀ ନେତାମାନଙ୍କ ସହିତ, କମ୍ୟୁନିଷ୍ଟ, ଫରୱାର୍ଡ ବ୍ଲକ୍ ଓ ଛାତ୍ର ନେତାମାନେ ହାତ ମିଳାଇଲେ। ଷ୍ଟ୍ରାଇକ୍, ହରତାଳ, ପ୍ରତିବାଦ ସଭା ଓ ଉତ୍ତେଜକ ପ୍ରାଚୀରପତ୍ରର ପ୍ରଚାରରେ ସମଗ୍ର ଓଡ଼ିଶା ସରଗରମ ହୋଇ ଉଠିଲା। ଲୋକମାନେ ଖଜଣା ଦେବାକୁ ମନାକଲେ। ଟେଲିଗ୍ରାଫ୍ ଓ ରେଳ ଲାଇନ୍ କାଟି ଦିଆଗଲା। ସରକାରୀ କର୍ମଚାରୀମାନଙ୍କୁ ଚାକିରି ଛାଡ଼ିବାକୁ ବାଧ୍ୟ କରାଗଲା। ଯେଉଁମାନେ ଚାକିରି ନଛାଡ଼ିଲେ, ସେମାନଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥ ନଯୋଗାଇବା ପାଇଁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଗଲା, ଶହ ଶହ ଲୋକ ସରକାରୀ କାର୍ଯ୍ୟାଳୟ ଛାଡ଼ି ଓ ଛାତ୍ରମାନେ ସ୍କୁଲ୍ କଲେଜ୍ ଛାଡ଼ି ଆନ୍ଦୋଳନରେ ଯୋଗ ଦେଲେ। ହଜାର ହଜାର ଲୋକ କାରାବରଣ କଲେ।

କୋରାପୁଟରେ ଏହି ଆନ୍ଦୋଳନ ଭୟଙ୍କର ହିଂସାତ୍ମକ ରୂପ ଧାରଣ କଲା। ସରକାରୀ ଅନୁଷ୍ଠାନଗୁଡ଼ିକୁ ବିଦ୍ରୋହୀମାନେ ଧ୍ୱଂସ କରିଦେଲେ। କୋରାପୁଟ ବିଦ୍ରୋହୀ ନେତା ଲ... ନାୟକଙ୍କୁ ୧୯୪୩ ଖ୍ରୀ: ଅ: ଅଗଷ୍ଟ ୨୯ ତାରିଖରେ ଫା... ଦିଆଗଲା ଏବଂ ତାଙ୍କର ସମର୍ଥକମାନଙ୍କୁ ଜେଲ୍ ଦଣ୍ଡରେ ଦଣ୍ଡି... କରାଗଲା।

ଭାରତ ଛାଡ଼ ଆନ୍ଦୋଳନ ବା ଅଗଷ୍ଟ ବିପ୍ଳବ ସାରା ଓଡ଼ିଶାର... ବ୍ୟାପିବାକୁ ଲାଗିଲା। କୋରାପୁଟ, କଟକ, ବାଲେଶ୍ୱର... ତାଳଚେର, ଆଠଗଡ଼, ନୟାଗଡ଼, ଢେଙ୍କାନାଳ ଆଦି ସ୍ଥାନରେ ଭ... ଭୟଙ୍କର ରୂପ ଧାରଣ କଲା। ବାଲେଶ୍ୱରର ଇରମ୍, ଖୈରା... ଖାଇରଡିହ, ପୁରୀର ନିମାପଡ଼ା, କୋରାପୁଟର ମାଥିଲି ଆଦି ଅନ୍ୟ... ଅନେକ ସ୍ଥାନରେ ଇଂରେଜ ସରକାରଙ୍କ ନିର୍ଦ୍ଦେଶମତେ ପ୍ରକା... ଗୁଳିଗୋଳା କରାଯାଇ ଶହ ଶହ ବିଦ୍ରୋହୀଙ୍କୁ ହତ୍ୟା କରାଯି... ପରେ ମଧ୍ୟ ଏହି ବିପ୍ଳବ ଶାନ୍ତ ହୋଇନଥିଲା, ବରଂ ଅଧିକ ତୀବ୍ର... ହୋଇଥିଲା। ଅନେକ ସ୍ଥାନରେ ହିଂସାକାଣ୍ଡ ମଧ୍ୟ ଘଟିଥିଲା... ୧୯୪୩ ଖ୍ରୀ: ଅ: ମଧ୍ୟଭାଗରେ ହିଁ ଗାନ୍ଧିଜୀଙ୍କ ଇଚ୍ଛାନୁଯାୟୀ ଏ... ଆନ୍ଦୋଳନର ଅବସାନ ହୋଇଥିଲା।

୧୯୪୫ ମସିହା ଶେଷ ଭାଗରେ ଭାରତର ସ୍ୱାଧୀନତା ସଂଗ୍ରା... ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିଲା। ବ୍ରିଟିଶ୍ ସରକା... ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଜେଲ୍‌ରୁ ଖଲାସ କରିଦେଲେ, ଫଳ... ଓଡ଼ିଶାର ନେତାମାନେ ଓ କର୍ମୀମାନେ ମୁକ୍ତ ହେଲେ। କ୍ଷମତା ହସ୍ତାନ୍ତର ପାଇଁ ବ୍ରିଟିଶ୍ ସରକାର ଓ କଂଗ୍ରେସ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ଭିତରେ ଆଲୋଚନା ଚାଲିଲା। ପରିଶେଷରେ ୧୯୪୭ ଖ୍ରୀ: ଅ: ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନ ହେଲା ଭାରତ। ଦେଢ଼ ଶତାବ୍ଦୀରୁ ଅଧିକ ସମୟ ଧରି ଓଡ଼ିଶାରେ ଲାଗି ରହିଥିବା ଇଂରେଜ ବିରୋଧୀ ସଂଘର୍ଷର ପରିସମାପ୍ତି ଘଟିଲା।



ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ 'ଉପେନ୍ଦ୍ର ଭଞ୍ଜ ପୁରସ୍କାର ପ୍ରଦାନ' ଉତ୍ସବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି। ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉପସ୍ଥିତ ଅଛନ୍ତି (୨୫/୭)।

# ଆମ ପରିବେଶ, ଆମ ସମସ୍ୟା

• ବସନ୍ତ କୁମାର ବେହୁରା

ପୃଥିବୀ ଆମର ବାସଭୂମି । ପୃଥିବୀ ଉପରେ ନୀଳ ଆକାଶ । ଏଥିରେ ଭରି ରହିଛି ବାୟୁ । ସମୁଦ୍ରରେ ଅଗାଧ ଜଳ ପାଦତଳେ ମାଟି । ଆମେ ଭୂମିଷ୍ଠ ହେଉ, ନାଚୁ, କୁଦୁ, ଘର ସଂସାର କରୁ ଓ ପ୍ରକୃତିର ନିୟମ ଅନୁସାରେ ଦିନେ ଡାକ ଆସିଲେ, ଆମର ଅସ୍ତିତ୍ୱ ଲୋପ ପାଏ, ମାଟିର ଶରୀର ମାଟିରେ ମିଳାଇ ଯାଏ । ବାୟୁ, ଜଳ ଓ ଭୂମି-ଏ ସମସ୍ତ ଆମର ବଞ୍ଚି ରହିବା ପାଇଁ ଅପରିହାର୍ଯ୍ୟ । ଏମାନେ ଗଠନ କରନ୍ତି ଆମର ବାହ୍ୟ ପରିବେଶ । ଧରାପୃଷ୍ଠରେ ଆମେ ଦେଖୁ ଉଦ୍ଭିଦ ଓ ପ୍ରାଣୀ । ଆମର ଜୀବିତ ପରିବେଶ ଦୃଶ୍ୟ ଓ ଅଦୃଶ୍ୟ ଅଗଣିତ ବୃକ୍ଷଲତା ଓ ପ୍ରାଣୀମାନଙ୍କୁ ନେଇ ଗଠିତ । ସଭ୍ୟ ମନୁଷ୍ୟ ଅସଂଖ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ଜାତିର ପ୍ରାଣୀ । ମଣିଷ ନିଜର ସୁବିଧା ପାଇଁ କ୍ଷେତ, ବାଡ଼ି ବଗିଚା ତିଆରି କରେ । ସେ ସବୁ ମଣିଷ ଗଢ଼ା ପରିବେଶ, ପ୍ରାକୃତିକ ପରିବେଶ ନୁହେଁ । ଭୂମି ଖୋଳିଲେ ମିଳେ ଖଣିଜ ପଦାର୍ଥ, କୋଇଲା ଓ ତୈଳ । ଏସବୁକୁ ଶେଷ ସରିଲେ ପୁଣି ଥରେ ଗଢ଼ି ପାରିବ ନାହିଁ । ଏ ସବୁ କୋଟି କୋଟି ବର୍ଷ ପୂର୍ବେ ପୃଥିବୀର ଅଭ୍ୟନ୍ତର ଓ ଧରାପୃଷ୍ଠର ଆଲୋଡ଼ନ ଫଳରେ ଗଠିତ ହୋଇଥିଲା ।

ଅପର ପକ୍ଷରେ, ମୃତ୍ତିକା, ଜଳ, ଜଙ୍ଗଲ, ସବୁଜ ଉଦ୍ଭିଦ ଓ ପ୍ରାଣୀଜଗତର ପୁନର୍ନବୀକରଣ ବା ପୁନରାରମ୍ଭ ହୋଇଥାଏ । ଆଜି ଯେଉଁଠି ଭୂମି ଟାଙ୍ଗରା ସେଠି କାଳକ୍ରମେ ଗଢ଼ି ଉଠେ ଘନ ଜଙ୍ଗଲ; ଆଜି ଯେଉଁଠି ଗଭୀର ଜଙ୍ଗଲ, ସେଠି କାଳର ଗତିରେ ଦେଖିବାକୁ ମିଳେ ଶୁଷ୍କ ମରୁଭୂମି । ଆଜି ଯେଉଁଠି ସୁଉଚ୍ଚ ପର୍ବତମାଳା ସେଠି ହୁଏତ ଗଠିତ ହୁଏ ଗଭୀର ସାଗର । ଆଜି ଯେଉଁଠି ଅରଣ୍ୟାନୀ, ବନପ୍ରାଣୀ କ୍ଷେତ ବାଡ଼ି ମନୁଷ୍ୟ ବସତିରେ ଜୀବନ — ସ୍ରୋତର ଲହରୀ ଛୁଟିଛି, କାଳକ୍ରମେ ସେଠି ଗଢ଼ି ଉଠେ ଧ୍ୱଂସ ସ୍ତୂପ । ପ୍ରକୃତିର ଭଙ୍ଗା ଗଢ଼ା ଭିତରେ ସେସବୁ ଅନବରତ ହୁଏ, ପୁନରାରମ୍ଭ ହୁଏ, ପୁନର୍ନବୀକରଣ ହୁଏ । ଯେଉଁଠି ଦିନେ ବିଶାଳ ସିନ୍ଧୁ ସଭ୍ୟତା ଗଢ଼ି ଉଠିଥିଲା, ଆଜି ସେଠାରେ ତା'ର ଭଗ୍ନାବଶେଷ ପ୍ରତ୍ନତତ୍ତ୍ୱର ମୂକସାକ୍ଷୀ ରୂପେ ଜୀବନହୀନ ଭାବେ ପଡ଼ି ରହିଛି ।

## ପ୍ରାକୃତିକ ଭାରସାମ୍ୟ

ପ୍ରାକୃତିକ ଭଙ୍ଗାଗଢ଼ା ଭିତରେ ସବୁବେଳେ ଭାରସାମ୍ୟ ରହିଥାଏ । ମନୁଷ୍ୟ ନିଜର ସୁଖ ସୁବିଧା ପାଇଁ ଯେଉଁ ପ୍ରାକୃତିକ ନିୟମସବୁକୁ ଲଂଘନ କରେ, ସେସବୁର ଫଳ ତାକୁହିଁ ଭୋଗିବାକୁ ହୁଏ । ପ୍ରକୃତିର ନିୟମ ଅତି ବିଚିତ୍ର । ବୈଜ୍ଞାନିକ ମନୁଷ୍ୟ ସେ ସବୁକୁ ଯେ ନିର୍ଭୁଲ ଭାବେ ବୁଝି ପାରିଛି ଏହା କହି ପାରିବ ନାହିଁ । ସଭ୍ୟ ମନୁଷ୍ୟ ଅଧିକ ସଭ୍ୟ ହେବାକୁ, ଅଧିକ ସ୍ୱାଚ୍ଛନ୍ଦ୍ୟରେ ବାସ କରିବା ପାଇଁ ପ୍ରାକୃତିକ ନିୟମ ସହିତ ହସ୍ତକ୍ଷେପ କରିବା ଫଳରେ ପରିଣାମ ହୁଏ ବିଷମୟ । ଏଇଥିଲାଗି ବହୁ ସଭ୍ୟତା ସର୍ବୋଚ୍ଚ ଶିଖରରେ ପହଞ୍ଚି ତିଷ୍ଠି ନପାରି କାଳର କରାଳ କବଳରେ ପଡ଼ିଛନ୍ତି । କାହିଁ ଆଜି ବିଶ୍ୱବିଦିତ ମିଶରୀୟ ସଭ୍ୟତା, ସୁମେରୀୟ ସଭ୍ୟତା ଓ ମାୟା ସଭ୍ୟତା ?

ପୃଥିବୀର ଜନ୍ମ ଯେବଠାରୁ ହେଲାଣି, ସେଇ ଦିନରୁ ତା'ର ପ୍ରାକୃତିକ ପରିବେଶ ପରିବର୍ତ୍ତିତ ହେବାରେ ଲାଗିଛି । ମନୁଷ୍ୟର ଉତ୍ପତ୍ତି ଏବର । ମାତ୍ର ପ୍ରାୟ ୨୮ ଲକ୍ଷ ବର୍ଷ ପୂର୍ବେ ମନୁଷ୍ୟର ଉତ୍ପତ୍ତି ହୋଇଛି । ଅସଭ୍ୟ ଭ୍ରାମ୍ୟମାଣ ଶିକାରୀ ମଣିଷ ପ୍ରଥମ କରି କୃଷି ବାସ ଆରମ୍ଭ କଲା ୧୬,୦୦୦ ବର୍ଷ ତଳେ । ସେଇଠୁ ଆରମ୍ଭ ହେଲା, ମନୁଷ୍ୟ ଦ୍ୱାରା ପରିବେଶର ଭଙ୍ଗା ଗଢ଼ା । ପ୍ରକୃତି ତା'ର ଜଟିଳ ନିୟମରେ ଭଙ୍ଗା ଗଢ଼ା କରେ । ମାତ୍ର ମନୁଷ୍ୟ କେବଳ ସୁଖ ସୁବିଧା ପାଇଁ ପ୍ରକୃତିର ବିଭିନ୍ନ ବସ୍ତୁକୁ ନିଜ ପଞ୍ଝାରେ ଲଗାମ ପକାଇ ନିଜର ଉପଭୋଗ ପାଇଁ ଏଯାଏଁ ଚେଷ୍ଟା କରି ଆସିଛି । ସେ ଭାବି ନାହିଁ, ସେ ଯେଉଁ ପରିବେଶ ମଧ୍ୟରେ ବାସ କରେ, ତାକୁ ପରିବର୍ତ୍ତନ ବା ଧ୍ୱଂସ କଲେ ଫଳ କ'ଣ ହେବ ।

## ବଣ କାଟି ବସତି ସ୍ଥାପନ

ଗୋଟିଏ ଉଦାହରଣ ନେବା । ମନୁଷ୍ୟ ଜଙ୍ଗଲ କାଟି କ୍ଷେତ ଓ ବସତି ସ୍ଥାପନ କରେ । ସେଠି କାଳକ୍ରମେ ଏକ ସଭ୍ୟତା ଗଢ଼ି ଉଠେ । ତା' ପରେ ? ତା' ପରେ ସେଠି ଦିନେ ଦେଖା ଦିଏ

ମରୁଭୂମି । ପ୍ରକୃତି ତା' ନିୟମରେ ଆଜି ଏଠି ଜଙ୍ଗଲ, କାଲି ସେଠି ମରୁଭୂମି ଗଢୁଥାଏ । ମାତ୍ର ମନୁଷ୍ୟ ଜଙ୍ଗଲଟିଏ କାଟି ସଫା କରିଦିଏ ସିନା, ଅନ୍ୟତ୍ର ଆଉ ଗୋଟିଏ ଜଙ୍ଗଲ ଗଢ଼ି ତୋଳିବା କଥା ଚିନ୍ତା କରେ ନାହିଁ । ଭାବିଲେ ମଧ୍ୟ, ଯେଉଁ ଜଙ୍ଗଲ କାଟି ସଫା କରିଦିଏ, ସେଭଳି ପ୍ରାକୃତିକ ଜଙ୍ଗଲ ଗଢ଼ିବା ପାଇଁ କ୍ଷମତା ବହିର୍ଭୂତ । ଆଜି ଯେଉଁ ଜଙ୍ଗଲଟି କାଟି ସଫା କରିଦେଲା, ସେଠାରେ ବା ଅନ୍ୟତ୍ର ସେ ବୃକ୍ଷରୋପଣ କରି ଜଙ୍ଗଲ ତିଆରି କରିପାରେ, ମାତ୍ର ପୂର୍ବର ବୃକ୍ଷଲତା, ଜୀବଜନ୍ତୁ ସେଠି ଦେଖିବାକୁ ମିଳେନା । ମନୁଷ୍ୟ ତା'ର ଧ୍ୱଂସକ୍ରିୟା ବଳରେ ଗୋଟିଏ ଉଦ୍ଭିଦ ବା ପ୍ରାଣୀର ବଂଶଲୋପ କରି ଦେଇ ପାରେ, ମାତ୍ର ଗୋଟିଏ ନୂଆ ଜାତିର ଉଦ୍ଭିଦ ବା ପ୍ରାଣୀ ସୃଷ୍ଟି କରିପାରିବାର କ୍ଷମତା ତା'ର ନାହିଁ ।

ପ୍ରାକୃତିକ ପରିବେଶକୁ ଧାରାବାହିକ ଭାବେ, କ୍ରମାଗତ ଧ୍ୱଂସ ଓ ଦୂଷିତ କରିବା ଫଳରେ ଆଜି ଏକ ବିଷମ ସମସ୍ୟା ଉପୁଜିଛି । ମଣିଷ ବାସ କରୁଥିବା ପରିବେଶ ଆଜି ଅତ୍ୟନ୍ତ ଦୂଷିତ ହୋଇ ଉଠିଛି । ମୃତ୍ତିକା, ଜଳ, ବାୟୁ ଓ ଖାଦ୍ୟ ପଦାର୍ଥ–ସମସ୍ତ ଦୂଷିତ ହେବାରେ ଲାଗିଛି ।

## ସ୍ଥଳ

ପୃଥିବୀ ବିରାଟ ହେଲେ ମଧ୍ୟ ତା'ର ସ୍ଥଳଭାଗ ସୀମିତ । ପୃଥିବୀର ଶତକଡ଼ା ପ୍ରାୟ ୭୦ ଭାଗ ଜଳ ଓ ୩୦ ଭାଗ ସ୍ଥଳ । ମୋଟ ସ୍ଥଳଭାଗର ଶତକଡ଼ା ୮୨ ଭାଗ ମନୁଷ୍ୟର ବାସ ପାଇଁ ଉପଯୋଗୀ, ବାକୀ ଅଂଶ ଗିରି ତୁଷାରାବୃତ ମେରୁ ଅଞ୍ଚଳ, ମରୁଭୂମି, ପର୍ବତ ଓ ଅନ୍ୟ କାରଣରୁ ମନୁଷ୍ୟର ବାସ ପାଇଁ ଉପଯୁକ୍ତ ନୁହେଁ । ଦେଖିବାକୁ ଗଲେ, ପୃଥିବୀ ଉପରି ଭାଗର ଶତକଡ଼ା ମାତ୍ର ୨୩-୨୭ ଭାଗରେ ମନୁଷ୍ୟ ବସବାସ କରିପାରେ । ଏଇ ସ୍ଥାନ ଆମର କୃଷି, ବାସ, ଜୀବଜନ୍ତୁ ଓ କଳକାରଖାନା ପାଇଁ ବ୍ୟବହୃତ ହୋଇପାରେ । ଏଣେ ଜନସଂଖ୍ୟା ଅତି ଦ୍ରୁତ ଗତିରେ ବଢ଼ି ଚାଲିଛି । ଦୁଇହଜାର ଖ୍ରୀଷ୍ଟାବ୍ଦ ବେଳକୁ ପୃଥିବୀର ଜନସଂଖ୍ୟା ଅନ୍ତତଃ ପକ୍ଷେ ହୋଇଥିବ ସାତଶହ କୋଟି ଓ ଭାରତର ଜନସଂଖ୍ୟା ଏକଶହ କୋଟିରୁ ଅଧିକ ।

ପ୍ରାକୃତିକ ନିୟମ ଅନୁସାରେ ସ୍ଥଳଭାଗର ଅନ୍ତତଃ ଏକ ତୃତୀୟାଂଶ ଜଙ୍ଗଲ ହେବା ଆବଶ୍ୟକ । ଏବେ ପୃଥିବୀର ସ୍ଥଳଭାଗରେ ଯେତିକି ଜଙ୍ଗଲ ରହିବା କଥା ତାହା ନାହିଁ । କାରଣ, ଜନସଂଖ୍ୟାର ବୃଦ୍ଧି ସଙ୍ଗେ ସଙ୍ଗେ, ଜଙ୍ଗଲ ସଫା କରିବା ଆବଶ୍ୟକ ପଡୁଛି । ପୃଥିବୀର ସ୍ଥଳଭାଗର ଶତକଡ଼ା ୨୯-୫ ଭାଗ ଜଙ୍ଗଲାବୃତ । ଆମ ଭାରତରେ ଏ ଅବସ୍ଥା ଆହୁରି ମନ୍ଦ । ଭାରତର ସ୍ଥଳଭାଗର ଶତକଡ଼ା ୨୨-୮ ଭାଗ ଜଙ୍ଗଲ କ୍ରମଶଃ କମିବାରେ ଲାଗିଛି ।

ପ୍ରଶ୍ନ ଉଠେ, ଆଜିର ପଲାଷ୍ଟିକ ଯୁଗରେ ଜଙ୍ଗଲ ରଖି କ'ଣ ହେବ ? ଜଙ୍ଗଲର ଆବଶ୍ୟକତାକୁ ଆମେ ଦୁଇଟି ଦିଗରୁ ବିଚାର କରି ପାରିବା । ଯଥାଃ–(୧) ଉତ୍ପାଦନ ଓ (୨) ଆଶ୍ରୟ ।

ଉତ୍ପାଦନ ଦୃଷ୍ଟିକୋଣରୁ ବିଚାର କଲେ, ଭାରତର ଜଙ୍ଗଲରେ ପ୍ରାୟ ପାଞ୍ଚଶହ ବିଭିନ୍ନ ଜାତିର ଗଛ ଅଛି ଯାହା ଆମେ କାଠ ଭାବେ ବ୍ୟବହାର କରୁ । ଆଉ ସେଥିରୁ ପ୍ରାୟ ୪୫୦ ବିଭିନ୍ନ ଜାତିର କାଠ ବାଣିଜ୍ୟ ଦୃଷ୍ଟିରୁ ମୂଲ୍ୟବାନ । ଆମ ଜାତୀୟ ଆୟର ଶତକଡ଼ା ପ୍ରାୟ ୨-୭ ଭାଗ ମିଳେ ଜଙ୍ଗଲରୁ । ଟଙ୍କା ହିସାବରେ ଏହାର ପରିମାଣ ହେବ ୬୨୫ କୋଟି ଟଙ୍କାରୁ ଅଧିକ ।

ଏଥର ବିଚାର କରିବା ଜଙ୍ଗଲ ଆମକୁ କିପରି ଆଶ୍ରୟଦିଏ ଓ ରକ୍ଷା କରେ ।

(୧) **ବାୟୁର ଗ୍ୟାସ ନିୟନ୍ତ୍ରଣ**–ବାୟୁ ଆମର ଜୀବନ । ସମସ୍ତ ସବୁଜ ଉଦ୍ଭିଦ ଓ ସମସ୍ତ ପ୍ରକାର ଜୀବଜନ୍ତୁ ଶ୍ୱାସକ୍ରିୟା ପାଇଁ ବାୟୁରୁ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ବାୟୁକୁ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ ଛାଡ଼ି ଦିଅନ୍ତି । ଆମେ ଜାଣୁ ବାୟୁରେ ଶତକଡ଼ା ୭୮ ଭାଗ ନାଇଟ୍ରୋଜେନ୍, ୨୧ ଭାଗ ଅମ୍ଳଜାନ, ୦-୦୩ ଭାଗ ଅଙ୍ଗାରକାମ୍ଳ ଗ୍ୟାସ ଓ ଅନ୍ୟାନ୍ୟ ପଦାର୍ଥ ୦-୯୭ ଭାଗ । ବଡ଼ ବଡ଼ ସହରରେ ଲୋକବାକଙ୍କ ଶ୍ୱାସକ୍ରିୟା ଓ ଯାନ୍ତ୍ରିକ ଯାନବାହାନରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ଦୂଷିତ ଗ୍ୟାସ ଏବଂ ସହରର ଧୂଳି ଓ ସହର ନିକଟସ୍ଥ କଳକାରଖାନାରୁ ନିର୍ଗତ ଦୂଷିତ ଗ୍ୟାସ ଯୋଗୁଁ କିପରି ଅସ୍ୱସ୍ତି ଲାଗେ ତାହା କାହାକୁ ଅଜଣା ? ମାତ୍ର ବାୟୁରେ ଅଙ୍ଗାରକାମ୍ଳର ପରିମାଣ ମାରାତ୍ମକ ଭାବେ ବଢ଼ି ଯାଇ ଯେପରି ଜୀବଜଗତର କାଳ ନ ହେବ ସେଥିପାଇଁ ପ୍ରକୃତି ଏକ ସୁନ୍ଦର ବ୍ୟବସ୍ଥା ଖଞ୍ଜିଛି । ସବୁଜ ଉଦ୍ଭିଦ ଦିବାଲୋକରେ ସୂର୍ଯ୍ୟକିରଣ ସାହାଯ୍ୟରେ ବାୟୁର ଦୂଷିତ ଅଙ୍ଗାରକାମ୍ଳ ଗ୍ୟାସକୁ ଗ୍ରହଣ କରି ତା'ର ଖାଦ୍ୟ ପ୍ରସ୍ତୁତ କରେ ଏବଂ ଏହି ପ୍ରକ୍ରିୟାରେ ବାୟୁକୁ ଅମ୍ଳଜାନ ଛାଡ଼ିଦିଏ ।ରୋଗିର ପ୍ରାଣ ଛାଡ଼ି ଯାଉଥିଲା ବେଳେ ତାକୁ ବଞ୍ଚାଇ ରଖିବାକୁ ଆବଶ୍ୟକ ହୁଏ ଅକ୍ସିଜେନ ବା ଅମ୍ଳଜାନ । ସହରମାନଙ୍କରେ ସରକାର, କର୍ପୋରେଶନ ବା ମ୍ୟୁନିସିପାଲିଟି ଅର୍ଥ ବ୍ୟୟ କରି କାହିଁକି ରାସ୍ତା କଡ଼ରେ ଗଛ ଲଗାନ୍ତି ଓ ପାର୍କ ତିଆରି କରି ରକ୍ଷଣାବେକ୍ଷଣ ପାଇଁ ସଚେଷ୍ଟ ହୁଅନ୍ତି ତାହା ଏଥିରୁ ବୁଝା ପଡ଼ିବ । ସହରରେ ମଧ୍ୟ ବୃକ୍ଷ ରୋପଣ ଦିବସ କାହିଁକି ଜାକଜମକରେ ପାଳିତ ହୁଏ, ତାର କାରଣ ଏହା । ଘର ପାଇଁ ସାମାନ୍ୟ ଜାଗା ଦରକାର ହେଉଥିଲେ ମଧ୍ୟ ବୁଝିଲା ଶୁଝିଲା ଲୋକ କାହିଁକି ଅଧିକ ଜମି ନେଇ ଘର ଚାରିପାଖରେ ଗଛଲତା ଲଗାଏ, ତାହାର କାରଣ ପ୍ରଧାନତଃ ଏହା । ସହରରେ ବହୁ ଲୋକବାକ, ଯାନବାହାନର ଗହଳି ଯୋଗୁ ଯେଉଁ ଅଙ୍ଗାରକାମ୍ଳ ଗ୍ୟାସ ନିଷ୍କାସିତ ହୋଇ ବାୟୁକୁ ଦୂଷିତ କରିଦିଏ, ତାକୁ ଅପେକ୍ଷାକୃତ ନିର୍ମଳ ରଖିବା ପାଇଁ ଆବଶ୍ୟକ ସବୁଜ ଉଦ୍ଭିଦ । ବାୟୁରେ ଅମ୍ଳଜାନର ପରିମାଣକୁ ନିୟନ୍ତ୍ରଣ କରିବା ପାଇଁ, ସବୁଜ ଉଦ୍ଭିଦ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ ତାହା ଏଇଥିରୁ ସହଜରେ ବୁଝି ହେବ ।

(୨) **ଜଳବାୟୁ ପରିମିତତା**–ଉଦ୍ଭିଦ ଉତ୍ସେଦନ ପ୍ରକ୍ରିୟା (transpiration)ରେ ପତ୍ର ଦେଇ ବାୟୁମଣ୍ଡଳକୁ ଜଳୀୟ ଛାଡ଼ି ଦିଅନ୍ତି । ଏହା ଦ୍ୱାରା ବାୟୁରେ ଜଳୀୟ ବାଷ୍ପ ପରିମାଣ ବୃଦ୍ଧି ପାଏ ବିଶେଷ କରି ଅଧିକ ଉତ୍ତାପ ସମୟରେ ବାୟୁରେ

ଗଛ ବୃଦ୍ଧି ପାଇଲେ ଉତ୍ତାପ ହ୍ରାସ ପାଏ। ଘର ଚାରିପାଖେ ଗଛ ରୁହେ, ଖରାଦିନେ ଘର ଥଣ୍ଡା ରହେ ବୋଲି ଏଇଥି ପାଇଁ କହନ୍ତି।

(ଘ) ବନ୍ୟା, ଅନାବୃଷ୍ଟି ଓ ମୃତ୍ତିକାକ୍ଷୟ ପ୍ରତିଷେଧ–ପ୍ରକୃତି ରାଜ୍ୟରେ ନାନା ପ୍ରାକୃତିକ ଚକ୍ର ରହିଛି, ଯଥା–ଜଳଚକ୍ର, ନାଇଟ୍ରୋଜେନ୍ ଚକ୍ର, ଅକ୍ସିଜେନ ଚକ୍ର, ଅଙ୍ଗାରକାମ୍ଳ ଗ୍ୟାସ ଚକ୍ର, ପ୍ରଭୃତି ଚକ୍ର ଇତ୍ୟାଦି। ଜଳ–ଚକ୍ରରେ ବୃଷ୍ଟି ଆକାରରେ ଜଳ ଭୂପୃଷ୍ଠରେ ପଡ଼େ। ଏହି ବାରି ନଦୀ, ନାଳ, ଝରଣା ଦେଇ ବହି ଯାଇ ସାଗରରେ ପହଞ୍ଚେ। ସୂର୍ଯ୍ୟରଶ୍ମିର ଉତ୍ତାପରେ ତାହା ଜଳୀୟ ବାଷ୍ପରେ ପରିଣତ ହୋଇ ଉର୍ଦ୍ଧ୍ୱରୁ ବାୟୁମଣ୍ଡଳକୁ ଉଠିଯାଏ। ସେଠାରେ ମେଘରୂପେ ଅବସ୍ଥାନ କରେ। ଘନୀଭୂତ ଜଳୀୟବାଷ୍ପ ବାଧା ପାଇଲେ ବୃଷ୍ଟି ଆକାରରେ ଭୂତଳରେ ପଡ଼େ। ଆମ ଦେଶ ଭାରତବର୍ଷ ଗୋଟିଏ କୃଷି ପ୍ରଧାନ ଦେଶ। ବର୍ଷା ନହେଲେ ଯଥେଷ୍ଟ ପରିମାଣରେ ଖାଦ୍ୟ–ଉତ୍ପାଦନ ହୋଇପାରେ ନାହିଁ। ଦୁର୍ଭିକ୍ଷ ପଡ଼େ। ଆମେ ବର୍ଷା ମୁଖ୍ୟତଃ ପାଉ ମୌସୁମୀ ବାୟୁରୁ। ବାଦଲ–ଭରା ମୌସୁମୀ ବାୟୁ ଉଚ୍ଚ ପର୍ବତ–ଶିଖରରେ ସୁଉଚ୍ଚ ବୃକ୍ଷରେ ଧକ୍କା ଖାଇଲେ ଉପରକୁ ଉଠିଯାଏ। ବାୟୁ ମଣ୍ଡଳର ଉପର ସ୍ତରକୁ ଉଠିଗଲେ, ମେଘ ଘନୀଭୂତ ହୁଏ ଓ ଶୀତଳ ହୁଏ। ଫଳରେ ହୁଏ ବୃଷ୍ଟିପାତ। ଏଣୁ ଉଚ୍ଚ ପର୍ବତମାଳାର ଜଙ୍ଗଲ ମୌସୁମୀ ବାୟୁରେ ଥିବା ମେଘକୁ ଅବରୋଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଅନ୍ତି। ଏବେ ପାହାଡ଼ ପର୍ବତରେ ଜଙ୍ଗଲ କଟା ହୋଇଯିବାରେ ବାରିପାତ ଅନିୟମିତ ହେଉଛି।

ଜଙ୍ଗଲ ନଷ୍ଟ ହେବାରୁ ପାହାଡ଼ ପର୍ବତ ଟାଙ୍ଗରା ଭୂମିରେ ପରିଣତ ହୋଇ କେବଳ ଯେ ଉପଯୁକ୍ତ ପରିମାଣ ବୃଷ୍ଟି ହେଉ ନାହିଁ ତାନୁହେଁ, ବନ୍ୟାର ପ୍ରକୋପ ବୃଦ୍ଧିର କାରଣ ହୋଇଛି। ମୁଷଳ ଧାରାରେ ବାରିପାତ ହେଲେ ତାହା ନମ୍ର ଭୂମିର ବିସ୍ତର କ୍ଷତି କରେ। ଏହି କ୍ଷତିକୁ ରୋଧ କରେ ଜଙ୍ଗଲ। ଉଚ୍ଚ ବୃକ୍ଷର ଜଙ୍ଗଲରେ ଗଛରୁ ପତ୍ର ପଡ଼ି ତଳେ ଏକ ଆସ୍ତରଣ ସୃଷ୍ଟି କରେ। ବୃଷ୍ଟି ଜଳ ଗଛ ଦେଇ ତା' ଉପରେ ପଡ଼ି ଧୀରେ ଧୀରେ ଝରି ତଳକୁ ଗଡ଼ିଯାଏ। ଏହା ଝରଣା ଓ ନଦୀ ସୃଷ୍ଟି କରେ। ଏବେ ଜଙ୍ଗଲ ସବୁ କଟା ହୋଇଯିବା ଫଳରେ, ବର୍ଷା ଜଳ ତୀବ୍ର ବେଗରେ ଗଡ଼ି ଆସି ନଦୀରେ ପଡ଼ିବା ଯୋଗୁ ବନ୍ୟାର ପ୍ରକୋପ ବଢ଼ିଛି ଓ ମୃତ୍ତିକାକ୍ଷୟର ପରିମାଣ ବୃଦ୍ଧି ପାଇଛି। ଆମ ଭାରତରେ ବାର୍ଷିକ ସ୍ଥି କୋଟି ହେକ୍ଟାର ଜମି ବନ୍ୟା–ପ୍ଲାବିତ ହୁଏ। ଏତଦ୍‌ଜନିତ ବାର୍ଷିକ କ୍ଷତିର ମୂଲ୍ୟ ଏଗାର ହଜାର ଦୁଇଶହ କୋଟି ଟଙ୍କା।

(ଙ) ବନ୍ୟ–ଜୀବନ ପାଇଁ ବାସ–ଜଙ୍ଗଲ ବନ୍ୟ–ଜୀବନ ପାଇଁ ବାସ ଯୋଗାଏ। ଆମ ଭାରତରେ ୫,୦୦୦ ବିଭିନ୍ନ ଜାତିର ବୃକ୍ଷ ଓ ୨୦,୦୦୦ ବିଭିନ୍ନ ଜାତିର ଲତା ଓ ଘାସ ଦେଖିବାକୁ ମିଳେ। ଏସବୁ ବିଭିନ୍ନ ଭାବେ ଆମର କାଠ, ଖାଦ୍ୟ ଓ ଔଷଧ ରୂପେ ବ୍ୟବହୃତ ହୁଏ। ଘରକୁ ଯେପରି ଘରଣୀ ସୁନ୍ଦର, ଜଙ୍ଗଲକୁ ସେପରି ବନ୍ୟପ୍ରାଣୀ ସୁନ୍ଦର। ଆମ ଦେଶରେ ପ୍ରାୟ ୭୬,୦୦୦ ବିଭିନ୍ନ ଜାତିର ପ୍ରାଣୀ ଦେଖିବାକୁ ମିଳନ୍ତି। ପ୍ରାୟ ୪୦୦ ଜାତି ସ୍ତନ୍ୟପାୟୀ, ୧,୨୦୦ ଜାତି ପକ୍ଷୀ, ୨୦୦ ଜାତି ସରୀସୃପ, ୨୪୦ ଜାତି ଭୂଜଳରେ ଓ ୫୦,୦୦୦ ବିଭିନ୍ନ ଜାତି କୀଟପତଙ୍ଗ ଅଛନ୍ତି। ଏସିଆର ସିଂହ, ବ୍ୟାଘ୍ର, କଲରା ପତିଆ ବାଘ, ଏକ ଶିଙ୍ଗା ଗଣ୍ଡାର, ହାତୀ, ଅରଣା ମଇଁଷି, ଗଉର, ଚିତଳ ହରିଣ, ନୀଳଗାଈ, କୃଷ୍ଣସାର, ସମ୍ବର, ବରବାସା, କାଶ୍ମୀରର ହାଙ୍ଗଲ ମୃଗ ଓ ମଣିପୁରର ଥାମିନ୍ ମୃଗ ଇତ୍ୟାଦି ଦ୍ୱାରା ଆମର ଅରଣ୍ୟ ଶୋଭିତ।

ଜଙ୍ଗଲ ସଫା ହୋଇଯିବା ଫଳରେ ଆମର ପ୍ରକୃତି ଶ୍ରୀହୀନ ହୋଇ ପଡ଼ିଛି। ମନୁଷ୍ୟର ମୃଗ ଲୋଲୁପ ଦୃଷ୍ଟି ଫଳରେ ଆମର ପାହାଡ଼ ଆଜି ଟାଙ୍ଗରା, ନିପଟ ଜଙ୍ଗଲ ଆଜି ବୃକ୍ଷ ଶୂନ୍ୟ, ବନ୍ୟ ଜୀବନ ଧ୍ୱଂସମୁଖୀ। ବନ୍ୟ ପ୍ରାଣୀ ଆଜୀ ସଂରକ୍ଷିତ ହୋଇ ବଞ୍ଚି ରହିବା ପାଇଁ ମନୁଷ୍ୟର କୃପା ପ୍ରାର୍ଥୀ। ଭାରତରେ ଆଜି ଗଣ୍ଡାର ସଂଖ୍ୟା ୯୬୩, ଅରଣାର ସଂଖ୍ୟା ୬୬୦, ସିଂହ ସଂଖ୍ୟା ୨୦୫, ମହାବଳ ବାଘ ସଂଖ୍ୟା ୩,୦୧୫, ମଣିପୁର ମୃଗ ୩୦, କୃଷ୍ଣସାର ୨୦୦ ଓ ହାତୀ ୨୦,୩୬୭। ମଧ୍ୟେ ମଧ୍ୟେ ବିଶେଷଜ୍ଞମାନଙ୍କ ଦ୍ୱାରା ଏମାନଙ୍କର ଗଣନା କରାଯାଉଛି ଓ ସଂରକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖରଚ ହେଉଛି। ପ୍ରଶ୍ନ ଉଠେ, ମଣିଷ ଗଣ୍ଡାଏ ପୁଷ୍ଟିକର ଖାଦ୍ୟ ଖାଇବାକୁ ନ ପାଉଥିବା ବେଳେ, ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ଟିକିଏ ନ ମିଳୁଥିଲା ବେଳେ, ବନ ସଂରକ୍ଷଣ, ବୃକ୍ଷ ରୋପଣ, ବ୍ୟାଘ୍ର ଯୋଜନା, ସିଂହ ସଂରକ୍ଷଣ ଆଦିରେ ଏତେ ଅର୍ଥ ବ୍ୟୟ କାହିଁକି ? ଏ ସବୁ କଅଣ ଅପବ୍ୟୟ ନୁହେଁ ? ନା ଏସବୁ ଆବଶ୍ୟକ। ପ୍ରକୃତି–ରାଜ୍ୟରେ ସମସ୍ତେ ଏକ ନିୟମର ନିର୍ଦ୍ଦେଶରେ ପରିଚାଳିତ। ମୂର୍ଖ ଅଜ୍ଞ ମଣିଷ ଏହି ନିୟମକୁ ନ ବୁଝି ପ୍ରକୃତି ସହିତ ଖେଳିବା ଫଳରେ ପ୍ରକୃତିର ଭାର ସାମ୍ୟ ନଷ୍ଟ ହୁଏ। ଏହାର ଫଳାଫଳ ହୁଏ ଅତି ବିଷମୟ। ଆପଣ ରାସ୍ତାରେ ଚାଲିଛନ୍ତି। ନିୟମ ନଜାଣି ବା ଜାଣି ତା'ର ବ୍ୟତିକ୍ରମ କରି ବାଁ ପଟେ ନ ଯାଇ ଡାହାଣ ପଟକୁ ମୋଡ଼ିଲେ। ଫଳ–ଦୁର୍ଘଟଣା, ଧନଜୀବନ ହାନୀ। ଠିକ୍ ସେହିପରି ପରିବେଶର ବିଭିନ୍ନ ଏକକ, ଯେଉଁ ସୂତ୍ର, ଯେଉଁ ନିୟମରେ ଗୁନ୍ଥା, ତାକୁ ନ ବୁଝି ମଣିଷ ନିଜର ସୁଖ ସୁବିଧା ଲାଗି ସେହି ନିୟମ ଲଂଘନ କରିବା ଯୋଗେ ଯେଉଁ ସମସ୍ୟା ଉପୁଜିଛି, ତା' ଭିତରେ ମାନବ ଜାତି ଆଜି ଅଣନିଶ୍ୱାସୀ ଓ ଧ୍ୱଂସମୁଖୀ। ବନ୍ୟଜୀବନ ଆମର ଜାତୀୟ ସମ୍ପତ୍ତି। ତା'ର ସୁରକ୍ଷା ଆମ ଜୀବନର ସୁରକ୍ଷା।

ଗୋଟିଏ ଉଦାହରଣ ଦ୍ୱାରା ଏହି ବିଷୟଟି କେତେ ଗୁରୁତ୍ୱପୂର୍ଣ୍ଣ ସେକଥା ଚିନ୍ତା କରିବା। ପକ୍ଷୀ ଆମର ପରମ ବନ୍ଧୁ। କେତେକ ଜାତି ପକ୍ଷୀ ଅଣ୍ଡା ଓ ମାଂସ ଆମର ମୂଲ୍ୟବାନ୍ ପ୍ରୋଟିନ୍ ଖାଦ୍ୟ। କେତେକ ଆମର ମଇଳା ସଫାକାରୀ। ସେମାନେ ଆମେ ଫୋପାଡୁଥିବା ମଲା ଜୀବ ଓ ମଇଳା ପଦାର୍ଥକୁ ଖାଇ ଆମର ପରିବେଶକୁ ସଫା ରଖନ୍ତି। ଅଧିକାଂଶ ପକ୍ଷୀଙ୍କ ଆହାର କୀଟ ପତଙ୍ଗ। ରେଶମ କୀଟ, ମହୁମାଛି, ଲାଖ କୀଟ, କେଛେରାଇଡିନ୍ କୋଟଳି, ଆଦି କୀଟମାନେ, ଆମକୁ ଖାଦ୍ୟ, ବସ୍ତ୍ର, ଔଷଧ ଓ ଅନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାନ୍ତି। ବାକୀ

ଅଧିକାଂଶ କୀଟପତଙ୍ଗ ଆମର ବୃକ୍ଷଲତା, ଶାକସବ୍ଜି, ଆସବାବ, ଲୁଗାପଟା, ବହି ପତ୍ର ସଞ୍ଚିତ ଖାଦ୍ୟ-ସାମଗ୍ରୀ, ବିହନ ଆଦି ଖାଇ ନଷ୍ଟ କରି ଦିଅନ୍ତି । ଆଉ କେତେକ ଆମର ଓ ଆମ ଗୃହପାଳିତ ପଶୁପକ୍ଷୀଙ୍କ ଦେହରୁ ରକ୍ତ ଶୋଷନ୍ତି ଏବଂ ନାନା ରୋଗର ବାହକ ରୂପେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ମାତ୍ର ପକ୍ଷୀଙ୍କ ପ୍ରଧାନ ଆହାର କୀଟ ପତଙ୍ଗ । ଶୁଡବ ପକ୍ଷୀ (swallow)ପରି ଗୋଟିଏ ପକ୍ଷୀ ଦିନକୁ ପ୍ରାୟ ୧,୬୦୦ କୀଟପତଙ୍ଗ ଭକ୍ଷଣ କରେ ଏବଂ ଗୋଟିଏ ଋତୁରେ ଅର୍ଥାତ୍ ତିନିଚାରି ମାସରେ । ପ୍ରାୟ ପାଞ୍ଚ ଲକ୍ଷରୁ ଦଶ ଲକ୍ଷ ମାଛି, ମଶା ଓ ଅନ୍ୟାନ୍ୟ ଅପକାରୀ କୀଟ ପତଙ୍ଗ ଖାଏ । ଗୋଟିଏ ପେଚ୍ଚା ତିନି-ଚାରି ମାସରେ ପ୍ରାୟ ହଜାରେ ମୂଷା ମାରି ଆହାର କରେ । ହଜାରେ ମୂଷା ମରା ହେବା ଅର୍ଥ ପ୍ରାୟ ଗୋଟିଏ ଟନ୍ ଖାଦ୍ୟ ନଷ୍ଟ ହେବାରୁ ବଞ୍ଚିଯିବା । ଆମେ ତ ଗଛ କାଟି ପକାଇଲେ, ପକ୍ଷୀ ବସବାସ କରି ବଂଶବୃଦ୍ଧି କରିବେ କିପରି ? ପକ୍ଷୀଙ୍କୁ ମାରି ତାଙ୍କ ମାଂସ ଖାଇଲେ, କୀଟ ପତଙ୍ଗ ଖାଇବାକୁ ପକ୍ଷୀ ଆସିବେ କୁଆଡୁ ?

ଏଣୁ ମଣିଷ ବଞ୍ଚି ରହିବାକୁ ହେଲେ, ପ୍ରକୃତି ରାଜ୍ୟର ସମସ୍ତ ଅଙ୍ଗକୁ, ପରିବେଶକୁ, ଜଙ୍ଗଲକୁ, ବନ୍ୟପ୍ରାଣୀଙ୍କୁ ବଞ୍ଚାଇ ରଖିବାକୁ ହେବ । ପରିବେଶକୁ ନିର୍ବିଘ୍ନରେ ଧ୍ୱଂସ କଲେ, ଦିନେ କେବଳ ମନୁଷ୍ୟ ଜାତି ନୁହେଁ, ସମଗ୍ର ଜୀବଜଗତ ଧ୍ୱଂସ ପାଇଯିବ ।

## ଜଳ

ପୃଥିବୀ ପୃଷ୍ଠର ୧୦୦ ଭାଗରୁ ୭୦ ଭାଗ ଜଳ ହେଲେ ମଧ୍ୟ ମନୁଷ୍ୟ ଓ ତା'ର ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ପାନୀୟ ଓ ବ୍ୟବହାର ଉପଯୋଗୀ ଜଳର ପରିମାଣ ଅଧିକ ବା ଅସରନ୍ତି ଜଣା ପଡ଼ିଲେମଧ୍ୟ ସୀମିତ । ପୃଥିବୀରେ ଯେତେ ଜଳ ରହିଛି, ତା'ର ଶତକଡ଼ା ୯୩ ଭାଗ ଲବଣାକ୍ତ ସାଗର ଜଳ, ୪.୧ ଭାଗ ଭୂମି ତଳେ ଓ ଦୁଇ ଭାଗ ମେରୁ ପ୍ରଦେଶରେ ବରଫ ରୂପେ ରହିଛି । ମଧୁର-ଜଳ ହ୍ରଦ, ନଦୀ ଓ ବାୟୁରେ ଜଳୀୟ ବାଷ୍ପ ରୂପେ ରହିଥିବା ଜଳର ପରିମାଣ ମାତ୍ର ୦.୦୨୭ ଭାଗ ଏବଂ ଆମର ବ୍ୟବହାର ଉପଯୋଗୀ । ପ୍ରକୃତ ପକ୍ଷେ ହିସାବ କଲେ, ଏହି ଜଳ ଆମର ସୁବିଧା ପାଇଁ ଯଥେଷ୍ଟ । ମାତ୍ର ଦୁଃଖର କଥା, ନଦନଦୀର ଜଳକୁ ଆମେ ଆଉ ବ୍ୟବହାର ଉପଯୋଗୀ କରି ରଖି ନାହୁଁ । ସହରର ସମସ୍ତ ଆବର୍ଜନା ନିକଟସ୍ଥ ନଦନଦୀକୁ ନିଷ୍କାସିତ ହେବା ଫଳରେ ପୃଥିବୀର କୌଣସି ନଦନଦୀର ପାଣି ଆଜି ବ୍ୟବହାର ପାଇଁ ନିରାପଦ ନୁହେଁ । ଯେଉଁମାନେ କଟକଠାରେ ତାଳଦଣ୍ଡା କେନାଲ ଦେଖିଛନ୍ତି ସେମାନେ ଏହାର ସତ୍ୟତା ଉପଲବ୍ଧି କରି ପାରିବେ । କଟକ ସହରର ବଡ଼ ଡାକ୍ତରଖାନା ଓ ସହରର ସମସ୍ତ ମଇଳା ଏହି କେନାଲକୁ ଛାଡ଼ି ଦିଆଯାଏ ।

ନ ଜାଣିଲା ଲୋକର ଧାରଣା, ସମୁଦ୍ର ଏଡ଼େ ବିଶାଳ ଓ ଅତଳ ଯେ ସେ ଭିତରକୁ ଯାହା ଫୋପାଡ଼ି ଦିଆଯିବ ତାହା କେଉଁ ଆଡ଼େ ଲୀନ ହୋଇଯିବ । ମାତ୍ର ଦେଖା ଯାଉଛି, ସମୁଦ୍ର ଜଳ ଆଜି ଅତ୍ୟନ୍ତ ଦୂଷିତ । ସମୁଦ୍ରରେ ଇଞ୍ଜିନ ଚାଳିତ ବୋଟ ଓ ଜାହାଜର ଚଳପ୍ରଚଳ ଏବଂ ତୈଳବାହୀ ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହେବା କାରଣରୁ ସମୁଦ୍ର ଜଳରେ ତୈଳର ଆସ୍ତରଣ ପଡ଼ିଯାଏ । ଫଳରେ ବହୁ ସାମୁଦ୍ରିକ ପ୍ରାଣୀ ମୃତ୍ୟୁମୁଖରେ ପଡ଼ନ୍ତି । ଆଟ୍‌ଲାଣ୍ଟିକ ମହାସାଗରର ମଧ୍ୟଭାଗରେ ମଧ୍ୟ ମଇଳା ଆବର୍ଜନା ଭାସୁଥିବାର ଦେଖାଯାଉଛି । ବହୁ ପରିମାଣର ଆବର୍ଜନା ଆରବ ସାଗରକୁ ଛାଡ଼ି ଦିଆଯାଏ । ତାହା ବମ୍ବେ ଉପକୂଳରେ ସେହି ସାଗରକୁ ଦୂଷିତ କରେ । ୧୯୮୨ ର ଫେବ୍ରୁଆରୀ ମାସରେ ସାମୁଦ୍ରିକ ସୁସ୍ୱାଦୁ ସାର୍ଡିନ୍ ମାଛ ସେମାନଙ୍କର ବାର୍ଷିକ ଦକ୍ଷିଣରୁ ଉତ୍ତରକୁ ସ୍ଥାନାନ୍ତର ଗମନ କାଳରେ ଦୂଷିତ ଜଳର ସମ୍ମୁଖୀନ ହୋଇ ଉପଯୁକ୍ତ ପରିମାଣରେ ଅମ୍ଳଜାନ ଅଭାବରୁ ମୃତ୍ୟୁ ମୁଖରେ ପଡ଼ିଥିଲେ । ଫଳରେ ମଲା ମାଛ ଯେଉଁ ସ୍ତୂପ ବମ୍ବେର ସାଗର-ତଟରେ ଜମା ହୋଇଥିଲା ତାର ଦୈର୍ଘ୍ୟ ୪.୮ କିଲୋମିଟର ଓ ଉଚ୍ଚତା ୦.୯୧ ମିଟର । ମହାନଗରୀର ସମୁଦ୍ର କୂଳରେ ଏକ ହିଡ଼ ପରି ଜମା ହୋଇ ପଚା ମାଛ ବାୟୁକୁ ଦୂଷିତ କରିଥିଲା ।

ସାଗର ଜଳ ଦୂଷିତ ହେବା ଯୋଗୁ ଆଉ ପ୍ରକାରେ କ୍ଷତି ହୋଇଛି । ଆମେ ଜାଣୁ ସବୁଜ ଉଦ୍ଭିଦ ଆଲୋକ-ସଂଶ୍ଳେଷଣ କ୍ରିୟା ଦ୍ୱାରା ଦିନବେଳେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତି ବେଳେ ବାୟୁରୁ ଅଙ୍ଗାରକାମ୍ଳ ଗ୍ୟାସକୁ ଗ୍ରହଣ କରି ଅମ୍ଳଜାନ ଛାଡ଼ିଦିଏ । ସବୁଜ ଉଦ୍ଭିଦ ଏହି ପ୍ରକ୍ରିୟାରେ ଯେଉଁ ଅମ୍ଳଜାନ ବାୟୁକୁ ଛାଡ଼ି ଦିଅନ୍ତି, ତାର ଶତକଡ଼ା ସତୁରିଭାଗ ଅମ୍ଳଜାନ ଆସେ ସମୁଦ୍ରରେ ଭାସମାନ ଏକକୋଷୀ ଉଦ୍ଭିଦ-ଡାୟାଟମ୍‌ର ଆଲୋକ-ସଂଶ୍ଳେଷଣ କ୍ରିୟାରୁ । ସାଗର ଜଳ ଦୂଷିତ ହେବା ଫଳରେ ଏହି ଉଦ୍ଭିଦମାନଙ୍କର ବଂଶ ବୃଦ୍ଧି ହୋଇ ପାରୁ ନାହିଁ । ଡାୟାଟମ୍‌ର ସଂଖ୍ୟା ହ୍ରାସ ପାଇବାରୁ ବାୟୁ ମଣ୍ଡଳକୁ ସେମାନେ ଯଥେଷ୍ଟ ପରିମାଣରେ ଅମ୍ଳଜାନ ଛାଡ଼ୁନାହାନ୍ତି ଓ ବାୟୁ ମଣ୍ଡଳରୁ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ନେଉ ନାହାନ୍ତି ।

କେବଳ ସେତିକି ନୁହେଁ, ବିଗତ ପଚାଶ ବର୍ଷ ମଧ୍ୟରେ, ଜଳ ଦୂଷିତ ହେବା କାରଣରୁ ପ୍ରାୟ ଏକ ହଜାର ବିଭିନ୍ନ ଜାତିର ଉଦ୍ଭିଦ ଓ ପ୍ରାଣୀ ଧରା ପୃଷ୍ଠରୁ ଚିରକାଳ ପାଇଁ ବିଦାୟ ନେଇ ସାରିଛନ୍ତି ବୋଲି ବୈଜ୍ଞାନିକ ମାନେ ହିସାବ କରିଅଛନ୍ତି ।

ଜଳ ଦୂଷିତ ହେବାର ଆଉ ଗୋଟିଏ କାରଣ ଏହି ଯେ ଅଧିକ ଫସଲ ଉତ୍ପାଦନ କରିବା ପାଇଁ ଏବେ ନାନାପ୍ରକାର କୀଟନାଶକ ରାସାୟନିକ ପଦାର୍ଥ ବ୍ୟବହୃତ ହେଉଅଛି । ଏଥିରୁ କେତେ ଭାଗ ବର୍ଷା ଜଳରେ ଧୋଇ ହୋଇ ପୁଷ୍କରିଣୀ, ନଦୀ, ନଦ ଓ ସାଗରରେ ପଡୁଛି । ଫଳରେ ଦୂଷିତ ଜଳ ଜଳଜ ପ୍ରାଣୀ ଓ ଉଦ୍ଭିଦର କ୍ଷତି ହେଉଛି ଏବଂ ମନୁଷ୍ୟ ଓ ଗୃହପାଳିତ ପ୍ରାଣୀଙ୍କର ବ୍ୟବହାର ଅନୁପଯୋଗୀ ହେଉଛି ।

## ବାୟୁ

ବାୟୁ ସମସ୍ତ ଉଦ୍ଭିଦ ଓ ପ୍ରାଣୀର ଜୀବନ । ମନୁଷ୍ୟ ଦଶ ହଜାର ବର୍ଷ ପୂର୍ବେ ପ୍ରଥମେ ଯେବେ ଖାଦ୍ୟ ସଂଗ୍ରହକାରୀ ଜୀବନ ପରିତ୍ୟାଗ କରି ଖାଦ୍ୟ ଉତ୍ପାଦନକାରୀ ରୂପ ଗ୍ରହଣ କଲା

ସ୍ଥାୟୀଭାବେ ବସବାସ କରିବାକୁ ଆରମ୍ଭ କଲା, ସେହି ଦିନଠାରୁ ବାୟୁ ପ୍ରଦୂଷଣରେ ଉତ୍ତମ ସକ୍ରିୟ ଭୂମିକା ନେଲା । ଜଙ୍ଗଲ କାଟି ଘର ତିଆରି ପାଇଁ ଓ ଅନ୍ୟାନ୍ୟ ଆବର୍ଜନାକୁ ଜାଳି ସେ ପ୍ରଥମ କରି ଶୃଙ୍ଖଳା ପଟ୍ଟ ଓ ଅନ୍ୟାନ୍ୟ ଆବର୍ଜନାକୁ ଜାଳି ସେ ବାୟୁକୁ ଦୂଷିତ କଲା । ମାତ୍ର ବାୟୁ ଦୂଷଣ ତ୍ୱରାନ୍ୱିତ ହେଲା ସେବେଠାରୁ ମଣିଷ ଖଣିରୁ କୋଇଲା ଓ ଖଣିଜ ତୈଳ ପେଟ୍ରୋଲିୟମ୍ ବାହାର କରି ତାକୁ ଇନ୍ଧନ ରୂପେ ବ୍ୟବହାର କଲା । କୋଇଲାକୁ ଇନ୍ଧନ ରୂପେ ବ୍ୟବହାର ଦ୍ୱାରା ବାୟୁ କିପରି ଦୂଷିତ ହୁଏ ତାହା ସମସ୍ତଙ୍କୁ ଜଣା । ୧୩୦୬ ସାଲରେ ଲଣ୍ଡନରେ ଜଣେ ବାସିନ୍ଦା କୋଇଲା ଜାଳି ଥିବାରୁ ନ୍ୟାୟାଳୟରେ ତାଙ୍କର ବିଚାର ହୋଇଥିଲା ଓ ତାଙ୍କୁ ଫାଶୀ ଦଣ୍ଡ ମିଳିଥିଲା । ମାତ୍ର ଏହି ଘଟଣାର ତିରିଶ ବର୍ଷ ନ ପୁରୁଣୁ ଦେଖାଗଲା ଲଣ୍ଡନର ଘରେ ଘରେ ପ୍ରଚୁର କୋଇଲା ବ୍ୟବହୃତ ହେଉଛି ଓ ଧୂମ୍ର (smog) ସମସ୍ୟା ଆରମ୍ଭ ହେଲା । ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପେଟ୍ରୋଲିୟମ୍‌ର ବହୁଳ ବ୍ୟବହାର ହେଲା । ଗାଡ଼ି ମୋଟରରେ ଯେଉଁ ଇନ୍ଧନ ରୂପେ ଜଳିଲେ ଯେଉଁ ଧୂଆଁ ବାହାରେ ସେଥିରେ କାର୍ବନ ମନୋକ୍‌ସାଇଡ୍, ସଲଫର ଡାଇଅକ୍‌ସାଇଡ୍ ଓ ନାଇଟ୍ରୋଜେନ୍ ଅକ୍‌ସାଇଡ୍ ଥାଏ । ଏସବୁ ବିଷାକ୍ତ ଗ୍ୟାସ୍ । ଏହାଛଡ଼ା ଗାଙ୍କୁ କଳ କାରଖାନାର ଚିମ୍‌ନି ଦେଇ ନାନାପ୍ରକାର ବିଷାକ୍ତ ଗ୍ୟାସ ବାୟୁକୁ ଛଡ଼ାଯାଏ । ଫଳରେ ବାୟୁ ଅଧିକରୁ ଅଧିକ ଦୂଷିତ ହୁଏ । ଦୂଷିତ ବାୟୁ ସେବନ ଦ୍ୱାରା ଫୁସ୍‌ଫୁସ୍, ନାସା, କର୍ଣ୍ଣ, କଣ୍ଠ ଓ ଚକ୍ଷୁ ବ୍ୟାଧି ବଢୁଛି ।

ବାୟୁରେ ସଲଫର୍ ଓ ନାଇଟ୍ରୋଜେନ୍‌ର ଅକସାଇଡ୍‌ର ଉପସ୍ଥିତି କେବଳ ଯେ ମଣିଷ ଓ ଗୃହପାଳିତ ପ୍ରାଣୀଙ୍କର କ୍ଷତି କରେ, ତା' ନୁହେଁ, ତାହା ଲୁହା ଓ କଂକ୍ରିଟ ତିଆରି ଘରକୁ ନଷ୍ଟ କରିଦିଏ । ଗ୍ରୀସ୍‌ର ମହାନଗରୀ ଏଥେନସ୍‌ରେ ବିଶ୍ୱବିଖ୍ୟାତ ପାର୍ଥେନନ୍ ଦୁଇହଜାର ବର୍ଷ କାଳ ଅକ୍ଷତ ରହିବା ପରେ ଗତ କୋଡ଼ିଏ ବର୍ଷ ଭିତରେ ଦୂଷିତ ବାୟୁ ପ୍ରଭାବରେ ନଷ୍ଟ ହେବାକୁ ଆରମ୍ଭ ହୋଇଛି । ଆଗ୍ରାଠାରେ ବିଶ୍ୱବିଦିତ ତାଜମହଲର ମଧ୍ୟ ଶୀଘ୍ର ସେଇ ଦଶା ହେବ ବୋଲି କେତେକ ବିଶେଷଜ୍ଞ ଆଶଙ୍କା କରନ୍ତି ।

ଦିନକୁ ଦିନ ବାୟୁରେ ବିଷାକ୍ତ କାର୍ବନ ଡାଇଅକ୍‌ସାଇଡ୍‌ର ପରିମାଣ ବଢୁଛି । ବୈଜ୍ଞାନିକମାନେ ହିସାବ କରି କହନ୍ତି ଯେ ୧୮୬୦ ରୁ ୧୯୬୦ ଖ୍ରୀଷ୍ଟାବ୍ଦ, ଏହି ଶହେ ବର୍ଷ ମଧ୍ୟରେ, ବାୟୁରେ କାର୍ବନ୍ ଡାଇଅକ୍‌ସାଇଡ୍‌ର ପରିମାଣ ଶତକଡ଼ା ୧୪ ଭାଗ ବୃଦ୍ଧି ପାଇଛି ।

ଆଜି ଘରେ ଘରେ ଓ କାରଖାନାମାନଙ୍କରେ ବିଦ୍ୟୁତ୍‌ର ବହୁଳ ବ୍ୟବହାର । ବିଦ୍ୟୁତ୍ ବ୍ୟବହାର ଫଳରେ ତା'ର ଅଳ୍ପଭାଗ ଆଲୋକ ଶକ୍ତିରେ ପରିଣତ ହୁଏ ଓ ବେଶୀଭାଗ ତାପ ଶକ୍ତି ରୂପେ ବାୟୁରେ ମିଶେ । ବିଭିନ୍ନ କାରଣରୁ ପୃଥିବୀ ପୃଷ୍ଠରେ ଯେତେ ଉତ୍ତାପ ଉତ୍ପନ୍ନ ହେଉ, ତାହା ବାୟୁମଣ୍ଡଳର ଉପରକୁ ଉଠିଯାଏ । ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସର ବୃଦ୍ଧି ଫଳରେ ତାହା ବାୟୁମଣ୍ଡଳର ଉପର ସ୍ତରରେ ଏକ ଆସ୍ତରଣ ରୂପେ କାର୍ଯ୍ୟ କରେ । ସୂର୍ଯ୍ୟ କିରଣ ଏହା ଦେଇ ପୃଥିବୀ ପୃଷ୍ଠକୁ ଆସି ଉତ୍ତାପ ସୃଷ୍ଟି କରେ । ମାତ୍ର ପୃଥିବୀରେ ଯେଉଁ ଉତ୍ତାପ ଜାତ ହୁଏ, ସେହି ଆସ୍ତରଣ ଭେଦି ତାହା ଉର୍ଦ୍ଧ୍ୱକୁ ଯାଇପାରେ ନାହିଁ । ଏହି ଅବସ୍ଥାକୁ କୁହାଯାଏ "ଉତ୍ତାପ ଫାନ୍ଦ" । ବାୟୁରେ କାର୍ବନ ଡାଇଅକ୍‌ସାଇଡ୍‌ର ପରିମାଣ ବୃଦ୍ଧି ଯୋଗୁ, ଉତ୍ତାପ ଶକ୍ତି ବାୟୁମଣ୍ଡଳର ଉର୍ଦ୍ଧ୍ୱକୁ ନଯାଇ ପାରିବାରୁ ଦିନକୁ ଦିନ ଅଧିକ ଗରମ ଅନୁଭୂତ ହେଉଛି । କେତେକ ବିଶେଷଜ୍ଞମାନଙ୍କର ଆଶଙ୍କା ଶେଷରେ ବେଶୀ ଉତ୍ତାପ ହେବାରେ ମେରୁ ଅଞ୍ଚଳର ବରଫ ତରଳି ଯିବ ଓ ପ୍ରଳୟ ବନ୍ୟା ଫଳରେ ସମସ୍ତ ଭୂଭାଗ ଜଳମଗ୍ନ ହେବ ।

ଦିନକୁ ଦିନ ପରମାଣୁ ଶକ୍ତିର ବ୍ୟବହାର ବଢୁଛି । ବଳ କଷାକଷି ପାଇଁ ପରମାଣୁ ଅସ୍ତ୍ର ତିଆରି ଚାଲିଛି ଓ ଶାନ୍ତିପୂର୍ଣ୍ଣ ବିନିଯୋଗ ପାଇଁ ପରମାଣୁ ଶକ୍ତି ବ୍ୟବହୃତ ହେଉଛି । ନ୍ୟୁକ୍ଲିଅର ରିଏକ୍ଟର ଅଧିକରୁ ଅଧିକ ସ୍ଥାପିତ ହେଉଛି ଓ ସେହି କାରଖାନା ମାନଙ୍କରୁ ବହିର୍ଗତ ଦୂଷିତ ବାୟୁ, ବାୟୁକୁ ଦୂଷିତ କରୁଛି । ପରମାଣୁ ଶକ୍ତି ଚାଳିତ ବୁଡ଼ାଜାହାଜ ଓ ପରମାଣୁ ଅସ୍ତ୍ର ବହନ କରୁଥିବା ଉଡ଼ାଜାହାଜ ଦୁର୍ଘଟଣାର ସମ୍ମୁଖୀନ ହେଲେ, ବାୟୁ ଓ ଜଳ କିପରି ମାରାତ୍ମକ ଭାବେ ଦୂଷିତ ହୁଏ ତାହା କଳ୍ପନା କରାଯାଇପାରେ । କାରଣ ଆମେ ଜାଣୁ ଯେ ଡାକ୍ତରଖାନା ମାନଙ୍କରେ ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଗୋଟିଏ ରେଡ଼ିୟମ୍ ଛୁଞ୍ଚି ହଜିଗଲେ କିପରି ଆତଙ୍କ ଖେଳିଯାଏ ।

ଆଜି ଆମେ ଯେଉଁ ବାୟୁକୁ ଶ୍ୱାସରେ ନେଉଛୁ, ଯେଉଁ ଜଳ ପିଉଛୁ ଓ ଯେଉଁ ଖାଦ୍ୟ ଖାଉଛୁ, ସେ ସମସ୍ତ ଦୂଷିତ । ଘାସରେ ଡିଡ଼ିଟି ଓ ଅନ୍ୟାନ୍ୟ ବିଷାକ୍ତ କୀଟ ନାଶକ ପଦାର୍ଥ ଥିବାରୁ ଦୁଗ୍ଧ, ମାଂସ ଏବଂ ଜଳର ମାଛ ଦୂଷିତ ହେଲାଣି । ମାନବ ଜାତିକୁ ଧ୍ୱଂସ ମୁଖରୁ ରକ୍ଷା କରିବାକୁ ହେଲେ ପରିବେଶକୁ ନିର୍ମଳ ରଖିବାକୁ ହେବ ।

ବର୍ତ୍ତମାନ ପ୍ରଶ୍ନ ଉଠେ, ତା' ହେଲେ କ'ଣ ଖାଦ୍ୟ ଉତ୍ପାଦନ ପାଇଁ ଜଙ୍ଗଲ ଜାଳି କ୍ଷେତ କରାଯିବ ନାହିଁ ? ଆମର ବ୍ୟବହାର ଉପଯୋଗୀ ନାନା ପଦାର୍ଥକୁ କାରଖାନା ବସାଇ ପ୍ରସ୍ତୁତ କରା ହେବ ନାହିଁ ? ଏହାର ଉତ୍ତର, ଆମର ୧୯୫୨ ସାଲରେ ନିର୍ଦ୍ଧାରିତ "ଜାତୀୟ ଜଙ୍ଗଲ ନୀତି" ଅନୁସାରେ ସ୍ଥଳର ଶତକଡ଼ା ୩୦ ଭାଗ ଜଙ୍ଗଲ ରଖିବାକୁ ହେବ । ସୀମିତ ଜମିରେ ନାନା ବୈଜ୍ଞାନିକ ଉପାୟ ପ୍ରୟୋଗ ଦ୍ୱାରା ଅଧିକ ଶସ୍ୟ ଓ ଫସଲ ଉତ୍ପାଦନ କରିବାକୁ ପଡ଼ିବ । କଳକାରଖାନାରୁ ଯେଉଁ ବିଷାକ୍ତ ଗ୍ୟାସ୍ ବାୟୁକୁ ଛାଡ଼ି ଦିଆଯାଉଛି ଓ ଯେଉଁ ଦୂଷିତ ଜଳକୁ ନଦୀ, ହ୍ରଦ ବା ସାଗରକୁ ନିକ୍ଷେପ କରାଯାଉଛି ତାକୁ ଶୋଧନ କରାଯାଇ ଛଡ଼ାଯିବ । ଏହା ଅସମ୍ଭବ ମନେ ହେଲେ ମଧ୍ୟ ବୈଜ୍ଞାନିକମାନଙ୍କୁ ଡ଼କରା ଦେଲେ ଓ କାର୍ଯ୍ୟ କରିବାର ସ୍ୱାଧୀନତା ଦେଲେ ତାହା ସମ୍ଭବ ହୋଇପାରେ । ବିଲାତର ଟେମସ୍ ନଦୀର ଜଳ ଲଣ୍ଡନ ମହାନଗରୀର ଆବର୍ଜନାରେ ଏତେ ବେଶୀ ଦୂଷିତ ହୋଇ ଯାଇଥିଲା ଯେ ସେଥିରେ କୌଣସି ଜୀବିତ ପ୍ରାଣୀ ଆଉ ଜୀବନ ଧାରଣ କରି ପାରିଲେ ନାହିଁ । କେତେ କାଳ ଏଇପରି ଚାଲିଲା । ବିଲାତ ସରକାର ବୈଜ୍ଞାନିକମାନଙ୍କର ସାହାଯ୍ୟ ଲୋଡ଼ିଲେ ଓ ବିଧିବଦ୍ଧଭାବେ କାର୍ଯ୍ୟ କରିବାର ସ୍ୱାଧୀନତା ଦେଲେ । କେତେ ବର୍ଷର କଠିନ ପରିଶ୍ରମ ଫଳରେ ଏବେ ଟେମସ୍ ନଦୀର ପରିଷ୍କାର ଜଳରେ ପୂର୍ବ ପରି ମାଛ ଓ ଅନ୍ୟାନ୍ୟ ପ୍ରାଣୀ ବିଚରଣ କରୁଛନ୍ତି । ବୈଜ୍ଞାନିକମାନେ ଚେଷ୍ଟା କଲେ ଅସାଧ୍ୟ କ'ଣ ଅଛି ?

**ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ଅଧ୍ୟାପକ,**
**୩ଠଠ, ଖାରବେଳ ନଗର, ୟୁନିଟ୍-୩,**
**ଭୁବନେଶ୍ୱର-୭୫୧୦ଠ୧ ।**

# ଆଧୁନିକ ଭାରତ ନିର୍ମାଣରେ ବାବା ସାହେବ ଆମ୍ବେଦକର

● ଅଧ୍ୟାପକ ବସନ୍ତ କୁମାର ମଲ୍ଲିକ୍

ପ୍ରାଗ୍ ସ୍ୱାଧୀନତା ଓ ସ୍ୱାଧୀନୋତ୍ତର କାଳରେ ଯେଉଁ କେତେ ଜଣ ବରପୁତ୍ର ଭାରତବର୍ଷକୁ ଏକ ରାଷ୍ଟ୍ର ରୂପେ ଗଠନ ଓ ଏହାର ଆଧୁନିକୀକରଣରେ ନିଜକୁ ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରେ ଡକ୍ଟର ବାବାସାହେବ ଭୀମରାଓ ରାମ୍‌ଜୀ ଆମ୍ବେଦ୍‌କର ଅନ୍ୟତମ । କୁସଂସ୍କାର ଓ ବୈଷମ୍ୟମୂଳକ ସମାଜକୁ ପରିବର୍ତ୍ତନ କରି ନ୍ୟାୟ, ମୁକ୍ତି, ସାମ୍ୟ ଓ ମୈତ୍ରୀର ମହାନ ଆଦର୍ଶରେ ଏକ ଆଧୁନିକ ଭାରତ ଗଠନ ଦିଗରେ ତାଙ୍କରଭୂମିକା ଅତୁଳନୀୟ । ଏହି ମହାମାନବ ଖ୍ରୀ:ଅ: ୧୮୯୧ ଏପ୍ରିଲ ୧୪, ତାରିଖ ଦିନ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାସ୍ଥ ମହୋ ନାମକ ସ୍ଥାନରେ (ବର୍ତ୍ତମାନ ମଧ୍ୟପ୍ରଦେଶରେ) ଏକ ଦରିଦ୍ର ମହର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଜାତିପ୍ରଥା, ଅସ୍ପୃଶ୍ୟତା ଓ ଉଚ୍ଚନୀଚ ଭେଦଭାବରେ ଜର୍ଜରିତ ହୋଇ ସୁଦ୍ଧା ଡକ୍ଟର ଆମ୍ବେଦ୍‌କର ବରୋଦା ମହାରାଜା ଶୟାଜୀରାଓ ଗାଏକୱାଡ୍‌ଙ୍କ ସାହାଯ୍ୟରେ ଆମେରିକାର କଲୋମ୍ବିଆ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ଶାସ୍ତ୍ରରେ ଏମ୍.ଏ., ପିଏଚ୍.ଡି. ଓ ପରେ ପରେ ଲଣ୍ଡନ ସ୍କୁଲ୍ ଅଫ ଇକୋନମିକ୍ସରୁ ଏମ୍.ଏସ୍‌ସି, ଡି.ଏସ୍‌ସି., ଏବଂ ଗ୍ରେସ୍ ଇନ୍‌ରୁ ବାରିଷ୍ଟର ଉପାଧି କୃତିତ୍ୱର ସହିତ ହାସଲ କରିଥିଲେ । ଉଚ୍ଚଶିକ୍ଷା ଲାଭକରି ଚାକିରି କରିବା ତାଙ୍କ ଜୀବନର ଲକ୍ଷ୍ୟ ନ ଥିଲା । ଦେଶ ସେବାରେ ନିଜକୁ ନିୟୋଜିତ କରି ଅବହେଳିତ, ଲାଞ୍ଛିତ ଓ ଶୋଷିତ ଲୋକମାନଙ୍କୁ 'ସାମାଜିକ ନ୍ୟାୟ' ଦେବା ଏବଂ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ରାଜନୈତିକ ଅଧିକାର ଦେବା ପାଇଁ ସେ ଆରମ୍ଭ କଲେ ଏକ ବୈପ୍ଳବିକ ଆନ୍ଦୋଳନ ।

ପ୍ରକାଶ ଥାଉକି, ପ୍ରାଚୀନ ଓ ମଧ୍ୟ କାଳୀନ ଭାରତରେ ସାମାଜିକ ସମତା ବା ନ୍ୟାୟ ନ ଥିଲେ କିମ୍ବା ସମସ୍ତଙ୍କର ରାଜନୈତିକ ଅଧିକାର ମଧ୍ୟ ନ ଥିଲା । ଭାରତୀୟ ଅଧିବାସୀମାନେ ବଂଶାନୁକ୍ରମିକ ରାଜତନ୍ତ୍ରରେ ଅତିଷ୍ଠ ହୋଇ ପଡ଼ିଥିଲେ । ନିମ୍ନ ଶ୍ରେଣୀର ଦୁଃଖ କହିଲେ ନ ସରେ । ଡକ୍ଟର ଆମ୍ବେଦ୍‌କର ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ରାଜନୈତିକ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି 'ରାଜତନ୍ତ୍ର' ପରିବର୍ତ୍ତେ 'ଗଣତନ୍ତ୍ର' ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରି ସଫଳ ହୋଇଥିଲେ ।

ପ୍ରାଗ୍-ସ୍ୱାଧୀନତା ସମୟରେ ଭାରତ ବର୍ଷରେ ଯେଉଁସବୁ ଶାସନ ସଂସ୍କାର ଆଇନ୍ ପ୍ରଣୀତ ହୋଇଥିଲା, ସେଥିରେ ମଣ୍ଟେଗୁ-ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର (୧୯୧୯)ରୁ କ୍ୟାବିନେଟ୍ ମିଶନ (୧୯୪୬) ପର୍ଯ୍ୟନ୍ତ ସବୁଥିରେ ଡକ୍ଟର ଆମ୍ବେଦକର ସକ୍ରିୟ ଅଂଶ ଗ୍ରହଣ କରି ଦେଶ ଗଠନ ଓ ପରିଚାଳନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଗୋଲ୍‌ଟେବୁଲ ବୈଠକ (୧୯୩୦-୩୨)ରେ ଡକ୍ଟର ଆମ୍ବେଦକରଙ୍କର ଦେଶାତ୍ମବୋଧକ ବକ୍ତୃତା ଓ ସମ୍ବିଧାନ ପ୍ରଣୟନ ସଭାରେ ତାଙ୍କର ବିଶେଷ ସାମ୍ବିଧାନିକ ଆଲୋଚନା ଓ ଅଭୂତପୂର୍ବ ବାଗ୍ମିତା ତାଙ୍କୁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜଣେ ଅଦ୍ୱିତୀୟ ଦେଶପ୍ରେମୀ ଓ ମହାନ ରାଷ୍ଟ୍ର ନାୟକ ଭାବେ ଅବତୀର୍ଣ୍ଣ କଲା । ସ୍ୱାଧୀନ ଭାରତର ପ୍ରଥମ ଆଇନ୍ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହିତ ଡକ୍ଟର ଆମ୍ବେଦକର ସମ୍ବିଧାନ ସଭାରେ "ଡ୍ରାଫ୍‌ଟିଙ୍ଗ୍ କମିଟିର ଚେୟାରମ୍ୟାନ୍ ଭାବେ ମଧ୍ୟ ନିର୍ବାଚିତ ହେଲେ । ଏହିପରି ଭାରତ ସମ୍ବିଧାନ ପ୍ରସ୍ତୁତ କରିବାର ଗୁରୁ ଦାୟିତ୍ୱ ବହନ କରି ଦୀର୍ଘ ୨ ବର୍ଷ ୧୧ ମାସ ୧୭ ଦିନ କଠିନ ପରିଶ୍ରମ କରି ସେ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ସମ୍ବିଧାନ ପ୍ରଣୟନ ସଭାରେ ଲିଖିତ ସମ୍ବିଧାନଟିକୁ ଗୃହୀତ କରାଇଥିଲେ । ଆଧୁନିକ ଭାରତ ନିର୍ମାଣ ନିମନ୍ତେ ତାଙ୍କର ମହନୀୟ ଅବଦାନ ସମ୍ବନ୍ଧରେ ଉକ୍ତ ପ୍ରବନ୍ଧ ସମ୍ୟକ୍ ଅବତାରଣା ମାତ୍ର ।

## ମଣ୍ଟେଗୁ-ଚେମସଫୋର୍ଡ଼ ଶାସନ ସଂସ୍କାର :

ବିଂଶ ଶତାବ୍ଦୀର ଦୁଇ ଦଶନ୍ଧି ମଧ୍ୟରେ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନ ତୀବ୍ରତର ହୋଇ ସାରିଥାଏ ଏବଂ ବ୍ରିଟିଶ ସରକାର କ୍ରମଶଃ ଭାରତୀୟମାନଙ୍କୁ ରାଜନୀତି ଓ ଶାସନରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ଦେଉଥାନ୍ତି, ସେହି ସମୟରେ ଡକ୍ଟର ଆମ୍ବେଦ୍‌କର ସ୍ୱାଧୀନତା ଓ ରାଜନୈତିକ ଅଧିକାରରେ ନିମ୍ନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାଧାରଣ ଲୋକମାନଙ୍କ ନିକଟରେ ପହଞ୍ଚେଇବା ପାଇଁ ତାଙ୍କର ସଂଗ୍ରାମ ଅବ୍ୟାହତ ରଖିଥିଲେ । ମଣ୍ଟେଗୁ-ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର

ଭାରତରେ ଗଠିତ South borough Franchise Committee (1919) ସମ୍ମୁଖରେ ସାକ୍ଷ୍ୟ ପ୍ରଦାନ କରି ଡକ୍ଟର ଆମ୍ବେଦ୍କର କହିଥିଲେ ଯେ "ଲୋକମାନଙ୍କ ଦ୍ୱାରା" ଗଠିତ ଲୋକମାନଙ୍କ ପାଇଁ ସରକାରଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଲୋକମାନେ ନିଜେ ନିଜକୁ ଶାସନ କରିବା ପାଇଁ ସୁଯୋଗ ପାଇବା ଦରକାର । "ନିଜେ ନିଜକୁ ଶାସନ କରିବା ଜଣେ ବ୍ରାହ୍ମଣର ଯେପରି ଜନ୍ମଗତ ଅଧିକାର, ଜଣେ ଅସ୍ପୃଶ୍ୟର ମଧ୍ୟ ସେହିପରି ଜନ୍ମଗତ ଅଧିକାର" ବୋଲି ସେ ମତବ୍ୟକ୍ତ କରିଥିଲେ । ବ୍ରିଟିଶ୍ ସରକାରଙ୍କ ଦ୍ୱାରା ବିଧାୟକ ମନୋନୟନ ବ୍ୟବସ୍ଥାକୁ ନାପସନ୍ଦ କରି ସେମାନେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେବା ଉଚିତ୍ ବୋଲି ସେ ପ୍ରକାଶ କରିଥିଲେ । ୧୯୧୯ ମସିହାଠାରୁ ଭାରତର ଗଣତନ୍ତ୍ର ପ୍ରତିଷ୍ଠା କରିବା ଦିଗରେ ଡକ୍ଟର ଆମ୍ବେଦ୍କରଙ୍କ ଏହା ଥିଲା ଏକ ଅବିସ୍ମରଣୀୟ ଉଦ୍ୟମ ।

## ସାଇମନ୍ କମିଶନ୍ :

ସାମ୍ବିଧାନିକ ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ନିଯୁକ୍ତ ସାଇମନ୍ କମିଶନ (୧୯୨୭)କୁ ତତ୍କାଳୀନ ଜାତୀୟ କଂଗ୍ରେସ ବାସନ୍ଦ କରିଥିଲା । କିନ୍ତୁ ଡକ୍ଟର ଆମ୍ବେଦ୍କର ଜଣେ ସମ୍ବିଧାନବିତ୍ ଭାବେ ତାହା କରିବାକୁ ଚାହିଁ ନ ଥିଲେ । ସେ କମିଶନ୍ ସମ୍ମୁଖରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କର ଗଠନ ପ୍ରଦେଶଗୁଡ଼ିକୁ ସ୍ୱାୟତ୍ତ ଶାସନ କ୍ଷମତା ଇତ୍ୟାଦି ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ଭାରତୀୟ ବେସାମରିକ ସେବା (I.E.S.) କୁ ଭାରତୀୟ କରଣ, ରାଜ୍ୟମାନଙ୍କରେ ଲୋକସେବା ଆୟୋଗ ଗଠନ ଏବଂ ଅନଗ୍ରସର ଶ୍ରେଣୀଙ୍କୁ ସ୍ୱତନ୍ତ୍ର ,ସୁବିଧା ସୁଯୋଗ ଦ୍ୱାରା ଶାସନ କ୍ଷେତ୍ରରେ ସାମିଲ କରିବା ପାଇଁ ସେ ଦୃଢ଼ ଦାବୀ ଉପସ୍ଥାପିତ କରିଥିଲେ । ଏହାଦ୍ୱାରା ସାଇମନ୍ କମିଶନ୍ ଡକ୍ଟର ଆମ୍ବେଦ୍କରଙ୍କଠାରୁ ଜଣେ ବିଜ୍ଞ ସମ୍ବିଧାନବିତ୍‌ର ପରିଚୟ ପାଇଥିଲେ ।

## ଗୋଲଟେବୁଲ୍ ବୈଠକ :

୧୯୩୦ରୁ ୧୯୩୨ ମସିହା ମଧ୍ୟରେ ଲଣ୍ଡନରେ ଅନୁଷ୍ଠିତ ହୋଇଥିବା ତିନୋଟି ଗୋଲ ଟେବୁଲ ବୈଠକ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଓ ସାମ୍ବିଧାନିକ ବ୍ୟବସ୍ଥାର ଉନ୍ନତି ସମ୍ବନ୍ଧରେ ଯଥେଷ୍ଟ ପ୍ରଭାବ ପକାଇଥିଲା । ଏହି ବୈଠକର ପ୍ରଥମ ପର୍ଯ୍ୟାୟରେ ଦଳିତ ଶ୍ରେଣୀର ଉନ୍ନତି ପାଇଁ କୌଣସି ପଦକ୍ଷେପ ନିଆ ନ ହୋଇଥିବାରୁ ଡକ୍ଟର ଆମ୍ବେଦ୍କର ବ୍ରିଟିଶ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ବ୍ରିଟିଶ୍ ସରକାର ଭାରତୀୟ ଜନସାଧାରଣଙ୍କର ସମସ୍ୟା ସମାଧାନ କରି ପାରିବେ ନାହିଁ ବୋଲି ତାଙ୍କର ଦୃଢ଼ ମତ ଥିଲା । ତାଙ୍କ ମତରେ, ଭାରତ ବର୍ଷରେ ଯେ ପର୍ଯ୍ୟନ୍ତ ଅମଲା ତାନ୍ତ୍ରିକ ଶାସନ ବଦଳରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ ନ ହୋଇଛି, ସେ ପର୍ଯ୍ୟନ୍ତ ଭାରତୀୟମାନଙ୍କର ଉନ୍ନତି ସମ୍ଭବ ନୁହେଁ । ଏହି ମର୍ମରେ ସେ କହିଥିଲେ–

"We must have a Government in which men in power, will give their undivided allegiance to the best interest of the country. We must have a Government in which men in power, knowing where obedience will end and resistance will begin, will not be afraid to amend the social and economic code of life which the dictates of justice and expediency so urgently call for. This role the British Government will never be able to play. It is only a Government which is of the people, by the people and for the people that will make this possible.

୧୯୩୦ ମସିହାରେ ମହାତ୍ମାଗାନ୍ଧୀ ଯେତେବେଳେ ବ୍ରିଟିଶ୍ ଆଇନ୍ ଅମାନ୍ୟ କରି "ଲବଣ ସତ୍ୟାଗ୍ରହ" ଆରମ୍ଭ କରିଥିଲେ । ସେହି ସମୟରେ ଲଣ୍ଡନସ୍ଥ ଗୋଲ୍ ଟେବୁଲ୍ ବୈଠକରେ ଡକ୍ଟର ଆମ୍ବେଦ୍କର ଭାରତବର୍ଷକୁ 'ଏକ ରାଷ୍ଟ୍ର ରୂପେ ଗଠନ କରି ଗଣତନ୍ତ୍ର ପ୍ରତିଷ୍ଠା କରିବା ପାଇଁ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ଭାରତରେ ଏକ 'ସଙ୍ଘୀୟ ଶାସନ ବ୍ୟବସ୍ଥା' (Unitaryform of Government)ର ପ୍ରତିଷ୍ଠା, ରାଜ୍ୟମାନଙ୍କର ସ୍ୱାୟତ୍ତଶାସନ କ୍ଷମତା, ସାଧାରଣ ନାଗରିକତା, ସାବାଳକ ଭୋଟ୍ ପ୍ରଥା, ନାଗରିକ ଅଧିକାରର ମୁକ୍ତ ବ୍ୟବହାର ଏବଂ ବିଧାନ ଗୃହ ଓ ସରକାରୀ ଚାକିରିରେ ; ସବୁ ଶ୍ରେଣୀର ପ୍ରତିନିଧିତ୍ୱ ଇତ୍ୟାଦି ସମ୍ବିଧାନ ଅନ୍ତର୍ଭୁକ୍ତ କରିବାକୁ ସେ ଚାହିଁଥିଲେ । ବିଭିନ୍ନ ସାମ୍ବିଧାନିକ ବିଷୟ ବସ୍ତୁର ପୁଙ୍ଖାନୁପୁଙ୍ଖ ଆଲୋଚନା ପାଇଁ ଗୋଲ୍ ଟେବୁଲ୍ ବୈଠକରେ ନଅଟି ସବ୍–କମିଟି ଗଢ଼ାଯାଇ ଥିଲା ଏବଂ ଡକ୍ଟର ଆମ୍ବେଦ୍କର Federal Structure Committee ; Minority Committee. Provincial Constitution Sub-Committee; Service Sub-Committee; Franchise Sub- Committee ଓ Minority Sub- Committeeରେ ଭାରତ ଓ ଇଂଲଣ୍ଡର ମହାନ୍ ରାଜନୀତିଜ୍ଞ ଓ ଆଇନ୍‌ଜ୍ଞମାନଙ୍କ ମଧ୍ୟରେ କୃତିତ୍ୱର ସହ କାର୍ଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଭାରତୀୟମାନଙ୍କର ଶାସନ ପାଇଁ ମନମୁଖୀ ଆଇନ୍ ତିଆରି ନ କରି ଭାରତୀୟ ଲୋକମାନଙ୍କର ମତାମତ ଗ୍ରହଣ କରିବାକୁ ଡକ୍ଟର ଆମ୍ବେଦ୍କର ବ୍ରିଟିଶ୍ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଲୋକମାନଙ୍କର ବିନା ମତାମତରେ ସମ୍ବିଧାନ ଗଢ଼ିଲେ ତାହା ଭାରତବର୍ଷରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ସେ ବ୍ରିଟିଶ୍ ସରକାରଙ୍କୁ ସତର୍କ କରାଇ ଦେଇ ଥିଲେ । ତାଙ୍କ ମତରେ ବ୍ରିଟିଶ୍ ଯଥାଶୀଘ୍ର ଭାରତ ଛାଡ଼ି ଚାଲିଗଲେ ସ୍ୱାଧୀନ ଭାରତରେ ଏକ "ସ୍ୱରାଜ ସମ୍ବିଧାନ" ପ୍ରସ୍ତୁତ ହେବା ସମ୍ଭବ ହେବ । ଡକ୍ଟର ଆମ୍ବେଦ୍କରଙ୍କର ଏପରି ଦେଶାତ୍ମବୋଧକ ବକ୍ତୃତା ତାଙ୍କୁ ପରବର୍ତ୍ତୀ କାଳରେ ଜଣେ ମହାନ୍ ରାଷ୍ଟ୍ରନାୟକ ରୂପେ ଅବତୀର୍ଣ୍ଣ କଲା ।

## କୃଷି, ମୂଲିଆ, ଶ୍ରମିକ ନେତା :

ଗୋଲ ଟେବୁଲ୍ ବୈଠକର ବିବରଣୀ ଅନୁଯାୟୀ ପ୍ରଣୀତ ହୋଇଥିବା ଭାରତୀୟ ଶାସନ ଆଇନ୍ (୧୯୩୫)ରେ ଡକ୍ଟର ଆମ୍ବେଦ୍କରଙ୍କର ଅଧିକାଂଶ ଚିନ୍ତାଧାରା ପ୍ରତିଫଳିତ ହେଲା । ଏହି ଆଇନ୍ ଅନୁଯାୟୀ ଭାରତ ବର୍ଷର ପ୍ରତ୍ୟେକ ରାଜ୍ୟରେ ୧୯୩୭ ମସିହାରେ ନିର୍ବାଚନ କରାଯାଇ ଲୋକପ୍ରିୟ ବିଧାନ ସଭାମାନ ଗଠିତ ହେଲା । ଏହି ସମୟରେ ଡକ୍ଟର ଆମ୍ବେଦ୍କର ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେଇ ଗୋଟିଏ Indepenent Labour Party of India (1936–37) ଗଢ଼ିଲେ ଏବଂ ଏହା ମାଧ୍ୟମରେ କୃଷକ, କୃଷି ଶ୍ରମିକ ଓ ଶିଳ୍ପ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିଥିଲେ । ୧୯୩୭ ମସିହାରେ ସେ ମଧ୍ୟ ବମ୍ବେ ବିଧାନସଭାକୁ ନିର୍ବାଚିତ ହୋଇ ଭୂମିହୀନ ଶ୍ରମିକ ସମସ୍ୟା, କ୍ଷୁଦ୍ର ପରିସର ଜମି ସମସ୍ୟା, 'ଖୋଟି' ଓ ମହର ବତନର ଉଚ୍ଛେଦ, ରାଜସ୍ୱ, ମିଳିତ କୋଠଗୃଷ, ମୁଦ୍ରା ସମସ୍ୟା ଶିକ୍ଷାକୁ ସାର୍ବଜନୀନ କରିବା ଓ ଜମିଦାରୀ ଉଚ୍ଛେଦ ସମ୍ବନ୍ଧରେ ସାରଗର୍ଭକ ଆଲୋଚନା କରି ବିଭିନ୍ନ ସମସ୍ୟାର ସମାଧାନ କରି ପାରିଥିଲେ । ଭାରତବର୍ଷର ଲୋକପ୍ରିୟ ବିଧାନସଭାରେ "କୃଷି ଶ୍ରମିକମାନଙ୍କର ଦାସତ୍ୱ ଉଚ୍ଛେଦ ବିଲ୍" ଆଗତ କରିବାପାଇଁ ସେ ଥିଲେ ପ୍ରଥମ ବିଧାୟକ । ଏହି ସମୟରେ ଡକ୍ଟର ଆମ୍ବେଦ୍କର ଜଣେ ବୁଦ୍ଧିମାନ ଓ ବଳିଷ୍ଠ ଶ୍ରମିକ ନେତା ଭାବେ ଭାରତରେ ଓ ଭାରତ ବାହାରେ ମଧ୍ୟ ବିବେଚିତ ହେଲେ ।

## ଶ୍ରମ ସଦସ୍ୟ :

ଡକ୍ଟର ଆମ୍ବେଦ୍କରଙ୍କ ଶ୍ରମିକ ସମସ୍ୟା ସମ୍ବନ୍ଧରେ ଜ୍ଞାନ ଓ ଏହାକୁ ସମାଧାନ କରିବାକୁ ତାଙ୍କର ବିଚକ୍ଷଣ କୌଶଳ ତାଙ୍କୁ ଉଚ୍ଚ ଆସନରେ ଅଧିଷ୍ଠିତ କଲା । ସେ ୧୯୪୨ ମସିହା ଜୁଲାଇ ୨୦ ତାରିଖ ଦିନ ଭାଇସ୍‌ରାୟଙ୍କ କାର୍ଯ୍ୟକାରିଣୀ ପରିଷଦରେ "ଶ୍ରମ ସଦସ୍ୟ" ଭାବେ ଯୋଗ ଦେଇ ୧୯୪୬ ମସିହା ପର୍ଯ୍ୟନ୍ତ ଏହି ପଦବୀରେ କାର୍ଯ୍ୟ କରିଥିଲେ । ୧୯୪୫ ମସିହା ସେପ୍ଟେମ୍ବର ୨ ତାରିଖ ଦିନ ତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା "Labour charter" ଏବେ ସୁଦ୍ଧା ଭାରତୀୟ ଶ୍ରମିକ ମଙ୍ଗଳ କାର୍ଯ୍ୟକ୍ରମଗୁଡ଼ିକର ପଥ ପ୍ରଦର୍ଶକ ହୋଇ ରହିଛି । ତାଙ୍କ ସମୟରେ ଶ୍ରମିକମାନଙ୍କୁ ଛୁଟି ସହ ବେତନ ଦେବାପାଇଁ ଆଇନ୍ ଭାରତୀୟ ଖଣି ଆଇନ୍, ଭାରତୀୟ ଖଣି ଆଇନ୍ ମହିଳା ଶ୍ରମିକମାନଙ୍କୁ ପ୍ରସୂତି ସୁବିଧା ଓ ଛୁଟି ଏବଂ ୧୪ ବର୍ଷରୁ କମ୍ ବୟସର ବାଳକ ବାଳିକାମାନଙ୍କୁ କାରଖାନାରେ କାର୍ଯ୍ୟ କରିବାକୁ ନିଷେଧାଦେଶ ଇତ୍ୟାଦି ଆଇନ୍‌ଗୁଡ଼ିକ ପ୍ରଣୟନ ହୋଇଥିଲା । ତାଙ୍କ ମତରେ, "ଶ୍ରମ, ଖାଦ୍ୟ, ବସ୍ତ୍ର, ଆଶ୍ରୟ, ଶିକ୍ଷା, ସ୍ୱାସ୍ଥ୍ୟ ସଫଳ ଓ ସାଂସ୍କୃତିକ ବ୍ୟବସ୍ଥା ଇତ୍ୟାଦି ଦୃଢ଼ତାର ସହ ଦାବୀ କରେ ।" ଏତଦ୍ ବ୍ୟତୀତ ଶ୍ରମିକମାନଙ୍କର "ସାମାଜିକ ନିରାପତ୍ତା" ପାଇଁ ପ୍ରଣୀତ ଆଇନ୍ ଯୋଗୁଁ ଡକ୍ଟର ଆମ୍ବେଦ୍କର ଅମର ହୋଇ ରହିଥିବେ ।

## ହୀରାକୁଦ ଡ୍ୟାମ୍ ଯୋଜନା :

ଓଡ଼ିଶା ପାଇଁ ଡକ୍ଟର ଆମ୍ବେଦ୍କରଙ୍କର ଦାନ ଚିର ସ୍ମରଣୀୟ ସେ କେନ୍ଦ୍ରରେ ଶ୍ରମ ସଦସ୍ୟ ଥିବା ସମୟରେ ବିଦ୍ୟୁତ୍ ଜଳସେଚନ ବିଭାଗର ଅତିରିକ୍ତ ଦାୟିତ୍ୱରେ ମଧ୍ୟ ଥିଲେ । ୧୯୪୫ ମସିହା ନଭେମ୍ବର ୮ ତାରିଖ ଦିନ କଟକଠାରେ "ମହାନଦୀ ବହୁମୁଖୀ ଯୋଜନା ସମ୍ମିଳନୀ"ରେ ସଭାପତିତ୍ୱ କରି ସେ ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଉପଲବ୍ଧି କରିଥିଲେ । ନଦୀ ବହୁଳ ଅଞ୍ଚଳ ଓଡ଼ିଶାରେ ଗୋଟିଏ ନଦୀ ବହୁମୁଖୀ ଯୋଜନା ହୋଇ ପାରିଲେ ଓଡ଼ିଶାବାସୀଙ୍କର ଦୁଃଖ ବହୁ ପରିମାଣରେ ଦୂର ହୋଇ ପାରିବ ବୋଲି ସେ ଭଲ ଭାବେ ଚିନ୍ତା କଲେ । ସମ୍ମିଳନୀରେ ତାଙ୍କ ଦ୍ୱାରା ଉଦ୍‌ଘାଟିତ ମହାନଦୀ ବହୁମୁଖୀ ନଦୀବନ୍ଧ ଯୋଜନା ଦ୍ୱାରା ଗଢ଼ି ଉଠିଲା "ହିରାକୁଦ ଡ୍ୟାମ୍" । ଏଥି ପାଇଁ କେନ୍ଦ୍ରୀୟ ଜଳପଥ, ଜଳ ସେଚନ ଓ ନୌଯାତାୟତ କମିଶନ ଚେୟାରମ୍ୟାନ୍ ଡକ୍ଟର ଏ: ଏନ୍:, ଖୋସଲାଙ୍କ ଅବଦାନ ସ୍ମରଣ ଯୋଗ୍ୟ । ଡକ୍ଟର ଖୋସଲା ଡ୍ୟାମ୍ ପାଇଁ ସ୍ଥାନ ନିରୂପଣ କଲେ ଏବଂ ଡକ୍ଟର ଆମ୍ବେଦ୍କର ମଧ୍ୟପ୍ରଦେଶ ଓ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରି ସଫଳତାପୂର୍ବକ "ହୀରାକୁଦ୍ ଡ୍ୟାମ୍" ନିର୍ମାଣ ପାଇଁ ୧୯୪୬ ମସିହାରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କଲେ । ତାଙ୍କ ସମୟରେ ଡ୍ୟାମର ଯୋଜନା, ଅଟକଳ ଓ ରୂପରେଖ ଇତ୍ୟାଦି ପ୍ରସ୍ତୁତ ହୋଇଥିଲା; କିନ୍ତୁ ୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କରିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା । ଏହା ୧୯୪୮ ମସିହାରେ ଆରମ୍ଭ ହୋଇ ୧୯୫୬ ମସିହାରେ ଶେଷ ହୋଇଥିଲା । ହୀରାକୁଦ ଡ୍ୟାମ ଆଧୁନିକ ଭାରତ ନିର୍ମାଣ ପାଇଁ ଡକ୍ଟର ଆମ୍ବେଦ୍କରଙ୍କ ସ୍ୱପ୍ନର ଏକ ଅଂଶ ମାତ୍ର ।

## ସମ୍ବିଧାନ ପ୍ରଣୟନ :

ଭାରତ ମାତାଙ୍କୁ ଡକ୍ଟର ଆମ୍ବେଦକରଙ୍କର ସର୍ବଶ୍ରେଷ୍ଠ ଅବଦାନ ହେଉଛି ସମ୍ବିଧାନ । ୧୯୪୬ ମସିହାରେ ସେ ପଶ୍ଚିମ ବଙ୍ଗରୁ ସମ୍ବିଧାନ ପ୍ରଣୟନ ସଭାକୁ ନର୍ବାଚିତ ହେଲେ । ସେହି ସମୟରେ କ୍ୟାବିନେଟ୍ ମିଶନ (୧୯୪୬) ସହିତ କ୍ଷମତା ହସ୍ତାନ୍ତରିକରଣ ଓ ରାଜ୍ୟ ପୁନର୍ଗଠନ ଇତ୍ୟାଦି ବିଷୟରେ ଗଭୀର ଆଲୋଚନା କରି ରାଷ୍ଟ୍ର ଗଠନର ଏକ ଅନବଦ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତ ବିଭାଜନ ହୋଇଯିବା ପରେ ବଙ୍ଗ ଓ ପଞ୍ଜାବର ହିନ୍ଦୀ ଭାଷାଭାଷୀ ଅଞ୍ଚଳକୁ ଭାରତ ସହ ମିଶାଇ ଦେବାକୁ ଚୁକ୍ତି ପରେ ତାଙ୍କର ଅପୂର୍ବ ଦେଶପ୍ରୀତିର ପରିଚୟ ଦିଏ ।

୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ତାଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ କାର୍ଯ୍ୟକାରୀ ହେଲା ଏବଂ ଭାରତ ବର୍ଷ ଏକ ସାର୍ବଭୌମ, ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ପୃଥିବୀରେ ପରିଚିତ ହେଲା । ସମ୍ବିଧାନରେ ଲୋକମାନଙ୍କର ସର୍ବାଧିକ କ୍ଷମତା ଆଇନ୍ ଆଗରେ ସମସ୍ତଙ୍କୁ ସମାନ ଏବଂ ନ୍ୟାୟ, ସାମ୍ୟ, ମୁକ୍ତି ଓ ମୈତ୍ରୀର ମହାନ୍ ଦର୍ଶନକୁ ଭିତ୍ତିଭୂମି କରି ସମ୍ବିଧାନର ବିଭିନ୍ନ ଧାରା ଓ ଉପଧାରାଗୁଡ଼ିକ ସେ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଥିଲେ । ବିଭିନ୍ନ ଭାଷା, ବିଭିନ୍ନ ଅଞ୍ଚଳ ଓ ବିଭିନ୍ନ ସଂସ୍କୃତିକୁ ନେଇ ଗଠିତ

ଭାରତ ବର୍ଷକୁ ଜାତୀୟ ସଂହତିକୁ ଚିରସ୍ଥାୟୀ କରିବା ପାଇଁ ଡକ୍ଟର ଆମ୍ବେଦ୍କର ବିଭିନ୍ନ ସାମ୍ବିଧାନିକ ବ୍ୟବସ୍ଥା କରି ଯାଇଛନ୍ତି । ରାଜ୍ୟଗୁଡ଼ିକ ସ୍ୱାୟତ୍ତଶାସିତ ହେଲେ ମଧ୍ୟ କେନ୍ଦ୍ରକୁ ଶକ୍ତି ଶାଳୀ ଓ ଜାତୀୟ ପୂର୍ଣ୍ଣ କରିବା ହିନ୍ଦୀକୁ ରାଷ୍ଟ୍ରଭାଷା ଓ ସିଂହ ଚିହ୍ନିତ ଅଶୋକ ସ୍ତମ୍ଭକୁ ଜାତୀୟ ସଙ୍କେତ ଭାବେ ଗ୍ରହଣ କରିବା ତନ୍ମଧ୍ୟରୁ ଅନ୍ୟତମ ଗୋଟି । ତାଙ୍କର ସମ୍ବିଧାନ ପ୍ରଣୟନ ପାଇଁ ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟ (ଯେଉଁଠାରେ ସେ ଦିନେ ଛାତ୍ର ଥିଲେ) ତାଙ୍କୁ LL. D. ଓ ଓସମାନିଆ ବିଶ୍ୱବିଦ୍ୟାଳୟ D Litt. ଉପାଧିରେ ସମ୍ମାନ କରିଥିଲେ ।

## ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର :

ସମ୍ବିଧାନରେ ଯେଉଁପରି ରାଜନୈତିକ ବ୍ୟବସ୍ଥା ପ୍ରତିଫଳିତ ହେଲା, ସେଥିରେ ଡକ୍ଟର ଆମ୍ବେଦ୍କର ବିଶେଷ ସନ୍ତୋଷ ପ୍ରକାଶ କରି ନାହାନ୍ତି । ସମ୍ବିଧାନ ଦ୍ୱାରା ଭାରତୀୟମାନେ କେବଳ "ରାଜନୈତିକ ଗଣତନ୍ତ୍ର" ପାଇଛନ୍ତି ବୋଲି ସେ ସମ୍ବିଧାନ ପ୍ରଣୟନ ସଭାରେ ପ୍ରକାଶ କରିଥିଲେ । ତାଙ୍କ ମତରେ "ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର" ବିନା "ରାଜନୈତିକ ଗଣତନ୍ତ୍ର"? କୌଣସି ଅର୍ଥରେ ନାହିଁ । ଭାରତୀୟ ସମାଜରେ ପୂର୍ବଭଳି ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ରହିଥିବା ବେଳେ ସମସ୍ତେ "ରାଜନୈତିକ ଗଣତନ୍ତ୍ର" ଉପଭୋଗ କରି ପାରିବେ ନାହିଁ । ଏହି ମର୍ମରେ ସେ ସମ୍ବିଧାନ ପ୍ରଣୟନ ସଭାରେ ସତର୍କ କରାଇ ଦେଇଥିଲେ; ତାଙ୍କ ଭାଷାରେ :

On 26th January 1950, we are going to enter into a life of contradictions. In politics we will have equality and in social and economic life we will have inequality. In politics, we ill be recognising the principle of one man—one vote and one vote— one value. In our social and economic llife, we shall by reason of our social and economic structure, continue to deny the principle of one man— one value.

How long shall we continue to live this life of contradictions ? How long shall we continue to deny equality in our social and economic life ?

If we continue to deny for long, we will do so only by putting our political democracy in peril. We must remove this contradiction at the earliest possible moment or else those who suffer from inequality will blow up the structure of political democracy which this Assembly has so labouriously built up."

ଏହା ଥିଲା ଡକ୍ଟର ଆମ୍ବେଦ୍କରଙ୍କ ଓଜସ୍ୱିନୀ ବାଣୀ । ୧୯୪୯ ମସିହା ନଭେମ୍ବର ୨୫ ତାରିଖ ଦିନ ତାଙ୍କଦ୍ୱାରା ପ୍ରସ୍ତୁତ "ଚିଠା ସମ୍ବିଧାନ" ଉପସ୍ଥାପିତ କରିବା ସମୟରେ ସେ ଏହା ପ୍ରକାଶ କରିଥିଲେ । ସେ ଚାହିଁଥିଲେ ଏକ ଜାତିହୀନ ଓ ଶ୍ରେଣୀହୀନ ସମାଜ ଗଠନ । କିନ୍ତୁ ତାହା ଏପର୍ଯ୍ୟନ୍ତ ସଫଳ ହୋଇପାରି ନାହିଁ ।

## ନାରୀ ସ୍ୱାଧୀନତା :

ଡକ୍ଟର ଆମ୍ବେଦ୍କର କେବଳ ଯେ ପୁରୁଷ ଓ ପୁରୁଷମାନଙ୍କ ମଧ୍ୟରେ ସମତା ପାଇଁ ଦାବୀ କରି ଆସୁଥିଲେ ତାହା ନୁହେଁ, ସେ ମଧ୍ୟ ଚାହୁଁଥିଲେ ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ସମତା, ସମାନ ଅଧିକାର ଓ ସମାନ ସୁଯୋଗ । ଭାରତୀୟ ନାରୀ ଜାତିଙ୍କୁ ସଂସ୍କାରମୂଳକ ଅତ୍ୟାଚାରରୁ ରକ୍ଷା କରିବା ଓ ସେମାନଙ୍କୁ ପୁରୁଷମାନଙ୍କ ସହିତ ସମକକ୍ଷ କରିବା ପାଇଁ ଡକ୍ଟର ଆମ୍ବେଦ୍କରଙ୍କ ପ୍ରଚେଷ୍ଟା ତାଙ୍କର ଆଧୁନିକ ସମାଜ ଗଠନର ପରିଚୟ ଦିଏ । ତାଙ୍କ ଦ୍ୱାରା ଦେବଦାସୀ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ (୧୯୨୭) ଓ ବିଖ୍ୟାତ "ହିନ୍ଦୁ କୋଡ୍ ବିଲ୍" (୧୯୫୧) ପ୍ରଣୟନ ସମଗ୍ର ନାରୀ ଜାତି ପ୍ରଗତିର ପ୍ରତିକ । 'ହିନ୍ଦୁ କୋଡ୍ ବିଲ୍'ରେ ନାରୀମାନଙ୍କୁ ଶିକ୍ଷା, ସମ୍ପତ୍ତି ଓ ଛାଡ଼ପତ୍ର ଦେବାର ଅଧିକାର ପ୍ରଦାନ କରି ସେ ସମଗ୍ର ନାରୀ ସମାଜର ଚିର ସ୍ମରଣୀୟ ହୋଇଛନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ରକ୍ଷଣଶୀଳ ଗୋଷ୍ଠୀଙ୍କ ଦ୍ୱାରା ଏହା ପାର୍ଲାମେଣ୍ଟ ପାଶ୍ ନ ହୋଇ ପାରିବାରୁ ସେ ନେହେରୁଙ୍କ କ୍ୟାବିନେଟ୍‌ରୁ ନୈତିକ ଦୃଷ୍ଟିକୋଣରୁ ଇସ୍ତଫା ଦେଇଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ନାରୀ ପ୍ରଗତି ଆଇନ୍‌ଗୁଡ଼ିକ ପାଇଁ ତାଙ୍କଦ୍ୱାରା ପ୍ରଣୀତ "ହିନ୍ଦୁକୋଡ୍ ବିଲ୍" ପଥପ୍ରଦର୍ଶକ ଭାବେ ସାହାଯ୍ୟ କରିଛି ।

## ବୌଦ୍ଧଧର୍ମର ପୁନରୁଦ୍ଧାର:

ଡକ୍ଟର ଆମ୍ବେଦ୍କରଙ୍କ ସାମାଜିକ ଦର୍ଶନର ଭିତ୍ତିଭୂମି ଥିଲା ପ୍ରାଚୀନ ରକ୍ଷଣଶୀଳ ପରମ୍ପରାକୁ ଉଚ୍ଛେଦ କରି ନୂତନ ପ୍ରଗତିଶୀଳ ଦର୍ଶନରେ ସମାଜକୁ ଉଦ୍‌ବୁଦ୍ଧ କରିବା । ଏହି ଦୃଷ୍ଟିଭଙ୍ଗୀରେ ଭାରତ ମାଟିରେ ଜନ୍ମ ନେଇ ବିଶ୍ୱ ପ୍ରସିଦ୍ଧ ଲାଭ ପରେ ଧୀରେ ଧୀରେ ବିଲୟ ହୋଇ ଯାଇଥିବା ବୌଦ୍ଧ ଧର୍ମକୁ ପୁନରୁଦ୍ଧାର କରିବା ପାଇଁ ସେ ୧୯୫୬ ମସିହା ଅକ୍ଟୋବର ୧୪ ତାରିଖ ଦିନ ପ୍ରାୟ ତିନି ଲକ୍ଷ ଲୋକଙ୍କ ସହ ବୌଦ୍ଧଧର୍ମ ଗ୍ରହଣ କଲେ । ଧର୍ମାନ୍ତର ପରେ ପରେ ଡକ୍ଟର ଆମ୍ବେଦ୍କର ବ୍ରିଟଶ୍ ବ୍ରୋଡ୍‌କାଷ୍ଟିଙ୍ଗ୍ କର୍ପୋରେଶନରୁ ବିଶ୍ୱବାସୀଙ୍କୁ କହିଥିଲେ, ବୌଦ୍ଧ ଧର୍ମରେ ତିନୋଟି ମୌଳିକ ଉପାଦାନ ରହିଛି, ଯାହାକି ବିଶ୍ୱରଅନ୍ୟ କୌଣସି ଧର୍ମରେ ନାହିଁ । ସେଥିପାଇଁ ସେ ବୌଦ୍ଧଧର୍ମ ଗ୍ରହଣ କରିଛନ୍ତି । ତାହା ହେଲା 'ପ୍ରଜ୍ଞା', 'କରୁଣା', ଓ 'ସମତା' । ଗୌତମ ବୁଦ୍ଧଙ୍କର ମହାନ୍ ଦର୍ଶନରେ ଉଦ୍‌ବୁଦ୍ଧ ହେବା ପାଇଁ ସେ ବିଶ୍ୱବାସୀଙ୍କୁ ଆହ୍ୱାନ ଦେଇ ଥିଲେ । ଆଧୁନିକ ସମାଜ ଗଠନ ଓ ଆଧୁନିକ ଜୀବନ ଯାପନ ପାଇଁ ବୌଦ୍ଧ ଦର୍ଶନରେ ଯଥେଷ୍ଟ ପ୍ରଗତିମୂଳକ ଉପାଦାନ ରହିଛି

ବୋଲି ସେ ଦର୍ଶାଇ ଥିଲେ । ମୁକ୍ତି, ସାମ୍ୟ ଓ ମୈତ୍ରୀ ଫରାସୀ ବିପ୍ଳବ (୧୭୮୯)ର ଦାର୍ଶନିକ ତଥ୍ୟ ନୁହେଁ, ବୌଦ୍ଧ ଧର୍ମର ମୌଳିକ ତତ୍ତ୍ୱ ବୋଲି ସେ କହିଥିଲେ । ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ଓ ଆଧୁନିକ ଜୀବନ ଯାପନର ଏକ ଦାର୍ଶନିକ ଦିଗ୍‌ଦର୍ଶନ ତାଙ୍କ ବୌଦ୍ଧ ଧର୍ମ ଗ୍ରହଣର ଅନ୍ୟ ଏକ ଲକ୍ଷ୍ୟ ଥିଲା । ଏହା ତାଙ୍କ ଦେଶଭକ୍ତିର ଏକ ଉଜ୍ଜ୍ୱଳ, ଦୃଷ୍ଟାନ୍ତ । ଏହି ମହାନ୍ ଚିନ୍ତା ନାୟକ ତଥା ଭାରତୀୟ ସମ୍ବିଧାନର ଜନକଙ୍କର ମହାପ୍ରୟାଣ ଘଟିଲା ୧୯୫୬ ମସିହା ଡିସେମ୍ବର ୬ ତାରିଖ ଦିନ ରାତିରେ । ତାଙ୍କର ଶେଷ ପୁସ୍ତକ 'The Buddha and His Dhamma'ର ମୁଖବନ୍ଧ ଲେଖି ସାରି ସେଦିନ ରାତିରେ ସେ ଶୋଇ ପଡ଼ିଲେ ନିଦ୍ରାରେ ଚିର ଦିନ ପାଇଁ ।

**ଭାରତ ରତ୍ନ :**

ନ୍ୟାୟ, ସାମ୍ୟ, ମୁକ୍ତି ଓ ମାନବିକ ଅଧିକାରର ମହାନାୟକ ଡକ୍ଟର ବାବାସାହେବ ଆମ୍ବେଦକରଙ୍କର ଜନ୍ମ ଶତବାର୍ଷିକୀ (୧୯୯୦–୯୧) ପାଳନ ଅବସରରେ ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ "ଭାରତ ରତ୍ନ" ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଛି । ଏହି ବର୍ଷକୁ "ସାମାଜିକ ନ୍ୟାୟ ବର୍ଷ ରୂପେ ମଧ୍ୟ ପାଳନ କରାଯାଇଛି । ଦେଶ ବିଦେଶରେ ଡକ୍ଟର ଆମ୍ବେଦ୍‌କରଙ୍କର ରାଜନୈତିକ ଓ ସାମ୍ବିଧାନିକ ଦର୍ଶନ ଦ୍ରୁତ ଗତିରେ ଲୋକପ୍ରିୟତା ହାସଲ କରିବା ଅତ୍ୟନ୍ତ ଗୌରବର କଥା । ନେଲ୍‌ସନ ମଣ୍ଡେଲା ଭାରତ ଗସ୍ତରେ ଆସି ଏଠାରେ କହିଛନ୍ତି ଯେ ଦକ୍ଷିଣ ଆଫ୍ରିକାର ସମ୍ବିଧାନ ପ୍ରଣୟନରେ ଡକ୍ଟର ଆମ୍ବେଦ୍‌କରଙ୍କ ଦର୍ଶନ ଅନୁକରଣ କରାଯିବ । ଡକ୍ଟର ଆମ୍ବେଦ୍‌କର ଏକାଧାରରେ ଥିଲେ ଜଣେ ସାମାଜିକ ବିପ୍ଳବକାରୀ, ବିଶିଷ୍ଟ ଶିକ୍ଷାବିତ୍, ଅର୍ଥନୀତିଜ୍ଞ, ଆଇନଜ୍ଞ, ଦାର୍ଶନିକ, ସମ୍ବିଧାନ ବିଶେଷଜ୍ଞ, ସର୍ବୋପରି ଭାରତୀୟ ସମ୍ବିଧାନର ଜନକ ଓ ଆଧୁନିକ ଭାରତର ନିର୍ମାତା । ବିଂଶ ଶତାବ୍ଦୀର ବିଶ୍ୱ ଇତିହାସରେ ସେ ଏକ ଉଜ୍ଜ୍ୱଳ ନକ୍ଷତ୍ର ।

ପ୍ଲଟ ନଂ ୫୦, ବୁଦ୍ଧ ନଗର,
ଭୁବନେଶ୍ୱର–୭୫୧୦୧୪ ।



ଢେଙ୍କାନାଳରେ ରଥଯାତ୍ରା ।

# ମୁକ୍ତିର ପଥ ପ୍ରବୋଧା ଜୟପ୍ରକାଶ

● ଡକ୍ଟର ଜଗନ୍ନାଥ ମହାନ୍ତି

ଜୟପ୍ରକାଶ ନାରାୟଣ ଥିଲେ ଯଥାର୍ଥରେ ଦରିଦ୍ର ନାରାୟଣ,
...ର ଦରିଦ୍ର ଓ ଦୁଃଖୀ ଜନତାର ବନ୍ଧୁ । ଛାତ୍ରାବସ୍ଥାରୁ ସେ ମାର୍କ୍ସଙ୍କ
...ଶିତ ସାମ୍ୟବାଦ ଦ୍ୱାରା ଅଭିଭୂତ ଓ ଅନୁପ୍ରାଣିତ
...ଥିଲେ । ଦରିଦ୍ର, ନିଃସ୍ୱ ଓ ନିପୀଡ଼ିତ ମାନବ ସମାଜକୁ
...ଶ୍ତି, ମୁକ୍ତି ଓ ପ୍ରଗତି ପଥରେ ପରିଚାଳିତ କରିବାକୁ ସେ ମାର୍କ୍ସଙ୍କ
...ଟିକୁ ହିଁ ସର୍ବଶ୍ରେଷ୍ଠ ବୋଲି ବିଚାର କରିଥିଲେ । ସାରା ଜଗତର
...ର ଓ କୃଷକଙ୍କୁ ମାର୍କ୍ସ ଆହ୍ୱାନ ଦେଇଥିଲେ ଏକତାବଦ୍ଧ ହୋଇ
...ଜିବାଦୀ ସମାଜର ମୂଳୋତ୍ପାଟନ କରିବାକୁ । ସେ ବୁଝିଥିଲେ
...ସମାଜରେ ଯେତେବେଳେ ସର୍ବହରାର ପ୍ରଭୁତ୍ୱ ଓ ପ୍ରାଧାନ୍ୟ
...ତ ହେବ, ସେତେବେଳେ ଦାରିଦ୍ର୍ୟ ଓ ଅଭାବ ଲୋପ ପାଇବ
... ଅତ୍ୟାଚାର ଓ ଅବିଚାରର ବିନାଶ ଘଟିବ । ସେଥିପାଇଁ
...ୟ ହିଂସା ଓ ସଂଘର୍ଷର ଆବଶ୍ୟକତା ରହିଛି ବୋଲି ମାର୍କ୍ସଙ୍କ
...ା ଥିଲା । ପୁଞ୍ଜିବାଦୀ ସମାଜରେ ସାମ୍ୟ ଓ ମୈତ୍ରୀର
...ନୀ ପାଇଁ ଆପ୍ରାଣ ଶପଥ ନେବାକୁ ହେବ ଏବଂ ଦୁର୍ବ
...ଳ ସ୍ୱାର୍ଥାନ୍ୱେଷୀ ବୁର୍ଜୁଆ ଗୋଷ୍ଠୀର ଧ୍ୱଂସ ସାଧନ କରିବାକୁ
... ଏହା ମାନବବାଦୀ ଜୟପ୍ରକାଶଙ୍କ ମନକୁ ସ୍ପର୍ଶ
...ଥା ।

...ପ୍ରକାଶ ପରବର୍ତ୍ତୀ ଜୀବନରେ ଦେଶର ସ୍ୱାଧୀନତା
...ରେ ଯୋଗ ଦେଇଥିଲେ,ଜାତିର ପିତା ଗାନ୍ଧିଜୀଙ୍କର ଆହ୍ୱାନ
...ତାଙ୍କର ଦରଦୀ ମନରେ ଗାନ୍ଧିଜୀଙ୍କର ଅହିଂସ ଆନ୍ଦୋଳନ
... ରେଖାପାତ କଲା । ସାମ୍ୟବାଦୀମାନେ ଯେଉଁ
...ହୀନ, ଶୋଷଣହୀନ ଶ୍ରମିକରାଜର ଆବାହନ କରନ୍ତି,
...ପରିକଳ୍ପିତ ରାମରାଜ୍ୟ ବା ସ୍ୱରାଜ୍ୟରେ ଅନୁରୂପ ଏକ
... ଅବିଚାରହୀନ ସମାଜ ପ୍ରତିଷ୍ଠାର କଳ୍ପନା
...ଥାଏ । କିନ୍ତୁ ଗାନ୍ଧିଜୀ ସତ୍ୟ, ଅହିଂସା ଓ ପ୍ରେମ ମୈତ୍ରୀ
...ଏହି ଆଦର୍ଶ ସମାଜର ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା
...ର୍କ୍ସ ସଂଘର୍ଷ ଓ ରକ୍ତପାତ ମଧ୍ୟରେ ସ୍ଥିତିର କଳ୍ପନା
... ।

... ନୀତିରେ ଧର୍ମ ତଥା ଭଗବାନଙ୍କ ସ୍ଥାନ ନ୍ୟୂନ ମାତ୍ର
...ରେ ଭଗବତ୍ ଶକ୍ତି ଓ ଭଗବତ୍ ପ୍ରେରଣାକୁ ଉପଜୀବ୍ୟ
କରାଯାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିର ଭିତ୍ତିଭୂମି ଉପରେ ଆଧାରିତ ଗାନ୍ଧୀବାଦ ମାଧ୍ୟମରେ ଯେ ସମାଜରୁ ଦାରିଦ୍ର୍ୟ, ଅତ୍ୟାଚାର ଓ ଶୋଷଣ ଦୂର ହୋଇପାରିବ ଏହି ଆଦର୍ଶ ଜୟପ୍ରକାଶଙ୍କୁ ଆକୃଷ୍ଟ କରିଥିଲା । ସାମ୍ୟବାଦର ହିଂସା ଓ ସଂଘର୍ଷ ପରିବର୍ତ୍ତେ ଗାନ୍ଧୀବାଦର ଅହିଂସା ଓ ମୈତ୍ରୀ ତାଙ୍କର ସଂବେଦନଶୀଳ ମନକୁ ଖୁବ୍ ଘେନିଥିଲା । ହିଂସା ହିଂସାର ଜନକ ଏବଂ ବିଦ୍ୱେଷ ବିଦ୍ୱେଷର ସ୍ରଷ୍ଟା । ଗାନ୍ଧୀବାଦର ଏହି ସତ୍ୟକୁ ତାଙ୍କର ବୁଝିବାରେ ଅସୁବିଧା ହୋଇନଥିଲା । ସାମ୍ୟବାଦ ଓ ଗାନ୍ଧୀବାଦର ଲକ୍ଷ୍ୟ ଏକ ହେଲେ ହେଁ ପ୍ରଥମଟିର ମାଧ୍ୟମ ଦୋଷଦୁଷ୍ଟ ଓ ଦୂଷଣୀୟ ଏବଂ ଦ୍ୱିତୀୟଟିର ପଦ୍ଧତି ନିର୍ମଳ ଓ ସତ୍ୟମୂଳକ । ମାର୍କ୍ସ ଯେ କୌଣସି ଉପାୟରେ ଲକ୍ଷ୍ୟ ସାଧନ ଖୋଜୁଥିଲେ ହେଁ ଗାନ୍ଧୀ କେବଳ ସାଧୁ, ସଚ୍ଚୋଟ ଓ ଅହିଂସ ମାର୍ଗରେ ଏହା ସମ୍ଭବ ବୋଲି ବିଶ୍ୱାସ କରୁଥିଲେ ।

ମାର୍କ୍ସଙ୍କ ବିପ୍ଳବ ଅପେକ୍ଷା ଗାନ୍ଧୀଙ୍କ ଆନ୍ଦୋଳନ ଯେ ଅଧିକ ବ୍ୟାପକ, ଚିରନ୍ତନ ଓ ସୁଦୂର ପ୍ରସାରୀ ଜୟପ୍ରକାଶ ଏହା ଉପଲବ୍ଧି କରିଥିଲେ । ସମାଜର ଗଭୀରତମ ସ୍ତରକୁ ସ୍ପର୍ଶ କରିବା ପାଇଁ ଏବଂ ନିମ୍ନତମ ବ୍ୟକ୍ତିକୁ ପ୍ରଭାବିତ କରିବା ପାଇଁ ଗାନ୍ଧୀବାଦର ଶକ୍ତିକୁ ସେ ଉପଲବ୍ଧି କରିଥିଲେ । ବ୍ୟକ୍ତିତ୍ୱର ଉନ୍ନତି, ଚରିତ୍ର ଗଠନ ଓ ଆଚରଣଗତ ଶୁଦ୍ଧି ଉପରେ ଗାନ୍ଧୀଙ୍କର ପ୍ରାଧାନ୍ୟ ତାଙ୍କର ନ୍ୟାୟନିଷ୍ଠ ମନକୁ ଅଭିଭୂତ କରିଥିଲା । ତେଣୁ ସେ ଗାନ୍ଧିଜୀଙ୍କର ପକ୍କା ଶିଷ୍ୟ ହୋଇ ନିଜର ସମସ୍ତ ବ୍ୟକ୍ତିଗତ ସୁବିଧାରେ ଜଳାଞ୍ଜଳି ଦେଇଥିଲେ । ସ୍ୱାଧୀନତା ସଂଗ୍ରାମର ଏକନିଷ୍ଠ ସୈନିକ ଭାବରେ କାର୍ଯ୍ୟ କରିବାଠାରୁ ଆରମ୍ଭ କରି ଗ୍ରାମ ସଙ୍ଗଠନ, ଭୂଦାନ ପ୍ରଭୃତି କାର୍ଯ୍ୟକ୍ରମରେ କର୍ମୀ ଭାବରେ ନିଜକୁ ଉତ୍ସର୍ଗ କରିଥିଲେ । ଜାତି ପ୍ରତି ତାଙ୍କର ଉତ୍ସର୍ଗୀକୃତପ୍ରାଣ ତଥା ସାଧନାମୟ ଜୀବନ ଧ୍ରୁବତାରା ଭଳି ସର୍ବଦା ପ୍ରତିଭାତ ହେଉଥିଲା ଏବଂ ଦିଗ୍‌ଦର୍ଶନ ଦେଇ ଆସୁଥିଲା ଗାନ୍ଧୀବାଦର ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ।

ଜୟପ୍ରକାଶ ସର୍ବଦା ମୁକ୍ତ ମାନବସମାଜର ସ୍ୱପ୍ନ ଦେଖି ଆସୁଥିଲେ । ଏହି ମୁକ୍ତି ସମସ୍ତ ପ୍ରକାର ଅଭାବ, ଅନଟନ, ବାଧାବନ୍ଧନ, କ୍ଷମତା, ଶୋଷଣ, ସ୍ୱୈରାଚାର ତଥା ସ୍ୱେଚ୍ଛାଚାରରୁ

କ୍ଷମତାର ଲୋଭ ବା ବ୍ୟକ୍ତିଗତ ସୁଖସୁବିଧା ତାଙ୍କୁ କେତେବେଳେ ପଥଭ୍ରଷ୍ଟ କରିନଥିଲା। ସେ ସର୍ବଦା ସକ୍ରିୟ ରାଜନୀତିରୁ ଊର୍ଦ୍ଧ୍ୱରେ ଥିଲେ। ଭାରତୀୟ ସମାଜବାଦର ସେ ପଞ୍ଚପୁରୋଧା ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ଅହିଂସ ଓ ଗଣତାନ୍ତ୍ରିକ ନୀତିରେ ସମାଜର ବିକାଶ ସାଧନା ଥିଲା ତାଙ୍କର ପ୍ରଧାନ ଲକ୍ଷ୍ୟ। ହୃଦୟ ପରିବର୍ତ୍ତନ କରି ବ୍ୟକ୍ତିର ସମ୍ପତ୍ତିକୁ ସମାଜର କଲ୍ୟାଣ ନିମନ୍ତେ ଉପଯୋଗ କରିବା ଥିଲା ତାଙ୍କର ନୀତି। ଏଥିରେ କୌଣସି ଜୋର ଜବରଦସ୍ତି ବା ଧ୍ୱଂସର ଅବକାଶ ନଥିଲା। ବିନୋବା ଯେଉଁ ଭୂଦାନ ଆନ୍ଦୋଳନର ସୂତ୍ରପାତ କରି "ସବୁ ଜମି ଗୋପାଳଙ୍କର" ଏବଂ "ଜମି ଥିଲା ଲୋକଙ୍କଠାରୁ ନେଇ ଜମି ନଥିଲା ଲୋକକୁ ଦେବା"ର ଅହିଂସ ଓ କରୁଣାମୟ ବିପ୍ଳବ ଆରମ୍ଭ କରିଥିଲେ ଜୟପ୍ରକାଶ ତାର ଥିଲେ ପ୍ରଧାନ ମୁଖବକ୍ତା। ସମାଜର ନିମ୍ନତମ ତଥା ଦରିଦ୍ରତମ ବ୍ୟକ୍ତିର ଉନ୍ନତି ସାଧନ୍ ଥିଲା ତାଙ୍କ ଅନୁସୃତ ଓ ପ୍ରଣୟିତ ସର୍ବୋଦୟ ଆନ୍ଦୋଳନର ଲକ୍ଷ୍ୟ।

ଜୀବନର ସାୟାହ୍ନରେ ଜୟପ୍ରକାଶ ପୁଣି ଆରମ୍ଭ କଲେ ଆଉ ଏକ ଆନ୍ଦୋଳନ ସମ୍ପୂର୍ଣ୍ଣ କ୍ରାନ୍ତି ତଥା ଅନ୍ତ୍ୟୋଦୟ। ୧୯୭୫ ମସିହା ଜୁଲାଇ ୨୧ ତାରିଖରେ ସେ ବନ୍ଦୀଶାଳାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଯେଉଁ ସ୍ମାରକୀପତ୍ର ପ୍ରଦାନ କରିଥିଲେ ସେଥିରେ ଉଲ୍ଲେଖ କରିଥିଲେ, "ମୋ ସ୍ୱପ୍ନର ଭାରତରେ ସମଗ୍ର ଦେଶବାସୀ ଏଭଳି ଏକ ଗୋଷ୍ଠୀର ଅନ୍ତର୍ଭୁକ୍ତ ଯେଉଁଥିରେ କି ଜାତିର ପ୍ରତ୍ୟେକ ସଫଳ ଅନ୍ତ୍ୟୋଦୟ ଅର୍ଥାତ୍ ସମାଜର ନିମ୍ନତମ ଓ ଦୀନତମ ବ୍ୟକ୍ତିର ସେବା ଲାଗି ଉତ୍ସର୍ଗୀକୃତ। ମୋ ସ୍ୱପ୍ନର ଭାରତରେ ପ୍ରତ୍ୟେକ ନାଗରିକ ଗୋଷ୍ଠୀର କାର୍ଯ୍ୟକଳାପ ସହିତ ନିବିଡ଼ ଭାବରେ ସଂଶ୍ଳିଷ୍ଟ। ମୋର କଳ୍ପିତ ଗୋଷ୍ଠୀରେ କର୍ମଚାରୀ ଓ ଲୋକ ପ୍ରତିନିଧିମାନେ ହେବେ ଜନତାର ସେବକ ମାତ୍ର। ସେମାନେ ବାଟ ଭୁଲିଲେ ଗୋଷ୍ଠୀ ସେମାନଙ୍କୁ ଦଣ୍ଡ ଦେବାକୁ ହକ୍‌ଦାର ହେବେ। ଗୋଷ୍ଠୀରେ କୌଣସି ପଦବୀ କ୍ଷମତାର ପ୍ରତୀକ ବୋଲି ଗଣ୍ୟ ହେବ ନାହିଁ ବରଂ ତାହା ହେବ ଜନତାର ଆସ୍ଥା ଓ ବିଶ୍ୱାସର ସୂଚକ। ବସ୍ତୁତଃ ଏକ ମୁକ୍ତ, ପ୍ରଗତିଶୀଳ ଏବଂ ଗାନ୍ଧୀବାଦୀ ଆଦର୍ଶରେ ଉଦ୍‌ବୁଦ୍ଧ ଭାରତ ହେଲା ମୋ ସ୍ୱପ୍ନର ଭାରତ।

ଜୟପ୍ରକାଶ ଥିଲେ ସେହି ଗଣତନ୍ତ୍ରର ପଞ୍ଚପୁରୋଧା ଯେଉଁ ଗଣତନ୍ତ୍ର ବ୍ୟକ୍ତିକୁ ଉପଯୁକ୍ତ ମୂଲ୍ୟ ଦେଇଥାଏ, ସମ୍ମାନ ଦେଇଥାଏ ଏବଂ ପ୍ରତିଷ୍ଠା ଦେଇଥାଏ ସେହି ଗଣତନ୍ତ୍ରକୁ କୌଣସି ଉପେକ୍ଷା କେତେଜଣ ବ୍ୟକ୍ତି ନିଜ ସ୍ୱାର୍ଥ ନିମନ୍ତେ ଖର୍ବ କଲେ ବା ଲୁଣ୍ଠିତ କଲେ ସେ ଯେ ପୁଣି ମସ୍ତକ ଉନ୍ନତ କରିବ ଏବଂ ନୂତନ ରୂପ ପରିଗ୍ରହ କରିବ, ଏଥିରେ ଥିଲା ତାଙ୍କର ଅଟଳ ବିଶ୍ୱାସ। ସେ ତେଣୁ ଦୃଢ଼ ସ୍ୱରରେ କହିଥିଲେ, "ଯେଉଁ ଜାତି ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢ଼େଇ କରି ତାକୁ ପରାସ୍ତ କରିଥିଲା, ସେ ଜାତି ସ୍ୱୈରତନ୍ତ୍ରରୁ ଉଦ୍ଭୂତ ଅପମାନ ଓ ଲାଞ୍ଛନାକୁ ବେଶୀ ଦିନ ବରଦାସ୍ତ କରିବ ନାହିଁ। ମଣିଷର ମୁକ୍ତି ପିପାସା ଅଦମ୍ୟ ଓ ଅଜେୟ। ଶତ ଚେଷ୍ଟା ସତ୍ତ୍ୱେ ତାକୁ ଦମନ କରିହେବ ନାହିଁ। କିଛି ବ୍ୟକ୍ତିଗତ ଏକଛତ୍ରବାଦ ପ୍ରତିଷ୍ଠା କରିବାକୁ ଯାଇ ଆପଣ ମଣିଷର ସେ ପିପାସାକୁ ଅତଳ ଗର୍ଭରେ କବର ଦେଇଛନ୍ତି। ହେଲେ ତାହା ପୁଣି ଦିନେ ନା ଦିନେ ସେହି କବରରୁ ଉଠି ଆସିବ।"

ମଣିଷର ମୁକ୍ତି ପିପାସା ଦୁର୍ବାର ଓ ଅପରାଜେୟ। ଏଥିରେ ଜୟପ୍ରକାଶଙ୍କର ଥିଲା ଅଗାଧ ବିଶ୍ୱାସ। ସାରା ଜୀବନ ସେ ଏହି ମୁକ୍ତିର ସନ୍ଧାନୀ ଥିଲେ ଏବଂ ଏଥିପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ। ସର୍ବହରାର ସାମ୍ୟବାଦଠାରୁ ଗାନ୍ଧୀଙ୍କର ସମାଜବାଦ ବା ବିନୋବାଜୀଙ୍କର ସର୍ବୋଦୟଠାରୁ ସମ୍ପୂର୍ଣ୍ଣ କ୍ରାନ୍ତି ଓ ଅନ୍ତ୍ୟୋଦୟ ପର୍ଯ୍ୟନ୍ତ ତାଙ୍କ ଜୀବନର ଯେଉଁ ସବୁ ପରୀକ୍ଷା ନିରୀକ୍ଷା ଚାଲିଥିଲା, ସେଥିରୁ ତାଙ୍କର ଭାରତୀୟ ଧର୍ମ ସଂସ୍କୃତିରେ ଦୃଢ଼ ଆସ୍ଥା ଆତ୍ମପ୍ରକାଶ କରିଥିଲେ ଏବଂ ମାନବ ସମାଜର ଶାନ୍ତି, ମୁକ୍ତି ଓ ପ୍ରଗତି ନିମନ୍ତେ ତାଙ୍କର ଦୃଢ଼ ଦିଗ୍‌ଦର୍ଶନ ପ୍ରକାଶ ପାଇଥିଲା। ସେ ଥିଲେ ବାସ୍ତବ ଗାନ୍ଧୀବାଦୀ ଏବଂ ସମସ୍ତ କ୍ଷମତା ଓ ସ୍ୱାର୍ଥଲିପ୍ସାଠାରୁ ଦୂରରେ ରହି ସେ ଦେଶଦଶର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିଥିଲେ। ଯଥାର୍ଥରେ ତାଙ୍କର ଜୀବନ ଜାତିର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଓ ସାଧନାଦୀପ୍ତ ହୋଇଥିଲା। ତେଣୁ ସତ୍ୟ, ଅହିଂସା ଓ ତ୍ୟାଗ ତତିକ୍ଷାର ପଞ୍ଚପୁରୋଧା ଭାବରେ ସେ ଯୁଗ ଯୁଗ ଧରି ଅବିସ୍ମରଣୀୟ ହୋଇ ରହିବେ।

---

୨୯୩୫, ଗୌରିନଗର,
ପୁରୀ ଲୁଇସ୍ ରୋଡ୍,
ଭୁବନେଶ୍ୱର–୭୫୧ ୦୦୨।

■ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଭାରତର ଯେଉଁ ମହାନ୍ ଦାୟିତ୍ୱ ରହିଛି, ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇ ନାହିଁ, ବରଂ ଏହା ନୂତନ ଭାବେ ଆତ୍ମପ୍ରକାଶ କରିଛି। ସମଗ୍ର ବିଶ୍ୱପ୍ରତି ଏହାର ଏକ ମହାନ୍ ସନ୍ଦେଶ ରହିଛି।

—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ

# ସଂହତିର ସାରଥି ପଟେଲଜୀ

• କୁମାରୀ ଉଷା ଦତ୍ତ

ଗୁଜୁରାଟର ଗୋଟିଏ ମଧ୍ୟବିତ୍ତ ଶ୍ରେଣୀର କୃଷକ ପରିବାରରେ ୧୮୭୫ ସାଲ ଅକ୍ଟୋବର ମାସ ୩୧ ତାରିଖ ଦିନ ବଲ୍ଲଭଭାଇ ପଟେଲ୍ଙ୍କ ଜନ୍ମ । ତାଙ୍କର ପିତାଙ୍କ ନାମ ଝାଭେରଭାଇ ପଟେଲ୍ ଓ ମାଆଙ୍କ ନାମ ଲାଡ଼ବାଈ ଥିଲା । ବଲ୍ଲଭଭାଇ ପଟେଲ୍ ତାଙ୍କ ପିଲାଦିନରୁ ମିଥ୍ୟା ଓ ଅନ୍ୟାୟ ବିରୁଦ୍ଧରେ ନେତୃତ୍ୱ ନେଉଥିଲେ । ହାଇସ୍କୁଲରେ ପାଠ ପଢୁଥିବା ବେଳେ ତାଙ୍କରି ଶିକ୍ଷାନୁଷ୍ଠାନର ଜଣେ ଶିକ୍ଷକ ବ୍ୟବସ୍ଥିତିଆ ଭାବରେ ସ୍କୁଲ ଛାତ୍ରମାନଙ୍କୁ ପାଠ୍ୟପୁସ୍ତକ ବେଶୀ ଦରରେ ଯୋଗାଇ ଦେଉଥିଲେ । ଯଦି କୌଣସି ଛାତ୍ର ସେହି ଶିକ୍ଷକଙ୍କଠାରୁ ବହି ନକିଣି ଅନ୍ୟଠୁ କିଣୁଥିଲା ତାହାହେଲେ ଶିକ୍ଷକ ସେହି ଛାତ୍ରକୁ ବିଭିନ୍ନ ବାଟରେ ହଇରାଣ ହରକତ କରୁଥିଲେ । ଏହି ଅନ୍ୟାୟ ବିରୁଦ୍ଧରେ ଜଣେ ହେଲେ ଛାତ୍ର କେବେହେଲେ ସ୍ୱର ଉତ୍ତୋଳନ କରି ନଥିଲେ । ପଟେଲଜୀ ଏହି ଅନ୍ୟାୟକୁ ବରଦାସ୍ତ କରି ପାରିଲେ ନାହିଁ । ସେ ସମସ୍ତ ଛାତ୍ର ବନ୍ଧୁମାନଙ୍କୁ ଏକତ୍ରିତ କରି ଶିକ୍ଷକଙ୍କର ଏହି ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ପ୍ରବର୍ତ୍ତାଇଲେ । ପରିଶେଷରେ ଛାତ୍ରମାନେ ପଟେଲଜୀଙ୍କ କଥା ସତ୍ୟ ବୋଲି ହୃଦୟଙ୍ଗମ କରି ତାଙ୍କ ସହିତ ଏକମତ ହେଲେ । ପରେ ଛାତ୍ରମାନେ ଏକ ସପ୍ତାହ ଶ୍ରେଣୀରେ ଯୋଗ ନଦେଇ ଧର୍ମଘଟ କଲେ । ସମ୍ପୃକ୍ତ ଶିକ୍ଷକ ନିଜର ଭୁଲ ବୁଝି ପାରିଲେ ଓ ତ୍ରୁଟି ସଂଶୋଧନ କଲେ ।

ଥରେ ଦିନକର ଘଟଣା । ଗଣିତ ଶିକ୍ଷକ ଶ୍ରେଣୀରେ ଗୋଟିଏ ଗଣିତକୁ ଭୁଲ କଷି ପିଲାମାନଙ୍କୁ ବୁଝାଉ ଥିଲେ । ମାତ୍ର ପଟେଲଜୀ ଗଣିତଟି ଭୁଲ କଷାଯାଇଛି ବୋଲି କହିବାରେ ଶିକ୍ଷକ ତାଙ୍କ ଉପରେ ଭୀଷଣ ରାଗିଲେ ଏବଂ କହିଲେ ତୁମେ ତା'ହେଲେ ଶିକ୍ଷକ ହୁଅ । ପଟେଲଜୀ ନିଜ ସ୍ଥାନରୁ ଉଠିଯାଇ କଳାପଟାରେ ଗଣିତଟିକୁ ନିର୍ଭୁଲ ଭାବରେ କଷି ଦେଖାଇ ଦେଲେ ଏବଂ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରରେ ବସିପଡ଼ିଲେ ।

ବଲ୍ଲଭଭାଇ ପଟେଲ୍ ନିଜର ପ୍ରଗାଢ଼ ଚେଷ୍ଟା ଯୋଗୁଁ ଘରୋଇ ଛାତ୍ର ଭାବରେ ଓକିଲାତି ପାଶ୍ କଲେ ଓ ଶେଷକୁ ନିଜର ଉଦ୍ୟମ ବଳରେ ଇଂଲଣ୍ଡ ଯାଇ ବାରିଷ୍ଟରିପାଶ୍ କରିଥିଲେ । ସେ ନିଜକୁ ଜଣେ ବିଶିଷ୍ଟ ଆଇନଜ୍ଞ ଭାବରେ ପ୍ରତିଷ୍ଠିତ କରିପାରିଥିଲେ । ଦୀନ ଦରିଦ୍ରଙ୍କ ସେବକ ଓ ସର୍ଦ୍ଦାର ଆଖ୍ୟା ଯୋଗ୍ୟ ବ୍ୟକ୍ତିଙ୍କୁ ନିଜର କର୍ତ୍ତବ୍ୟ ସବୁ ବିଶ୍ୱରାଜସ୍ୱର ଝୁରି କାନ୍ଥ ମଧ୍ୟରେ ସୀମାବଦ୍ଧ କରି ରଖିବାକୁ ଚାହିଁଲେ ନାହିଁ । ଠିକ୍ ସେତିକି ବେଳେ ମହାତ୍ମା ଗାନ୍ଧୀ ଗୁଜୁରାଟର ଗୋଧ୍ରାଠାରେ ଗୋଟିଏ ରାଜନୈତିକ ସମ୍ମେଳନ କରୁଥାନ୍ତି । ସେହିଠାରେ ପଟେଲଜୀ ତାଙ୍କୁ ସାକ୍ଷାତ କଲେ । ସେହି ଦିନଠାରୁ ପଟେଲ୍ ଗାନ୍ଧିଜୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କଲେ ।

୧୯୧୮ ସାଲରେ ପ୍ରବଳ ବର୍ଷା ଯୋଗୁଁ ଗୁଜୁରାଟରେ ଫସଲ ହାନି ହେଲା । କୈରା ଜିଲ୍ଲାରେ ଦୁର୍ଭିକ୍ଷର ତାଣ୍ଡବ ଲୀଳା ଚାଲିଲା । ଘରେ ଖାଇବାକୁ ମୁଠେ ଦାନା ନାହିଁ ଅଥଚ ଇଂରେଜ ସରକାର ଲୋକଙ୍କଠାରୁ ଅତି ନିର୍ଦ୍ଦୟ ଭାବରେ କର ଆଦାୟ କରୁଥାନ୍ତି । ସରକାରଙ୍କର ଏହି ପ୍ରକାର ଅତ୍ୟାଚାରରେ ପଟେଲଜୀ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଲେ ଏବଂ ଓକିଲାତି ବ୍ୟବସାୟ ଛାଡ଼ି ଖଦଡ଼ ଧୋତୀ ଓ ଜାମା ପିନ୍ଧି ନିରୀହ କୃଷକମାନଙ୍କର ନେତୃତ୍ୱ ନେବା ପାଇଁ ଆନ୍ଦୋଳନରେ ଝାସ ଦେଲେ । ସେ କୃଷକମାନଙ୍କୁ ଏକତ୍ରିତ କରି ପ୍ରବର୍ତ୍ତାଇଲେ ଯେ ସେମାନେ ଯେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ମଧ୍ୟ ଖଜଣା ଦେବେ ନାହିଁ । ଚାଷୀମାନଙ୍କର ଏ ପ୍ରକାର ନିଷ୍ପତ୍ତିର ମୁକାବିଲା କରିବାକୁ ଇଂରେଜ ସରକାର ବାଟ ପାଇଲେ ନାହିଁ ।

ସେହି ବର୍ଷ ପ୍ରବଳ ବର୍ଷା ଯୋଗୁଁ ଗୁଜୁରାଟରେ ନାହିଁ ନଥିବା ବନ୍ୟା ହେଲା । ରାସ୍ତାଘାଟ ପାଣିରେ ବୁଡ଼ିଗଲା । ହଜାର ହଜାର ଲୋକ ଗୃହହୀନ ହୋଇ ଗଛ ତଳେ ଆଶ୍ରୟ ନେଲେ । ବଲ୍ଲଭଭାଇ ଏକ ହଜାର ଯୁବ ସ୍ୱେଚ୍ଛାସେବକ ଯୋଗାଡ଼ କରି ବନ୍ୟାର ଶିକାର ହୋଇ ଗଛ ମୂଳରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାଇଲେ । ବନ୍ୟା ପରେ ପରେ ଚାରିଆଡ଼େ ଦୁର୍ଭିକ୍ଷର କରାଳ ଛାୟା ଖେଳିଗଲା । କୃଷକ ପାଖରେ ବଳଦ ବା ବିହନ ନଥିଲା । ବଲ୍ଲଭଭାଇ ପଟେଲ୍ ଇଂରେଜ ସରକାର ଲୋକଙ୍କଠାରୁ ଖଜଣା ନେଉଥିବାରୁ ସେମାନଙ୍କୁ ତାଙ୍କର ଏହି ଦୁର୍ଦ୍ଦିନରେ ସାହାଯ୍ୟ କରିବା ପାଇଁ ଦାବି

କ୍ଷମତାର ଲୋଭ ବା ବ୍ୟକ୍ତିଗତ ସୁଖସୁବିଧା ତାଙ୍କୁ କେବେବେଳେ ପଥଭ୍ରଷ୍ଟ କରିନଥିଲା । ସେ ସର୍ବଦା ସକ୍ରିୟ ରାଜନୀତିରୁ ଉର୍ଦ୍ଧ୍ୱରେ ଥିଲେ । ଭାରତୀୟ ସମାଜବାଦର ସେ ପଥପ୍ରଦର୍ଶକ ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ଅହିଂସ ଓ ଗଣତାନ୍ତ୍ରିକ ନୀତିରେ ସମାଜର ବିକାଶ ସାଧନା ଥିଲା ତାଙ୍କର ପ୍ରଧାନ ଲକ୍ଷ୍ୟ । ହୃଦୟ ପରିବର୍ତ୍ତନ କରି ବ୍ୟକ୍ତିର ସମ୍ପତ୍ତିକୁ ସମାଜର କଲ୍ୟାଣ ନିମନ୍ତେ ଉପଯୋଗ କରିବା ଥିଲା ତାଙ୍କର ନୀତି । ଏଥିରେ କୌଣସି ଜୋର ଜବରଦସ୍ତି ବା ଶୁପର ଅବକାଶ ନଥିଲା । ବିନୋବା ଯେଉଁ ଭୂଦାନ ଆନ୍ଦୋଳନର ସୂତ୍ରପାତ କରି "ସବୁ ଜମି ଗୋପାଳଙ୍କର" ଏବଂ "ଜମି ଥିଲା ଲୋକଙ୍କଠାରୁ ନେଇ ଜମି ନଥିଲା ଲୋକକୁ ଦେବା"ର ଅହିଂସ ଓ କରୁଣାମୟ ବିପ୍ଳବ ଆରମ୍ଭ କରିଥିଲେ ଜୟପ୍ରକାଶ ତାର ଥିଲେ ପ୍ରଧାନ ପ୍ରବକ୍ତା । ସମାଜର ନିମ୍ନତମ ତଥା ଦରିଦ୍ରତମ ବ୍ୟକ୍ତିର ଉନ୍ନତି ସାଧନ ଥିଲା ତାଙ୍କ ଅନୁସୃତ ଓ ପ୍ରଚାରିତ ସର୍ବୋଦୟ ଆନ୍ଦୋଳନର ଲକ୍ଷ୍ୟ ।

ଜୀବନର ସାୟାହ୍ନରେ ଜୟପ୍ରକାଶ ପୁଣି ଆରମ୍ଭ କଲେ ଆଉ ଏକ ଆନ୍ଦୋଳନ ସମ୍ପୂର୍ଣ୍ଣ କ୍ରାନ୍ତି ତଥା ଅନ୍ତ୍ୟୋଦୟ । ୧୯୭୫ ମସିହା ଜୁଲାଇ ୨୧ ତାରିଖରେ ସେ ବନ୍ଦୀଶାଳାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଯେଉଁ ସ୍ମାରକୀପତ୍ର ପ୍ରଦାନ କରିଥିଲେ ସେଥିରେ ଉଲ୍ଲେଖ କରିଥିଲେ, "ମୋ ସ୍ୱପ୍ନର ଭାରତରେ ସମଗ୍ର ଦେଶବାସୀ ଏଭଳି ଏକ ଗୋଷ୍ଠୀର ଅନ୍ତର୍ଭୁକ୍ତ ଯେଉଁଥିରେ କି ଜାତିର ପ୍ରତ୍ୟେକ ସଫଳ ଅନ୍ତ୍ୟୋଦୟ ଅର୍ଥାତ୍ ସମାଜର ନିମ୍ନତମ ଓ ଦୀନତମ ବ୍ୟକ୍ତିର ସେବା ଲାଗି ଉତ୍ସର୍ଗୀକୃତ । ମୋ ସ୍ୱପ୍ନର ଭାରତରେ ପ୍ରତ୍ୟେକ ନାଗରିକ ଗୋଷ୍ଠୀର କାର୍ଯ୍ୟକଳାପ ସହିତ ନିବିଡ଼ ଭାବରେ ସଂଶ୍ଳିଷ୍ଟ । ମୋର କଳ୍ପିତ ଗୋଷ୍ଠୀରେ କର୍ମଚାରୀ ଓ ଲୋକ ପ୍ରତିନିଧିମାନେ ହେବେ ଜନତାର ସେବକ ମାତ୍ର । ସେମାନେ ବାଟ ଭୁଲିଲେ ଗୋଷ୍ଠୀ ସେମାନଙ୍କୁ ଦଣ୍ଡ ଦେବାକୁ ହକ୍‌ଦାର ହେବେ । ଗୋଷ୍ଠୀରେ କୌଣସି ପଦବୀ କ୍ଷମତାର ପ୍ରତୀକ ବୋଲି ଗଣ୍ୟ ହେବ ନାହିଁ ବରଂ ତାହା ହେବ ଜନତାର ଆସ୍ଥା ଓ ବିଶ୍ୱାସର ସୂଚକ । ବସ୍ତୁତଃ ଏକ ମୁକ୍ତ, ପ୍ରଗତିଶୀଳ ଏବଂ ଗାନ୍ଧୀବାଦୀ ଆଦର୍ଶରେ ଉଦ୍‌ବୁଦ୍ଧ ଭାରତ ହେଲା ମୋ ସ୍ୱପ୍ନର ଭାରତ ।

ଜୟପ୍ରକାଶ ଥିଲେ ସେହି ଗଣତନ୍ତ୍ରର ପଥପ୍ରଦର୍ଶକ ଯେଉଁ ଗଣତନ୍ତ୍ର ବ୍ୟକ୍ତିକୁ ଉପଯୁକ୍ତ ମୂଲ୍ୟ ଦେଇଥାଏ, ସମ୍ମାନ ଦେଇଥାଏ ଏବଂ ପ୍ରତିଷ୍ଠା ଦେଇଥାଏ ସେହି ଗଣତନ୍ତ୍ରକୁ କୌଣସି ଦଳ ବା କେତେଜଣ ବ୍ୟକ୍ତି ନିଜ ସ୍ୱାର୍ଥ ନିମନ୍ତେ ଖର୍ବ କଲେ ବା ଲୁଣ୍ଠିତ କଲେ ସେ ଯେ ପୁଣି ମସ୍ତକ ଉନ୍ନତ କରିବ ଏବଂ ନୂତନ ରୂ ପରିଗ୍ରହ କରିବ, ଏଥିରେ ଥିଲା ତାଙ୍କର ଅଟଳ ବିଶ୍ୱାସ । ସେ ତେଣୁ ଦୃଢ଼ ସ୍ୱରରେ କହିଥିଲେ, "ଯେଉଁ ଜାତି ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢ଼େଇ କରି ତାକୁ ପରାସ୍ତ କରିଥିଲା, ସେ ଜାତି ସ୍ୱୈରତନ୍ତ୍ରରୁ ଉଦ୍ଭୁତ ଅପମାନ ଓ ଲଜ୍ଜାକୁ ବେଶୀ ଦିନ ବରଦାସ୍ତ କରିବ ନାହିଁ । ମଣିଷର ମୁକ୍ତି ପିପାସା ଅଦମ୍ୟ ଓ ଅଜେୟ । ଶତ ଚେଷ୍ଟା ସତ୍ତ୍ୱେ ତାକୁ ଦମନ କରିହେବ ନାହିଁ । ନିଜର ବ୍ୟକ୍ତିଗତ ଏକଛତ୍ରବାଦ ପ୍ରତିଷ୍ଠା କରିବାକୁ ଯାଇ ଆପଣ ମଣିଷର ସେ ପିପାସାକୁ ଅତଳ ଗର୍ଭରେ କବର ଦେଇଛନ୍ତି । ସେଇ ତାହା ପୁଣି ଦିନେ ନା ଦିନେ ସେହି କବରରୁ ଉଠି ଆସିବ ।"

ମଣିଷର ମୁକ୍ତି ପିପାସା ଦୁର୍ବାର ଓ ଅପରାଜେୟ । ଏଥିରେ ଜୟପ୍ରକାଶଙ୍କର ଥିଲା ଅଗାଧ ବିଶ୍ୱାସ । ସାରା ଜୀବନ ସେ ଏହି ମୁକ୍ତିର ସନ୍ଧାନୀ ଥିଲେ ଏବଂ ଏଥିପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ । ସର୍ବହରାର ସାମ୍ୟବାଦଠାରୁ ଗାନ୍ଧୀଙ୍କର ସମାଜବାଦ ବା ବିନୋବାଜୀଙ୍କର ସର୍ବୋଦୟଠାରୁ ସମ୍ପୂର୍ଣ୍ଣ କ୍ରାନ୍ତି ଓ ଅନ୍ତ୍ୟୋଦୟ ପର୍ଯ୍ୟନ୍ତ ତାଙ୍କ ଜୀବନର ଯେଉଁ ସବୁ ପରୀକ୍ଷା ନିରୀକ୍ଷା ଚାଲିଥିଲା, ସେଥିରୁ ତାଙ୍କର ଭାରତୀୟ ଧର୍ମ ସଂସ୍କୃତିରେ ଦୃଢ଼ ଆସ୍ଥା ଆତ୍ମପ୍ରକାଶ କରିଥିଲେ ଏବଂ ମାନବ ସମାଜର ଶାନ୍ତି, ମୁକ୍ତି ଓ ପ୍ରଗତି ନିମନ୍ତେ ତାଙ୍କର ଦୃଢ଼ ଦିଗ୍‌ଦର୍ଶନ ପ୍ରକାଶ ପାଇଥିଲା । ସେ ଥିଲେ ବାସ୍ତବ ଗାନ୍ଧୀବାଦୀ ଏବଂ ସମସ୍ତ କ୍ଷମତା ଓ ସ୍ୱାର୍ଥଲିପ୍‌ସାଠାରୁ ଦୂରରେ ରହି ସେ ଦେଶଦଶର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିଥିଲେ । ଯଥାର୍ଥରେ ତାଙ୍କର ଜୀବନ ଜାତିର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଓ ସାଧନାଦୀପ୍ତ ହୋଇଥିଲା । ତେଣୁ ସତ୍ୟ, ଅହିଂସା ଓ ତ୍ୟାଗ ତତିକ୍ଷାର ପଥପ୍ରଦର୍ଶକ ଭାବରେ ସେ ଯୁଗ ଯୁଗ ଧରି ଅବିସ୍ମରଣୀୟ ହୋଇ ରହିବେ ।

---

୨୯୩୫, ଗୌରିନଗର,
ପୁରୀ ଲୁଇସ୍ ରୋଡ଼,
ଭୁବନେଶ୍ୱର-୭୫୧ ୦୦୨ ।

■ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଭାରତର ଯେଉଁ ମହାନ୍ ଦାୟିତ୍ୱ ରହିଛି, ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇ ନାହିଁ, ବରଂ ଏହା ନୂତନ ଭାବେ ଆତ୍ମପ୍ରକାଶ କରିଛି । ସମଗ୍ର ବିଶ୍ୱପ୍ରତି ଏହାର ଏକ ମହାନ୍ ସନ୍ଦେଶ ରହିଛି ।

—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ

# ସଂହତିର ସାରଥି ପଟେଲ୍‌ଜୀ

• କୁମାରୀ ଉଷା ଦତ୍ତ

ଗୁଜୁରାଟର ଗୋଟିଏ ମଧ୍ୟବିତ୍ତ ଶ୍ରେଣୀର କୃଷକ ପରିବାରରେ ୧୮୭୫ ସାଲ ଅକ୍ଟୋବର ମାସ ୩୧ ତାରିଖ ଦିନ ବଲ୍ଲଭଭାଇ ପଟେଲ୍‌ଙ୍କ ଜନ୍ମ । ତାଙ୍କର ପିତାଙ୍କ ନାମ ଝାଭେରଭାଇ ପଟେଲ୍ ଓ ମାଆଙ୍କ ନାମ ଲାଡ଼ବାଈ ଥିଲା । ବଲ୍ଲଭଭାଇ ପଟେଲ୍ ତାଙ୍କ ପିଲାଦିନରୁ ମିଥ୍ୟା ଓ ଅନ୍ୟାୟ ବିରୁଦ୍ଧରେ ନେତୃତ୍ୱ ନେଉଥିଲେ । ହାଇସ୍କୁଲରେ ପାଠ ପଢୁଥିବା ବେଳେ ତାଙ୍କରି ଶିକ୍ଷାନୁଷ୍ଠାନର ଜଣେ ଶିକ୍ଷକ ଏକଚାଟିଆ ଭାବରେ ସ୍କୁଲ ଛାତ୍ରମାନଙ୍କୁ ପାଠ୍ୟପୁସ୍ତକ ବେଶୀ ଦରରେ ଯୋଗାଇ ଦେଉଥିଲେ । ଯଦି କୌଣସି ଛାତ୍ର ସେହି ଶିକ୍ଷକଙ୍କଠାରୁ ବହି ନକିଣି ଅନ୍ୟଠୁ କିଣୁଥିଲା ତାହାହେଲେ ଶିକ୍ଷକ ସେହି ଛାତ୍ରଙ୍କୁ ବିଭିନ୍ନ ବାଟରେ ହଇରାଣ ହରକତ କରୁଥିଲେ । ଏହି ଅନ୍ୟାୟ ବିରୁଦ୍ଧରେ ଜଣେ ହେଲେ ଛାତ୍ର କେବେହେଲେ ସ୍ୱର ଉତ୍ତୋଳନ କରି ନଥିଲେ । ପଟେଲ୍‌ଜୀ ଏହି ଅନ୍ୟାୟକୁ ବରଦାସ୍ତ କରି ପାରିଲେ ନାହିଁ । ସେ ସମସ୍ତ ଛାତ୍ର ବନ୍ଧୁମାନଙ୍କୁ ଏକତ୍ରିତ କରି ଶିକ୍ଷକଙ୍କର ଏହି ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ପ୍ରବର୍ତ୍ତାଇଲେ । ପରିଶେଷରେ ଛାତ୍ରମାନେ ପଟେଲ୍‌ଜୀଙ୍କ କଥା ସତ୍ୟ ବୋଲି ହୃଦୟଙ୍ଗମ କରି ତାଙ୍କ ସହିତ ଏକମତ ହେଲେ । ପରେ ଛାତ୍ରମାନେ ଏକ ସପ୍ତାହ ଶ୍ରେଣୀରେ ଯୋଗ ନଦେଇ ଧର୍ମଘଟ କଲେ । ସମ୍ପୃକ୍ତ ଶିକ୍ଷକ ନିଜର ଭୁଲ ବୁଝି ପାରିଲେ ଓ ତ୍ରୁଟି ସଂଶୋଧନ କଲେ ।

ଆଉ ଦିନକର ଘଟଣା । ଗଣିତ ଶିକ୍ଷକ ଶ୍ରେଣୀରେ ଗୋଟିଏ ଗଣିତକୁ ଭୁଲ କଷି ପିଲାମାନଙ୍କୁ ବୁଝାଉ ଥିଲେ । ମାତ୍ର ପଟେଲ୍‌ଜୀ ଗଣିତଟି ଭୁଲ କଷାଯାଇଛି ବୋଲି କହିବାରେ ଶିକ୍ଷକ ତାଙ୍କ ଉପରେ ଭୀଷଣ ରାଗିଲେ ଏବଂ କହିଲେ ତୁମେ ତା'ହେଲେ ଶିକ୍ଷକ ହୁଅ । ପଟେଲ୍‌ଜୀ ନିଜ ସ୍ଥାନରୁ ଉଠିଯାଇ କଳାପଟାରେ ଗଣିତଟିକୁ ନିର୍ଭୁଲ ଭାବରେ କଷି ଦେଖାଇ ଦେଲେ ଏବଂ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରରେ ବସିପଡ଼ିଲେ ।

ବଲ୍ଲଭଭାଇ ପଟେଲ୍ ନିଜର ପ୍ରଗାଢ଼ ଚେଷ୍ଟା ଯୋଗୁଁ ଘରୋଇ ଛାତ୍ର ଭାବରେ ଓକିଲାତି ପାଶ୍ କଲେ ଓ ଶେଷକୁ ନିଜର ଉଦ୍ୟମ ଫଳରେ ଇଂଲଣ୍ଡ ଯାଇ ବାରିଷ୍ଟରିପାଶ୍ କରିଥିଲେ । ସେ ନିଜକୁ ଜଣେ ବିଶିଷ୍ଟ ଆଇନଜ୍ଞ ଭାବରେ ପ୍ରତିଷ୍ଠିତ କରିପାରିଥିଲେ । ଦୀନ ଦରିଦ୍ରଙ୍କ ସେବକ ଓ ସର୍ଦ୍ଦାର ଆଖ୍ୟା ଯୋଗ୍ୟ ବ୍ୟକ୍ତିଙ୍କୁ ନିଜର କର୍ତ୍ତବ୍ୟ ସବୁ ବିଚାରାଳୟର ଚାରି କାନ୍ଥ ମଧ୍ୟରେ ସୀମାବଦ୍ଧ କରି ରଖିବାକୁ ଚାହିଁଲେ ନାହିଁ । ଠିକ୍ ସେତିକି ବେଳେ ମହାତ୍ମା ଗାନ୍ଧୀ ଗୁଜୁରାଟର ଗୋଧ୍ରାଠାରେ ଗୋଟିଏ ରାଜନୈତିକ ସମ୍ମେଳନ କରୁଥାନ୍ତି । ସେହିଠାରେ ପଟେଲ୍‌ଜୀ ତାଙ୍କୁ ସାକ୍ଷାତ କଲେ । ସେହି ଦିନଠାରୁ ପଟେଲ୍ ଗାନ୍ଧିଜୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କଲେ ।

୧୯୧୮ ସାଲରେ ପ୍ରବଳ ବର୍ଷା ଯୋଗୁଁ ଗୁଜୁରାଟରେ ଫସଲ ହାନି ହେଲା । କେରା ଜିଲ୍ଲାରେ ଦୁର୍ଭିକ୍ଷର ତାଣ୍ଡବ ଲୀଳା ଚାଲିଲା । ଘରେ ଖାଇବାକୁ ମୁଠେ ଦାନା ନାହିଁ ଅଥଚ ଇଂରେଜ ସରକାର ଲୋକଙ୍କଠାରୁ ଅତି ନିର୍ଦ୍ଦୟ ଭାବରେ କର ଆଦାୟ କରୁଥାନ୍ତି । ସରକାରଙ୍କର ଏହି ପ୍ରକାର ଅତ୍ୟାଚାରରେ ପଟେଲ୍‌ଜୀ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଲେ ଏବଂ ଓକିଲାତି ବ୍ୟବସାୟ ଛାଡ଼ି ଖଦଡ଼ ଧୋତୀ ଓ ଜାମା ପିନ୍ଧି ନିରୀହ କୃଷକମାନଙ୍କର ନେତୃତ୍ୱ ନେବା ପାଇଁ ଆନ୍ଦୋଳନରେ ଝାସ ଦେଲେ । ସେ କୃଷକମାନଙ୍କୁ ଏକତ୍ରିତ କରି ପ୍ରବର୍ତ୍ତାଇଲେ ଯେ ସେମାନେ ଯେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ମଧ୍ୟ ଖଜଣା ଦେବେ ନାହିଁ । ଚାଷୀମାନଙ୍କର ଏ ପ୍ରକାର ନିଷ୍ପତ୍ତିର ମୁକାବିଲା କରିବାକୁ ଇଂରେଜ ସରକାର ବାଟ ପାଇଲେ ନାହିଁ ।

ସେହି ବର୍ଷ ପ୍ରବଳ ବର୍ଷା ଯୋଗୁଁ ଗୁଜୁରାଟରେ ନାହିଁ ନଥିବା ବନ୍ୟା ହେଲା । ରାସ୍ତାଘାଟ ପାଣିରେ ବୁଡ଼ିଗଲା । ହଜାର ହଜାର ଲୋକ ଗୃହହୀନ ହୋଇ ଗଛ ତଳେ ଆଶ୍ରୟ ନେଲେ । ବଲ୍ଲଭଭାଇ ଏକ ହଜାର ଯୁବ ସ୍ୱେଚ୍ଛାସେବକ ଯୋଗାଡ଼ କରି ବନ୍ୟାର ଶିକାର ହୋଇ ଗଛ ମୂଳରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାଇଲେ । ବନ୍ୟା ପରେ ପରେ ଚାରିଆଡ଼େ ଦୁର୍ଭିକ୍ଷର କରାଳ ଛାୟା ଖେଳିଗଲା । କୃଷକ ପାଖରେ ବଳଦ ବା ବିହନ ନଥିଲା । ବଲ୍ଲଭଭାଇ ପଟେଲ୍ ଇଂରେଜ ସରକାର ଲୋକଙ୍କଠାରୁ ଖଜଣା ନେଇଥିବାରୁ ସେମାନଙ୍କୁ ତାଙ୍କର ଏହି ଦୁର୍ଦ୍ଦିନରେ ସାହାଯ୍ୟ କରିବା ପାଇଁ ଦାବି

କଲେ । ଇଂରେଜ ସରକାର ପଟେଲ୍‌ଙ୍କ ଏହି ଅକାଟ୍ୟ ଯୁକ୍ତିରେ ଏକମତ ହୋଇ ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳର ଲୋକଙ୍କ ସାହାଯ୍ୟ ପାଇଁ ପନ୍ଦର ଲକ୍ଷ ଟଙ୍କା ସାହାଯ୍ୟ ପ୍ରଦାନ କରିଥିଲେ ।

ଗୁଜୁରାଟ ଅନ୍ତର୍ଗତ ବର୍ଦୋଲି ଅଞ୍ଚଳରେ ବନ୍ୟା ଓ ଦୁର୍ଭିକ୍ଷର ଦାଉ ସମ୍ଭାଳି ନପାରି ଲୋକମାନେ ଜୀବନ ବିକଳରେ ଗଛର ପତ୍ର ଓ ଅଖାଦ୍ୟ ଖାଉଥିବା ବେଳେ ବ୍ରିଟିଶ୍ ସରକାର ରାଜସ୍ୱ କର ଶତକଡ଼ା ବଢ଼ାଇ ଦେଲେ । ଲୋକମାନେ ନିଜର ଅକ୍ଷମତା ଜଣାଇଲେ ମଧ୍ୟ ସରକାର ସେମାନଙ୍କ ଅଭାବ ଅସୁବିଧା ପ୍ରତି କର୍ଣ୍ଣପାତ କଲେ ନାହିଁ । ବରଂ ସେହି ପରିମାଣରେ କର ଆଦାୟ ପାଇଁ ଜିଦ୍ ଧରିଲେ । ବର୍ଦୋଲିର ଜନସାଧାରଣ ପଟେଲ୍‌ଙ୍କ ସାହାଯ୍ୟ ଭିକ୍ଷା କଲେ । ପଟେଲ୍‌ଜୀ ସେମାନଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲେ ଯେ ସରକାର ଲୋକମାନଙ୍କ ନିକଟରେ ମୁଣ୍ଡ ନୁଆଁଇବେ, ମାତ୍ର କୃଷୀମାନଙ୍କୁ ଏକତ୍ରିତ ହୋଇ ଦୃଢ଼ ଭାବରେ ବିରୋଧ କରିବା ପାଇଁ ହେବ । ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ସରକାରଙ୍କୁ ରାଜସ୍ୱ ଦେବେ ନାହିଁ । କୃଷୀମାନେ ଅନ୍ୟାୟ ନିକଟରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ଶପଥ କଲେ । ବ୍ରିଟିଶ୍ ସରକାର ଘୋଷଣା କଲେ, ଯଦି କୃଷୀମାନେ ବର୍ଦ୍ଧିତ ହାରରେ ରାଜସ୍ୱ ନଦେବେ ତାହା ହେଲେ ତାଙ୍କର ଘର, ବାଡ଼ି, ଜମି ସବୁ ନିଲାମ କରାଯିବ । ଏହି ସୁବିଧା ଦେଖି ବ୍ରିଟିଶ୍ ସରକାରଙ୍କର କେତେକ ତୋଷାମଦିଆ ଧନାଢ୍ୟ ସହରାଞ୍ଚଳର ଲୋକମାନେ ଘର ବାଡ଼ିର ଦର କଷିବା ପାଇଁ ମନସ୍ଥ କଲେ । ଏହା ଶୁଣି ପଟେଲ୍‌ଜୀ କୃଷୀମାନଙ୍କୁ ନିର୍ଦ୍ଦେଶ ଦେଲେ ଯେଉଁ ଦିନ ସରକାରୀ କର୍ମଚାରୀମାନେ ଘର ନିଲାମ କରିବା ପାଇଁ ଗାଁମାନଙ୍କୁ ଯିବେ ସେହିଦିନ ଗାଁରେ ଆବାଳ ବୃଦ୍ଧ ବନିତା କେହି ରହିବେ ନାହିଁ । ସମସ୍ତେ ଘର ଛାଡ଼ି ଜଙ୍ଗଲକୁ ପଳାଇଯିବେ । ତାହା ହେଲେ କେଉଁଠା କାହାର ଘର ଡିକ୍ରୋଟ କରାଯାଇ ପାରିବ ନାହିଁ । ବସ୍ତୁତଃ ଏହା କାର୍ଯ୍ୟରେ ପରିଣତ ହେଲା । ସରକାର ବାଧ୍ୟ ହୋଇ କୃଷୀମାନଙ୍କ ନିକଟରେ ମୁଣ୍ଡ ନୁଆଁଇଲେ ।

୧୯୪୭ରେ ଦେଶ ସ୍ୱାଧୀନ ହେଲା ବେଳକୁ ଦେଶରେ ପ୍ରାୟ ୬୦୦ ଦେଶୀୟ ରାଜ୍ୟ ଥିଲା । ସେହି ରାଜ୍ୟଗୁଡ଼ିକ ଦେଶୀୟ ରାଜା ମହାରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ଏହି ରାଜା ମହାରାଜାମାନେ ଘୋଷଣା କଲେ ଯେ ସେମାନେ ସ୍ୱାଧୀନ ରହିବେ । ତେଣୁ ସେମାନେ ସ୍ୱାଧୀନ ଭାରତ ସରକାରଙ୍କୁ ସ୍ୱୀକାର କଲେ ନାହିଁ । ଫଳରେ, ଭାରତ ସରକାର ଘୋର ଚିନ୍ତାର ସମ୍ମୁଖୀନ ହେଲେ । କାରଣ ଏହି ସବୁ ରାଜ୍ୟଗୁଡ଼ିକ ସ୍ୱାଧୀନ ଭାରତର ଅଂଶ ବିଶେଷ ଭାବରେ ନରହିଲେ ବିଭିନ୍ନ ଅସୁବିଧା ହେବ । ଯଥା : ଗମନାଗମନ, ନଦୀ ଜଳ ବ୍ୟବହାର, ନଦୀ ବନ୍ଧ ନିର୍ମାଣ ଓ ରାସ୍ତା ନିର୍ମାଣ କ୍ଷେତ୍ରରେ ସବୁବେଳେ ଦେଶୀୟ ରାଜାମାନଙ୍କଠାରୁ ଅନୁମତି ନେବାକୁ ହେବ । ବହିଃଶତ୍ରୁ ଆକ୍ରମଣ ସମୟରେ ଏହି ରାଜାମାନେ ଯୁଦ୍ଧ ଭାରତ ସରକାରଙ୍କ ସହିତ ସହଯୋଗ କରିବେ ନାହିଁ । ଫଳରେ କଷ୍ଟଲବ୍ଧ ସ୍ୱାଧୀନତା ବିପନ୍ନ ହେବ । ସେତେବେଳେ ପଟେଲ୍‌ଜୀ ସ୍ୱାଧୀନ ଭାରତର ପ୍ରଥମ ଘରୋଇ ମନ୍ତ୍ରୀ ଥାନ୍ତି । ସେ ସମସ୍ତ ଦେଶୀୟ ରାଜାମାନଙ୍କୁ ଆହ୍ୱାନ ଦେଲେ ଯଦି ଆମେ ସମସ୍ତେ ଏକାଠି ହୋଇଯିବା ତାହାହେଲେ ଭାରତର ଉନ୍ନତି ନିଶ୍ଚୟ ହେବ ଏବଂ ସ୍ୱାଧୀନତା ଅକ୍ଷୁଣ୍ଣ ରହିବ । ପଟେଲ୍‌ଜୀ ଅତି ଗୁରୁ ଗମ୍ଭୀର କଣ୍ଠରେ ଘୋଷଣା କଲେ ଯଦି ଭାରତ ସରକାରଙ୍କ ସହିତ ସହଯୋଗ ନକରିବେ ତାହାହେଲେ ପରବର୍ତ୍ତୀ ଘଟଣା ପାଇଁ ସେହି ଦେଶୀୟ ରାଜାମାନେ ହିଁ ଦାୟୀ ହେବେ । ପଟେଲ୍‌ଜୀଙ୍କ ସହିତ ଆଲୋଚନା ପରେ ଅନେକ ଦେଶୀୟ ରାଜ୍ୟର ଶାସକ ଭାରତ ସରକାରଙ୍କ ଆନୁଗତ୍ୟ ସ୍ୱୀକାର କଲେ । ମାତ୍ର ଜୁନାଗଡ଼ ଓ ହାଇଦ୍ରାବାଦ ଭାରତ ସହିତ ସାମିଲ ନହୋଇ ପାକିସ୍ଥାନ ସହିତ ସାମିଲ ହେବାକୁ ଗୁପ୍ତ ମନ୍ତ୍ରଣା ଚଳାଇଲେ । ପଟେଲ୍‌ଜୀ ଏହା ଜାଣିପାରି ଜୁନାଗଡ ଏବଂ ପାକିସ୍ଥାନର ସୀମାନ୍ତ ଅଞ୍ଚଳକୁ ବ୍ରିଗେଡ଼ିୟର ଗୁରୁ ଦୟାଲ ସିଙ୍ଗ ନେତୃତ୍ୱରେ ଦଳେ ସୈନ୍ୟ ପଠାଇଲେ । ଜୁନାଗଡ଼ବାସୀ ଭାରତ ସିଂଙ୍କ ସାମିଲ ହେବାକୁ ସମ୍ମତି ଜଣାଇଲେ । ଜୁନାଗଡ଼ ନବାବ ଗୋପନରେ ଦେଶ ଛାଡ଼ି ପଳାଇଲେ ।

ହାଇଦ୍ରାବାଦ ନିଜାମ ପଟେଲ୍‌ଜୀଙ୍କ ଆହ୍ୱାନ ପ୍ରତି କର୍ଣ୍ଣପାତ ନକରି ପାକିସ୍ଥାନ ସହିତ ସମ୍ପର୍କ ପ୍ରତିଷ୍ଠା କରିବାରେ ଲାଗିଲେ ଏବଂ ଟଙ୍କା ମଧ୍ୟ ପଠାଇବାକୁ ଲାଗିଲେ । ରାଜ୍ୟରେ ଥିବା ହିନ୍ଦୁ ପରିବାରମାନଙ୍କୁ ମୁସଲମାନମାନେ କାଶିମ୍ ରାଜ୍‌ଭି ନାମକ ଜଣେ ମୁସଲ୍‌ମାନଙ୍କ ନେତୃତ୍ୱରେ ରାଜ୍ୟରୁ ବାହାର କରି ଦେବା ପାଇଁ ଉଦ୍ୟମ କରୁଥାନ୍ତି । ପଟେଲ୍‌ଜୀ ଏହାର ପ୍ରତିକାର ପାଇଁ ଉଦ୍ୟମ କରୁଥାନ୍ତି । ପଟେଲ୍‌ଜୀ ଏଥିପାଇଁ ଜେନେରାଲ୍ ଜେ ଏନ୍ ଚୌଧୁରୀଙ୍କ ନେତୃତ୍ୱରେ ସୈନ୍ୟ ବାହିନୀକୁ ହାଇଦ୍ରାବାଦ ପଠାଇଲେ । ଜେନେରାଲ୍ ଚୌଧୁରୀ ନିଜାମଙ୍କୁ ଭାରତ ସରକାରଙ୍କ ନିକଟରେ ପହଞ୍ଚାଇଲେ । କାଶିମ୍ ରାଜ୍‌ଭି ପାକିସ୍ଥାନ ପଳାଇ ଗଲେ । ହାଇଦ୍ରାବାଦ ଭାରତର ଅଂଶ ବିଶେଷ ଭାବରେ ରହିଲା ।

ଏଥିରୁ ସ୍ପଷ୍ଟ ଭାବେ ପ୍ରମାଣିତ ହେଉଛି ଯେ ପଟେଲ୍‌ଜୀ ଜାତୀୟ ସଂହତି ରକ୍ଷା ପାଇଁ ସର୍ବଦା ଚେଷ୍ଟିତ ଥିଲେ ।

---

ଏଲ୍: ଆର: ସି: କଲୋନି,
ଚମ୍ପୁଆ, କେନ୍ଦୁଝର ।

"ଏହି ମୂକ,ଅବସାଦଗ୍ରସ୍ତ ଏବଂ ବିନୀତ ବ୍ୟକ୍ତିଙ୍କ ମୁଖରେ ଆମକୁ ଆଶାର ପରିଭାଷା ଫୁଟାଇବାକୁ ହେବ, ଏହି ଅବସନ୍ନ, ଦୁର୍ବଳ ଏବଂ ପରିତ୍ୟକ୍ତ ବ୍ୟକ୍ତିଙ୍କ ହୃଦୟରେ ଆମକୁ ମାନବିକତାର ଆଶା ଜାଗରିତ କରିବାକୁ ହେବ ।"

ରବୀନ୍ଦ୍ରନାଥ

# ସ୍ୱାଧୀନତା ଦିବସର ଶପଥ

• ମମତା ପାତ୍ର

"ଆସ ଆସ ମୋର ଏ ଦେଶ ସନ୍ତାନ
ଆସ ମୋର ଗୁରୁଜନ,
କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
କରିବା ହେ ଜୟଗାନ ।୧।

ପୁଣ୍ୟତିଥି ଏ ଅଗଷ୍ଟ ପନ୍ଦର
ଜାତୀୟ ଦିବସ ଏହି,
ଉଚ୍ଚେ ଉଡ଼ାଇବା ଜାତୀୟ ପତାକା
ଜାତୀୟ ସଙ୍ଗୀତ ଗାଇ ।୨।

ମାଆର ବନ୍ଧନ ଖୋଲି ଦେବା ପାଇଁ
ଢାଳି ଥିଲେ ମନପ୍ରାଣ,
ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇ
କଲେ ଯେ ମହା ପ୍ରୟାଣ ।୩।

ଇତିହାସ ପୋଥି ପାଖୁଡ଼ା ମେଲିଲେ
ଯା ଗୁଣ ଗାରିମା ଭାସେ,
ଯା ଲାଗି ଆମର ଗର୍ବ ଗଉରବ
ଯା ଲାଗି ଏ ଦେଶ ହସେ ।୪।

ସାଧନା ବଳରେ ରଖିଗଲେ ଯିଏ
ସାରା ଦୁନିଆରେ ଯଶ,
ଯାହାରି ଗୁଣରେ ଯାହାରି ବଳରେ
ସ୍ୱାଧୀନ ହୋଇଛି ଦେଶ ।୫।

ସେ ଅମର ବୀର ମନ୍ତ୍ରପୂତ ଶୀର
କରିନେବା ଜପାମାଳି,
ଅମର ଆତ୍ମାରେ ସେଇ ହେବ ଆଜି
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।୬।

ବରଷକେ ଥରେ ମିଳେ ଏ ସୁଯୋଗ
ସ୍ମରିବାକୁ ପୂର୍ବ ସୂରୀ,
ଏଇ ସୁଯୋଗରେ ଶପଥ କରିବା
ପିତାମହ ଭୀଷ୍ମପରି ।୭।

ରାଣୀ ଲକ୍ଷ୍ମୀବାଈ ମରିଗଲା ସିନା
ଡରିନିତ ଭୀରୁ ହୋଇ,
ପ୍ରାଣବଳି ଦେଇ ଗଢ଼ିବା ଦେଶକୁ,
ଏ ଯୁଗ ଧରମା ହୋଇ ।୮।

---

ରାମରାଜ୍ୟ ପ୍ରେସ୍,
'ଭାପୁର ବଳୁଆ ସାହି,
ବ୍ରହ୍ମପୁର(ଗଞ୍ଜାମ) ।




ସଂସ୍କୃତି ବିଭାଗ ଓ ପୂର୍ବାଞ୍ଚଳ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ମିଳିତ ଭାବେ ଆୟୋଜିତ 'ସଙ୍ଗୀତାଞ୍ଜଳି' ଶୀର୍ଷକ ଏକ ସଙ୍ଗୀତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉଦ୍‌ଘାଟନ କରୁଛନ୍ତି (୨୧/୬) ।

# ବ୍ରିଟିଶ୍ ଶାସନ କାଳରେ ଓଡ଼ିଶାରେ ନାରୀ ଶିକ୍ଷା

● ଡକ୍ଟର କୃଷ୍ଣଚନ୍ଦ୍ର ଜେନା

ବ୍ରିଟିଶ୍‌ମାନଙ୍କ ଓଡ଼ିଶା ଅଧିକାରର ପୃଷ୍ଠଭୂମି ଆଲୋଚନା କଲେ ମରହଟ୍ଟା ଶାସନର ଶେଷ ପର୍ଯ୍ୟାୟ ଦୃଷ୍ଟି ଗୋଚର ହୁଏ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ମରହଟ୍ଟା ଶାସନ ଦୁର୍ବଳ ହୋଇ ଗଲାଣି । ଶିବାଜୀଙ୍କ ବୀରତ୍ୱ ଇତିହାସର କ୍ଷୀଣ ସ୍ମୃତିରେଖାରେ ହିଁ ପର୍ଯ୍ୟବସିତ । ବର୍ଗୀମାନେ ଭାରତର ବିଭିନ୍ନ ଅଞ୍ଚଳରେ ଲୁଣ୍ଠନ ଆରମ୍ଭ କଲେଣି । ଓଡ଼ିଶାର ଜନଜୀବନକୁ ଏମାନେ ବିପର୍ଯ୍ୟସ୍ତ କଲେଣି । ସେତିକି ବେଳକୁ ଆଧୁନିକ ଓଡ଼ିଶାର ଦକ୍ଷିଣ ଭାଗକୁ ଇଷ୍ଟଇଣ୍ଡିଆ କମ୍ପାନୀ ଅଧିକାର କରି ସାରିଥିଲା । ବର୍ତ୍ତମାନର ବ୍ରହ୍ମପୁର-ଛତ୍ରପୁର-ଇଚ୍ଛାପୁର ଅଞ୍ଚଳରେ ବ୍ରିଟିଶ୍ ଶାସନ ବଞ୍ଚିବା ପାଇଁ ପ୍ରାଣମୂର୍ଚ୍ଛା ଚେଷ୍ଟାକରି ସଫଳ ହୋଇଥିଲା । ଏଇ ସବୁକୁ ପୃଷ୍ଠଭୂମି କରୁ ବ୍ରିଟିଶ୍‌ମାନେ ଓଡ଼ିଶାକୁ ଶାସନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

ଓଡ଼ିଶା ପ୍ରତି ବ୍ରିଟିଶ୍ ଲୋଲୁପ ଦୃଷ୍ଟିର ରାଜନୈତିକ କାରଣ ଥିଲା । ସେତେବେଳକୁ ସେମାନେ ମାନ୍ଦ୍ରାଜ ଓ ବଙ୍ଗଳା ଅକ୍ତିଆର କରି ସାରିଥିଲେ । ପୂର୍ବ ଉପକୂଳର ଏ ଦୁଇଟି ଅଞ୍ଚଳ ମଧ୍ୟରେ ଓଡ଼ିଶା ମରହଟ୍ଟାମାନଙ୍କ ଅଧୀନରେ ରହି ଥିଲା । ବ୍ରିଟିଶ୍‌ମାନେ ଏହାକୁ ସେମାନଙ୍କ ଶାସନରେ ମିଶ୍ରଣ କରିବାକୁ ଚାହିଁବା ଏକ ସ୍ୱାଭାବିକ ଓ ନ୍ୟାୟୋଚିତ ପ୍ରକ୍ରିୟା ମାତ୍ର ।

ଓଡ଼ିଶାକୁ ବ୍ରିଟିଶ୍‌ମାନେ ନିଜ ଶାସନକୁ ନେବାରେ ସେମିତି କିଛି ପ୍ରତିରୋଧ ହୋଇ ନଥିଲା । ଖୋରଧାର ପାଇକମାନଙ୍କ ବିଦ୍ରୋହ ଏକ ନାମ ମାତ୍ର ଅସନ୍ତୋଷ । ଏଥିରେ କୌଣସି ପ୍ରକାର ଜାତିଅଭିମାନ ବା ଦେଶାତ୍ମବୋଧ ନ ଥିଲା । ଖଇରି-ପାଇକ-ଗୁଣ୍ଡୀ ଜାତି ନିଜର ସ୍ୱାର୍ଥ ପାଇଁ ଉତ୍ତେଜିତ ହେବା ସ୍ୱାଭାବିକ । ଆମେ ସ୍ୱୀକାର କରୁଛୁ ଯେ ଏହି ଅଶାନ୍ତିର ନେତା ବକ୍ସି ଜଗବନ୍ଧୁଙ୍କ ସ୍ୱାର୍ଥରେ ଆଘାତ ଆସିଥିଲା । ତାଙ୍କ ପ୍ରତି ତାଙ୍କ ସୈନ୍ୟମାନେ ଅନ୍ଧ ଭାବରେ ସମର୍ଥନ ଜଣାଇଥିଲେ ଓ ଶେଷରେ ବକ୍ସି ଜଗବନ୍ଧୁ ପେନ୍‌ସନ୍ ଗ୍ରହଣ କରିଥିଲେ । ଏତିକିରେ ବ୍ରିଟିଶ୍‌ମାନଙ୍କ ପ୍ରତି ଅସନ୍ତୋଷର ପରିସମାପ୍ତି ହୋଇଥିଲା ।

ଏହାପରେ, ବ୍ରିଟିଶ୍‌ମାନଙ୍କ ଦୃଷ୍ଟି ଓଡ଼ିଶାର ସାଧାରଣ ଜୀବନ ପ୍ରତି ପଡ଼ିଥିଲା । ସେତେବେଳେ ଓଡ଼ିଶାରେ ଅଜ୍ଞତା ଓ କୁସଂସ୍କାର ଘନ କୁହୁଡ଼ି ଜନମାନସକୁ ଭାରାକ୍ରାନ୍ତ କରି ଘନ ଅନ୍ଧକାର ମଧ୍ୟରେ ରଖିଥିଲା । ଓଡ଼ିଆମାନେ ଆଧୁନିକ ଶିକ୍ଷାକୁ ଗ୍ରହଣ କରିବା ପାଇଁ ରାଜି ନ ଥିଲେ । ସେମାନଙ୍କ ମନ ଭିତରେ ନିଜ ପ୍ରତି ଅହେତୁକ ଅଭିମାନ ଓ ଗର୍ବ ଥିଲା । ଅନ୍ୟମାନଙ୍କ ଶିକ୍ଷା ଓ ଆଚାର-ବ୍ୟବହାର ପ୍ରତି ବିତୃଷ୍ଣା ଥିଲା । ଇଂରେଜ ଶାସନ ଓ ଶିକ୍ଷା ପ୍ରତି ଅକାରଣ ବିରୋଧ କରି ଓଡ଼ିଆମାନେ ବ୍ରିଟିଶ୍ ଶାସନର ଉପଯୁକ୍ତ ସୁଯୋଗ ନେଇ ନାହାନ୍ତି । ଯେଉଁମାନେ ଇଂରେଜମାନଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନମାନଙ୍କରେ ଯୋଗ ଦେଲେ ସେମାନଙ୍କୁ ସାମାଜିକ ବାସନ୍ଦ ମଧ୍ୟ କରାଗଲା । ଏହା ଓଡ଼ିଆମାନଙ୍କୁ ଭାରତର ଅନ୍ୟ ଜାତିମାନଙ୍କ ତୁଳନାରେ ବହୁ ପଛରେ ପକାଇ ଥିଲା ।

ଏହି ପରିପେକ୍ଷୀରେ ନାରୀ ଶିକ୍ଷା କ୍ଷେତ୍ରରେ ବହୁ ପ୍ରତିରୋଧ ହେବା ସ୍ୱାଭାବିକ । ବ୍ରିଟିଶ୍‌ମାନେ ଏଠାକୁ ଆସିବା ଆଗରୁ ଯେଉଁ ସାମାଜିକ ବ୍ୟବସ୍ଥା ଥିଲା ସେଥିରେ ଦୁଇଟି ସମ୍ପ୍ରଦାୟର ଲୋକେ ଶିକ୍ଷା କ୍ଷେତ୍ରରେ ଆଗୁଆ ଥିଲେ । ସେମାନେ ହେଲେ ବ୍ରାହ୍ମଣ ଓ କରଣ । ଏମାନଙ୍କ ଆଚରଣ ଅନ୍ୟମାନଙ୍କ ନିମନ୍ତେ ଆଦର୍ଶ ହୋଇଥିଲା । ଶୂଦ୍ରମାନଙ୍କ ପାଇଁ ଶିକ୍ଷା ଅନାବଶ୍ୟକ ଓ ଅନେକ ସମୟରେ ବିପଦଜନକ ବୋଲି ସାଧାରଣ ଧାରଣା ଥିଲା । ଶୂଦ୍ରମାନେ ଓଡ଼ିଶାର ଜନସଂଖ୍ୟାର ଏକ ବଡ଼ ଅଂଶ ଅଧିକାର କରିଥିଲେ । ସେମାନେ ଆଗୁଆ ଥିବା ବ୍ରାହ୍ମଣ ଓ କରଣମାନଙ୍କ ପଥ ଅନୁସରଣ କରୁଥିଲେ । ଯେ ହେତୁ ଏହି ସମ୍ପ୍ରଦାୟର ସ୍ତ୍ରୀଅମାନେ ଇଂରେଜ ଶିକ୍ଷାନୁଷ୍ଠାନକୁ ଆସିଲେ ନାହିଁ । ଅନ୍ୟ ସମ୍ପ୍ରଦାୟର ସ୍ତ୍ରୀଅମାନେ ସେଠାକୁ ଆସିବା ସମ୍ଭବ ହେଲାନାହିଁ । ସ୍ତ୍ରୀଅମାନେ ପାଠ ପଢ଼ିଲେ ସେମାନଙ୍କ ଧର୍ମ ନଷ୍ଟ ହେବ ଓ ସେମାନଙ୍କୁ ବିଲାତ ନେଇ ଯିବେ ଏପରି ଅପପ୍ରଚାର ମଧ୍ୟ ହେଉଥିଲା ।

ଏକ ପକ୍ଷରେ ବଙ୍ଗାଳୀମାନଙ୍କ ପକ୍ଷରୁ ସେପରି ସହଯୋଗ ନ ଥିଲା-ଅପର ପକ୍ଷରେ ଓଡ଼ିଆମାନଙ୍କ ଅନ୍ଧବିଶ୍ୱାସ ନାରୀଶିକ୍ଷା

କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଜନାର୍ଦ୍ଦନ ମହାପାତ୍ର ନାମକ ଜଣେ ଛାତ୍ର ଭେଷଜ ବିଦ୍ୟାଭ୍ୟାସବେଳେ ଏକ ଶବକୁ ବ୍ୟବଚ୍ଛେଦ କଲେ ବୋଲି ତାଙ୍କୁ ସାମାଜିକ ବହିଷ୍କାର ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ଏହି ଅବସ୍ଥାରେ ନାରୀ ଶିକ୍ଷା ପ୍ରତି କାହାରି ଉତ୍ସାହ ରହିଲା ନାହିଁ ।

ଏତିକିବେଳେ ମିଶନାରୀମାନେ ପ୍ରବଳ ଚେଷ୍ଟା କରିଥିଲେ । ମିଶନାରୀମାନେ ବିଭିନ୍ନ ଦେଶରୁ ଆସି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ସେମାନଙ୍କ ଧର୍ମ ପ୍ରଚାର ଆରମ୍ଭ କଲେ । ଗଞ୍ଜାମର ସୋରଡ଼ାଠାରେ ରୋମାନ୍ କ୍ୟାଥେଲିକ୍ ଚର୍ଚ୍ଚର ପ୍ରଚାରକମାନେ ଏ ଅଞ୍ଚଳର ପ୍ରଥମ ଚର୍ଚ୍ଚ ସ୍ଥାପନ କଲେ । ଏମାନେ ଆଧୁନିକ ଆନ୍ଧ୍ରପ୍ରଦେଶରୁ ଆସିଥିଲେ । ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାରେ ମିଶନ୍ କାମ ପ୍ରଚାର ସହ ନାରୀଶିକ୍ଷା ପ୍ରତି ସେମାନେ ଦୃଷ୍ଟି ଦେଲେ । ଯେଉଁମାନେ ମେରିଆ ବଳିରୁ ଉଦ୍ଧାର ପାଇଲେ ସେମାନଙ୍କୁ ଖ୍ରୀଷ୍ଟିଆନ୍ ଧର୍ମରେ ଦୀକ୍ଷିତ କରାଇ ଶିକ୍ଷାଦାନ କରିବା ଆରମ୍ଭ ହୋଇଥିଲା । ଏହିମାନଙ୍କ ମଧ୍ୟରେ ବହୁ ଝିଅ ମଧ୍ୟ ଥିଲେ । ମେରିଆ ବଳି ପ୍ରଥାରେ ଝିଅମାନେ ବାଦ ଯାଉ ନ ଥିଲେ । ବରଂ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କୁ ଆଣି ବଳି ଦେବା ସହଜ ଥିଲା । ପରବର୍ତ୍ତୀକାଳରେ ନାରୀ ଶିକ୍ଷାର ପ୍ରଥମ ମୂଳଦୁଆ ଏହି ମେରିଆରୁ ବର୍ତ୍ତିଥିବା ନାରୀମାନେ ରୋପଣ କରିଥିଲେ । ନାରୀଶିକ୍ଷା ଇତିହାସରେ ଏକ ଘଟଣା ଉଲ୍ଲେଖ ଅଛି–୧୮୬୬ ମସିହାରେ ଶ୍ରୁମୁସବାର ଜଣେ ପ୍ରଧାନ ଗଦାଧର ବିଶୋୟୀ ତାଙ୍କ ଝିଅକୁ ଇଂରେଜ ପରିଚାଳିତ ସ୍କୁଲରେ ପଢ଼ିବା ପାଇଁ ରାଜି ହୋଇଥିଲେ । ଇଂରେଜମାନେ ଏହି ଅଞ୍ଚଳକୁ ଆସିବା ପ୍ରାୟ ଶହେ ବର୍ଷ ପରେ ଏହି ଘଟଣା ଘଟିଥିଲା । ଓଡ଼ିଆମାନଙ୍କ ଇଂରେଜ ଶିକ୍ଷା ପ୍ରତି କି ବିତୃଷ୍ଣା ଏଥିରୁ ଅନୁମିତ ହେବ ।

୧୮୬୮ ମସିହା ବେଳକୁ ବଡ଼ ପରିଶ୍ରମରେ ମାତ୍ର ପାଞ୍ଚଜଣ ବାଳିକା ସ୍କୁଲ ସାରିଲେ ଓ ସେଥିରୁ ଜଣେ ମାତ୍ର ଶିକ୍ଷକତା କରିବା ପାଇଁ ଆସିଲେ । ବ୍ରିଟିଶ୍ ସରକାର ଭାବିଥିଲେ ଯେ ଆଦିବାସୀ କନ୍ୟାମାନେ ଶିକ୍ଷାଲାଭ କରିବା ସହଜ । ଏମାନେ ଘରେ ଆବଦ୍ଧ ରହୁ ନ ଥିଲେ ଓ ଏମାନେ ଅଧିକ ସ୍ୱାଧୀନ ଥିଲେ । ରେଭେରେଣ୍ଡ ଫିଲିପ୍ ସାହେବ କହିଥିଲେ ଯେ ଏହି ଆଶା ମଧ୍ୟ ବ୍ୟର୍ଥ ହେଲା । ଆଦିବାସୀ, ବିଶେଷ ଭାବେ ସାନ୍ତାଳ କନ୍ୟାମାନେ ଆଗରେ ହୋଇ ଶିକ୍ଷା ଗ୍ରହଣ କରିବା ଆଶା ମଧ୍ୟ ସଫଳ ହୋଇ ନ ଥିଲା । କୁ ସଂସ୍କାର ଓ ଇଂରେଜ ଶିକ୍ଷା ପ୍ରତି ଘୃଣା ଏହାର ମୂଳ କାରଣ ଥିଲା ।

୧୮୬୬ ମସିହାରେ ଓଡ଼ିଶା ଦୁର୍ଭିକ୍ଷ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିଲା । ଇତିହାସର ଏହି ଅଭୂତପୂର୍ବ ଘଟଣା ଓଡ଼ିଶାର ଶିକ୍ଷା ମାନଚିତ୍ରକୁ ଅପ୍ରତ୍ୟାଶିତ ପରିବର୍ତ୍ତିତ କଲା । ଦୁର୍ଭିକ୍ଷର କଷାଘାତରେ ବହୁ ଶିଶୁ କନ୍ୟା ଅନାଥ ହେଲେ । ଏମାନେ କନ୍ୟାଶ୍ରମମାନଙ୍କରେ ସାହାଯ୍ୟ ଭିକ୍ଷା କରି ରହିଥିଲେ । ରେଭେନେସା ସାହେବ ଏମାନଙ୍କୁ ଶିକ୍ଷା ପ୍ରଦାନ କରିବା ଚେଷ୍ଟା କଲେ । ନାରୀ ଶିକ୍ଷାର ଫଳବତୀ ଚେଷ୍ଟା ଏହିଠାରୁ ଆରମ୍ଭ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାରୀ ଓ ବେସରକାରୀ ଚେଷ୍ଟାରେ କଟକ ଓ ବାଲେଶ୍ୱରରେ ନାରୀ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରା ହୋଇଥିଲା ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ କେତୋଟି ବିଶେଷ ସମସ୍ୟା ଆମ ପ୍ରକାଶ କରେ । ଏହି ସମୟର ଜଣେ ବିଶେଷଜ୍ଞ ମତ ଦେଇଥିଲେ ଯେ ଯଦି କିଛି ଲେଖା–ପଢ଼ା ଜାଣିଥିବା ନାରୀମାନଙ୍କ କଥା ବିଚାର କରାଯିବ ତେବେ ଅନ୍ୟ ପ୍ରଦେଶ ତୁଳନାରେ ଓଡ଼ିଶାରେ ଅଧିକ ସଂଖ୍ୟକ ନାରୀ ଶିକ୍ଷିତା ଥିଲେ । କିନ୍ତୁ ଯଦି ଶିକ୍ଷା ଲାଭ କରି ଚାକିରି ପାଇବା ମହିଳାମାନଙ୍କ କଥା ବିଚାର କରାଯିବ ତେବେ ଓଡ଼ିଶା ବହୁ ପଛରେ ପଡ଼ିବ । ଏହାର କାରଣ ହେଲା ଯେ ପ୍ରାୟ ପ୍ରତ୍ୟେକ ବ୍ରାହ୍ମଣ ଓ କରଣ ପରିବାରର କନ୍ୟାମାନେ ଅବଧାନମାନଙ୍କ ନିକଟରେ ଲେଖା–ପଢ଼ାର ପ୍ରଥମ ସୋପାନ ପାର ହେଉଥିଲେ । କିନ୍ତୁ ଅଳ୍ପ ବଡ଼ ହୋଇ ଗଲେ ସେମାନେ ଆଉ ସ୍କୁଲକୁ ଯାଉ ନ ଥିଲେ । ପାଠପଢ଼ା ସେଠାରେ ଶେଷ ହେଉଥିଲା ଓ ବିବାହ ପାଇଁ ସେମାନେ ପ୍ରସ୍ତୁତ ହେଉଥିଲେ । ବାଲ୍ୟବିବାହ ଓ ପରଦା ଓଡ଼ିଶାରେ ନାରୀ ଶିକ୍ଷାର ମୂଳ ପ୍ରତି ବାଧକ ଥିଲା । ଗୁଣିତକ ଜାତିର କନ୍ୟାମାନଙ୍କ ସହ ସେମାନେ ମିଶୁ ନ ଥିଲେ । ଏପରିକି ତଳ ଜାତିର ଝିଅମାନଙ୍କୁ ସ୍ପର୍ଶ ମଧ୍ୟ କରୁ ନ ଥିଲେ ।

ବ୍ରିଟିଶ୍‌ମାନେ ଶାସନ କାଳର ଇତିହାସରେ ନାରୀଶିକ୍ଷା ପ୍ରତି ଯେପରି ଉତ୍ସାହ ପ୍ରଦାନ କରାଯାଉଥିଲା ତାହା ଆମର ସାମାଜିକ ଇତିହାସର ଏକ ବଳିଷ୍ଠ ଅଙ୍ଗ । ହୁଏତ ବ୍ରିଟିଶ୍‌ମାନେ ସେପରି ଉଦ୍ୟମ କରି ନ ଥିଲେ ଏଠାରେ ନାରୀ ଶିକ୍ଷାର କୌଣସି ପ୍ରସାର ସମ୍ଭବ ହୋଇ ନ ଥାନ୍ତା । ନର୍ମଦା କର ପ୍ରଥମ ଓଡ଼ିଆ ମହିଳା ସ୍ନାତକ ଭାବରେ ବିଥୁନ କଲେଜର ୧୯୦୫ ମସିହାରେ ପାସ୍ କରି ଓଡ଼ିଶାର ନାରୀ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରି ଥିଲେ ।

---

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ,
ଭଞ୍ଜବିହାର ।

# ନୀଳକଣ୍ଠଙ୍କର ସମନ୍ୱୟାତ୍ମକ ମୂଲ୍ୟବୋଧ

● ଡଃ ମହେନ୍ଦ୍ର କୁମାର ମିଶ୍ର

ଓଡ଼ିଆ ଜୀବନ ଓ ସଂସ୍କୃତିର ଜାଗରଣ ପାଇଁ ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ସତ୍ୟବାଦୀ ଗୋଷ୍ଠୀର ଭୂମିକା ଅତୁଳନୀୟ । ଉତ୍କଳମଣି ଗୋପବନ୍ଧୁ ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ସମାଜ ସେବା, ରାଜନୈତିକ ଜାଗରଣ ଓ ସେଥିପାଇଁ ସାଂସ୍କୃତିକ ମୂଲ୍ୟବୋଧକୁ ପୁନର୍ନବୀକରଣ କରି ସେ ପରମ୍ପରା ଓ ପରିସ୍ଥିତି ମଧ୍ୟରେ ଏକ ସମନ୍ୱୟ ସ୍ଥାପନର ପରିକଳ୍ପନା କରିଥିଲେ । ଗୋପବନ୍ଧୁଙ୍କର ଏହି ପରିକଳ୍ପନାରୁ ଜନ୍ମ ନେଇଥିଲା, ସାକ୍ଷୀଗୋପାଳର ସତ୍ୟବାଦୀ ବିହାର । ଦୀର୍ଘ ପନ୍ଦର ବର୍ଷ ଧରି ଏହି ସତ୍ୟବାଦୀ ବିହାର ମଣିଷ ତିଆରି କରିବା ଲକ୍ଷ୍ୟନେଇ ତ୍ୟାଗ ଓ ସାଧନାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ରହି ଆସିଥିଲା । କିନ୍ତୁ ମଣିଷ ତିଆରି କାରଖାନାର ଏହି ଲକ୍ଷ୍ୟ ଯେତେବେଳେ ଉତ୍କଳୀୟ ଚେତନାକୁ ଅତିକ୍ରମ ଜାତୀୟ ଆନ୍ଦୋଳନ ଦ୍ୱାରା ଉଦ୍‌ବୁଦ୍ଧ ହେଲା ପ୍ରତ୍ୟକ୍ଷ ହେଲାଯେ ତ୍ୟାଗ ଓ ସାଧନା ପ୍ରସୂତ ଶକ୍ତି ଲଢ଼ିବାର ଶକ୍ତିରେ ରୂପାନ୍ତରିତ ହୋଇପାରେ, ସଫଳ ବି ହୋଇପାରେ । କିନ୍ତୁ ଦୁଃଖର ବିଷୟ, ଓଡ଼ିଶା ସ୍ୱତନ୍ତ୍ର ହେଲାପରେ ଓ ଭାରତ ସ୍ୱାଧୀନ ହେଲା ପରେ ସେହି ସଙ୍ଗଠନ ଶକ୍ତିର ମୂଳକୁ ନଦେଖି ସ୍ୱାଧୀନତା ବୃକ୍ଷର ଫୁଲ ଓ ଫଳର ମହକରେ ସମସ୍ତେ ଆମୋଦିତ ହେଲେ । ସ୍ୱାଦ ଚାଖିଲେ । ଫଳରେ ସତ୍ୟବାଦୀ ବିହାର ଗୋପବନ୍ଧୁଙ୍କ ମାନବବାଦୀ ଆବେଗ ପ୍ରବଣ ମାନସିକତାର ଏକ ପ୍ରତିଫଳନ ହୋଇ କିଶୋରାବସ୍ଥାରେ ବିସ୍ମୃତ ହେଲା । ସତ୍ୟବାଦୀର ଶିକ୍ଷକ ଓ ଛାତ୍ରଗଣ ସ୍ୱାଧୀନୋତ୍ତର ଭାରତରେ ଓଡ଼ିଶା ଭୂମିକୁ ନେଇ ସାଧନା କରିବା ପରିବର୍ତ୍ତେ ଶାସକ ହେବାର ସ୍ୱପ୍ନ ଦେଖିଲେ । ଯେଉଁ ସତ୍ୟବାଦୀରୁ ବଢ଼ି ସେମାନେ ଚେତନା ପାଇଲେ ତାକୁ ଏକ ଐତିହ୍ୟମଣ୍ଡିତ କୀର୍ତ୍ତିରୂପେ ଇତିହାସର ବିଷୟ ରୂପେ ରଖିଦେଲେ ସିନା, ସେମାନେ କେବେ ହେଲେ ଏହି ଜୀବନ ବିଦ୍ୟାଳୟକୁ ପୁନଃପ୍ରତିଷ୍ଠା ଦେବାକୁ ଭାବି ପାରିଲେ ନାହିଁ । ତ୍ୟାଗର ଯୁଗଯାଇ ଭୋଗର ଯୁଗ ଆସିଲା । ସତ୍ୟବାଦୀ ଓଡ଼ିଶାର ଜନମାନସରୁ କ୍ରମଶଃ ଅବଲୁପ୍ତ ହେଲା । ସ୍ଥାନ ମାତ୍ର ହୋଇ ରହିଗଲା । ମାତ୍ର ଏହି ବିଦ୍ୟାଳୟର ପ୍ରଚଣ୍ଡ ପ୍ରତିଭାଶାଳୀ ଶିକ୍ଷକ ଓ ସଂସ୍କୃତିବିତ୍ ପଣ୍ଡିତ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱର ଦୁଇଟି ଦିଗର ସମନ୍ୱୟାତ୍ମକ ପ୍ରକ୍ରିୟା ସ୍ପଷ୍ଟ ହୋଇଥିଲା ।

ଗୋପବନ୍ଧୁଙ୍କ ପରିକଳ୍ପନାକୁ ସାକାର କରିଥିଲେ ନୀଳକଣ୍ଠ, ଗୋଦାବରୀଶ, ହରିହର ଓ କୃପାସିନ୍ଧୁ ପ୍ରମୁଖ । ନୀଳକଣ୍ଠ ଥିଲେ ଜଣେ ନିଦା ମଣିଷ । ଚରିତ୍ରବତ୍ତାରେ, ଥିଲେ ସେ କାଳର ଅଦ୍ୱିତୀୟ । କେବଳ ଶିକ୍ଷକତା କିମ୍ବା ଅଧ୍ୟାପନା ତାଙ୍କ ଧ୍ୟେୟ ନଥିଲା । ଆବଶ୍ୟକ ହେଲେ ସେ ରାଜନୀତିର ରଣାଙ୍ଗନକୁ ଏକାକୀ ହୋଇ ଆସି ସ୍ୱମତ ପ୍ରତିଷ୍ଠା କରି ସଫଳ ହେବାରେ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ । ସେହିପରି ସଂସ୍କୃତିକୁ ବୁଝିବାରେ ନୀଳକଣ୍ଠଙ୍କ ଦୃଷ୍ଟିଥିଲା ନିଜ ଭୂମିଠାରୁ ବିଶ୍ୱ ପର୍ଯ୍ୟନ୍ତ ପ୍ରସାରିତ । ଓଡ଼ିଆ ଜାତିର ସଂସ୍କୃତିକୁ ଚିହ୍ନି ଜାଣି ଭାରତୀୟ ପରିପ୍ରେକ୍ଷୀରେ ତଥା ବିଶ୍ୱ ପରିପ୍ରେକ୍ଷୀରେ ତା'ର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ଦେଖାଇବାରେ ତାଙ୍କର କେବଳ ବିଦ୍ୱତ୍ତାର ପରିଚୟ ମିଳେ ନାହିଁ ବରଂ ବିଶ୍ୱମାନବ ରୂପେ ନିଜ ଉପଲବ୍ଧିକୁ ସଂପ୍ରସାରିତ କରିଥିବା ନୀଳକଣ୍ଠୀୟ ଚେତନାର ସ୍ୱରୂପକୁ ତାଙ୍କ ସାହିତ୍ୟ ଆଲୋଚନା ମଧ୍ୟରୁ ଆବିଷ୍କାର କରାଯାଇ ପାରେ । ତାଙ୍କର ବ୍ୟକ୍ତିତ୍ୱର ଏହି ଦୁଇଟି ବିଭାଗ ଆଜିର ରାଜନୈତିକ ବ୍ୟକ୍ତିତ୍ୱ ପରେ ଦୁର୍ଲଭ । ସେ ସାମାଜିକ ରାଜନୈତିକ ଧୁରୀଣ ଭାବରେ ଯେତିକି ତତ୍ପର ଥିଲେ ତାଠୁ ଅଧିକ ଖ୍ୟାତ ଲାଭ କରିଥିଲେ ଜଣେ ଭାରତୀୟ ଦାର୍ଶନିକ ରୂପେ ଜାତିର ଆଦର୍ଶ ଓ ମୂଲ୍ୟବୋଧକୁ ସମାଜରେ ପ୍ରଚଳନ କରି ।

ତେଣୁ ଆଦ୍ୟ ଜୀବନର ଶିକ୍ଷକ, ପରବର୍ତ୍ତୀ କାଳରେ ଆନ୍ଦୋଳନର ପୁରୋଧା ରୂପେ ସମଗ୍ର ଓଡ଼ିଶାରେ ଜନଜାଗରଣର ବହ୍ନି ଜଳାଇଥିଲେ । କଂଗ୍ରେସର ସଭାପତି ହୋଇ ସ୍ୱାଧୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାରୁ ସେ ଯେତେବେଳେ ବଞ୍ଚିତ ହେଲେ, ସେ ସାମୟିକ ଭାବେ ସକ୍ରିୟ ରାଜନୀତିରୁ ନିରସ୍ତ ହେଲେ ହେଁ, ଜାତୀୟ ଜୀବନକୁ ପରିଶୋଧନ କରିବାକୁ ଚିନ୍ତା କରୁଥିଲେ । ଏଣୁ ତାଙ୍କ ରାଜନୀତିର ପ୍ରତ୍ୟାହାର କାଳକୁ ଆମେ ତାଙ୍କ ସାଂସ୍କୃତିକ ଉଦୟର କାଳ ବୋଲି କହିପାରିବା । ନୀଳକଣ୍ଠଙ୍କ ଉତ୍କଳୀୟ ଚେତନା ତଥା ଓଡ଼ିଆ ଜାତିକୁ ଏକ ପରିଚିତି (identity) ଦେବା ପାଇଁ ଉତ୍କଣ୍ଠା ତାଙ୍କୁ ସାଂସ୍କୃତିକ ବିଦ୍ୱାନ ରୂପେ ପରିଚିତ ହେବାକୁ ବାଧ୍ୟ କରିଥିଲା । ଏହି କାରଣରୁ ସେ ଉଭୟ ରାଜନୈତିକ ଓ ସାଂସ୍କୃତିକ ସମନ୍ୱୟ ସାଧନ ପାଇଁ ଚେଷ୍ଟିତ ଥିଲେ । କାରଣ ସେ ଜାଣିଥିଲେ ଯେ ରାଜନୈତିକ ମୂଲ୍ୟବୋଧ ଆପେକ୍ଷିକ ତଥା ଏହା ଜନସମାଜର ଏକ ନିର୍ଦ୍ଦିଷ୍ଟ ଆବଶ୍ୟକତାର ପୂରଣ ପାଇଁ ଉଦ୍ଦିଷ୍ଟ କିନ୍ତୁ

ସାଂସ୍କୃତିକ ମୂଲ୍ୟବୋଧ ହେଉଛି ଶାଶ୍ୱତ ଯାହା ସବୁ କାଳରେ ଜୀବନକୁ ସର୍ବାଙ୍ଗ ସୁନ୍ଦର ତଥା ଚେତନାଶୀଳ କରିବାପାଇଁ ଉଦ୍ଦିଷ୍ଟ । ତେଣୁ ସାଂସ୍କୃତିକ ଚେତନାର ମୂଳଭୂମି ବିନା ରାଜନୈତିକ ଚେତନାର ପରିମାର୍ଜନ ସମ୍ଭବ ନୁହେଁ ।

ରାଜନୀତି ଓ ସଂସ୍କୃତି ମଧ୍ୟରେ ସମନ୍ୱୟ ଆଣିବା ମୂଳରେ ନୀଳକଣ୍ଠଙ୍କର ଏକ ମହତ ଉଦ୍ଦେଶ୍ୟ ଥିଲା । ତାହା ହେଉଛି, ଓଡ଼ିଶାର ଜାତୀୟ ସଂସ୍କୃତିକୁ ସର୍ବଭାରତୀୟ ସ୍ତରରେ ସମ୍ୟକ ସମାହୃତ କରାଇବା । ସେକାଳର ରାଜନୈତିକ ଓ ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ଓଡ଼ିଶା ଭାରତରେ ନିତାନ୍ତ ଅବହେଳିତ ଥିଲା ।

ତେଣୁ ନୀଳକଣ୍ଠଙ୍କ ପୂର୍ବସୂରୀମାନଙ୍କ ଦ୍ୱାରା ଓଡ଼ିଶାର ଏକ ସାଂସ୍କୃତିକ ଓ ସ୍ୱାଧୀନ ରୂପରେଖ ଦେବା ପାଇଁ ବରାବର ଉଦ୍ୟମ ହୋଇ ଆସିଥିଲା ଓ ଏହି କ୍ଷେତ୍ରରେ ନୀଳକଣ୍ଠ ଉଲ୍ଲେଖନୀୟ କାର୍ଯ୍ୟକରିଥିଲେ । ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ପୁନର୍ଗଠନ ଦିଗରେ ସାଂସ୍କୃତିକ ପୁରୋଦୃଷ୍ଟିର ଆବଶ୍ୟକତାକୁ ଯଥେଷ୍ଟ ଉପଲବ୍ଧି କରିଥିଲେ ।ଓଡ଼ିଶା ଭାରତର ଆଞ୍ଚଳିକ ସଂସ୍କୃତିର ସମ୍ପୂରକ ହେଲେ ହେଁ ଏହାର ଭିତରେ ଥିବା ଉପାଦାନ ସମୂହ କିପରି ସମସାମୟିକ ସମାଜ ପରିପ୍ରେକ୍ଷୀରେ ପ୍ରୟୋଜନ, ତାହା ଦେଖାଇବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ । ଜଣେ ପୁରୋଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରୀୟ ବ୍ୟବସ୍ଥାପକ ବିଦ୍ୱାନ ରୂପେ ସେ ଏହି ଯୋଜନା କରିଥିଲେ । ଏଥିପାଇଁ ସେ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର ସାଂସ୍କୃତିକ ବିଭାବର ନୂତନ ଅର୍ଥ ଅନୁଶୀଳନ କରିଥିଲେ ତଥା ଏହାର ପ୍ରୟୋଗରେ ଓଡ଼ିଶାର ଐତିହ୍ୟବୋଧ କିପରି ଜୀବନ୍ତ ରହିବ ଓ ପରମ୍ପରା ଶାଶ୍ୱତ ମୂଲ୍ୟବୋଧ ଦ୍ୱାରା ଅନୁପ୍ରାଣିତ ହୋଇ ଏବର ସମାଜ ଓ ଶାସନରେ ନିଜର ଆଦର୍ଶ ଦୃଢ଼ କରିପାରିବ, ନିଜର ସ୍ୱପରିଚିତି ବଜାୟ ରଖି ପାରିବ, ଏଥିପାଇଁ ସେ ଗଭୀର ଭାବେ ଚିନ୍ତନ କରିଥିଲେ । ତେଣୁ ସେ ସଂସ୍କୃତି ଓ ସାହିତ୍ୟର ବହୁ ଆୟାସ ମଧ୍ୟରୁ ସାମ୍ପ୍ରତିକ ସମାଜର ପରିସ୍ଥିତି ସହ ଖାପ ଖାଇଲା ଭଳି ଶବ୍ଦ ଓ ସଙ୍କେତ ତଥା ଆଦର୍ଶ ଆଣି ଦେଖାଇ ଦେଇଥିଲେ ଯେ ଓଡ଼ିଶାର ଐତିହ୍ୟ ମଧ୍ୟରେ ବି ଓଡ଼ିଆ ଜାତିର ପ୍ରାଣ ସ୍ପନ୍ଦନ ରହିଛି ତଥା ଏହାର ପୁନରୁଜ୍ଜୀବନ ଦ୍ୱାରା ଜାତୀୟ ଜୀବନକୁ ମହତ୍ତର କରାଯାଇ ପାରେ ।

ନୀଳକଣ୍ଠଙ୍କ, ସାହିତ୍ୟ ଆଲୋଚନା ମଧ୍ୟରୁ ବାସ୍ତବରେ ସାମ୍ପ୍ରତିକ ସମାଜର ଆଦର୍ଶ ଓ ଆଭିମୁଖ୍ୟ ସହିତ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ କିପରି ଜଡ଼ିତ ତାହା ଜଣାପଡ଼େ । ତାଙ୍କ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ପଢ଼ିଲେ ମନେ ହୁଏ ସେ ବୋଧହୁଏ ଏହି ଆଭିମୁଖ୍ୟ ଘେନି ଏହା ରଚନା କରିଥିଲେ । ଓଡ଼ିଆ ଜାତି, ଗୋଷ୍ଠୀ, ଭାଷା, ଶିଳ୍ପ ଓ ସାହିତ୍ୟକୁ ଭିତ୍ତିକରି ସେ ଏହାର ପରିକଳ୍ପନା କରିଥିଲେ । ସ୍ୱାଧୀନ ଭାରତର ସମ୍ବିଧାନକୁ ପ୍ରତିଫଳିତ କଳାଭଳି ଉପାଦାନ ଓ ଆଦର୍ଶ, ସେ ଓଡ଼ିଆ ଧର୍ମ ସାହିତ୍ୟ ଓ ସଂସ୍କୃତି ତଥା ସମାଜିକ ଚଳଣିରୁ ସଂଗ୍ରହ ଓ ସୁସନ୍ନିବେଶିତ କରିଥିଲେ । ଏଥିରୁ ଜଣାପଡ଼େ ସେ କିପରି ରାଜନୀତି ଓ ସଂସ୍କୃତି, ପରମ୍ପରା, ପରିସ୍ଥିତି ତଥା ଅତୀତ ବର୍ତ୍ତମାନ ସହିତ ସମନ୍ୱୟର ପକ୍ଷପାତୀ ଥିଲେ ।

ବିଶ୍ୱର ମାନବ ସଭ୍ୟତା ଓ ସଂସ୍କୃତିର ଆଦର୍ଶ ହେଉଛି ଅ... ତଥା ସମୂହର ମଙ୍ଗଳ କାମନା । ମାନବିକ ମୂଲ୍ୟବୋ... ପ୍ରତିଷ୍ଠା ପାଇଁ ବିଶ୍ୱମାନବ ଧର୍ମର ପରିକଳ୍ପନା । କିନ୍ତୁ ବି... ଇତିହାସରେ ଅନେକ କ୍ଷମତା ଲିପ୍ସୁ ସାମ୍ରାଜ୍ୟବାଦୀଙ୍କ ଦ୍ୱା... ଉଦାରବାଦୀ ମାନବ ଗୋଷ୍ଠୀର ଅଭ୍ୟୁଦୟକୁ ବିଦ୍ବି... କରାଯାଇଛି । ଧର୍ମ, ଭାଷା ଓ ପ୍ରଜାତିକ ସ୍ୱାତନ୍ତ୍ର୍ୟକୁ ଭିତ୍ତି... ବିଶ୍ୱରେ ଅନେକ ଯୁଦ୍ଧ ହୋଇଛି । କିନ୍ତୁ ବିଂଶ ଶତାବ୍ଦୀରେ ... ବିଜେତା ଓ ବିଜିତ ସମ୍ପର୍କ ଶେଷ ହୋଇଛି । ମୌଳିକ ମାନବ... ସ୍ୱାଧୀନତା ଓ ସମତା ପାଇଁ ଯେଉଁ ପ୍ରବାହ ଅବ୍ୟାହତ ତାହା ବିଶ୍ୱ... ଏକ କ୍ଷୁଦ୍ର ସଂପ୍ରଦାୟର ସାଂସ୍କୃତିକ ପରିଚୟକୁ ଅକ୍ଷୁଣ୍ଣ ରଖିବାକୁ ବଦ୍ଧପରିକର । ବିଜେତା ଦ୍ୱାରା ବିଜିତର ସାଂସ୍କୃତିକ ଗତିଧାରା ବ୍ୟାହତ ହେଲେ ମଧ୍ୟ ତାହା ପୂର୍ଣ୍ଣ ଭାବେ ମରିଯାଏ ନାହିଁ । ସମାଜର ଆଦର୍ଶ କ୍ରମେ ତାହା ପୁଣି ଜୀଇଁ ଉଠେ । ଓଡ଼ିଶାର ପୁନର୍ଜାଗରଣ ଏହି ଦୃଷ୍ଟିକୋଣରୁ ବିଚାର୍ଯ୍ୟ ।

ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲା, ଭାରତ ବି ସ୍ୱାଧୀନ ହେଲା, କିନ୍ତୁ ଦୀର୍ଘ ଶହ ଶହ ବର୍ଷ ଧରି ଇଂରେଜ, ମୁସଲମାନ ଓ ମରହଟ୍ଟା ଶାସନର ପ୍ରଭାବ ଜନମାନସରୁ ଅନ୍ତର୍ହିତ ହୋଇ ନଥିଲା । ବିଜେତାର ଆଦର୍ଶକୁ ନେଇ ନିଜ ଦେଶର ଶାସନ ଓ ସମାଜ ଗଢ଼ି ଉଠେ ନାହିଁ । ତେଣୁ ନିଜ ସଂସ୍କୃତି ଓ ସମାଜକୁ ଆଦର୍ଶ ରୂପେ ଗଢ଼ିବା ପାଇଁ ଭାରତୀୟ ଚିନ୍ତାନାୟକ ଓ ଦାର୍ଶନିକ ମାନଙ୍କର ମହନୀୟ ଅବଦାନକୁ ସ୍ମରଣ କରାଯାଇ ପାରେ । ସେମାନେ ବାଟ ଦେଖାଇଛନ୍ତି, ସାମାଜିକ ଓ ସାଂସ୍କୃତିକ ଆଦର୍ଶକୁ ଘେନି ରାଜନୈତିକ ଆଦର୍ଶ ଗଠିତ ହେବା ଦରକାର । ଭାରତ ତଥା ଓଡ଼ିଶା ପରିପ୍ରେକ୍ଷୀରେ ବ୍ୟକ୍ତି–ସମାଜ ସଂହତି ଯେଉଁ ସଂସ୍କୃତିର ପୁନର୍ଜାଗରଣ ପାଇଁ ନୀଳକଣ୍ଠଙ୍କ ଦୃଷ୍ଟିଭଙ୍ଗୀ ଏଠାରେ ବିଚାରଣୀୟ । ତାଙ୍କ ମତରେ–

"ପୃଥିବୀରେ ସମାଜ ସଂଗଠନରେ ନୂଆ ସ୍ପୃହାଣି ଅର୍ଥାତ୍ ଆଦର୍ଶ ଓ କ୍ରିୟାଶୀଳ– ସେଥିରେ ଭାଷା ସାହିତ୍ୟକୁ ପୀଠ ରୂପେ ଧରି ସମାଜ ବିକାଶର ସ୍ୱାଧୀନତାର କଳନା କରାଯାଉଛି । (ପୃଃ... ନୀଳକଣ୍ଠ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ (୧୯୬୭) ପୃଷ୍ଠା... ସଂକ୍ଷେପରେ କହିଲେ ନୀଳକଣ୍ଠ ସ୍ୱାଧୀନ ଭାରତର ସାମ୍ୟ ଶାସ... ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତା ଚରିତ୍ରର ଅବଲମ୍ବନରେ ଭାରତୀୟ ସଂସ୍କୃତି କେତେ ପରିପୂରକ ହେବ ତାହା ସେ ନିଜର ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ଦ୍ୱାରା ନିରୂପିତ କରିଛନ୍ତି । ଶାସନର ଆଦର୍ଶ ଓ ଆଭିମୁଖ୍ୟକୁ ଯେଉଁ ସଂସ୍କୃତି ମାନବ ସମାଜର ଚିନ୍ତା ଓ କର୍ମରେ ସାକାର ରୂପ ଦିଏ ସେଉ ତତ୍ତ୍ୱର ସେ ଅନ୍ୱେଷଣ କରିଛନ୍ତି । ସଂସ୍କୃତି ଓ ଐତିହ୍ୟ ମଧ୍ୟରୁ ଚଳନ୍ତି ସମାଜର ଆଦର୍ଶର ସମନ୍ୱୟ ପାଇଁ ସେ ଉଦ୍ୟମକରି ସାଂସ୍କୃତିକ ନିରବଚ୍ଛିନ୍ନତା ରକ୍ଷା ପାଇଁ ଉଦ୍ୟମ କରିଛନ୍ତି ।

ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛି 'ଏକରେ ବହୁ ଓ ବହୁରେ ଏକ' ବୈଦିକକାଳରୁ ବ୍ୟକ୍ତି–ସଂହତିର ବିଶ୍ୱଶୃଙ୍ଖଳା 'ଋତ' ବୋଲି ସ୍ୱୀକୃତ (ଓସାକ୍ରପ) (ପୃ–୭) ଏଣୁ ସଂସ୍କୃତିର ବୈଶିଷ୍ଟ୍ୟ ବିବିଧତା ମଧ୍ୟରେ ଏକତା–unity in diversity ବର୍ତ୍ତମାନ ଭାରତୀୟ ଶାସନର uni—Federal ଚରିତ୍ରର ଏହା ବୈଦିକ ରୂପ । ଭାରତୀୟ ସଂସ୍କୃତି ମୌଳିକ ଭାବେ ଏକ ନିର୍ଦ୍ଦିଷ୍ଟ ସ୍ୱରୂପକୁ ଧରି ରହିଥିଲେ ହେଁ ଏହାର ଆଞ୍ଚଳିକ ସ୍ୱରୂପମାନ ଭିନ୍ନଭିନ୍ନ । ଭୌଗୋଳିକ ଭିନ୍ନତା, ପ୍ରଜାତିକ ବିଭିନ୍ନତା, ଅରଣ୍ୟ ପର୍ବତବାସୀ ଜନଜାତି, ଗ୍ରାମୀଣ କୃଷି ଭିତ୍ତିକ ସମାଜ ଓ ନଗର ସଭ୍ୟତା, ଧର୍ମ, ଭାଷା ଓ ଶ୍ରେଣୀର ବୈଚିତ୍ର୍ୟକୁ ନେଇ ସଂଗଠିତ । ଏହି ସର୍ବଭାରତୀୟ ଓ ଆଞ୍ଚଳିକ ଉପାଦାନର ଆଦାନ ପ୍ରଦାନରେ ଭାରତୀୟ ସଂସ୍କୃତି ପରିପୁଷ୍ଟ ।

ଭାରତର ପ୍ରତ୍ୟେକ ଅଞ୍ଚଳରେ ଭାରତୀୟ ସାଂସ୍କୃତିକ ଚିନ୍ତାଧାରା ବ୍ୟାପିଥିଲେ ବି କିନ୍ତୁ ଭାଷା ଓ ସଂସ୍କୃତ ଭିତ୍ତିରେ ପ୍ରତ୍ୟେକ ଅଞ୍ଚଳର ସ୍ୱାତନ୍ତ୍ର୍ୟ ତଥା ସ୍ୱ–ପରିଚିତି ରହୁ ଏହା ହିଁ ସଂସ୍କୃତିର ଶୃଙ୍ଖଳା ବୋଲି ନୀଳକଣ୍ଠ କହୁଥିଲେ । ଏହି ଆଦର୍ଶକୁ ଭିତ୍ତିକରି ଓଡ଼ିଆ ଗୋଷ୍ଠୀ, ଜାତି, ଭାଷା, ଧର୍ମ ଓ ସାହିତ୍ୟର ଏକ ବୈଶିଷ୍ଟ୍ୟ ନିରୂପଣ ପାଇଁ ସେ ଚେଷ୍ଟିତ ଥିଲେ । ଏଥି ପାଇଁ ଭାରତୀୟ ତଥା ବିଶ୍ୱ ସଂସ୍କୃତିର ପ୍ରେକ୍ଷା ପଟରେ ଜାତୀୟ ସଂସ୍କୃତିର ସ୍ୱରୂପ ଓ ସ୍ୱାତନ୍ତ୍ର୍ୟ ସେ ଅନୁଶୀଳନ କରିଥିଲେ ।

ସଂସ୍କୃତି ସମାଜ–ମୂଲ୍ୟବୋଧର ଗତିଶୀଳ ଧାରା ପ୍ରବାହ । ସମୟରେ ଶାସନ ଓ ସମ୍ବିଧାନର ଆଦର୍ଶ ସହିତ ସଂସ୍କୃତିର ମୂଲ୍ୟବୋଧ ବଦଳି ଥାଏ । ସଂସ୍କୃତିର ଏକାତ୍ମୀକରଣ ଶକ୍ତି ଅଛି । ଶାସନ ଭେଦରେ ଏହାର ଆଦୃତି– ଅନାଦୃତି ହେଲେ ବି ବିଧାନଗତ ସମାଜରେ ଏହା ଏପରି ବଦ୍ଧମୂଳ ଯେ, ଏହା ଶତ ଶତ ପ୍ରତିଘାତ ସତ୍ତ୍ୱେ ବଞ୍ଚିରହେ । ଶାସନ ଓ ସମୟାନୁକୂଳ ସମୟରେ ଏହାର ପୁନରଭ୍ୟୁଦୟ ହୁଏ । ନୀଳକଣ୍ଠଙ୍କ ଭାଷାରେ–

ଗଛର କେଉଁ ପତ୍ର ମନକୁ ପଚିଯାଏ ଅବା ଅକାଳରେ ଶୁଖିଝଡ଼ି ପଡ଼େ । ଗଛର ସେଥିରେ ସାମୟିକ କ୍ଷତି ବି ହୁଏ । ମାତ୍ର ବ୍ୟକ୍ତି ବିନାଶରେ ଗଛର ସେଥିରେ ହାନି ହୁଏ ନାହିଁ । (ଓ: ସା: କ୍ର: ପ: ପୃ ୭) ଅର୍ଥାତ୍ ଗୋଟିଏ ଦେଶ କିମ୍ବା ଜାତିର ଆତ୍ମ ପରିଚୟ ସମୟରେ ବିଧ୍ୱସିତ ହୋଇଥିଲେ ସୁଦ୍ଧା ସମୟ ଅନୁକୂଳ ହେଲେ ପୁଣି ସ୍ୱାଭାବିକ ଭାବେ ପ୍ରଗତି କରେ ।

ବ୍ୟକ୍ତିର ନିଜ ଦେଶ ତଥା ବିଶ୍ୱୋପଲବ୍ଧି ପାଇଁ ସାଂସ୍କୃତିକ ମୂଲ୍ୟବୋଧର ଅନୁସନ୍ଧାନ କରିବା ଏକାନ୍ତ ଅପରିହାର୍ଯ୍ୟ । ସମଗ୍ର ମାନବ ଜାତିର ଉନ୍ମୋଚନରେ ନିଜ ଜାତି ଓ ଦେଶର ମହନୀୟ ଭୂମିକା ଜାଣିବା ଆହୁରି ଗମ୍ଭୀର ବିଷୟ ।

ନିଜ ସାଂସ୍କୃତିକ ମୂଲ୍ୟବୋଧକୁ ନିଜ ସାମାଜିକ ଆଦର୍ଶ ସହିତ ସମୀକରଣ କରିବା ସମ୍ପର୍କରେ ନୀଳକଣ୍ଠ ଗୁରୁତ୍ୱର ସହିତ ବିସ୍ତର କରି କହିଥିଲେ–"ପୃଥିବୀରେ ସମାଜ ଗଠନର ଆଦର୍ଶ ଯାହା ହୋଇଛି, ସେଇ ଦୃଷ୍ଟିରେ ଆମ ସାହିତ୍ୟର ଆଲୋଚନା କରିବାକୁ ହେବ । ସେଇ ମାପରେ ତା ଅତୀତର ଇତିହାସ ଫେଡ଼ି ଦେଖିବାକୁ ହେବ (ପୃ ୧୦–୧୧) × × ଆମ ସାହିତ୍ୟର ବିକାଶ ଧାରା ଧରି ତାକୁ ଯଥାର୍ଥ ଆଦରଣରେ ପୁଷ୍ଟ ଓ ଆସ୍ୱାଦନରେ ବିଶ୍ୱସେବୀ କରିବାକୁ ହେବ । (ପୃ ୨୨)

ଭାଷା ଭିତ୍ତିରେ ପ୍ରଦେଶ ଗଠନକୁ ମୂଳକରି ଓଡ଼ିଶାପ୍ରଦେଶ ସ୍ୱତନ୍ତ୍ର ହୋଇଥିଲା । ପୃଥିବୀର ଛୋଟବଡ଼ ଅନେକ ଭୂଖଣ୍ଡ ଭାଷା ଭିତ୍ତିରେ ରାଷ୍ଟ୍ରଗଠନର ପରିକଳ୍ପନା କରି ଛୋଟ ହେଲେବି ନିଜ ନିଜ ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ରଖିଛନ୍ତି । ଓଡ଼ିଶାର ନବ ଜାଗରଣ ପାଇଁ ପଣ୍ଡିତ ନୀଳକଣ୍ଠ ଦେଖୁଥିଲେ ଓଡ଼ିଆର ଆତ୍ମ ଅବବୋଧଶୀଳତା ତଥା ଜାତୀୟ ଭାବର ଜାଗରଣ ପାଇଁ ପ୍ରବଣତା ସେ କହିଥିଲେ–

"ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ନିବଦ୍ଧ ଭାଷାକୁ ସମାଜ ଓ ସାହିତ୍ୟର ମୂଳ, ସେଇ ଭିତ୍ତିରେ ଅର୍ଥନୀତି ଓ ରାଷ୍ଟ୍ରନୀତି ଫୁଟାଇବା ସମାଜ ବିକାଶର ସ୍ୱାଭାବିକ ଧାରା ।× × ଐତିହାସିକ ଆର୍ଥିକ ଓ ରାଜନୈତିକ କାରଣରୁ ଓଡ଼ିଆ ସାହିତ୍ୟର ସେ ଦରକାର ଆଜି ପୁଣି ଖୁବ୍ ପଡ଼ିଛି (ପୃ ୧୦–୧୧)

ବିଶ୍ୱଧର୍ମର ସମତୁଳନାରେ ଓଡ଼ିଶାର ଜଗନ୍ନାଥ ମୈତ୍ରୀଧର୍ମର ପ୍ରତୀକ ବୋଲି ସେ ଦେଖାଇଥିଲେ । ଏହି ସୂତ୍ରରୁ ଅସ୍ପୃଶ୍ୟତା ଦୂରୀକରଣ, ଭ୍ରାତୃତ୍ୱର ପ୍ରସାର, ସାମ୍ୟ ଧର୍ମର ମହତ୍ୱ ଆଦି ସେ ଜଗନ୍ନାଥ ଧର୍ମରୁ ଖୋଜି ଦେଖାଇଛନ୍ତି । ଓଡିଆ ଜାତିର ଦୁଷ୍କାଳ ବେଳେ ଜଗନ୍ନାଥଙ୍କୁ ଭିତ୍ତିକରି ଜାତି ବଞ୍ଚିରହିଛି । ତାଙ୍କ ଭାଷାରେ–"ପ୍ରାଣ ପୀଡ଼ାରେ ଗ୍ରସ୍ତ ହୋଇ ଧର୍ମ ଓ ସଂସ୍କୃତି ରକ୍ଷାର ଅଭିଳାଷ ଘେନି ପଂଖାଏ ଭ୍ରାନ୍ତ, ହୁଏତ ତନ୍ତ୍ରରେ ମାତିଥିଲେ ।"

ନୀଳକଣ୍ଠଙ୍କ ସାଂସ୍କୃତିକ ଚେତନାର ଗଭୀରତାକୁ ବୁଝି ସମ୍ପ୍ରତି ଏହାର ପ୍ରୟୋଗ କରି ସମାଜକୁ ସୁସ୍ଥ ଓ ସୁସଂସ୍କୃତ କରାଯାଇ ପାରିଲେ ନୀଳକଣ୍ଠଙ୍କ ପ୍ରତି ଆମେ ଯଥେଷ୍ଟ ସମ୍ମାନ ଜ୍ଞାନ କରିପାରିବା ।

ସିନାପାଲି,
କଳାହାଣ୍ଡି–୭୬୬୧୦୮

ସାଂସ୍କୃତିକ ମୂଲ୍ୟବୋଧ ହେଉଛି ଶାଶ୍ୱତ ଯାହା ସବୁ କାଳରେ ଜୀବନକୁ ସର୍ବାଙ୍ଗ ସୁନ୍ଦର ତଥା ଚେତନାଶୀଳ କରିବାପାଇଁ ଉଦ୍ଦିଷ୍ଟ । ତେଣୁ ସାଂସ୍କୃତିକ ଚେତନାର ମୂଳଭୂମି ବିନା ରାଜନୈତିକ ଚେତନାର ପରିମାର୍ଜନ ସମ୍ଭବ ନୁହେଁ ।

ରାଜନୀତି ଓ ସଂସ୍କୃତି ମଧ୍ୟରେ ସମନ୍ୱୟ ଆଣିବା ମୂଳରେ ନୀଳକଣ୍ଠଙ୍କର ଏକ ମହତ ଉଦ୍ଦେଶ୍ୟ ଥିଲା । ତାହା ହେଉଛି, ଓଡ଼ିଶାର ଜାତୀୟ ସଂସ୍କୃତିକୁ ସର୍ବଭାରତୀୟ ସ୍ତରରେ ସମ୍ୟକ ସମାଦୃତ କରାଇବା । ସେକାଳର ରାଜନୈତିକ ଓ ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ଓଡ଼ିଶା ଭାରତରେ ନିତାନ୍ତ ଅବହେଳିତ ଥିଲା ।

ତେଣୁ ନୀଳକଣ୍ଠଙ୍କ ପୂର୍ବସୂରୀମାନଙ୍କ ଦ୍ୱାରା ଓଡ଼ିଶାର ଏକ ସାଂସ୍କୃତିକ ଓ ସ୍ୱାଧୀନ ରୂପରେଖ ଦେବା ପାଇଁ ବରାବର ଉଦ୍ୟମ ହୋଇ ଆସିଥିଲା ଓ ଏହି କ୍ଷେତ୍ରରେ ନୀଳକଣ୍ଠ ଉଲ୍ଲେଖନୀୟ କାର୍ଯ୍ୟକରିଥିଲେ । ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ପୁନର୍ଗଠନ ଦିଗରେ ସାଂସ୍କୃତିକ ପୁରୋଦୃଷ୍ଟିର ଆବଶ୍ୟକତାକୁ ଯଥେଷ୍ଟ ଉପଲବ୍ଧି କରିଥିଲେ ।ଓଡ଼ିଶା ଭାରତର ଆଞ୍ଚଳିକ ସଂସ୍କୃତିର ସମ୍ପୂରକ ହେଲେ ହେଁ ଏହାର ଭିତରେ ଥିବା ଉପାଦାନ ସମୂହ କିପରି ସମସାମୟିକ ସମାଜ ପରିପ୍ରେକ୍ଷୀରେ ପ୍ରୟୋଜନ, ତାହା ଦେଖାଇବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ । ଜଣେ ପୁରୋଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରୀୟ ବ୍ୟବସ୍ଥାପକ ବିଦ୍ୱାନ ରୂପେ ସେ ଏହି ଯୋଜନା କରିଥିଲେ । ଏଥିପାଇଁ ସେ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର ସାଂସ୍କୃତିକ ବିଭାବର ନୂତନ ଅର୍ଥ ଅନୁଶୀଳନ କରିଥିଲେ ତଥା ଏହାର ପ୍ରୟୋଗରେ ଓଡ଼ିଶାର ଐତିହ୍ୟବୋଧ କିପରି ଜୀବନ୍ତ ରହିବ ଓ ପରମ୍ପରା ଶାଶ୍ୱତ ମୂଲ୍ୟବୋଧ ଦ୍ୱାରା ଅନୁପ୍ରାଣିତ ହୋଇ ଏବର ସମାଜ ଓ ଶାସନରେ ନିଜର ଆଦର୍ଶ ଦୃଢ଼ କରିପାରିବ, ନିଜର ସ୍ୱପରିଚିତି ବଜାୟ ରଖି ପାରିବ, ଏଥିପାଇଁ ସେ ଗଭୀର ଭାବେ ଚିନ୍ତନ କରିଥିଲେ । ତେଣୁ ସେ ସଂସ୍କୃତି ଓ ସାହିତ୍ୟର ବହୁ ଆୟାସ ମଧ୍ୟରୁ ସାମ୍ପ୍ରତିକ ସମାଜର ପରିସ୍ଥିତି ସହ ଖାପ ଖାଇଲା ଭଳି ଶବ୍ଦ ଓ ସଙ୍କେତ ତଥା ଆଦର୍ଶ ଆଣି ଦେଖାଇ ଦେଇଥିଲେ ଯେ ଓଡ଼ିଶାର ଐତିହ୍ୟ ମଧ୍ୟରେ ବି ଓଡ଼ିଆ ଜାତିର ପ୍ରାଣ ସ୍ପନ୍ଦନ ରହିଛି ତଥା ଏହାର ପୁନରୁଜ୍ଜୀବନ ଦ୍ୱାରା ଜାତୀୟ ଜୀବନକୁ ମହତ୍ତର କରାଯାଇ ପାରେ ।

ନୀଳକଣ୍ଠଙ୍କ, ସାହିତ୍ୟ ଆଲୋଚନା ମଧ୍ୟରୁ ବାସ୍ତବରେ ସାମ୍ପ୍ରତିକ ସମାଜର ଆଦର୍ଶ ଓ ଆଭିମୁଖ୍ୟ ସହିତ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ କିପରି ଜଡ଼ିତ ତାହା ଜଣାପଡ଼େ । ତାଙ୍କ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ପଢ଼ିଲେ ମନେ ହୁଏ ସେ ବୋଧହୁଏ ଏହି ଆଭିମୁଖ୍ୟ ଘେନି ଏହା ରଚନା କରିଥିଲେ । ଓଡ଼ିଆ ଜାତି, ଗୋଷ୍ଠୀ, ଭାଷା, ଶିଳ୍ପ ଓ ସାହିତ୍ୟକୁ ଭିତ୍ତିକରି ସେ ଏହାର ପରିକଳ୍ପନା କରିଥିଲେ । ସ୍ୱାଧୀନ ଭାରତର ସମ୍ବିଧାନକୁ ପ୍ରତିଫଳିତ କଲାଭଳି ଉପାଦାନ ଓ ଆଦର୍ଶ, ସେ ଓଡ଼ିଆ ଧର୍ମ ସାହିତ୍ୟ ଓ ସଂସ୍କୃତି ତଥା ସମାଜିକ ଚଳଣିରୁ ସଂଗ୍ରହ ଓ ସୁସନ୍ନିବେଶିତ କରିଥିଲେ । ଏଥିରୁ ଜଣାପଡ଼େ ସେ କିପରି ରାଜନୀତି ଓ ସଂସ୍କୃତି, ପରମ୍ପରା, ପରିସ୍ଥିତି ତଥା ଅତୀତ ବର୍ତ୍ତମାନ ସହିତ ସମନ୍ୱୟର ପକ୍ଷପାତୀ ଥିଲେ ।

ବିଶ୍ୱର ମାନବ ସଭ୍ୟତା ଓ ସଂସ୍କୃତିର ଆଦର୍ଶ ହେଉଛି ସ... ତଥା ସମୂହର ମଙ୍ଗଳ କାମନା । ମାନବିକ ମୂଲ୍ୟବୋ... ପ୍ରତିଷ୍ଠା ପାଇଁ ବିଶ୍ୱମାନବ ଧର୍ମର ପରିକଳ୍ପନା । କିନ୍ତୁ ... ଇତିହାସରେ ଅନେକ କ୍ଷମତା ଲିପ୍ସୁ ସାମ୍ରାଜ୍ୟବାଦୀଙ୍କ ଦ୍ୱା... ଉଦାରବାଦୀ ମାନବ ଗୋଷ୍ଠୀର ଅଭ୍ୟୁଦୟକୁ ବିଦ୍ଧ... କରାଯାଇଛି । ଧର୍ମ, ଭାଷା ଓ ପ୍ରଜାତିକ ସ୍ୱାତନ୍ତ୍ର୍ୟକୁ ଭିତ୍ତି... ବିଶ୍ୱରେ ଅନେକ ଯୁଦ୍ଧ ହୋଇଛି । କିନ୍ତୁ ବିଂଶ ଶତାବ୍ଦୀରେ ... ବିଜେତା ଓ ବିଜିତ ସମ୍ପର୍କ ଶେଷ ହୋଇଛି । ସମଗ୍ର ମାନବ... ସ୍ୱାଧୀନତା ଓ ସମତା ପାଇଁ ଯେଉଁ ପ୍ରବାହ ଅବ୍ୟାହତ ତାହା ବିଶ୍ୱ... ଏକ କ୍ଷୁଦ୍ର ସଂପ୍ରଦାୟର ସାଂସ୍କୃତିକ ପରିଚୟକୁ ଅକ୍ଷୁଣ୍ଣ ରଖିବାକୁ ବଦ୍ଧପରିକର । ବିଜେତା ଦ୍ୱାରା ବିଜିତର ସାଂସ୍କୃତିକ ଗତିଧାରା ବ୍ୟାହତ ହେଲେ ସୁଦ୍ଧା ତାହା ପୂର୍ଣ୍ଣ ଭାବେ ମରିଯାଏ ନାହିଁ । ସମାଜର ଆଦର୍ଶ କ୍ରମେ ତାହା ପୁଣି ଜୀଇଁ ଉଠେ । ଓଡ଼ିଶା... ପୁନର୍ଜାଗରଣ ଏହି ଦୃଷ୍ଟିକୋଣରୁ ବିଚାର୍ଯ୍ୟ ।

ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲା, ଭାରତ ବି ସ୍ୱାଧୀନ ହେଲା, କିନ୍ତୁ ଦୀର୍ଘ ଶହ ଶହ ବର୍ଷ ଧରି ଇଂରେଜ, ମୁସଲମାନ ଓ ମରହଟ୍ଟା ଶାସନର ପ୍ରଭାବ ଜନମାନସରୁ ଅନ୍ତର୍ହିତ ହୋଇ ନଥିଲା । ବିଜେତାର ଆଦର୍ଶକୁ ନେଇ ନିଜ ଦେଶର ଶାସନ ଓ ସମାଜ ଗଢ଼ି ଉଠେ ନାହିଁ । ତେଣୁ ନିଜ ସଂସ୍କୃତି ଓ ସମାଜକୁ ଆଦର୍ଶ ରୂପେ ଗଢ଼ିବା ପାଇଁ ଭାରତୀୟ ଚିନ୍ତାନାୟକ ଓ ଦାର୍ଶନିକ ମାନଙ୍କର ମହନୀୟ ଅବଦାନକୁ ସ୍ମରଣ କରାଯାଇ ପାରେ । ସେମାନେ ବାଟ ଦେଖାଇଛନ୍ତି, ସାମାଜିକ ଓ ସାଂସ୍କୃତିକ ଆଦର୍ଶକୁ ଘେନି ରାଜନୈତିକ ଆଦର୍ଶ ଗଠିତ ହେବା ଦରକାର । ଭାରତ ତଥା ଓଡ଼ିଶା ପରିପ୍ରେକ୍ଷୀରେ ବ୍ୟକ୍ତି–ସମାଜ ସଂହତି ଯେଉଁ ସଂସ୍କୃତିର ପୁନର୍ଜାଗରଣ ପାଇଁ ନୀଳକଣ୍ଠଙ୍କ ଦୃଷ୍ଟିଭଙ୍ଗୀ ଏଠାରେ ବିଚାରଣୀୟ । ତାଙ୍କ ମତରେ–

"ପୃଥିବୀରେ ସମାଜ ସଂଗଠନରେ ନୂଆ ସ୍ୱାଧୀନ ଅର୍ଥାତ୍ ଆଦର୍ଶ ଓ କ୍ରିୟାଶୀଳ– ସେଥିରେ ଭାଷା ସାହିତ୍ୟକୁ ପୀଠ ରୂପେ ଧରି ସମାଜ ବିକାଶର ସ୍ୱାଧୀନତାର କଳନା କରାଯାଉଛି । ... ନୀଳକଣ୍ଠ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ (୧୯୬୭) ପ୍ରସ୍ତା... ସଂକ୍ଷେପରେ କହିଲେ ନୀଳକଣ୍ଠ ସ୍ୱାଧୀନ ଭାରତର ସାମ୍ୟ ... ଗଣତନ୍ତ୍ର ଓ ଧର୍ମ ନିରପେକ୍ଷତା ଚରିତ୍ରର ଅବଲମ୍ବନରେ ଭାରତୀୟ ... ସଂସ୍କୃତି କେତେ ପରିପୂରକ ହେବ ତାହା ସେ ନିଜର ... ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ଦ୍ୱାରା ନିରୂପିତ କରିଛନ୍ତି । ... ଆଦର୍ଶ ଓ ଆଭିମୁଖ୍ୟକୁ ଯେଉଁ ସଂସ୍କୃତି ମାନବ ସମାଜର ଚିନ୍ତା ଓ କର୍ମରେ ସାକାର ରୂପ ଦିଏ ସେଇ ତତ୍ତ୍ୱର ସେ ... କରିଛନ୍ତି । ସଂସ୍କୃତି ଓ ଐତିହ୍ୟ ମଧ୍ୟରୁ ଚଳନ୍ତି ସମାଜର ଆଦର୍ଶ ... ସମନ୍ୱୟ ପାଇଁ ସେ ଉଦ୍ୟମକରି ସାଂସ୍କୃତିକ ନିରବଚ୍ଛିନ୍ନତା ରକ୍ଷା ପାଇଁ ଉଦ୍ୟମ କରିଛନ୍ତି ।

ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛି 'ଏକରେ ବହୁ ଓ ବହୁରେ ଏକ' ବୈଦିକଗାନରୁ ବ୍ୟକ୍ତି-ସଂହତିର ବିଶ୍ୱଶୃଙ୍ଖଳା 'ଋତ' ବୋଲି ସ୍ୱୀକୃତ (ଦୋଷ୍ଟ) (ପୃ-୭) ଏହି ସଂସ୍କୃତିର ବୈଶିଷ୍ଟ୍ୟ ବିବିଧତା ମଧ୍ୟରେ ଏକତା-unity in diversity ବର୍ତ୍ତମାନ ଭାରତୀୟ ସମ୍ବିଧାନର uni—Federal ଚରିତ୍ରର ଏହା ବୈଦିକ ରୂପ । ଭାରତୀୟ ସଂସ୍କୃତି ମୌଳିକ ଭାବେ ଏକ ନିର୍ଦ୍ଦିଷ୍ଟ ସ୍ୱରୂପକୁ ଧରି ରହିଥିଲେ ହେଁ ଏହାର ଆଞ୍ଚଳିକ ସ୍ୱରୂପମାନ ଭିନ୍ନଭିନ୍ନ । ଭୌଗୋଳିକ ଭିନ୍ନତା, ପ୍ରାକୃତିକ ବିଭିନ୍ନତା, ଅରଣ୍ୟ ପର୍ବତବାସୀ ଆଦିବାସୀ, ଗ୍ରାମୀଣ କୃଷି ଭିତ୍ତିକ ସମାଜ ଓ ନଗର ସଭ୍ୟତା, ଧର୍ମ, ଭାଷା ଓ ଚଳଣିର ବୈଚିତ୍ର୍ୟକୁ ନେଇ ସଂଗଠିତ । ଏହି ସର୍ବଭୌମ ଓ ଆଞ୍ଚଳିକ ଉପାଦାନର ଆଦାନ ପ୍ରଦାନରେ ଭାରତୀୟ ସଂସ୍କୃତି ପରିପୁଷ୍ଟ ।

ଭାରତର ପ୍ରତ୍ୟେକ ଅଞ୍ଚଳରେ ଭାରତୀୟ ସାଂସ୍କୃତିକ ଚିନ୍ତାଚେତନାର ବ୍ୟାପିରହୁ କିନ୍ତୁ ଭାଷା ଓ ସଂସ୍କୃତ ଭିତ୍ତିରେ ପ୍ରତ୍ୟେକ ଅଞ୍ଚଳର ସ୍ୱାତନ୍ତ୍ର୍ୟ ତଥା ସ୍ୱ-ପରିଚିତି ରହୁ ଏହା ହିଁ ବିଶ୍ୱପ୍ରକାଶର ଶୃଙ୍ଖଳା ବୋଲି ନୀଳକଣ୍ଠ କହୁଥିଲେ । ଏହି ଆଦର୍ଶକୁ ଭିତ୍ତିକରି ଓଡ଼ିଆ ଗୋଷ୍ଠୀ, ଜାତି, ଭାଷା, ଧର୍ମ ଓ ସଂସ୍କୃତିର ଏକ ବୈଶିଷ୍ଟ୍ୟ ନିରୂପଣ ପାଇଁ ସେ ଚେଷ୍ଟିତ ଥିଲେ । ଏଥି ପାଇଁ ଭାରତୀୟ ତଥା ବିଶ୍ୱ ସଂସ୍କୃତିର ପ୍ରେକ୍ଷା ପଟରେ ଜାତୀୟ ସଂସ୍କୃତିର ସ୍ୱରୂପ ଓ ସ୍ୱାତନ୍ତ୍ର୍ୟ ସେ ଅନୁଶୀଳନ କରିଥିଲେ ।

ସଂସ୍କୃତି ସମାଜ-ମୂଲ୍ୟବୋଧର ଗତିଶୀଳ ଧାରା ପ୍ରବାହ । ସମୟରେ ଶାସନ ଓ ସମ୍ବିଧାନର ଆଦର୍ଶ ସହିତ ସଂସ୍କୃତିର ସ୍ୱରୂପରେ ବଦଳି ଥାଏ । ସଂସ୍କୃତିର ଏକାତ୍ମୀକରଣ ଶକ୍ତି ଅଛି । ଶାସନ ଭେଦରେ ଏହାର ଆହୁତି- ଅନାହୁତି ହେଲେ ସୁଦ୍ଧା ଚିରାଚରିତ ସମାଜରେ ଏହା ଏପରି ବଦ୍ଧମୂଳ ଯେ, ଏହା ଗତ ଓ ପ୍ରତିଘାତ ସତ୍ତ୍ୱେ ବଞ୍ଚିରହେ । ଶାସନ ଓ ସମସ୍ୟାନୁକୂଳ ହେଲେ ଏହାର ପୁନରଭ୍ୟୁଦୟ ହୁଏ । ନୀଳକଣ୍ଠଙ୍କ ଭାଷାରେ-

ଗଛର କେଉଁ ପତ୍ର ମନକୁ ପଡିଯାଏ ଅବା ଅକାଳରେ ଶୁଖିଝଡ଼ି ପଡ଼େ । ଗଛର ସେଥିରେ ସାମୟିକ କ୍ଷତି ବି ହୁଏ । ମାତ୍ର ବ୍ୟକ୍ତି ହିସାବରେ ଗଛର ସେଥିରେ ହାନି ହୁଏ ନାହିଁ । (ଓ: ସା: ଜ: ପ: ପୃ ୭) ଅର୍ଥାତ୍ ଗୋଟିଏ ଦେଶ କିମ୍ବା ଜାତିର ଆତ୍ମ ପରିଚୟ ସାମୟିକରେ ବିଡ଼ମ୍ବିତ ହୋଇଥିଲେ ସୁଦ୍ଧା ସମୟ ଅନୁକୂଳ ହେଲେ ଏହା ସ୍ୱାଭାବିକ ଭାବେ ପ୍ରଗତି କରେ ।

ଜାତିର ନିଜ ଦେଶ ତଥା ବିଶ୍ୱୋପଲବ୍ଧି ପାଇଁ ସାଂସ୍କୃତିକ ମୂଲ୍ୟବୋଧର ଅନୁସନ୍ଧାନ କରିବା ଏକାନ୍ତ ଅପରିହାର୍ଯ୍ୟ । ସମଗ୍ର ମାନବ ଜାତିର ସମୋତ୍ତରଣରେ ନିଜ ଜାତି ଓ ଦେଶର ମହନୀୟ ଭୂମିକା ଜାଣିବା ଆହୁରି ଗମ୍ଭୀର ବିଷୟ ।

ନିଜ ସାଂସ୍କୃତିକ ମୂଲ୍ୟବୋଧକୁ ନିଜ ସାମାଜିକ ଆଦର୍ଶ ସହିତ ସମୀକରଣ କରିବା ସମ୍ପର୍କରେ ନୀଳକଣ୍ଠ ଗୁରୁତ୍ୱର ସହିତ ବିସ୍ତାର କରି କହିଥିଲେ-"ପୃଥିବୀରେ ସମାଜ ଗଠନର ଆଦର୍ଶ ଯାହା ହୋଇଛି, ସେଇ ଦୃଷ୍ଟିରେ ଆମ ସାହିତ୍ୟର ଆଲୋଚନା କରିବାକୁ ହେବ । ସେଇ ମାପରେ ତା ଅତୀତର ଇତିହାସ ଫେଡ଼ି ଦେଖାଇବାକୁ ହେବ (ପୃ ୧୦-୧୧) x x ଆମ ସାହିତ୍ୟର ବିକାଶ ଧାରା ଧରି ତାକୁ ଯଥାର୍ଥ ଆଦରଣରେ ପୁଷ୍ଟ ଓ ଆସଦାନରେ ବିଶ୍ୱସେବା କରିବାକୁ ହେବ । (ପୃ ୨୨)

ଭାଷା ଭିତ୍ତିରେ ପ୍ରଦେଶ ଗଠନକୁ ମୂଳକରି ଓଡ଼ିଶାପ୍ରଦେଶ ସ୍ୱତନ୍ତ୍ର ହୋଇଥିଲା । ପୃଥିବୀର ଛୋଟବଡ଼ ଅନେକ ଭୂଖଣ୍ଡ ଭାଷା ଭିତ୍ତିରେ ରାଷ୍ଟ୍ରଗଠନର ପରିକଳ୍ପନା କରି ଛୋଟ ହେଲେବି ନିଜ ନିଜ ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ରଖିଛନ୍ତି । ଓଡ଼ିଶାର ନବ ଜାଗରଣ ପାଇଁ ପଣ୍ଡିତ ନୀଳକଣ୍ଠ ତେଣୁ ଚାହିଁଥିଲେ ଓଡ଼ିଆର ଆତ୍ମ ଅବବୋଧଶୀଳତା ତଥା ଜାତୀୟ ଭାବର ଜାଗରଣ ପାଇଁ ପ୍ରବଣତା ସେ କହିଥିଲେ-

"ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ନିବଦ୍ଧ ଭାଷାକୁ ସମାଜ ଓ ସାହିତ୍ୟର ମୂଳ, ସେଇ ଭିତ୍ତିରେ ଅବନୀତି ଓ ରାଷ୍ଟ୍ରନୀତି ଫୁଟାଇବା ସମାଜ ବିକାଶର ସ୍ୱାଭାବିକ ଧାରା ।x x ଐତିହାସିକ ଆର୍ଥିକ ଓ ରାଜନୈତିକ କାରଣରୁ ଓଡ଼ିଆ ସାହିତ୍ୟର ସେ ଦରକାର ଆଜି ପୁଣି ଖୁବ୍ ପଡ଼ିଛି (ପୃ ୧୦-୧୧)

ବିଶ୍ୱଧର୍ମର ସମତୁଳନାରେ ଓଡ଼ିଶାର ଜଗନ୍ନାଥ ମୈତ୍ରୀଧର୍ମର ପ୍ରତୀକ ବୋଲି ସେ ଦେଖାଇଥିଲେ । ଏହି ସୂତ୍ରରୁ ଅସ୍ପୃଶ୍ୟତା ଦୂରୀକରଣ, ଭାତୃତ୍ୱର ପ୍ରସାର, ସାମ୍ୟ ଧର୍ମର ମହତ୍ୱ ଆଦି ସେ ଜଗନ୍ନାଥ ଧର୍ମରୁ ଖୋଜି ଦେଖାଇଛନ୍ତି । ଓଡିଆ ଜାତିର ଦୁଃଖାଳ ବେଳେ ଜଗନ୍ନାଥଙ୍କୁ ଭିତ୍ତିକରି ଜାତି ବଞ୍ଚିରହିଛି । ତାଙ୍କ ଭାଷାରେ-"ପ୍ରାଣ ପୀଡ଼ାରେ ଗ୍ରସ୍ତ ହୋଇ ଧର୍ମ ଓ ସଂସ୍କୃତି ରକ୍ଷାର ଅଭିଳାଷ ଘେନି ପଂଝାଏ ଭ୍ରାନ୍ତ, ହୁଏତ ଦଣ୍ଡରେ ମାତିଥିଲେ ।"

ନୀଳକଣ୍ଠଙ୍କ ସାଂସ୍କୃତିକ ଚେତନାର ଗଭୀରତାକୁ ବୁଝି ସମ୍ପ୍ରତି ଏହାର ପ୍ରୟୋଗ କରି ସମାଜକୁ ସୁସ୍ଥ ଓ ସୁସଂସ୍କୃତ କରାଯାଇ ପାରିଲେ ନୀଳକଣ୍ଠଙ୍କ ପ୍ରତି ଆମେ ଯଥେଷ୍ଟ ସମ୍ମାନ ଜ୍ଞାନ କରିପାରିବା ।

---

ସିନାପାଲି,
କଳାହାଣ୍ଡି-୭୬୬୧୦୮

# ସ୍ୱାଧୀନତା ସଂଗ୍ରାମରେ କନ୍ଧମାନଙ୍କର ଭୂମିକା

• ଶ୍ରୀ ମାଗୁଣି

ଫୁଲବାଣୀ ଜିଲ୍ଲା, ଯେଉଁଠି ପ୍ରକୃତି ଚିର ହାସ୍ୟମୟୀ ଏବଂ ଚିର ଯୌବନା, ନିପଟ୍ଟ ବନ୍ଯ ଅରଣ୍ୟ, ଘନନୀଳ ପର୍ବତମାଳା ଯେଉଁ ଜିଲ୍ଲାର ସବୁଜିମାକୁ ଅହରହ ପ୍ରକାଶ କରୁଥାଏ, ଯେଉଁ ମାଟିର ପାହାଡ଼ ଉପରୁ କଳ କଳ ଛଳ ଛଳ ହୋଇ ବହି ଆସେ ନଦୀ ନିର୍ଝରିଣୀ, ଯାର ମଧୁର ସଙ୍ଗୀତର ରାଗିଣୀ ବନ ବିହଙ୍ଗ କାକଳି ସହ ଅହରହ ସ୍ୱର ମିଳାଇ ଥାଏ, ପୁଣି ଯେଉଁ ଜିଲ୍ଲାର ଉତ୍ତର ସୀମାରେ କଳ କଲ୍ଲୋଳିନୀ ମହାନଦୀ ଟାଣି ଦେଇଛି ଏକ ପ୍ରାକୃତିକ ଅଲଙ୍ଘ୍ୟ ସୀମା ରେଖା ତା'ର ଐତିହାସିକ ଗୁରୁତ୍ୱ ମଧ୍ୟ କମ୍ ନୁହେଁ ।

ସେହିଭଳି ଏକ ପ୍ରଲୁବ୍ଧ ମାଟିର ପ୍ରଧାନ ଅଧିବାସୀ ହେଉଛନ୍ତି କନ୍ଧ । ଏକ ଶାନ୍ତ, ସରଳ, ଅଥଚ ଦୁର୍ଦ୍ଧର୍ଷ ଜାତି । ଅତୀତର ଇତିହାସକୁ ମହିମାନ୍ୱିତ କରି ସେହି ଜାତିରେ କେତେ ଯେ ଅଗଣିତ ବୀର ଜନ୍ମ ଗ୍ରହଣ କରିଥିଲେ, ତା'ର କଳନା ନାହିଁ ।

୧୮୫୫ ମସିହାରେ ୭୬୯ ବର୍ଗମାଇଲଆୟତନ ବିଶିଷ୍ଟ ଅଞ୍ଚଳ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନାଧୀନ ହୋଇଥିଲା । ଏହା ପୂର୍ବରୁ କନ୍ଧମାଳ ବୌଦରାଜାଙ୍କ ଦ୍ୱାରା ଶାସିତ ଥିଲା । ୧୮୯୧ ମସିହାରେ ଅନୁଗୁଳ ଜିଲ୍ଲା ଗଠନ କରାଯିବା ପରେ କନ୍ଧମାଳ ଅଞ୍ଚଳକୁ ଅନୁଗୁଳ ଜିଲ୍ଲା ସହିତ ସାମିଲ କରାଯାଇ ଏହା ଅନୁଗୁଳ ଜିଲ୍ଲାର ଗୋଟିଏ ସବଡିଭିଜନ ରୂପେ ପରିଗଣିତ କରାଗଲା । ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ କନ୍ଧମାଳ ଅଞ୍ଚଳକୁ ଗଞ୍ଜାମ ଜିଲ୍ଲା ସହିତ ସଂଯୁକ୍ତ କରାଯାଇଥିଲା । ୧୯୪୮ ମସିହାରେ ଗଡ଼ଜାତଗୁଡ଼ିକର ମିଶ୍ରଣ ପରେ ପୂର୍ବ ଗଡ଼ଜାତ ବୌଦକୁ କନ୍ଧମାଳ ସହିତ ସଂଯୋଗ କରାଯାଇ ଫୁଲବାଣୀ ନୂତନ ଜିଲ୍ଲା ଗଠନ କରାଗଲା । ଏହା ହେଲା କନ୍ଧମାଳର ଅତୀତ ଇତିହାସ ।

ଇଂରେଜମାନେ ସମଗ୍ର ଓଡ଼ିଶାକୁ ଦଖଲ କରିବା ପରେ ଶେଷରେ କନ୍ଧମାଳକୁ ଦଖଲ କରିଥିଲେ । କନ୍ଧମାଳକୁ ଆୟତ୍ତ କରିବା ପାଇଁ ଇଂରେଜମାନଙ୍କୁ ପ୍ରାୟ ୬୦ ବର୍ଷ ସମୟ ଲାଗିଥିଲା ।

ପବିତ୍ର ଭାରତ ମାଟିରୁ ଇଂରେଜମାନଙ୍କୁ ତଡ଼ିବା ... ଭାରତବାସୀ ଯେତେ ପ୍ରକାର ଆନ୍ଦୋଳନର ସୂତ୍ରପାତ ... କନ୍ଧମାଳରେ ମଧ୍ୟ ସେହିପରି ଇଂରେଜମାନଙ୍କୁ ପ୍ରତିହତ କରି... ପ୍ରଥମରୁ ଉଦ୍ୟମ ହୋଇଥିଲା । ଏଥିପାଇଁ ସେମାନେ ... ଅପୂର୍ବ ବୀରତ୍ୱ, ସାହସ ଓ ଦେଶପ୍ରେମର ପରିଚୟ ଦେ... ତାହା ଚିର ଦିନ ସ୍ମରଣୀୟ ହୋଇ ରହିବ ।

୧୮୧୭ ମସିହାର ଖୋର୍ଦ୍ଧା ପାଇକ ବିଦ୍ରୋହ । ବକ୍ସି ଜଗ... ଅନୁରୋଧକ୍ରମେ ଘୁମୁସରର ଶୁହିଶତ କନ୍ଧ ପାଇକ ପ୍ରଥମେ ... ଅତିକ୍ରମ କରି ପ୍ରବେଶ କଲେ ବାଣପୁର ମୁଲକରେ । ସେ... ବକ୍ସି ଜଗବନ୍ଧୁ ସେମାନଙ୍କର ନେତୃତ୍ୱ ନେଲେ । ଶୁଣି ... ନିମିଷକରେ କନ୍ଧ ପାଇକମାନେ ବାଣପୁର ଟ୍ରେଜେରୀ ଲୁଟି... ଖୋର୍ଦ୍ଧା ଅଭିମୁଖେ ଯାତ୍ରା କଲେ । ଆଗରୁ ଖବର ପାଇ ... ଅଫିସରମାନେ ଭୟଭୀତ ହୋଇ ପ୍ରାଣ ବିକଳରେ ... ଛାଡ଼ିଦେଇ ଇତସ୍ତତ ପଳାୟନ କଲେ । କନ୍ଧ ପାଇକମା... ଖୋର୍ଦ୍ଧାରେ ପହଞ୍ଚି ସମସ୍ତ ସରକାରୀ କୋଠାବାଡ଼ି ଭାଙ୍ଗି ମାଟି... ମିଶାଇ ଦେଲେ । ତାପରେ ସେମାନେ ଗଲେ ପୁରୀ ... ଅଭିମୁଖେ । ବାଟରେ ଲେଫ୍‌ଟେନାଣ୍ଟ ପ୍ୟାରିସ୍ ନିଜର ସୈ... ବଳ ସହ କନ୍ଧବାହିନୀକୁ ବିରୋଧ କରି ମୃତ୍ୟୁ ମୁଖରେ ପଡ଼ି... ପ୍ୟାରିସ୍‌ଙ୍କ ମୃତ୍ୟୁ ପରେ ଇଂରେଜ ସୈନ୍ୟ ନିଜର ଜିନିଷପତ୍ର ... ଦେଇ କଟକ ପଳାୟନ କଲେ । କନ୍ଧ ବାହିନୀ ପୁରୀରେ ... ଜବାନଙ୍କୁ ପରାସ୍ତ କଲେ ।

ଇଂରେଜ ସୈନ୍ୟମାନେ ଆଧୁନିକ ଅସ୍ତ୍ରଶସ୍ତ୍ର, ଗୋଳା, ଗୁଳି ... ବାରୁଦ ଇତ୍ୟାଦି ନେଇ ଯୁଦ୍ଧ କରିଥିଲେ । କିନ୍ତୁ କନ୍ଧମାନେ ... ବାପ ଅଜା ଅମଳର ସେଇ ପୁରୁଣା କାଳିଆ ଅସ୍ତ୍ରଶସ୍ତ୍ର, ଧନୁ, ... ଖଣ୍ଡା, ବର୍ଚ୍ଛା ଓ ଟୋପିଦାର ଦେଶୀ ବନ୍ଧୁକ ନେଇ ଦେଶୀ... ଯୁଦ୍ଧକରି ବିଜୟୀ ହୋଇଥିଲେ । ସେମାନଙ୍କର ଅସ୍ତ୍ରଶସ୍ତ୍ର ଆଗ... ଇଂରେଜମାନଙ୍କର ଆଧୁନିକ ଅସ୍ତ୍ରଶସ୍ତ୍ର ଫିକା ... ପଡ଼ିଥିଲା ।

ଏହିପରି ବାରମ୍ବାର ଯୁଦ୍ଧ ଲାଗି ଶେଷରେ ଅବସ୍ଥା ଆୟତ୍ତାଧୀନ ହୋଇଥିଲା । କିନ୍ତୁ ବିଦ୍ରୋହୀ ନେତା ବକ୍ସି ଜଗବନ୍ଧୁଙ୍କୁ ଇଂରେଜମାନେ ଧରିପାରି ନଥିଲେ । ବକ୍ସି ଜଗବନ୍ଧୁ ଓ ତାଙ୍କ ସହଯୋଗୀ ଦେୱାନ କୃଷ୍ଣଚନ୍ଦ୍ର ଘୁମୁସରର ଚମ୍ପଗଡ଼ଠାରେ ୧୮୧୭ ମସିହାରୁ ୧୮୨୫ ମସିହା ଯାଏଁ ଦୀର୍ଘ ଆଠବର୍ଷ ଆତ୍ମଗୋପନ କରିଥିଲେ । ଘୁମୁସର ବିଦ୍ରୋହରେ ଇନ୍ଧନ ଯୋଗାଇ ଥିଲେ । ସେତେବେଳେ ବିପ୍ଳବୀ ବୀର ଚକ୍ର ବିଶୋୟୀଙ୍କର ବୟସ ମାତ୍ର ... ବର୍ଷ । ସେ ବକ୍ସି ଜଗବନ୍ଧୁଙ୍କଠାରୁ ବିଭିନ୍ନ ସମର ... ଶିକ୍ଷା କରିଥିଲେ ।

୧୮୩୫ ମସିହାରେ ଘୁମୁସର ରାଜା ଧନଞ୍ଜୟ ଭଞ୍ଜ ବାକିଆ ଖଜଣା ନଦେବାରୁ ଇଂରେଜ ସରକାର ତାଙ୍କୁ ରାଜଗାଦିରୁ ହଟାଇ ... ରସେଲଙ୍କ ନେତୃତ୍ୱରେ ଘୁମୁସର ରାଜ୍ୟ ଆକ୍ରମଣ କଲେ । ଇଂରେଜମାନଙ୍କର ଅନ୍ୟାୟ ଆକ୍ରମଣର ପ୍ରତିବାଦ କରି ... ସେନାପତି ଦୋହରା ବିଶୋୟୀ, ତାଙ୍କ ପୁତୁରା ଚକ୍ର ବିଶୋୟୀ ଏବଂ କନ୍ଧ ନେତା ବିନଇ କନ୍ଧ ବିରାଟ କନ୍ଧ ବାହିନୀକୁ ... କରି ଇଂରେଜମାନଙ୍କ ସହିତ ଯୁଦ୍ଧ କଲେ । ଏହି ଯୁଦ୍ଧରେ ଇଂରେଜମାନେ ବାରମ୍ବାର ପରାସ୍ତ ହୋଇଥିଲେ । ଯେଉଁ ଇଂରେଜମାନେ ଏହି ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ ଗଞ୍ଜାମ ଦୁର୍ଗ ନିକଟରେ ଥିବା ସେମାନଙ୍କର ସମାଧିରେ "ଘୁମୁସର ଯୁଦ୍ଧରେ ମୃତ୍ୟୁବରଣ" କରିଥିବା ଲିପିବଦ୍ଧ ହୋଇଛି ।

ସେହି ବର୍ଷ ରାଜା ଧନଞ୍ଜୟ ଭଞ୍ଜ ନିଜର ରାଜଧାନୀ କୁଲାଡ଼ ଠାରୁ ପୁଣି ଉଦୟଗିରିକୁ ସ୍ଥାନାନ୍ତର କରି ନେଇଥିଲେ । କୁଲାଡ଼ ଦୁର୍ଗ ଉପରେ ଇଂରେଜମାନଙ୍କର ଘନ ଘନ ଆକ୍ରମଣ ଘୁମୁସର ଉଦୟଗିରି ଓ ଫୁଲବାଣୀ ଅଞ୍ଚଳର କନ୍ଧମାନଙ୍କର ରାଜାଙ୍କ ପ୍ରତି ଗଭୀର ଅନୁରକ୍ତି ଓ ବାରମ୍ବାର ଯୁଦ୍ଧରେ ଯୋଗ ଦେଇ ସାହାଯ୍ୟ କରିବା ଇତ୍ୟାଦି ରାଜଧାନୀ ସ୍ଥାନାନ୍ତରର ପ୍ରଧାନ କାରଣ ଥିଲା । ରାଜଧାନୀ ସ୍ଥାନାନ୍ତର ପରେ କନ୍ଧମାନେ ଦ୍ୱିଗୁଣ ଉତ୍ସାହରେ ଇଂରେଜଙ୍କୁ ଏ ଦେଶରୁ ହଟାଇବା ପାଇଁ ଶପଥ ନେଇଥିଲେ । କନ୍ଧ ନେତାମାନେ ବର୍ତ୍ତମାନର ଟିକାବାଲି ନିକଟରେ ଥିବା ଛୋଟ ପାହାଡ଼ ନିକଟରେ ଏକତ୍ରିତ ହୋଇ ଇଂରେଜ ସରକାରଙ୍କୁ ହଟାଇବା ପାଇଁ ଯୁଦ୍ଧ ଲଢ଼ୁ ରଖିବାକୁ ନିଜ ରକ୍ତରେ ଟିକା ନେଇ ଶପଥ କରିଥିଲେ । କନ୍ଧ ଭାଷାରେ ଛୋଟ ପାହାଡ଼କୁ ବାଲି କହନ୍ତି । ପାହାଡ଼ ନିକଟରେ 'ଟିକା' ନେଇଥିବାରୁ ତାର ସ୍ମୃତି ସ୍ୱରୂପରେ ସେଠାରେ ପ୍ରତିଷ୍ଠିତ ଗ୍ରାମକୁ 'ଟିକାବାଲି' ନାମକରଣ କରାଯାଇଛି । ଟିକାବାଲିଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ... ପ୍ରଧାନ ରାଜ ରାସ୍ତାର ପାର୍ଶ୍ୱରେ 'ଭଞ୍ଜପଦର' ବୋଲି ଗୋଟିଏ ଛୋଟ ଗ୍ରାମ ଅବସ୍ଥିତ । ଅତୀତରେ ସେଠାରେ ଭଞ୍ଜ ବାହିନୀ (ଘୁମୁସର ବାହିନୀ) ଶିବିର ସ୍ଥାପନ କରି ଯୁଦ୍ଧ ପାଇଁ ... ଓ ପ୍ରସ୍ତୁତ ହେଉଥିଲେ । ସ୍ଥାନଟିର ଚତୁର୍ଦ୍ଦିଗରେ ପାହାଡ଼ ଶ୍ରେଣୀ ପ୍ରାଚୀର ପରି ପରିବେଷ୍ଟିତ । ସତେ ଯେପରି ଏହା ଏକ ... ଦୁର୍ଗ ପରି ଜଣାପଡ଼େ । ସ୍ଥାନଟି ଅତ୍ୟନ୍ତ ନିରାପଦ କହିଲେ ଅତ୍ୟୁକ୍ତି ହେବନାହିଁ । ଚତୁର୍ଦ୍ଦିଗର ପାହାଡ଼ ଶ୍ରେଣୀ ଅତିକ୍ରମ କରି କୌଣସି ଶତ୍ରୁ ସେଠାରେ ପହଞ୍ଚିବା ସହଜସାଧ୍ୟ ନଥିଲା । ଅତୀତର ସ୍ଥାନଟି ପାହାଡ଼ ଓ ଘନ ଜଙ୍ଗଲରେ ପୂର୍ଣ୍ଣ ହୋଇ କେତେଦୂର ଭୟସଙ୍କୁଳ ହୋଇନଥିବ ତାହା ସହଜେ ଅନୁମେୟ । ସ୍ଥାନଟିର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ରମଣୀୟ । ନିକଟରେ ଗୋଟିଏ ଛୋଟ ଝରଣା ବହିଯାଇ ଅତୀତର କଥା ମନେ ପକାଇ ଦେଉଛି । ଅନତି ଦୂରରେ ଭଞ୍ଜରାଜ ପ୍ରତିଷ୍ଠିତ ଦୁର୍ଗର ପଞ୍ଚଶମ୍ଭୁ ଶିବ ମନ୍ଦିର ଅବସ୍ଥିତ ଯୁଦ୍ଧବେଳେ ସୈନ୍ୟମାନେ ଶିବଙ୍କୁ ପୂଜା କରି ଯୁଦ୍ଧ ଯାତ୍ରା କରୁଥିଲେ । ଏହା ମଧ୍ୟ ଏକ ତନ୍ତ୍ର ପୀଠ ଥିବା ଜଣାଯାଏ । ଶିବ ମନ୍ଦିରର କିଞ୍ଚିତ୍ ଦୂରରେ ବୃକ୍ଷ ଜମିରୁ ବାହାରି ଥିବା ଦୁର୍ଗା ମୂର୍ତ୍ତି ଏହାର ପ୍ରମାଣ । ରାଜା ଧନଞ୍ଜୟ ଭଞ୍ଜ ଏବଂ ତାଙ୍କ ସେନାପତି ବିଦ୍ରୋହୀ ଚକ୍ର ବିଶୋୟୀ ଉଭୟେ ଦେବୀ ସାଧକ ଥିବା ଘୁମୁସର ଇତିହାସରୁ ଜଣାଯାଏ ।

୧୮୩୫ ମସିହା ଶେଷରେ ଧନଞ୍ଜୟ ଭଞ୍ଜ (ତୃତୀୟ) ଇହଲୀଳା ସମ୍ବରଣ କଲେ । ସେ ଥିଲେ ଜଣେ ସାହସୀ, ବୀର ଓ ପରାକ୍ରମୀ ରାଜା । ଇଂରେଜମାନଙ୍କ ପାଇଁ ଏକ ଆତଙ୍କ । କନ୍ଧମାନେ ତାଙ୍କୁ ଦେବତା ପରି ମାନୁଥିଲେ । ସେମାନଙ୍କର ସାହାଯ୍ୟ ଧନଞ୍ଜୟ ଭଞ୍ଜଙ୍କୁ ବିଶେଷ ଭାବେ ଉତ୍ସାହିତ କରୁଥିଲା । ଇଂରେଜମାନଙ୍କ ପ୍ରତି ରାଜାଙ୍କର ତିଳେହେଲେ ଭୟ ବା ଶଙ୍କା ନଥିଲା । ସେଥିପାଇଁ ସେ ଅନ୍ୟ ରାଜାମାନଙ୍କ ନିକଟରେ ପ୍ରଶଂସାଭାଜନ ହୋଇପାରିଥିଲେ । ଘୁମୁସର ଅଞ୍ଚଳରେ ତାଙ୍କ ସମ୍ପର୍କରେ ଗୋଟିଏ ସୁନ୍ଦର କିମ୍ବଦନ୍ତୀ ଶୁଣିବାକୁ ମିଳେ ।

"ହାତୀର ନାମ ସୁନ୍ଦର ଗଜ ଘୋଡ଼ାର ନାମ ସୁରେଖା ।
ହାତୀର ନାମ ଧନଞ୍ଜୟ ଭଞ୍ଜ ଫେରି ଫେରି ମାରେଗା ।"

ରାଜା ଧନଞ୍ଜୟ ଭଞ୍ଜ (ତୃତୀୟ) ନିଜେ ଯୁଦ୍ଧ କ୍ଷେତ୍ରକୁ ଯାଇ ଯୁଦ୍ଧ କରୁଥିଲେ । କେତେବେଳେ ସୁନ୍ଦରଗଜ ନାମକ ହାତୀ ପୃଷ୍ଠରେ, କେତେବେଳେ ସୁରେଖା ନାମକ ଘୋଡ଼ା ପିଠିରେ ବସି ଯୁଦ୍ଧ କରୁଥିଲେ । ହାତୀ ଓ ଘୋଡ଼ା ଦୁହେଁ ମଧ୍ୟ ଯୁଦ୍ଧ କ୍ଷେତ୍ରରେ ଅପୂର୍ବ ସମର କୌଶଳ ପ୍ରଦର୍ଶନ କରୁଥିଲେ ।

ଧନଞ୍ଜୟ ଭଞ୍ଜଙ୍କ ମୃତ୍ୟୁ ପରେ ଇଂରେଜ ସରକାର ଘୁମୁସର ରାଜ୍ୟକୁ ଖାସ୍‌ମାହାଲ କରି ଦେବାରୁ ଧନଞ୍ଜୟ ଭଞ୍ଜଙ୍କ ସେନାପତି ଦୋହରା ବିଶୋୟୀ ଓ ତାଙ୍କ ପୁତୁରା ଚକ୍ର ବିଶୋୟୀ, କନ୍ଧ ସର୍ଦ୍ଦାର ବିନଇ କନ୍ଧ ପ୍ରଭୃତି ବୀରମାନେ ଇଂରେଜଙ୍କ ବିରୁଦ୍ଧରେ କନ୍ଧମାନଙ୍କୁ ମତାଇ ଯୁଦ୍ଧ କରିଥିଲେ । ସେମାନେ ଫୁଲବାଣୀ ନିକଟ ବିଶିପଡ଼ା ଗ୍ରାମରେ ରହି ସମଗ୍ର କନ୍ଧମାଳରେ ବିଦ୍ରୋହର ନିଆଁ ଜାଳି ଦେଇଥିଲେ । ବିଶିପଡ଼ାରେ ବିଶୋୟୀ ପରିବାରର ଲୋକେ ବାସ କରୁଥିବାରୁ ତାର ନାମ ବିଶୋଇପଡ଼ା ଥିଲା । କାଳକ୍ରମେ ଅପଭ୍ରଂଶ ହୋଇ ବିଶିପଡ଼ା ହୋଇଛି । ଅଦ୍ୟାବଧି ଚକ୍ର ବିଶୋୟୀଙ୍କ ପରିବାରମାନେ ସେଠାରେ ବାସ କରନ୍ତି । ବିଶିପଡ଼ାର ସ୍ୱର୍ଗତ ଗତି ବିଶୋୟୀ ବିଦ୍ରୋହୀ ଦଳର ଜଣେ ଟାଣୁଆ ନେତା ଥିଲେ । ସେ ବହୁତ ଦିନ ଧରି ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇ ରହିଥିଲେ । ଫୁଲବାଣୀ ନିକଟ ବୁଢ଼ାଡାନୀ

ଗ୍ରାମର ଗମିତା କହଁର ଓ ଦାନସିଙ୍ଗ କହଁର ଦୁହେଁ କନ୍ଧ ବାହିନୀର ଟାଣୁଆ ନେତା ଥିଲେ । ଗମିତା କହଁର ଇଂରେଜମାନଙ୍କ ଗୁଳି ମାଡ଼ରେ ଜଖମ ହୋଇଥିଲେ ।

୧୮୪୫ ମସିହାରେ ଦୋହରା ବିଷୋୟୀ ଓ ତାଙ୍କ ପୁତୁରା ଚକ୍ର ବିଷୋୟୀ ଅନୁଗୁଳ ରାଜା ସୋମନାଥ ସିଂହଙ୍କ ସହିତ ବିଦ୍ରୋହ ଚାଲୁ ରଖିବା ପାଇଁ ଆଲୋଚନା କରି ଫେରୁଥିବା ବେଳେ ଇଂରେଜମାନେ ଦୋହରା ବିଷୋୟୀଙ୍କୁ ଧରିନେଇ କଟକ ଜେଲ୍‌ରେ ଆଜୀବନ ବନ୍ଦୀ କରି ରଖିଥିଲେ । ୧୮୪୭ ମସିହାରେ ଇଂରେଜ ସରକାର କନ୍ଧମାନଙ୍କର ଧର୍ମଗତ ଅଧିକାରରେ ହସ୍ତକ୍ଷେପ କରି ମେରିଆ ବଳୀ ବନ୍ଦ କରିବା ପାଇଁ ବାଧ୍ୟ କରିବାରୁ କନ୍ଧମାନେ ବିଦ୍ରୋହୀ ହୋଇ ଉଠିଥିଲେ । ଫଳରେ ଏକ ବଡ଼ ଧରଣର ସଂଘର୍ଷ ହୋଇଥିଲା । ଇଂରେଜମାନେ ବିଦ୍ରୋହ ଦମନରେ କୃତକାର୍ଯ୍ୟ ହୋଇଥିଲେ ।

୧୮୫୪ ମସିହାରେ ଇଂରେଜମାନେ ବିଦ୍ରୋହୀ ନେତା ଚକ୍ର ବିଷୋୟୀଙ୍କୁ ଧରିବା ପାଇଁ ଲେଫ୍‌ଟନାଣ୍ଟ ମେକ୍‌ଡୋନାଲ୍‌ଡଙ୍କୁ ସୈନ୍ୟ ସହିତ ଫୁଲବାଣୀ ପଠାଇଥିଲେ । କିନ୍ତୁ ସେମାନେ ଚକ୍ର ବିଷୋୟୀଙ୍କୁ ଧରିପାରି ନଥିଲେ । ସେତେବେଳେ ଚକ୍ର ବିଷୋୟୀ ଚକାପାଦ ଅଞ୍ଚଳରେ ରହୁଥିବା ଖବର ପାଇଁ ସେମାନେ ଚକାପାଦ ଦିଗରେ ଅଭିଯାନ ଚଳାଇଥିଲେ । ଚକାପାଦ ଅଞ୍ଚଳରେ କନ୍ଧମାନେ ବଡ଼ ଦୁର୍ଦ୍ଦାନ୍ତ ଥିବାରୁ ତାଙ୍କୁ ଜବତ୍ କରିବା ପାଇଁ ଏବଂ ଚକାପାଦ ବିଷୋୟୀ ଇଂରେଜମାନଙ୍କୁ ସାହାଯ୍ୟ କରୁଥିବାରୁ ତାଙ୍କୁ ଅଧିକ କ୍ଷମତା ଦେବା ପାଇଁ ଚକାପାଦ ଅଞ୍ଚଳକୁ ଘୁମୁସର କିମ୍ବା ବୌଦ ଅଞ୍ଚଳ ସହିତ ସାମିଲ ନକରି ଏକ ସ୍ୱତନ୍ତ୍ର ଅଞ୍ଚଳ ରୂପେ "ଚକାପାଦ ଖାଣ୍ଡମ୍" ବୋଲି ଘୋଷଣା କଲେ ।

୧୮୫୩ ମସିହାରେ ମେକ୍‌ଡୋନାଲ୍‌ଡ କଳାହାଣ୍ଡି ମଦନପୁର-ରାମପୁର ବୋକରକିଆ କନ୍ଧମାନଙ୍କର ଉମର (ସର୍ଦ୍ଦାର) ଏଣ୍ଡା ମାଝିଙ୍କୁ ମେରିଆ ବଳୀ ଚାଲୁ ରଖିବା ପାଇଁ ଲୋକଙ୍କୁ ଉତ୍ତେଜିତ କରୁଥିବାର ଶୁଣି ତାଙ୍କୁ ଗିରଫ କରି ରସେଲ୍ କୋଣ୍ଡା (ଭଞ୍ଜନଗର) ଜେଲ୍‌ରେ ନେଇ ବିନା ବିଚାରରେ ରଖିଥିଲେ । ୧୮୫୫ ମସିହା ଡିସେମ୍ବର ମାସରେ ମେକ୍‌ଡୋନାଲ୍‌ଡ ସାହେବ ଏଣ୍ଡା ମାଝିଙ୍କୁ ହାତ ଓ ଗୋଡ଼ରେ ଲୁହା ସିକୁଳି ବାନ୍ଧି ତାଙ୍କୁ ସଙ୍ଗରେ ଧରି ମଦନପୁର-ରାମପୁର ଅଞ୍ଚଳକୁ ଶଙ୍କରେ ଯାଇ ତାଙ୍କ ନେତାଙ୍କୁ ଏପରି ଶାସ୍ତି ଦେବା ଦେଖିଲେ କନ୍ଧମାନେ ଭୟଭୀତ ହେବେ ବୋଲି ... ଦେଖାଇଥିଲେ । ନିଜ ନେତାଙ୍କ ଉପରେ ଏପରି ... ଅତ୍ୟାଚାର ଓ ଅପମାନ କନ୍ଧମାନଙ୍କ ପକ୍ଷେ ଅସହ୍ୟ ... ସେତେବେଳେ ମେକ୍‌ଡୋନାଲ୍‌ଡ ସାହେବ ସୈନ୍ୟ... ଶିବିର ସ୍ଥାପନ କରି ଅବସ୍ଥାନ କରୁଥାନ୍ତି । ଚକ୍ର ବି... ଇଙ୍ଗିତରେ ବୋକରକିଆ କନ୍ଧମାନେ ଧନୁ, ଶର, ଟାଙ୍ଗି, ବର୍ଚ୍ଛା ପ୍ରଭୃତି ଅସ୍ତ୍ରଶସ୍ତ୍ର ଧରି ବ୍ରିଟିଶ୍ ଛାଉଣି ଉପରେ ... କଲେ । ବ୍ରିଟିଶ୍ ଗୋଳା ବାରୁଦ ଆଗରେ ସେମାନେ ... କରି ପାରିଲେ ନାହିଁ । ଉଭୟ ପକ୍ଷରୁ ଶତାଧିକ ଲୋ... ହରାଇଲେ । ପର ଦିନ ପୁନର୍ବାର କୁଟିଆ କନ୍ଧମାନେ ... ସାହାଯ୍ୟ କଲେ । କନ୍ଧମାନେ ତହସିଲଦାର ... ପଟ୍ଟନାୟକ ଠିକ୍ ସମୟରେ ସୈନ୍ୟ ସାମନ୍ତ ନେଇ ... ପହଞ୍ଚି ଯିବାରୁ ମେକ୍‌ଡୋନାଲ୍‌ଡ ସାହେବ ଓ ସୈନ୍ୟ... ଅଳ୍ପକେ ରକ୍ଷା ପାଇଗଲେ । ଗଞ୍ଜାମ ମାନୁଏଲ୍‌ରେ T... Multby ଲେଖିଛନ୍ତି, "The Kutia Khonds ... most warlike and trouble some am... Khonds"

୧୮୫୫ ମସିହାରେ ପୁଣି ଏକ ସଂଘର୍ଷ ହେଇ... ମେକ୍‌ଡୋନାଲ୍‌ଡଙ୍କର ସମସ୍ତ ସୈନ୍ୟ ଯୁଦ୍ଧରେ ... ହୋଇଥିଲେ । ନିଜେ ମେକ୍‌ଡୋନାଲ୍‌ଡ ଏବଂ ... ପରାମର୍ଶଦାତା ଦୀନବନ୍ଧୁ ପଟ୍ଟନାୟକ ବଡ଼ କଷ୍ଟରେ ... ଦେଇ ଚାଲି ଆସିଥିଲେ । କନ୍ଧମାନଙ୍କୁ ଆୟତ୍ତ କରି... ଇଂରେଜ ସରକାର କ୍ୟାପ୍‌ଟେନ୍ କ୍ୟାମ୍ପବେଲ୍‌ଙ୍କୁ ପୁ... ପଠାଇଲେ । ସେ ମଧ୍ୟ ଅକୃତକାର୍ଯ୍ୟ ହୋଇଥିଲେ । ବିଦ୍ରୋ... ନେତା ଚକ୍ର ବିଷୋୟୀଙ୍କୁ ଧରିବା ପାଇଁ ଇଂରେଜମାନେ ... ଚେଷ୍ଟା କଲେ ମଧ୍ୟ ତାଙ୍କୁ ଧରିପାରି ନଥିଲେ । ... ରେକର୍ଡ଼ରେ "Chakra Bissoyi the ... leader of the Khands" ଚକ୍ର ବି... କନ୍ଧମାନଙ୍କର ଜଣେ ଟାଣୁଆ ନେତା ବୋଲି ... କରାଯାଇଛି । ଶେଷରେ କନ୍ଧମାନେ ଇଂରେଜମାନଙ୍କର ... ସ୍ୱୀକାର କରିଥିଲେ ।

---

ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ,
ଭଞ୍ଜନଗର (ଗଞ୍ଜାମ) ।



ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ଗ୍ରାମ୍ୟ ପାନୀୟ ଜଳ' ଶୀର୍ଷକ ଏକ ବୈଠକରେ ଗ୍ରାମ୍ୟ ପୁନର୍ଗଠନ ବିଭାଗ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି (୭/୭) ।

# ଜାତୀୟ ଶୃଙ୍ଖଳା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ

• କିଶୋର ସ୍ୱାଇଁ

ବିଦେଶୀ ଭାଷା ଲାଟିନ୍‌ରୁ ନିଷ୍ପନ୍ନ disciplineର ଅର୍ଥ ... ନାଗରିକ ଭାବେ ନିଜର ବ୍ୟବହାର ବା ଚାଲିଚଳଣର ... ହେବା, ଏ ଶବ୍ଦର ତାଲିମ ବା ତାଲିମପ୍ରାପ୍ତ ରୂପେ ନିଜକୁ ...ଢ଼ କରିବା, ଆଦର୍ଶ ରୂପେ ନିଜକୁ ଗଠନ କରିବା ବା ... ଯଥାବଦ୍ଧ ହେବା । ଆମ ଚତୁର୍ଦ୍ଦିଗରେ ଘେରି ରହିଥିବା ...ପ୍ରକୃତିକୁ ଅନୁଧ୍ୟାନ କଲେ ଜଣାଯାଏ ଏହା ବେଶ୍ ଶୃଙ୍ଖଳିତ । ... ବିଶୃଙ୍ଖଳ ହେଲେ ନାନା ପ୍ରାକୃତିକ ବିପର୍ଯ୍ୟୟ ଦେଖାଦିଏ । ... ମଧ୍ୟ କର୍ତ୍ତବ୍ୟ ପରାୟଣତା ବା ଆଦେଶ ପାଳନକୁ ...। ମନୁଷ୍ୟର ପ୍ରାରମ୍ଭିକ ସଭ୍ୟତାକୁ ଅନୁଧ୍ୟାନ କରି ...ବିତ୍ ଓ ଐତିହାସିକମାନେ ଆବିଷ୍କାର କରିଛନ୍ତି ଯେ, ... ଅଦ୍ୟାବଧି ଭଗବାନ ମନୁଷ୍ୟ ପାଇଁ ଯେଉଁ ବିଧାନ ପ୍ରଣୟନ ... ତାହା କର୍ତ୍ତବ୍ୟ ପରାୟଣତାର କଷଟି । ...ହିନୀରେ ପ୍ରଚଳିତ ନୀତି ନିୟମ 'ଶୃଙ୍ଖଳା'କୁ ହିଁ ...। ଜଣେ ସେନାଧ୍ୟକ୍ଷ ଆଦେଶ ଦିଅନ୍ତି ଓ ସୈନ୍ୟଗଣ ... ଆଦେଶକୁ ଶିରୋଧାର୍ଯ୍ୟ କରନ୍ତି । ସାମରିକ ସରଞ୍ଜାମ ... ଯୋଦ୍ଧାଦଳ ଥାଇ ମଧ୍ୟ କେବଳ ଶୃଙ୍ଖଳା ଅଭାବରୁ ହିଁ ... ପରାସ୍ତ ହୁଅନ୍ତି । ବିଶୃଙ୍ଖଳିତ ଓ ବ୍ୟକ୍ତିଗତ ଜୀବନର ... କ୍ରମଶଃ ପରିବାରରୁ ସମାଜ ଓ ସମାଜରୁ ଦେଶ ଉପରେ ...। ଏହି କୁପ୍ରଭାବ ଫଳରେ ଦେଶର ଜାତୀୟ ଜୀବନ ... ହୋଇପଡେ । ଅନୁଧ୍ୟାନରୁ ଜଣାଯାଏ ଯେ, ଯେଉଁ ... ରାଜନୀତିଜ୍ଞମାନେ ଗଣତାନ୍ତ୍ରିକ ପରମ୍ପରାର ଶାସନଗତ ...ଧ ପ୍ରତି ଅବଜ୍ଞା ପ୍ରଦର୍ଶନ କରନ୍ତି, ସେ ସମସ୍ତରେ ଆଇନ୍ ...ଶାନ ଓ ଶାସନ କ୍ଷେତ୍ରରେ ଶୃଙ୍ଖଳାର ଅଭାବ ...।

... ଏକ ସ୍ୱାଧୀନ ଜାତି ଭାବରେ ଚତ୍ୱାଳିଶି ବର୍ଷ ... କରୁଛୁ । ଜାତୀୟ ଜୀବନରେ ସର୍ବଗ୍ରାସୀ ବିକ୍ଷୋଭ, ..., ଅସହନୀୟ ବ୍ୟସ୍ତତା, ଅଶାନ୍ତି ଓ ତତ୍ ସଙ୍ଗେ ସଙ୍ଗେ ... ଦେଖାଦେଉଛି । ପରମାଣୁ ଯୁଦ୍ଧର ଆଶଙ୍କା ...କୁ ଅଧିକ ବିବ୍ରତ କରୁଛି । ମନୁଷ୍ୟ ଜାତି ଆଜି ବିଭବ ଓ ଐଶ୍ୱର୍ଯ୍ୟର ତୁଙ୍ଗ ଶିଖରରେ ପହଞ୍ଚି ମଧ୍ୟ ଗଭୀର ଆଶଙ୍କା ଏବଂ ଅତୃପ୍ତି ମଧ୍ୟରେ ମ୍ରିୟମାଣ । ଗାନ୍ଧୀଙ୍କ ମତରେ ଆମେ ରାଜନୈତିକ ସ୍ୱାଧୀନତା ହାସଲ କରିଥିଲେ ସୁଦ୍ଧା ଅର୍ଥନୈତିକ ସ୍ୱାଧୀନତା ଏ ପର୍ଯ୍ୟନ୍ତ ହାସଲ କରିପାରି ନାହୁଁ । ସାମାଜିକ ବିଶୃଙ୍ଖଳା ସୃଷ୍ଟି କଲାପରି କେତେକ ଶକ୍ତି କ୍ରମଶଃ ମୁଣ୍ଡ ଟେକୁଛି । ଆଞ୍ଚଳିକ ଭାଷାଗତ, ଜାତିଗତ ଓ ସାମ୍ପ୍ରଦାୟିକ ଭେଦଭାବ ଦିନକୁ ଦିନ ଅସହ୍ୟ ହେଉଛି । ନେତାମାନଙ୍କ ମଧ୍ୟରେ କନ୍ଦଳ, ସ୍ୱାର୍ଥପରତା ସମ୍ବାଦପତ୍ରରେ ବିଜ୍ଞାପିତ ହେଉଛି ।

ବର୍ତ୍ତମାନ ସମାଜରେ ଲୋକେ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଅଧିକାର ପାଇଁ ଆଗଭର । ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅନେକ ଉଦାସୀନ । ତେଣୁ ବିଭିନ୍ନ ସ୍ଥାନରେ ବିଭେଦକାରୀ ଶକ୍ତି ବୃଦ୍ଧି ପାଉଛି । ଆମର ଅର୍ଥନୈତିକ ବିକାଶର ଅନଗ୍ରସରତା ଜାତୀୟ ଶୃଙ୍ଖଳାର ପଥରୋଧ କରୁଛି । ଅର୍ଥନୈତିକ ବିକାଶର ଅର୍ଥ ହେଉଛି ଉଚ୍ଚ ହାରର ବ୍ୟକ୍ତିଗତ ସଞ୍ଚୟ, ପୁଞ୍ଜି ବିନିଯୋଗ, ବୈଜ୍ଞାନିକ ବିଦ୍ୟାର ଉପଯୋଗ, ପରିଚାଳନାଗତ ଦକ୍ଷତା ଏବଂ ସର୍ବୋପରି ଶୃଙ୍ଖଳା । ସାମ୍ପ୍ରତିକ ସମାଜରେ ଧର୍ମ ମନୁଷ୍ୟର ଆଧ୍ୟାତ୍ମ ଗୁଣର ଉତ୍କର୍ଷ ପାଇଁ ଏବଂ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭ୍ରାତୃତ୍ୱ, ପାରସ୍ପରିକ ସମ୍ମାନ ଓ ଶ୍ରଦ୍ଧା ସ୍ଥାପନ ପାଇଁ ଉଦ୍ଦିଷ୍ଟ । ପ୍ରଧାନମନ୍ତ୍ରୀଙ୍କ ମତ ଅନୁସରଣରେ କୁହାଯାଇପାରେ, ଭାରତରେ କୁସଂସ୍କାର ଏବଂ ଦଳୀୟ ସଂଘାତ ସୃଷ୍ଟି କରିବାରେ ନିୟୋଜିତ । ଏ ପ୍ରକାର କାର୍ଯ୍ୟର ଯଥାର୍ଥତା ନାହିଁ । ବରଂ ଅନେକାଂଶରେ ଏହା ଜାତୀୟ ଐକ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧିର ପ୍ରତିକୂଳ । ରାଜନୀତି ଅନେକ ସମୟରେ ମୋହଗ୍ରସ୍ତ ହୋଇ ଗଣତନ୍ତ୍ରର ଯଥାର୍ଥ ବିକାଶ ପଥରେ ବାଧା ସୃଷ୍ଟି କରୁଛି । କେହି କେହି ମତ ଦେଉଛନ୍ତି ନୈତିକତାର ଉତ୍କର୍ଷ ଓ ପ୍ରତିଷ୍ଠା ଦେଶର ଗଣତାନ୍ତ୍ରିକ ରାଜନୀତିର ବିଧିବିଧାନ ପାଇଁ ନିୟାମକ ରୂପେ ଅବଲମ୍ବିତ ହେବା ଆବଶ୍ୟକ । କ୍ଷମତା ମୋହରେ ଉନ୍ମତ୍ତ ହୋଇ ସେହିପରି ଜନଚେତନାରେ ନୈତିକତା ପ୍ରତିଷ୍ଠିତ ନହେଲେ ସମାଜରେ ଦୁର୍ନୀତି, କଳାବଜାରୀ, ସମ୍ପତ୍ତିର ଗୋପନ ସଞ୍ଚୟ ଓ ସ୍ୱେଚ୍ଛା

କାରବାର ଅଧିକ ମାତ୍ରାରେ ବଢ଼ିଥାଏ । ଫଳରେ ଦୈନନ୍ଦିନ ବ୍ୟବହାର୍ଯ୍ୟ ଦ୍ରବ୍ୟର ଉତ୍ପାଦନ କମିବା ସଙ୍ଗେ ସଙ୍ଗେ ଅସ୍ୱାଭାବିକ ଦରଦାମ୍ ବୃଦ୍ଧିପାଏ । ପ୍ରକୃତ ସାମର୍ଥ୍ୟ ଥିବା ନେତୃବୃନ୍ଦ ପଛରେ ପଡ଼ିଯାଆନ୍ତି ଏବଂ ସୁବିଧାବାଦୀ ଓ ଶସ୍ତା ଜନପ୍ରିୟତା ହାସଲ କରି ଜାଣିଥିବା ବ୍ୟକ୍ତିଗଣ ଗଣତନ୍ତ୍ର ବିପନ୍ନ କରିଥାନ୍ତି । ସମସ୍ତେ ସମନ୍ୱିତ ଉଦ୍ୟମ ନକଲେ ଗଣତାନ୍ତ୍ରିକ ସରକାରର କ୍ଷମତା କ୍ଷୁଦ୍ର ଗୋଷ୍ଠୀ ହାତକୁ ଖସିଆସେ । ପ୍ରଶ୍ରୟ ଓ ଅପପ୍ରଶ୍ରୟର ସ୍ରୋତ ଏତେ ବେଗରେ ବହିଗଲେ ଯେ, ସତ୍ୟ—ଅସତ୍ୟ, ପାପ ଓ ପୁଣ୍ୟର ବାଛ ବିଚାର ରହେ ନାହିଁ । ଲାଞ୍ଚ ମିଛ, ଦୁର୍ନୀତି, ପକ୍ଷପାତିତା, ପ୍ରିୟାପ୍ରୀତି ତୋଷଣ ସୀମା ଲଙ୍ଘନ କରେ ।

ସ୍ୱାଧୀନତା ଅର୍ଜନ ଯେତିକି କଷ୍ଟସାଧ୍ୟ, ତାହାର ସଂରକ୍ଷଣ ତାହାଠାରୁ ବଳି କଷ୍ଟକର । ତେଣୁ ବହିଃ ଶତ୍ରୁର ଆକ୍ରମଣରୁ ଦେଶକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଦେଶର ଆଭ୍ୟନ୍ତରୀଣ ସକଳ ଦିଗର ପ୍ରଗତି ସମ୍ପାଦନ କରିବା ଦିଗରେ ଚେଷ୍ଟା ହେବା ଉଚିତ । ଜାତିର ନେତୃ ସ୍ଥାନୀୟ ବ୍ୟକ୍ତିମାନେ ଦେଶର କର୍ଣ୍ଣଧାର ରୂପେ ସର୍ବଦା ସଜାଗ ରହିବା ଏକାନ୍ତ ପ୍ରୟୋଜନ । ଦେଶର ପ୍ରତ୍ୟେକ ନାଗରିକ ନିଜର ମହତ୍ତ୍ୱ ହୃଦୟଙ୍ଗମ କରି ଗଣତନ୍ତ୍ରର ବିକାଶ ଦିଗରେ ନିଷ୍ଠାପର ଭାବେ ସହଯୋଗ କରିବା ଉଚିତ ।

ଆଜି ଭାରତ ସଗର୍ବରେ ମୈତ୍ରୀ ଧ୍ୱଜା ଉଡ଼ାଉଛି । ବିଶ୍ୱର ଅନ୍ୟାନ୍ୟ ଦେଶମାନଙ୍କୁ ଅହିଂସା—ମହାମନ୍ତ୍ରରେ, ବିଶ୍ୱ ଭ୍ରାତୃତ୍ୱର ବନ୍ଧନରେ ଅନୁପ୍ରାଣିତ କରିପାରିଛି । ତେଣୁ ଆଜିର ପ... ସୁଦ୍ଧି ଦେଶରେ ଜାତୀୟ ଶୃଙ୍ଖଳାକୁ ବଜାୟ ରଖିବାକୁ ... ଗଣତନ୍ତ୍ରର ଆଦର୍ଶ ପରମ୍ପରା ତଥା ଶାସନଗତ ପ୍ରଣାଳୀ... ସମ୍ମାନ ଦେବାକୁ ହେବ । ଗଣତନ୍ତ୍ରର ସୁରକ୍ଷା ପାଇଁ ଶିକ୍ଷିତ... ତରୁଣୀ ଅଭିବୃଦ୍ଧି ସମ୍ପନ୍ନ ହେବା ଉଚିତ । ବ୍ୟକ୍ତିର ବିକାଶ... ପଥ ଉନ୍ମୁକ୍ତ ରହିବା ଅତ୍ୟାବଶ୍ୟକ ହେଲେ ହେଁ, ସମଗ୍ର... ଏକ ମହତ୍ତର ଆବଶ୍ୟକତା ଅଛି । ପ୍ରତିକୂଳ... ହତୋତ୍ସାହ ହୋଇ ସଂସ୍କୃତି ଓ ଆର୍ଥିକ ସ୍ୱଚ୍ଛଳତାର ... ସୋପାନ ଅନ୍ୱେଷଣ କରିବା ଦେଶପ୍ରେମର ପରିଚାୟକ ... ସମସ୍ତଙ୍କ ପାଇଁ ସମାନ ସୁବିଧା ସତ୍ତ୍ୱେ ସମାଜ ନିରୂପଣ ... ଶାସନ—ସମ୍ପ୍ରଦାୟ ଓ ଶାସିତ ସମ୍ପ୍ରଦାୟରେ ଭିନ୍ନ । ... ଗଣତନ୍ତ୍ରର ପରମ୍ପରା ଅପ୍ରତିହତ ରଖିବା ପାଇଁ ଜାତୀୟ ... ଉପରେ ପ୍ରାଧାନ୍ୟ ରହିବା ଉଚିତ । ଏପରି ହେଲେ ... କତିପୟ ବ୍ୟକ୍ତି ବିଚ୍ଛିନ୍ନ ନରହି ସର୍ବଜନ ହିତ ସାଧନରେ ... ହେବେ । ନେତା ଏବଂ ସେବକ ଉଭୟ ଜାତି ପ୍ରତି ... ରହିବେ । ଭାରତୀୟ ଗଣତାନ୍ତ୍ରିକ ପରମ୍ପରାର ଧାରା ... 'ଭୂମାବୈ ସୁଖମ୍'ର ବାର୍ତ୍ତାକୁ ଉପେକ୍ଷା କରେ ତାହେଲେ ... ଛନ୍ଦ ସାର୍ଥକ ହେବ ନାହିଁ । ଜାତୀୟ ଶୃଙ୍ଖଳା ରକ୍ଷା ... ଐକ୍ୟବଦ୍ଧ ପ୍ରଗତି ହାସଲ କରିବା ଆମର ଅଭିମୁଖ୍ୟ ।

---

କ୍ୱାଟର ନଂ ଛ/୯୭,
ୟୁନିଟ୍—୮, ଭୁବନେଶ୍ୱର ।




ଭୁବନେଶ୍ୱରଠାରେ ଅନୁଷ୍ଠିତ ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି ବୈଠକରେ ଭାରତ ସରକାରଙ୍କ ଉପପ୍ରମୁଖ ସୂଚନା ଅଧିକାରୀ ଶ୍ରୀ ସୁ: କେ: ମିଶ୍ର ସଭାପତିତ୍ୱ କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ଶାସନ ସଚିବ ଶ୍ରୀ ଅଜିତ୍ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଛନ୍ତି (୨/୭) ।

# ବିଶ୍ୱକବିଙ୍କ ଦେଶପ୍ରେମ

• ଶୁଭଲକ୍ଷ୍ମୀ ମହାନ୍ତି

ରବୀନ୍ଦ୍ରନାଥ ଜଣେ ବିଶ୍ୱକବି ହେଲେ ମଧ୍ୟ ଦେଶପ୍ରେମୀ ଭାବେ ସୁପରିଚିତ । 'ରବୀନ୍ଦ୍ରନାଥଙ୍କ ଦର୍ଶନ' ଶୀର୍ଷକ ଏକ ପୁସ୍ତକରେ ଡକ୍ଟର ରାଧାକ୍ରିଷ୍ଣନ୍ ଲେଖିଛନ୍ତି ଯେ ଠାକୁର ବାସ୍ତବରେ ଏକ ଜାତୀୟ କବି । ତାଙ୍କର ରଚନା ଦ୍ୱାରା ଭାରତ ଗର୍ବିତ । ଭାରତର ପରିପ୍ରସା ସମ୍ପର୍କରେ ସେ ସଚେତନ । ଭାରତୀୟ ଜୀବନରେ ସୁଖ ଦୁଃଖ, ଆଶା ନିରାଶା, ବିଶ୍ୱାସ–ଅବିଶ୍ୱାସ ଆଦି ବିଷୟ ରବୀନ୍ଦ୍ରନାଥଙ୍କର ଲିଖିତ ଗଳ୍ପ ଉପନ୍ୟାସ ଓ କବିତାଗୁଡ଼ିକରେ ପ୍ରତିଫଳିତ । ରବୀନ୍ଦ୍ରନାଥ ଠାକୁରଙ୍କୁ ଆଧୁନିକ ଭାରତର ଜନ୍ମନାଭିଳାଷୀ ବୋଲି କହିଲେ ଭୁଲ୍ ହେବ ନାହିଁ । ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରାରମ୍ଭରେ ହିଁ ସେ ଏହା ସହିତ ଓତଃପ୍ରୋତଃ ଭାବେ ଜଡ଼ିତ । ଭାରତ ଏକ ପ୍ରାଚୀନ ଦେଶ ହେଲେ ମଧ୍ୟ ଦୀର୍ଘ ଦିନ ଧରି ପରାଧୀନ ଥିଲା । ଏଠାରେ ବହୁ ଭାଷା, ବହୁ ଧର୍ମ, ବହୁ ସମ୍ପ୍ରଦାୟର ଲୋକ ବାସ କରନ୍ତି । ଏମାନେ ସମସ୍ତେ ଅତୀତରେ ନିଜେ ନିଜ ଅଞ୍ଚଳ ନିଜ ସମ୍ପ୍ରଦାୟର ବିଶେଷ ଦୃଷ୍ଟିରୁ ଚିନ୍ତା କରୁଥିଲେ ।

ଅଖଣ୍ଡ ଭାରତବର୍ଷର ଜାତୀୟତାକୁ ପ୍ରତିପାଦନ କରି ବିଶ୍ୱକବିଙ୍କ କବିତା ପ୍ରକାଶିତ ହୋଇଥିଲା –

"ହେ ମୋର ଚିତ୍ତ ପୁଣ୍ୟତୀର୍ଥ ଜାଗରେ ଧୀରେ,
ଏହି ଭାରତର ମହା ମାନବର ସାଗର ତୀରେ ।

ରବୀନ୍ଦ୍ରନାଥ ଠାକୁର ଭାରତୀୟ ଜାତୀୟ ଆନ୍ଦୋଳନର ଆରମ୍ଭରୁ ହିଁ ନିଜକୁ ନିୟୋଜିତ କରିଥିଲେ । ୧୮୮୬ ଓ ତାହାର ଦଶ ବର୍ଷ ପରେ ୧୮୯୬ରେ କଲିକତାଠାରେ ଅନୁଷ୍ଠିତ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ଦୁଇଟିଯାକ ଅଧିବେଶନରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଜାତୀୟ ପୁନର୍ଜନ୍ମ ନିମନ୍ତେ ବିଶ୍ୱକବିଙ୍କ ତିନୋଟି ଅବଦାନକୁ ଅସ୍ୱୀକାର କରିହେବ ନାହିଁ । ପ୍ରଥମଟି ହେଉଛି ଭାରତୀୟ ସଂସ୍କୃତିର ପୁନର୍ବିକାଶ ନିମନ୍ତେ ଗଳ୍ପ, କବିତା ଓ ଉପନ୍ୟାସକୁ ସେ ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ଦ୍ୱିତୀୟଟି ହେଉଛି ଦେଶରେ ନୂତନ ଢାଞ୍ଚାର ଶିକ୍ଷା ପ୍ରଣାଳୀର କଳ୍ପନା ଓ ତୃତୀୟଟି ହେଉଛି ଭାରତୀୟ ମାନବିକତାର ଦର୍ଶନ, ଆଧୁନିକ ଚିନ୍ତାଧାରାକୁ ବିଶ୍ୱରୂପ ଦେବା ଓ ତାହାକୁ ସୁଦୂର ପ୍ରସାରୀ କରିବା ।

## ଶିକ୍ଷା :

'ଶାନ୍ତିନିକେତନ'ଠାରେ ଗଢ଼ି ଉଠିଥିବା ବିରାଟ ଶିକ୍ଷାନୁଷ୍ଠାନ ବିଶ୍ୱକବିଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷା ପଦ୍ଧତିର ମୂକସାକ୍ଷୀ । 'ବିଶ୍ୱଭାରତୀ' ବିଶ୍ୱବିଦ୍ୟାଳୟ ହେଉଛି ବିଶ୍ୱ ଚିନ୍ତାଧାରା ଏବଂ ପରିବ୍ୟାପ୍ତ ଦିଗ୍‌ଦର୍ଶନର ପ୍ରତୀକ । ଉପନିଷଦ ମତବାଦ ଦ୍ୱାରା ପ୍ରଭାବିତ ପିତା ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କର ଆଧ୍ୟାତ୍ମିକ ଚେତନାର ସେ ଥିଲେ ଉପଯୁକ୍ତ ଦାୟାଦ । ରବୀନ୍ଦ୍ରନାଥ ପ୍ରତ୍ୟେକ ସମୟରେ ଶିକ୍ଷାକୁ ସର୍ବୋଚ୍ଚ ସ୍ଥାନ ଦେଉଥିଲେ । ସବୁ ସମୟରେ ପଢ଼ିବା ତାଙ୍କର ଅଭ୍ୟାସ ଥିଲା । କ୍ଲାସ୍‌ରୁମ୍ ଓ ପାଠ୍ୟପୁସ୍ତକର ପୃଷ୍ଠା ମଧ୍ୟରେ ନିଜକୁ ସୀମିତ ରଖିବାକୁ ସେ ଚାହୁଁ ନଥିଲେ । 'ଭାରତୀୟ ସଂସ୍କୃତିର କେନ୍ଦ୍ର' ନାମକ ବହିରେ ସେ ଲେଖିଥିଲେ ଯେ 'ଆମେ ଆମର ନିଜର ସମସ୍ୟା ନିଜ ମଧ୍ୟରେ ହିଁ ସମାଧାନ କରିବା ଉଚିତ । ଆମର ଖାଦ୍ୟ, ବସ୍ତ୍ର ଅନ୍ୟ ଉପରେ ବୋଝ ନହୋଇ ସେ ଦିଗରେ ଆସ ନିର୍ଭରଶୀଳ ହେବା ଆବଶ୍ୟକ । କାରଣ ପ୍ରକୃତି ଆମକୁ ସବୁ ଜିନିଷ ଦେଇଛି ।ତାଙ୍କର ମତରେ ପୁସ୍ତକ ଜ୍ଞାନ ଶିକ୍ଷାର୍ଥୀକୁ କେବଳ ବିଦ୍ୟାଭିମାନୀ କରିଥାଏ । ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ ବ୍ୟବଧାନ ରହୁଛି । ସେ ବିଷୟରେ ସେ ଲେଖିଥିଲେ ଯେ – "ସଂସ୍କୃତି ଯାହାକି ମନୁଷ୍ୟର ପ୍ରାଣ କେନ୍ଦ୍ର, ତାହା ପରସ୍ପର ନିବିଡ଼ ସମ୍ପର୍କ ଦ୍ୱାରା ହିଁ ସମ୍ପାଦିତ ହୋଇପାରିବ" । ସେହି ଦୃଷ୍ଟିରୁ ରବୀନ୍ଦ୍ର ନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ପିତା–ପୁତ୍ରର ସମ୍ପର୍କ ଭଳି ଗୁରୁ ଓ ଶିଷ୍ୟ ମଧ୍ୟରେ ନିବିଡ଼ ସମ୍ପର୍କ ସ୍ଥାପନ ପାଇଁ ଗୁରୁତ୍ୱ ଦିଆଯାଇଛି । ସେ ନିଜେ ପ୍ରତ୍ୟହ ଛାତ୍ରମାନଙ୍କ ସହ ଆଲୋଚନାରେ ସମୟ ଦେଉଥିଲେ । ଛାତ୍ରମାନଙ୍କ ପତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ଆଲୋଚନା ମାଧ୍ୟମ ପ୍ରତ୍ୟେକ ଛାତ୍ର ତାଙ୍କୁ ଉପଲବ୍ଧି କରିପାରିଥିଲେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଆଜି ବି ଛାତ୍ର ଓ ଶିକ୍ଷକ ମଧ୍ୟରେ ନିବିଡ଼ ସମ୍ପର୍କ ଥିବାର ଜଣାଯାଏ ।

## ଜାତୀୟତାବାଦର ରବୀନ୍ଦ୍ର ନାଥ :

ଶାସନର ପରିବର୍ତ୍ତନ ଆଣିବା ଭାରତ ସ୍ୱାଧୀନତାର ଏକମାତ୍ର ଲକ୍ଷ୍ୟ ନଥିଲା । କେଉଁ ଆଦର୍ଶ ନେଇ ଆମ ଦେଶ ପରିଚାଳିତ ହେବ ସେ କଥା ସ୍ୱାଧୀନତା ଆନ୍ଦୋଳନ ବେଳେ ମହାତ୍ମାଗାନ୍ଧୀ ତଥା ତତ୍କାଳୀନ ଜନନାୟକମାନେ ଭାରତୀୟ ସମ୍ବିଧାନରେ ରୂପାୟିତ କରିଥିଲେ । ତାହା ହେଉଛି ଜାତୀୟତା, ଧର୍ମ ନିରପେକ୍ଷତା, ଗଣତନ୍ତ୍ର ଓ ସମାଜବାଦ । ସ୍ୱାଧୀନତାକୁ ରକ୍ଷା କରିବାକୁ ହେଲେ–ସ୍ୱାଧୀନତା ସଂଗ୍ରାମୀମାନଙ୍କର ସଂଗ୍ରାମକୁ ସାର୍ଥକ କରିବାକୁ ହେଲେ ଏହି ପ୍ରେରଣାମୟ ମନ୍ତ୍ରକୁ ମନେ ରଖିବାକୁ ହେବ । ଜାତି, ବର୍ଣ୍ଣ, ସମ୍ପ୍ରଦାୟ ଓ ଆଞ୍ଚଳିକ ଭେଦଭାବକୁ ଭୁଲି ଯେଉଁ ମହାନ୍ ଜାତୀୟତା ଭାରତର ଜନଗଣଙ୍କୁ ଉଦ୍‌ବୁଦ୍ଧ କରିଛି ତାହାକୁ ସର୍ବଦା ଅକ୍ଷୁଣ୍ଣ ରଖିବାର ଦାୟିତ୍ୱ ଆମର । ଭାରତ କେବେବି ତାର ନିଜସ୍ୱ ସଂସ୍କୃତିରୁ ଓହରି ନଯାଉ । ଏହାହିଁ ଥିଲା ରବୀନ୍ଦ୍ର ନାଥଙ୍କର ଆନ୍ତରିକ ଇଚ୍ଛା । ସେଥିପାଇଁ ସେ ସର୍ବଦା ଉଦ୍ୟମ ଅବ୍ୟାହତ ରଖିଥିଲେ । ଭାରତୀୟ ଜାତୀୟତାବାଦ ସମ୍ପର୍କରେ ତାଙ୍କର ଭାବଧାରା ସାଂସ୍କୃତିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ଥିଲା ସେ ସର୍ବଦା ଭାରତୀୟ ସଂସ୍କୃତିର ମହାନତା ତଥା ବିଭିନ୍ନତା ପ୍ରତି ସଚେତନ ଥିଲେ । ଏହାର ରକ୍ଷଣାବେକ୍ଷଣ ପାଇଁ ସଦାଚେଷ୍ଟିତ ଥିଲେ । ୧୯୦୪ରେ ତାଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ 'ସମାଜ ଏବଂ ରାଜ୍ୟ'ରେ ସେ ଅନେକଙ୍କ ମଧ୍ୟରେ ଏକ ତଥା ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତୀୟ ଧର୍ମମତର ପରମ୍ପରା ବୋଲି ସ୍ପଷ୍ଟ ମତ ପୋଷଣ କରିଛନ୍ତି ।

କବି ରବୀନ୍ଦ୍ର ନାଥ ଭାରତୀୟ ସଂସ୍କୃତିକୁ ବହୁ ଝରଣାର ମିଶ୍ରଣରେ ପ୍ରବାହିତ ହୋଇଥିବା ନଦୀଟିଏ ସହ ତୁଳନା କରିଛନ୍ତି । ବୈଦିକ, ପୌରାଣିକ, ବୌଦ୍ଧିକ, ଜୈନ, ଇସ୍‌ଲାମୀ, ଶିଖ୍, ଜୋରାଷ୍ଟ୍ରିଆନ୍ ଭଳି ବହୁ ସାଂସ୍କୃତିକ ଧର୍ମର ସମନ୍ୱୟ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

## ପ୍ରଗତିବାଦୀ ସାମାଜିକ ଚିନ୍ତକ :

ରବୀନ୍ଦ୍ର ନାଥ ଜଣେ ପ୍ରଗତିବାଦୀ ସାମାଜିକ ଚିନ୍ତକ ଭାବେ ସୁପରିଚିତ । ତାଙ୍କ ରଚିତ 'ଗୀତାଞ୍ଜଳୀ'ରେ ହିନ୍ଦୁ ସମାଜରେ ଘୃଣା ଓ ସଂକୀର୍ଣ୍ଣ ଜାତିଆଣ ମନୋଭାବ ସୃଷ୍ଟି କରିବାରେ ରକ୍ଷଣଶୀଳ ଗୋଷ୍ଠୀଗୁଡ଼ିକ ବିଶେଷଭାବେ ଦାୟୀ କରି ଏହାର ଦୂରୀକରଣ ଆବଶ୍ୟକ ବୋଲି ଦର୍ଶାଇଛନ୍ତି । ସମାଜରେ ଅବହେଳିତ ଅନୁନ୍ନତ ଓ ଦୁର୍ବଳଶ୍ରେଣୀର ଲୋକମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟ ଉଦ୍ଦେଶ୍ୟରେ ଭାରତ ଅନୁଶୋଚନା କରିବା ଆବଶ୍ୟକ । ସେ କହିଥିଲେ–"ଏହି ମୂକ ଅବସାଦଗ୍ରସ୍ତ ଏବଂ ବିନିତ ବ୍ୟକ୍ତିଙ୍କ ମୁଖରେ ଆମକୁ ଆମର ପରିଭାଷା ଫୁଟାଇବାକୁ ହେବ । ଏହି ଅବସନ୍ନ ଦୁର୍ବଳ ଏବଂ ପରିତ୍ୟକ୍ତ ବ୍ୟକ୍ତିଙ୍କ ହୃଦୟରେ ଆମକୁ ମାନବିକତାର ଆଶା ଜାଗରିତ କରିବାକୁ ହେବ" । ତାଙ୍କ ଦ୍ୱାରା ରଚିତ 'ଚଣ୍ଡାଳିକା' ଓ 'ବଳିଦାନ' ଇତ୍ୟାଦି ନାଟକ ଜରିଆରେ ପାରମ୍ପରିକ ନୀତି ତଥା ରକ୍ଷଣଶୀଳତା ଓ ହିଂସାତ୍ମକ ମନୋଭାବର ସଂସ୍କାର ପାଇଁ ଉଦ୍ୟମ କରିଛନ୍ତି ।

## ଜାତୀୟ କବି :

ରବୀନ୍ଦ୍ରନାଥ ଠାକୁର ପ୍ରାୟ ୨ ହଜାର ୨ ଶହରୁ ଅଧିକ
ରଚନା କରି ଯାଇଛନ୍ତି । ତନ୍ମଧ୍ୟରୁ ପ୍ରାୟ ଏକ ଚତୁର୍ଥାଂଶରୁ ଅଧି
କବିତା ଦେଶାତ୍ମବୋଧ ଉପରେ ଆଧାରିତ । ତାଙ୍କ ରଚିତ
କବିତା ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ନିମନ୍ତେ ପ୍ରେରି
ଉଦାହରଣ ସ୍ୱରୂପ ରାକ୍ଷୀ ଉତ୍ସବ ଉପଲକ୍ଷେ ରଚିତ ଯେଉଁ
କବିତାର ଛନ୍ଦେ ଛନ୍ଦେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠାର ପ୍ର
ମିଳେ ! ସମାଜରେ ପ୍ରଚଳିତ କେତେକ ସାମାଜିକ ଘଟଣା
ରବୀନ୍ଦ୍ର ନାଥ ସମସାମୟିକ ସମସ୍ୟା ଜଡ଼ିତ
ଦେଶାତ୍ମବୋଧ କବିତା ମଧ୍ୟ ରଚନା କରିଥିଲେ । ବଙ୍ଗଳା
ରଚିତ ହୋଇଥିବା 'ଗୀତାଞ୍ଜଳୀ'ରେ 'ଭାରତ ତୀର୍ଥ'
ତାଙ୍କର ସର୍ବଶ୍ରେଷ୍ଠ କାଳ୍ପନିକ ରଚନା । କବିତାଟିରେ
ମଧ୍ୟରେ ଐକ୍ୟ ଏହି ମୂଳ ନୀତି ଉପରେ ଆଧାରିତ
ଭାରତୀୟ ସାଂସ୍କୃତିକ ଐତିହ୍ୟକୁ ସେ ଖୁବ୍ ସୁନ୍ଦର ଭାବେ
କରିଯାଇଛନ୍ତି । 'ଗୀତାଞ୍ଜଳୀ' ବିଶ୍ୱକବିଙ୍କ ସୃଜନଶୀଳ
ଜ୍ୱଳନ୍ତ ପ୍ରମାଣ । ୧୯୧୩ ମସିହାରେ ଏହି 'ଗୀତାଞ୍ଜଳୀ'
'ନୋବେଲ ପୁରସ୍କାର' ବିଜେତା ହୋଇଥିଲେ ।

## ବିଶ୍ୱ ପ୍ରୀତି :

ଠାକୁରଙ୍କ ମନ ଓ ହୃଦୟ ଦେଶର ସୀମା ମଧ୍ୟରେ
ନଥିଲା । ପୃଥିବୀର ବିଭିନ୍ନ ପ୍ରାନ୍ତରରେ ଥିବା ଅନ୍ୟ
ରାଷ୍ଟ୍ରମାନଙ୍କ ପାଇଁ ସଦା ସର୍ବଦା ବ୍ୟାକୁଳ ହେଉଥିଲା । ସେ
ରାଷ୍ଟ୍ରମାନଙ୍କ ପାଇଁ ସମ୍ବେଦନଶୀଳ ଥିଲେ । ଠାକୁରଙ୍କ
'ଆଫ୍ରିକା' ନାମକ ପ୍ରସିଦ୍ଧ କବିତାରୁ ତାଙ୍କର ଆଫ୍ରିକା
ସ୍ପଷ୍ଟ ପ୍ରମାଣ ମିଳେ । ଠାକୁରଙ୍କ ଗୋଟିଏ ଏସିଆ
ବାସ୍ତବରେ ପରିଣତ ହୋଇଛି । ବିକାଶଶୀଳ
ଏକାକୀ ଭାବିବା ଉଚିତ ନୁହେଁ । ଭାରତୀୟ ସଂସ୍କୃତି
ସର୍ବସାଧାରଣଙ୍କ ମଧ୍ୟରେ ସାରା ବିଶ୍ୱରେ
ସର୍ବସାଧାରଣଙ୍କ ଚଳଣୀରେ ବହୁଳ ଭାବରେ
ସେତେବେଳେ ଯାଇ ଭାରତ ନିଜ ପଥରେ ଏକାକୀ
ସକ୍ଷମ ହେବ ବୋଲି ସେ ସର୍ବଦା ମତ ଦେଉଥିଲେ । ତାଙ୍କ
'ତୀର୍ଥ ଯାତ୍ରା' ନାମକ ଏକ କବିତାରେ ସେ ହିନ୍ଦୁ
ଜୈନ, ଶିଖ ତଥା ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ
ଆହ୍ୱାନ ଦେଇଥିଲେ । ପରସ୍ପର ବନ୍ଧୁତା ସୂତ୍ରରେ
ଏକ ମନ ନେଇ ଏକ ମହାନ୍ ଜାତିର ପରିକଳ୍ପନା
ଥିଲା । ରବୀନ୍ଦ୍ର ନାଥଙ୍କର ଏହି ମନୋଭାବର
ଆମର ଜାତୀୟ ସଙ୍ଗୀତରୁ ହିଁ ସ୍ପଷ୍ଟ । ଠାକୁରଙ୍କ ରଚିତ–
ମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା
ସ୍ୱାଧୀନ ଭାରତର ଜାତୀୟ ସଙ୍ଗୀତ ଭାବେ ସମ୍ମାନିତ
ବିଶ୍ୱକବି ଭାବେ ପୂଜିତ । ତାଙ୍କ କଳ୍ପନା ପ୍ରସୂତ
ସ୍ୱପ୍ନକୁ ସାର୍ଥକ କରିବା ଦାୟିତ୍ୱ ସ୍ୱାଧୀନ ଭାରତର
ନାଗରିକଙ୍କର ।

---

ପ୍ଲଟ୍ ନମ୍ବର–୫୬୭,
ଶହୀଦ୍ ନଗର, ଭୁବନେଶ୍ୱର ।

# ପୁରାତନ ଓ ନୂତନ

● ଇଂ: ଜଗଦୀଶ ପଣ୍ଡା

ବଦଳି ନାହିଁ ତ ପାଣି ପବନର ଉପାଦାନ,
ରହିଅଛି ସେହିପରି ଜଳ, ତା'ର ଅଣୁଗୁଣ ।
ଆକାଶରେ ହୋଇନାହିଁ କିଛି ପରିବର୍ତ୍ତନ,
ସୂର୍ଯ୍ୟ, ଚନ୍ଦ୍ର, ତାରାର ସ୍ଥିତି ହୋଇନାହିଁ ଭିନ୍ନ !

ପୁରାତନ ଓ ନୂତନ ଭିତରେ ଏତିକି ପାର୍ଥକ୍ୟ,
ସମୟର ସ୍ରୋତରେ ମୋଡ଼, ଚିନ୍ତାରେ ନାହିଁ ଐକ୍ୟ ।
ପୁରାତନ ଚିନ୍ତାରେ ଯାହା ସାମାଜିକ ଅନୀତି,
ଆଧୁନିକତାରେ ତାହା ପାଲଟିଛି ନିୟମ ନୀତି ।

ସମସ୍ତେ କହନ୍ତି ଭାସିଯାଅ ସମୟ ସ୍ରୋତରେ,
ବିବେକକୁ ଜୁଜୁଳା ବାନ୍ଧ, ମଉଜ ବଣିବାରେ ।
ଏମ ବିବର୍ତ୍ତନରେ ହେଉଛି ଚରିତ୍ର ସଂହାର,
ଏ ସଂହାର ଆଣୁଛି ସାମାଜିକ ହାହାକାର ।

ଝିମିଟି ଖେଳରୁ ଦୁଇଦଳ ହୁଅନ୍ତି ହାତାହାତି,
ମରାମରି, ହଣାହଣି, ସ୍ପର୍ଦ୍ଧାରେ ଫୁଲାଇ ଛାତି ।
ହାରି ଗୁହାରିକୁ ବି ତେବେ ମିଳେନା ସମର୍ଥନ,
ନୀତି କଥା ଅବାନ୍ତର, ଅବାସ୍ତବ, ମୂଲ୍ୟହୀନ ।

ବାକ୍ୟହୀନ ଅନ୍ୟମାନେ ହୋଇ ଅତି ଭୀତତ୍ରସ୍ତ,
ନୈତିକତା ବିଲୋପ ପାଇଛି ହେବାକୁ ମଧ୍ୟସ୍ଥ ।
ସବୁ ଶେଷ ପରେ ହୁଏ ଶାନ୍ତି କମିଟି ଗଠନ,
ସଦ୍ଭାବନା-ପଦଯାତ୍ରା ବିନମ୍ର ନିବେଦନ ।

କିଛିଦିନ ନୀରବ, ଭିତରେ କିନ୍ତୁ ଉପହାସ,
ସୁଯୋଗ ଦେଖି ପଶୁତ୍ୱ କରେ ପୁଣି ପରକାଶ ।
ନୀତି-ମୃତ୍ୟୁ ଘଟିନାହିଁ, ରହିଅଛି, ରହିଥିବ,
ଏବେ କରିଛି ଗୋପନ, ହେବ ପୁଣି ଆବିର୍ଭାବ ।

ଆସ ବନ୍ଧୁ, ଚିନ୍ତକ, ଲେଖକ, ବକ୍ତା, ନାଟ୍ୟକାର,
ବୁହାଅ ମସୀର ସ୍ରୋତ ନାଶ ହେଉ ଭ୍ରଷ୍ଟାଚାର ।
ତୁମ କଥା ଓ ରଚନା ହେଉ ମୁକ୍ତିର ମଶାଲ,
ମନ୍ତ୍ରପୂତ ହୋଇ ଉଜ୍ଜୀବିତ ହେଉ ଚରିତ୍ର ସକଳ ।

---

ନିର୍ବାହୀ ଯନ୍ତ୍ରୀ,
ରାସ୍ତା ଓ ଗୃହ, ଢେଙ୍କାନାଳ ।

# ଆଦର୍ଶ କବି ଶ୍ରୀମତୀ ଅନ୍ନପୂର୍ଣ୍ଣା ପଟ୍ଟନାୟକ

• ଶ୍ରୀ ରାଜେନ୍ଦ୍ର ଦାଶଶର୍ମା

ନିତ୍ୟାନନ୍ଦକରୀ ଅନ୍ନପୂର୍ଣ୍ଣା ସଦାପୂର୍ଣ୍ଣାଥିଲେ । ଏହାଙ୍କ କବିତ୍ୱ ପ୍ରତିଭା ସାହିତ୍ୟାକାଶରେ ଜାଜ୍ୱଲ୍ୟମାନ ସୂର୍ଯ୍ୟଙ୍କ ସମାନ ଉଦ୍ଭାସିତ ଥିଲା । ବିଂଶ ଶତାବ୍ଦୀର ନାରୀକବି ଭାବରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ପଟ୍ଟନାୟକ ଓଡିଶାର ଲବ୍ଧପ୍ରତିଷ୍ଠିତ ଲେଖକ ତଥା କବି ବୃନ୍ଦଙ୍କଦ୍ୱାରା ଉଚ୍ଚ ପ୍ରଶଂସିତା ଓ ସମ୍ମାନୀତା ଥିଲେ । ଯେଉଁ ସମୟରେ ଏ ଦେଶର ଯୁବକମାନେ ଏମ୍: ଏ ଉପାଧି ଲାଭକରି ମଧ ଲେଖକ ହେବାରେ ଉଦ୍ୟମ କରୁ ନଥିଲେ, ସେତେବେଳେ ଓଡ଼ିଆ କରଣ ଘରର ଜନୈକା ନବୀନା ବଧୂ ସ୍ୱକୀୟ ଅନନ୍ୟ ସାଧାରଣୀ ପ୍ରତିଭାବଳରେ ସରଳ ସାବଲୀଳ ସୁବୋଧ ତଥା ଉଚ୍ଚ କୋଟୀର ସୁରୁଚି ପୂର୍ଣ୍ଣ ଓଡ଼ିଆରେ ଗଳ୍ପ ଓ ପ୍ରବନ୍ଧମାନ ଲେଖି ପାରି ଗୁପ୍ତଭାବରେ ନିଜର ଶକ୍ତି ପରିପ୍ରକାଶ କରିବାରେ ଅଭ୍ୟସ୍ତ ଥିଲେ । ନିମ୍ନରେ ଏହାଙ୍କ ପରିଚୟ ପ୍ରଦତ୍ତ ହେଲା ।

**ବାଲ୍ୟକାଳ–** ୨୫-୫-୧୮୮୩ ଟିକିଟି ଦୁର୍ଗାଧିବାସୀ ଗୋବିନ୍ଦ ପଟ୍ଟନାୟକ ଓ ସୁଭଦ୍ରା ଦେବୀଙ୍କ ଔରସରୁ ଜନ୍ମ ଲାଭ କରିଥିଲେ । ତାଙ୍କର ପ୍ରାଥମିକ ଶିକ୍ଷାର ସୁବ୍ୟବସ୍ଥା ଥିଲେ ହେଁ ସେ ଅଧିକ କିଛି ଶିକ୍ଷା ପାଇ ପାରି ନଥିଲେ ।

**ବୈବାହିକ ଜୀବନ–**

ସେ ଦିଗପହଣ୍ଡି ନିବାସୀ ଶ୍ରୀ ରାମଚନ୍ଦ୍ର ପଟ୍ଟନାୟକଙ୍କ ସହ ବୈବାହିକ ଜୀବନଯାପନ କରିଥିଲେ । ତତ୍କାଳୀନ ଟିକିଟି ଓ ଦିଗପହଣ୍ଡି ରାଜାଙ୍କର ପରସ୍ପର ମନୋମାଳିନ୍ୟ ଥିଲା । ଏଣୁ ଶ୍ରୀରାମ ପଟ୍ଟନାୟକଙ୍କର ଟିକିଟିରେ ବିବାହ ହେବାରୁ ସେ ରାଜାନୁଗ୍ରହରୁ ବଞ୍ଚିତ ହେଲେ । ଫଳରେ ନିଜେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତେଣୁ ଶ୍ରୀମତୀ ଅନ୍ନପୂର୍ଣ୍ଣା ସ୍ୱକୀୟ ଅଳଙ୍କାରାଦି ବିକ୍ରୟକରି ନିଜର ଅଭାବ ମୋଚନ କରିଥିଲେ । ଏପରିକି ସେ ବହୁବାର ବୁଭୁକ୍ଷାରେ ଜୀବନ ଅତିବାହିତ କରିଥିଲେ । ତଥାପି ସେ ନିଜର ଶକ୍ତିବଳରେ ବିଭିନ୍ନ ଗଳ୍ପ କବିତା ମାଧ୍ୟମରେ ଦେଶର ପରିବର୍ତ୍ତନ ଆଣିବାପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଫଳରେ ବିଖ୍ୟାତ କବି ଓ ଲେଖକଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣା ସ୍ୱନାମଧନ୍ୟା ହେଲେ । ତାଙ୍କର ନିଷ୍ପାସିତ କାବ୍ୟକବିତାଗୁଡିକ ସମ୍ବାଦପତ୍ରମାନଙ୍କରେ ଅତିଶୟ ଉତ୍କୃଷ୍ଟ ହେବା ଯୋଗୁଁ ବିଭିନ୍ନ ସ୍ଥାନରୁ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ସ୍ୱଚକ୍ଷୁରେ ଦେଖିବା ପାଇଁ ଦିଗପହଣ୍ଡି ଆସିଥିଲେ । ଫଳରେ ତାଙ୍କର ସାହିତ୍ୟ ଚର୍ଚ୍ଚା ବିଶେଷ ଭାବରେ ପରିପ୍ରସାର ହୋଇଥିଲା । ସେ ଦୁଇଟି କନ୍ୟା ଏବଂ ଏକମାତ୍ର ପୁତ୍ର ସନ୍ତାନର ଅଧିକାରିଣୀ ହୋଇ ପାରିଥିଲେ । ଅଗ୍ରଜା ମନୋରମା, ମଧ୍ୟମ ମନମୋହନ ଏବଂ ଅନୁଜା ପ୍ରେମଲତା ପଟ୍ଟନାୟକ ।

ଦିଗପହଣ୍ଡି ନାରୀ କବି ଅନ୍ନପୂର୍ଣ୍ଣା ପଟ୍ଟନାୟକଙ୍କ ନିଜର ଗଳ୍ପ ବହୁ କବିତା ଏବଂ ପ୍ରବନ୍ଧ ତଦାନୀନ୍ତନ ପ୍ରକାଶିତ ଗଞ୍ଜାମ ଗୁଣ ଦର୍ପଣ, ସମ୍ବଲପୁର ହିତୈଷିଣୀ ଖଲିକୋଟର ପ୍ରଭାତ ଓ ମଦକାର ପ୍ରଭୃତି ସାହିତ୍ୟିକ ପତ୍ର ପତ୍ରିକାରେ ପ୍ରକାଶ ପାଇଥିଲା । ଫଳରେ ଗୁଣମୁଗ୍ଧ କବି ଗଣ ପରେ ଏହାଙ୍କ ଅନେକ ଲେଖା ପୁସ୍ତିକାକାରରେ ପ୍ରକାଶକରିଥିଲେ ।

ନାରୀ ଶିକ୍ଷାର ଅଗ୍ରଗତି ନିମିତ୍ତ ସେ ପ୍ରବଳ ଉଦ୍ୟମ କରି ଥିଲେ । ସେ ଦିଗପହଣ୍ଡିରୁ ସ୍ଥାନାନ୍ତର ହୋଇ ବ୍ରହ୍ମପୁରରେ ଅବସ୍ଥାନ କଲେ । ସେଠାରେ ତତ୍କାଳୀନ ଖ୍ୟାତନାମା ଆଇନଜୀବୀ ପର୍ଶୁରାମ ପାତ୍ରଙ୍କ ସାହାଯ୍ୟରେ ସେ ନାରୀମାନଙ୍କ ସଦନମାନ ଗଠନକରି ବହୁ ପ୍ରଶଂସାର୍ହ ହୋଇଥିଲେ । ତାଙ୍କ ପ୍ରତିଭାର ପ୍ରଭାବରେ ବ୍ୟାସକବି ଫକୀରମୋହନ ପ୍ରଭୃତି କବି ପ୍ରମୁଖ ତାଙ୍କୁ ଦେଖିବାକୁ ଆସିଥିଲେ ।ପୁଣି ପାରଳା ମହାରାଜା ପାଟରାଣୀଙ୍କ ଗୃହଶିକ୍ଷା ନିମନ୍ତେ ତାଙ୍କୁ ସମ୍ମାନେ ନିଯୁକ୍ତ କରି ସ୍ୱକୀୟ ରାଜଧାନୀରେ ରଖାଇଥିଲେ । ପାରଳାଖେମୁଣ୍ଡିରେ ଅବସ୍ଥାନ ବେଳେ କବି ଅନ୍ନପୂର୍ଣ୍ଣାଙ୍କ ବହୁଲେଖା ପ୍ରକାଶ ପାଇଥିଲା ।

କିନ୍ତୁ କାଳର ଅପ୍ରତିହତ ପ୍ରଭାବରେ ସେ ସେଠାରେ ବହୁଦିନ ନରହି ବିଶାଖାପାଟନାରେ ଅବସ୍ଥାନ ପୂର୍ବକ ସନ୍ତାନମାନଙ୍କ ଶିକ୍ଷା ଦୀକ୍ଷା ବ୍ୟବସ୍ଥା କରିପାରିଥିଲେ ।

ଏହି ନାରୀ କବିଙ୍କର କବିତ୍ୱରେ ବିମୁଗ୍ଧହୋଇ ନୂପଗଣ ନିଜର କରୁଥିବା ପ୍ରଶ୍ନୋତ୍ତରମାନ ପରଦା ମଧ୍ୟରେ ଥିବା ଅନ୍ନପୂର୍ଣ୍ଣାଙ୍କଠାରୁ

ନ୍ତ ସମୟରେ ପାଇ ଆପଣାକୁ ଧନ୍ୟ ମନେ କରିବା ସଙ୍ଗେ ଙ୍କର ବିଦ୍ୱତାର ଭୂୟସୀ ପ୍ରଶଂସା କରିଥିଲେ । ସେହି କବିଙ୍କ ଆପ ପରିଚୟ ସମ୍ପର୍କରେ ବ୍ୟାସକବି ଫକୀର ଙ୍କ କବିତା ଏକାନ୍ତ ପଠନୀୟ ।

ଅନ୍ନପୂର୍ଣ୍ଣା ଅନ୍ନପୂର୍ଣ୍ଣା ମହିଳା ମଣ୍ଡନା
ବୋଲି ତତେ ମୁହିଁ କରୁଛି ଗଣନା
ସାମାନ୍ୟ ଗୃହିଣୀ ତୁହି ନୋହୁ ଧନବତୀ
ମୋ ବିଶ୍ୱାସ ତୁହିଁ ମହାଭାଗ୍ୟବତୀ ।

ଜୀବନ ପଡିଛି କରିଛ ସଫଳ
ସ୍ୱଦେଶୀ ପକ୍ଷେ ଯାହା ସମ୍ପତ୍ତି କେବଳ ।
ଦାରିଦ୍ର୍ୟର ବେଗାଘାତେ ନୋହି ବିଚଳିତ
ସୁଖ ଦୁଃଖେ ରଖୁଅଛୁ ପ୍ରଭୁ ପଦେଚିତ୍ତ ।

ସୁଖେ ଦୁଃଖେ ପଡ଼ି ମଧ୍ୟ ସ୍ଥିର କରିମନ
ଅତିଥି ସେବାରେ କରୁ ଚିତ୍ତ ସମର୍ପଣ ।
ସଂସାରେ ସୁଖ ଦୁଃଖ ନୁହେଁ ଚିରସ୍ଥାୟୀ
ଭୁଞ୍ଜନ୍ତି ମାନବ ଗଣ ଭାଗ୍ୟ ଅନୁଯାୟୀ ।

ଅଥବା ଐଶ୍ୱର୍ଯ୍ୟ କିଂବା ବିପଦ ଭୀଷଣ
ଧୈର୍ଯ୍ୟ ଧରି କରିବୁ ତା ମସ୍ତକେ ଧାରଣ ।
ବିଚଳିତ ହେବୁ ନାହିଁ ସମ୍ପଦେ ବିପଦେ
ଏହି ରୂପେ ରଖୁଥିବୁ ଚିତ୍ତ ପ୍ରଭୁ ପଦେ ।

ଯେ କୀର୍ତ୍ତି ରଖିଲୁ ମାତୁ ଉତ୍କଳ ମଣ୍ଡଳେ
ଗାଇବେତା ଭବିଷ୍ୟତ ମାନବ ସକଳେ
ଆଶୀର୍ବାଦ କରୁଅଛି ଆଗୋ ସାଧ୍ୱୀସତୀ
ମହାପ୍ରଭୁ ପାଦ ପଦ୍ମେ ଥାଉ ତୋର ମତି ।

ଏହି ମୋର ଅଭିଳାଷ ଶୁଣରେ ନନ୍ଦିନୀ
କାଟିବୁ ଜୀବନ ବ୍ରତ ହୋଇ ତପସ୍ୱିନୀ
ମଣିବୁ ତୋ ଜଗତରେ ଶତ୍ରୁମିତ୍ର ନାହିଁ
ନିରନ୍ତରେ ରଖିଥିବୁ ପ୍ରଭୁ ପଦ ଗୁହିଁ ।

କବି ସହକାର ପତ୍ରିକାର ସମ୍ପାଦିକା ରୂପେ କାର୍ଯ୍ୟକରି କାବ୍ୟ କବିତାର ସଂଶୋଧନାଦି କାର୍ଯ୍ୟବଶତଃ ନିମ୍ନୋକ୍ତ କବିମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିଥିଲେ । ରାଧାନାଥ ରାୟ, ଫକୀର ମୋହନ ସେନାପତି ମଧୁସୂଦନ ରାଓ ତଥା ଗଙ୍ଗାଧର ମେହେର ପ୍ରଭୃତି ତତ୍କାଳୀନ କବିମାନଙ୍କର ସ୍ନେହଭାଜନ ହୋଇ ପାରିଥିଲେ । ତେଣୁ କୁହାଯାଇଛି–

ନରତ୍ୱଂ ଦୁର୍ଲଭଂ ଲୋକେ ବିଦ୍ୟାତତ୍ରସୁଦୁର୍ଲଭା
କବିତ୍ୱଂ ଦୁର୍ଲଭଂ ତତ୍ର ଶକ୍ତିସ୍ତତ୍ର ସୁଦୁର୍ଲଭା ।

---

ବଡ଼ଖେମଣ୍ଡି ଉଚ୍ଚ ବିଦ୍ୟାଳୟ,
ଦିଗପହଣ୍ଡି ।

›››››››››››››››››››››››››




ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବସ୍ ଚାଳକ ସମ୍ମିଳନୀ କ୍ରୀଡ଼ାନୁଷ୍ଠାନ କମିଟିରେ ଉଦ୍‌ବୋଧନ ଦେଉଛନ୍ତି (ଫଟୋ/ଚି) ।



**The Quality of Life at TRL matches with the Quality of its Refractories**

TATA REFRACTORIES

**TATA REFRACTORIES LIMITED**

# ଓଡ଼ିଶାରେ ରେଳ ସେବା : ଏକ ସମୀକ୍ଷଣ

● ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ପୃଥିବୀର ବିଭିନ୍ନ ଉନ୍ନତ ରାଷ୍ଟ୍ରମାନଙ୍କରେ ପ୍ରାୟତଃ ଅଷ୍ଟାଦଶ ଶତାବ୍ଦୀର ତୃତୀୟ ଦଶନ୍ଧିରୁ ରେଳପଥ ନିର୍ମାଣ ଓ ରେଳ ପରିବହନ ପ୍ରାରମ୍ଭ ହୋଇଥିଲା । ଏ କ୍ଷେତ୍ରରେ ଇଂରେଜମାନେ ଅଗ୍ରଗଣ୍ୟ । ଯଥାକ୍ରମେ ୧୮୨୫ ଖ୍ରୀଷ୍ଟାବ୍ଦରେ ୟୁନାଇଟେଡ୍ କିଙ୍ଗଡମ୍, ୧୮୨୮ରେ ଫ୍ରାନ୍ସ, ୧୮୩୦ ମସିହାରୁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ୧୮୩୬, ଅଷ୍ଟ୍ରିଆ ୧୮୩୮, ସୋଭିଏତ୍ ୟୁନିୟନ୍ ୧୮୩୭ ଏବଂ ଇଟାଲୀରେ ୧୮୩୯ରେ ରେଳସେବା ଆରମ୍ଭ କରାଯାଇଥିବାର ଉଲ୍ଲେଖ ଅଛି । ଏହା ପର ପର୍ଯ୍ୟାୟରେ ମେକ୍ସିକୋ ୧୮୫୦, ଅବିଭକ୍ତ ଭାରତ ୧୮୫୩ । ଅଷ୍ଟ୍ରେଲିଆ ୧୮୫୪, ଆର୍ଜେଣ୍ଟିନା ୧୮୫୭, ଦକ୍ଷିଣ ଆଫ୍ରିକା ୧୮୬୦, ପାକିସ୍ଥାନ, ବଙ୍ଗଳାଦେଶ ଆଦି ୧୮୬୨, ଶ୍ରୀଲଙ୍କା ୧୮୬୫, ଉତ୍ତରକୋରିଆ ୧୮୬୭ ଏବଂ ଜାପାନ ୧୮୭୨, ବର୍ମାରେ ୧୮୭୭ରେ ରେଳ ପରିବହନ ଆରମ୍ଭ ହୋଇଥିଲା । ପ୍ରାୟ କୋଡ଼ିଏ ବର୍ଷର ବ୍ୟବଧାନ ପରେ ଅନ୍ୟ ଏକ ପର୍ଯ୍ୟାୟରେ, ଗୁଇନାରେ ୧୮୮୧, ଇରାନ୍ ଓ ଅନ୍ୟ ଆରବ ରାଷ୍ଟ୍ରଗୁଡ଼ିକରେ ୧୯୦୭ରେ ରେଳସେବା ପରିବହନ ସମସ୍ୟା ସମାହିତ ହେଲା । ଆଜି ପାଇଁ ଭାରତ ସହିତ ସମଗ୍ର ପୃଥିବୀରେ ରେଳସେବା ଯାତ୍ରୀ ମାଲ ପରିବହନ କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଅତୀତର ବହୁ ଦିନର କଳ୍ପନା, ସ୍ୱପ୍ନ ଚିନ୍ତା, ଗବେଷଣାର ଫଳ ସ୍ୱରୂପ — କାଷ୍ଠ ଧାରଣା ଓ ବାଷ୍ପ ଚକାରୁ ଜନ୍ମ ନେଇଥିବା ରେଳସେବା ବର୍ତ୍ତମାନ ଉନ୍ନତ ଲୌହ ଇସ୍ପାତ୍ ଶିଳ୍ପର ବ୍ୟବହାର କରି ପରିବହନ କ୍ଷେତ୍ରରେ ସମଗ୍ର ପୃଥିବୀ ମଧ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇପାରିଛି । ଏହା ମାନବ ଜାତି ପାଇଁ କମ୍ ଗର୍ବ ଓ ଗୌରବର କଥା ନୁହେଁ । ପରିବହନରେ ଏକ ନୂତନ ଯୁଗ ସୃଷ୍ଟି କରିଥିବା ଷ୍ଟିଫେନସନଙ୍କ ଷ୍ଟିମ୍ ଇଞ୍ଜିନ୍ ଠାରୁ ତୈଳ (ଡିଜେଲ୍) ବିଦ୍ୟୁତ୍ ଚାଳିତ ଇଞ୍ଜିନ୍ ଓ ଆଜିର କମ୍ପ୍ୟୁଟରାଇଜଡ୍ ଏବଂ ଚୁମ୍ବକୀୟ ଯନ୍ତ୍ର କୌଶଳର ଆବିର୍ଭାବ ଯୋଗୁଁ ଦେଶ ଓ ବିଦେଶରେ ରେଳସେବା ବ୍ୟାପକ, ସୁଖ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ, ନିରାପଦ, ଦ୍ରୁତ ତଥା ମିତବ୍ୟୟିତାର ସହିତ ପରିଚାଳିତ ହେଉଛି ।

ଇଂରେଜମାନଙ୍କ ଶାସନ କାଳରେ, ବିଶେଷତଃ ଇଂଲଣ୍ଡକୁ ଆମ ଦେଶର ପର୍ଯ୍ୟାପ୍ତ କଞ୍ଚାମାଲ୍ ସବୁକୁ ସୁବିଧାରେ ବୋହିନେବା ଉଦ୍ଦେଶ୍ୟ ନେଇ ଆମ ଭାରତ ବର୍ଷରେ ରେଳପଥ ନିର୍ମାଣ କରାଯାଇଥିଲା । ଏଥି ନିମିତ୍ତ ୧୮୪୯ରେ ଇଂଲଣ୍ଡରେ "ଦି ଗ୍ରେଟ୍ ଇଣ୍ଡିଆନ୍ ପେନନସୁଲାର୍ ରେଲୱେ କମ୍ପାନୀ" ନାମକ ଏକ କମ୍ପାନୀ ରେଜିଷ୍ଟ୍ରୀଭୁକ୍ତ ହୋଇ ରେଳପଥ ନିର୍ମାଣ କରିଥିଲା । ଭାରତ ଉପମହାଦେଶର ତିନିପଟେ ରହିଥିବା ବନ୍ଦରମାନଙ୍କ ସହ ସଂଯୋଗ ପାଇଁ ରେଳପଥ ଓ ସଡ଼କ ପଥର ନିର୍ମାଣକୁ ଅଗ୍ରାଧିକାର ଦିଆଯାଇଥିଲା । ଯା'ଫଳରେ ଆଭ୍ୟନ୍ତରୀଣ ଭାରତରୁ ଲୁହାପଥର, କୋଇଲା, କ୍ରୋମ୍‌ପଥର, ମାଙ୍ଗାନିଜ୍ ପଥର ଆଦି ଖଣିଜ ସମ୍ପଦ; ଖୋଟ କପା ଓ ଅନ୍ୟାନ୍ୟ କୃଷି ସମ୍ପଦ ଓ ଜଙ୍ଗଲ ଓ ସମୁଦ୍ରରୁ ସଂଗୃହୀତ ସମ୍ପଦ ସବୁକୁ ରେଳ ଓ ସଡ଼କ ପଥରେ ବୋହିନେଇ ବନ୍ଦରଯାଏ ନେବା ସୁବିଧା ହେଉଥିଲା ଓ ପରେ ଜଳ ପଥରେ କଞ୍ଚାମାଲ୍ ସବୁକୁ ଇଂଲଣ୍ଡକୁ ନିଆଯାଇ ସେଠାର ଶିଳ୍ପ କଳକାରଖାନା ସବୁ ଖୋଲୁଥିଲା । ଭାରତର କପାରୁ ଇଂଲଣ୍ଡର ମାଞ୍ଚେଷ୍ଟର ମିଲ୍‌ରେ ତିଆରି ଧୋତି ଭାରତ ସମେତ ଅନ୍ୟ ପ୍ରାଚ୍ୟ ରାଷ୍ଟ୍ରମାନଙ୍କରେ ବଡ଼ା ଦରରେ ବିକ୍ରୟ କରି କୌଶଳୀ ଇଂରେଜ ବଣିକ ଖ୍ୟାତିଲାଭ କରିଥିଲା । ଶାସନ ଓ କଞ୍ଚାମାଲ ପରିବହନଗତ ସୁବିଧା ପାଇଁ ଲର୍ଡ଼ ଡେଲହାଉସୀ ଭାରତରେ ରେଳରାସ୍ତା ନିର୍ମାଣ କରିଥିଲେ । ତା' ନହୋଇଥିଲେ ସମ୍ଭବତଃ ପରାଧୀନ ଭାରତରେ ରେଳପଥ ନିର୍ମାଣ ହୋଇ ପାରିନଥାନ୍ତା । ଏଭଳି ଭାବରେ ଭାରତର ବିଲସଠାରୁ ଥାନା ପର୍ଯ୍ୟନ୍ତ ମାତ୍ର ୩୪ କି: ମି: ରେଳପଥ ନିର୍ମାଣ କରି ସର୍ବ ପ୍ରଥମେ ୧୮୫୩ ମସିହା ଏପ୍ରିଲ୍ ୧୬ ତାରିଖର ଏକ ଶୁଭ ପ୍ରତ୍ୟୁଷରେ ପ୍ରଥମ ରେଳ ଯାତ୍ରୀ ଆରମ୍ଭ ହୋଇଥିଲା । ତା'ପରଠୁଁ ଇଂରେଜମାନଙ୍କ ଶାସନ ଓ ପରିବହନର ଗୁରୁତ୍ୱପୂର୍ଣ୍ଣ ପରିବହନ କେନ୍ଦ୍ରଗୁଡ଼ିକୁ ଚିହ୍ନିତ କରି ଦେଶର ଆକାଶପଥ ଓ ଜଳପଥଗୁଡ଼ିକ ସହ ରେଳ ଯୋଗାଯୋଗ ସ୍ଥଳ ବିଶେଷରେ କରାଗଲା । ବ୍ରିଟିଶ୍ ସରକାର ଭାରତରେ ୧୯୪୬ ଯାଏ ସର୍ବମୋଟ୍ ୬୫,୬୯୪ କି: ମି: ରେଳପଥ ନିର୍ମାଣ

କରିଥିଲେ । ୧୮୫୩ରୁ ୧୯୪୭ ମଧ୍ୟରେ ପାକିସ୍ଥାନ ଓ ବଙ୍ଗ ଆଦି ସହ ଅବିଭକ୍ତ ଭାରତରେ ଇଂରେଜ ସରକାର ସମୁଦାୟ ୭୮,୫୭୨ କି: ମି: ରେଳପଥ ନିର୍ମାଣ କରିଥିଲେ । ସେଥିରୁ ୧୯୩୭ରେ ବର୍ମା ୩,୩୧୫ କି: ମି: ଓ ୧୯୪୭ରେ ପାକିସ୍ଥାନ ୧୧,୧୯୮ କି: ମି: ରେଳପଥ ନେଇ ଭାରତଠାରୁ ଅଲଗା ହେଲା । ଏହା ସହ ମହାସମର ବେଳେ ୭୪୫ କି: ମି: ଏବଂ ଦ୍ୱିତୀୟ ମହାସମର ବେଳେ ୧୬,୦୦୦ କି: ମି: ରେଳପଥ ନଷ୍ଟ ହୋଇଯାଇଥିଲା । ସ୍ୱାଧୀନତା ପରେ ସ୍ୱାଧୀନ ଭାରତ ସରକାର ଆଉ ମାତ୍ର ୭,୨୦୦ କି: ମି: ରେଳପଥ ନିର୍ମାଣ କରିପାରିଛନ୍ତି । ଯାହା କି ଭାରତର ପରିବହନ ପ୍ରଗତି କ୍ଷେତ୍ରରେ ନଗଣ୍ୟ ।

ଏ ପରିପ୍ରେକ୍ଷୀରେ ଓଡ଼ିଶାର ରେଳପଥ ତଥା ରେଳସେବା ସମ୍ପର୍କରେ ନିରୀକ୍ଷଣ କଲେ ମନକୁ ଆସେ କଲିକତାରୁ ମାନ୍ଦ୍ରାଜ ମଧ୍ୟରେ ଆମ ଓଡ଼ିଶା ପ୍ରଦେଶର ଭୌଗଳିକ ଅବସ୍ଥିତି ନଥିଲେ ବୋଧହୁଏ ରେଳପଥ ସଂଯୋଗର ସୌଭାଗ୍ୟ ଓଡ଼ିଶା ଭାଗ୍ୟରେ ଆସିନଥାନ୍ତା ।

ଭାରତରେ ରେଳସେବା ଆରମ୍ଭ ହେବାର ପ୍ରାୟ ଛଳିଶି ବର୍ଷ ଅତିବାହିତ ହେବା ପରେ ୧୮୯୦ ମସିହାରେ କଲିକତାକୁ ବସେ ମାନ୍ଦ୍ରାଜ ସହ ସଂଯୋଗ କରିବା ପାଇଁ ଓଡ଼ିଶାରେ ପ୍ରଥମେ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଅବଶ୍ୟ ସେ ବେଳର ଆମ ଓଡ଼ିଶା ପ୍ରଦେଶ ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ସରକାରୀ ସ୍ୱୀକୃତି ପାଇନଥିଲା ଓ ଓଡ଼ିଶା ପ୍ରାୟତଃ ଚାରି ଭାଗରେ ଆନ୍ଧ୍ର ପ୍ରଦେଶ (ମାନ୍ଦ୍ରାଜ) ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ବିହାର ଅଞ୍ଚଳରେ ମିଶି ରହିଥିଲା । ପରେ ୧୯୩୬ ଅପ୍ରେଲ ପହିଲା ଦିନ ବହୁ ବାଦାନୁବାଦ ମଧ୍ୟରେ ଓଡ଼ିଶା ରାଜ୍ୟ ଗଠନ ହେଲେ ହେଁ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନାଞ୍ଚଳ ଭାବେ ଅନ୍ୟ ପଡ଼ୋଶୀ ରାଜ୍ୟମାନଙ୍କ ଶାସନାଧୀନରେ ରହି ଏକ ଅପୂର୍ଣ୍ଣ ଓଡ଼ିଶାର ମାନଚିତ୍ର, ମାତ୍ର ୧,୫୫,୮୪୨ କି: ମି: ଆୟତନକୁ ନେଇ ସୂଚିତ କଲା । ୧୯୮୧ ଜନଗଣନାନୁଯାୟୀ ଏହି ଓଡ଼ିଶାର ଲୋକସଂଖ୍ୟା ପ୍ରାୟ ଦୁଇକୋଟି ତେଷଠି ଲକ୍ଷ ଏବଂ ଏ ଯାବତ୍ ଓଡ଼ିଶାରେ ନିର୍ମିତ ରେଳପଥର ପରିମାଣ ପ୍ରାୟ ଦୁଇ ହଜାର କି: ମି: ମାତ୍ର ।

ଓଡ଼ିଶା ମଧ୍ୟରେ ଯାଇଥିବା ସମସ୍ତ ରେଳପଥର ନିର୍ମାଣ କାଳକୁ ମୁଖ୍ୟତଃ ତିନିଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା ଯଥାକ୍ରମେ : ୧୮୯୦ରୁ ୧୯୦୦, ୧୯୨୦ରୁ ୧୯୩୦, ୧୯୫୦ରୁ ୧୯୬୦ ଏବଂ ଶେଷ ପର୍ଯ୍ୟାୟ ୧୯୭୦ରୁ ୧୯୮୦ ମଧ୍ୟରେ । ଏହି ଦଶନ୍ଧିମାନଙ୍କ ମଧ୍ୟରୁ ବ୍ରିଟିଶ୍ ଶାସନରେ ଦୁଇଟି ମୁଖ୍ୟ ରେଳପଥର ନିର୍ମାଣ କାଳ ୧୮୯୦ରୁ ୧୯୦୦ ଓଡ଼ିଶା ଦେଇ ପାଖାପାଖି ୧,୧୦୦ରୁ ୧,୨୦୦ କି: ମି: ଯାଏ ରେଳପଥ ନିର୍ମାଣ ହୋଇଗଲା । ଏହି ସମୟ ଓଡ଼ିଶାର ଅତୀବ ଦୁର୍ଭାଗ୍ୟର ସମୟ । ଦୁର୍ଭିକ୍ଷ ମହାମାରୀ ଓଡ଼ିଶାର ଗଜପତି ରାଜାଙ୍କ "ନଅ ଅଙ୍କ"ରେ ଲୋମହର୍ଷଣ କାହାଣୀ ସୃଷ୍ଟି କରିଥିଲା । ଅଜସ୍ର ଓଡ଼ିଶାବାସୀ ଖାଇବାକୁ ନପାଇ – ଅଖାଦ୍ୟ କଇଁଆ ଗଛର ପତ୍ର ଖାଇ ମରିବାକୁ ଲାଗିଲେ । ବ୍ରିଟିଶ୍ ସରକାରଙ୍କ ଉଦାସୀ[illegible] ଏବଂ ଓଡ଼ିଶାର ରେଳ ଓ ସଡ଼କ ପରିବହନର ଅସୁବିଧା ମଧ୍ୟ [illegible] ସାଧିଲା । ସେ ଯାହା ହେଉ ସେ ବେଳରେ ଓଡ଼ିଶ [illegible] ରେଳପଥ ନିର୍ମାଣ ଓଡ଼ିଆଙ୍କୁ ଖାଦ୍ୟ ପାଇଁ କାମ ଯୋଗା[illegible] ଆବଦ୍ଧ କରି କିଛି ଦିନ ପାଇଁ ମୁଠାଏ ଖାଦ୍ୟ ଯୋଗାଇବାରେ ସ[illegible] ହୋଇଥିଲା । ଏହାର ଦଶବର୍ଷ ପରେ ୧୯୨୦ରୁ ୧୯୩୦ ମଧ୍ୟ[illegible] ଇଂରେଜ ଶାସକମାନଙ୍କ ଦୃଷ୍ଟି ଓଡ଼ିଶା ମାଟିର ଭୂଗର୍ଭସ୍ଥିତ ସ[illegible] ଉପରେ ପଡ଼ିବା ପରେ ବାଦାମ ପାହାଡ଼, ଗୋରୁମହି[illegible] ବୀରମିତ୍ରପୁର, ବଡ଼ବିଲ, ଡଙ୍ଗୁରୁପୋଷୀ, ରାଇରଙ୍ଗପୁର ଅ[illegible] ଅଞ୍ଚଳକୁ ରେଳ ସଂଯୋଗ ବଢ଼ାଇ ଦେଇ ଖଣିଜ [illegible] ବିଶାଖାପାଟଣା ବନ୍ଦର ଦେଇ ରପ୍ତାନୀ ଯୋଗ[illegible] କରାଗଲା ।

ଓଡ଼ିଶା ପ୍ରଦେଶ ଗଠନ ହେଲା ୧୯୩୬ରେ । ତାଠୁ ପ୍ରାୟ ଏଗାର ବର୍ଷ ପରେ ଭାରତ ଇଂରେଜମାନଙ୍କ ଶାସନମୁ[illegible] ହେଲା । ୧୯୪୭ ବେଳକୁ ଓଡ଼ିଶାରେ ନିର୍ମିତ ହୋଇଥି[illegible] ରେଳପଥ ହେଉଛି ୧,୩୦୦ କି: ମି: । ଭାରତ ସ୍ୱାଧୀନ ହେ[illegible] ପରେ ସ୍ୱାଧୀନ ରାଷ୍ଟ୍ରର ଜନନାୟକମାନେ ଭାରତର ଅର୍ଥନୀତି[illegible] ଦୃଢ଼ କରିବା ପାଇଁ କୃଷି ଶିଳ୍ପ ଓ ପରିବହନକୁ ପ୍ରାଧାନ୍ୟ ଦେଇଥିଲେ । ପଞ୍ଚବାର୍ଷିକ ଯୋଜନା ଅଟକଳ ଅନୁଯାୟୀ ଭାରତରେ ରେଳପଥ ନିର୍ମାଣରେ ବ୍ରତୀ ହେଲେ । ସେହି ଅନୁ[illegible] ଓଡ଼ିଶାରେ ରେଳପଥ ନିର୍ମାଣର ତୃତୀୟ ପର୍ଯ୍ୟାୟ ୧୯୫୦ରୁ ୧୯୬୦ରେ ଘଟିଲା । ଏହି ଦଶବର୍ଷ ମଧ୍ୟରେ କେବଳ ମା[illegible] ୧୯୫୮ରୁ ୧୯୬୦, ଦୁଇବର୍ଷରେ ସମ୍ବଲପୁର ସହ ଟିଟିଲାଗଡ଼ ଏ[illegible] କୋଟଭାଲ୍‌ସା ସହ କିରିବୁରୁକୁ ରେଳ ସଂଯୋଗ ହେଲା । ଏ[illegible] ସଂଯୋଗ ପଥ ଓଡ଼ିଶାବାସୀଙ୍କ ପାଇଁ ଅର୍ଥନୈତିକ, ସାଂସ୍କୃତିକ [illegible] ପରିବହନର ବିଶେଷ କିଛି ସୁବିଧା ଯୋଗାଇ ପାରିନଥିଲା ବରଂ ସେଇ ଇଂରେଜ ଶାସକମାନଙ୍କ ଖଣିଜ ସମ୍ପଦ ରପ୍ତାନୀ ପାଇଁ ବିଶାଖାପାଟଣା ବନ୍ଦରର ପରିବହନ ଦୂରତ୍ୱ କମାଇବା ଲକ୍ଷ୍ୟ ହାସଲ କରାଯାଇଥିଲା । ଏହା ପରେ ଆରମ୍ଭ ହେଲା ଚତୁର୍ଥ ଦଶନ୍ଧି । ୧୯୭୦ରୁ ୧୯୮୦ ଏ ବେଳରେ ଓଡ଼ିଶାର ପାରାଦ୍ୱୀପ ବନ୍ଦରର ପୁନର୍ନିର୍ମାଣ କରି ଏହାକୁ ଏକ ଜାତୀୟ ବନ୍ଦରର ମର୍ଯ୍ୟାଦା ପ୍ରଦାନ କରାଗଲା । ଏହା ଫଳରେ ଯେଉଁ ସବୁ କଞ୍ଚାମାଲ ଦୂର ହୋଇ ବିଶାଖାପାଟଣା, କଲିକତା ଯାଉଥିଲା – ସେ ସବୁ ପାରାଦ୍ୱୀପ ବନ୍ଦର ଦେଇ ପଠାଇବା ପରିବହନ ଖର୍ଚ୍ଚ କମାଇବା ଦୃଷ୍ଟିରୁ ଆବଶ୍ୟକ ହେଲା । ଏଣୁ ଦୈତାରୀ ଖଣି ଅଞ୍ଚଳକୁ କଟକ ବାଟରେ ପାରାଦ୍ୱୀପ ସହ ସଂଯୋଗ କରାଗଲା । ଏହାଁ ପରେ ୧୯୮୨ଠାରୁ ନିର୍ମାଣାଧୀନ ଥିବା ୧୭୪ କି: ମି: ର ରେଳପଥ କୋରାପୁଟକୁ ରାୟଗଡ଼ା ସହ ସଂଯୋଗ ପାଇଁ ଉଦ୍ଦିଷ୍ଟ । ଏ[illegible] ସମ୍ପୂର୍ଣ୍ଣ ହେଲେ ନାଲ୍କୋ ଭଳି ବୃହତ୍ ଶିଳ୍ପାୟତନକୁ ପରିବହନ ସୁବିଧା ସୁଯୋଗ ଯୋଗାଇବା ସଙ୍ଗେ ସଙ୍ଗେ ଅଞ୍ଚଳ ଜନସାଧାରଣଙ୍କ ବହୁଳ ଉପକାର ସାଧିତ ହେବ କିନ୍ତୁ ଏହା[illegible] ଓଡ଼ିଶାବାସୀ ଉପକୃତ ହେବାର କୌଣସି ସୂଚନା ଥିଲା ଭଳି ମନେ ହେଉନି ।

ଇଂରେଜ ସମସ୍ତ ରେଳପଥ ନିର୍ମାଣ — ଓଡ଼ିଶାକୁ କିଭଳି ଭାବେ ହେଳା କରୁଛି ଓ କରିବାର ଯୋଜନା ରଖୁଛି — ତା' ସଭିଏଁ ଅନୁଭବ କରିପାରୁଥିବେ । ମନେ ହେଉଛି ବ୍ରିଟିଶ୍‌ରମାନେ ଖଣିଜକୁ ବୋଝାଇ ନେବା ପାଇଁ ଯେଉଁ ଉଦ୍ଦେଶ୍ୟ ନିହିତ କରି ରେଳପଥ ନିର୍ମାଣ କରୁଥିଲେ ଏ ଯାବତ୍ ସ୍ୱାଧୀନ ଭାରତରେ ମଧ୍ୟ ଓଡ଼ିଶା ପାଇଁ ସେଭଳି ଲକ୍ଷ୍ୟ ରଖାଯାଉଛି । ଓଡ଼ିଶାର ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ ଭଳି ସମ୍ପଦ ସବୁକୁ ଅନ୍ୟ ଦେଶ ଓ ଅନ୍ୟ ରାଜ୍ୟକୁ ବୋହି ନେବା ପାଇଁ ଓଡ଼ିଶା ମାଟିର ରେଳପଥ ବିଶେଷ କାର୍ଯ୍ୟ କରୁଥିଲା ଭଳି ମନେ ହେଉଛି ।

ସ୍ୱାଧୀନତାର ଦୀର୍ଘ ୪୫ ବର୍ଷର ବ୍ୟବଧାନ ପରେ ମଧ୍ୟ ଅନଗ୍ରସର ଓଡ଼ିଶାକୁ ରେଳ ସଂଯୋଗ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉ ନଥିବା ପରିତାପର ବିଷୟ । ଦକ୍ଷିଣ-ପୂର୍ବ ଓଡ଼ିଶାଠାରୁ ପଶ୍ଚିମ ଓଡ଼ିଶା ଏ ଯାଏଁ ବିଛିନ୍ନ । ତାଳଚେର-ସମ୍ବଲପୁର ରେଳପଥର ଯୋଜନା କାହିଁ କେତେ ବର୍ଷ ତଳି ହେଲାଣି । କିନ୍ତୁ ଯେଉଁ ମନ୍ଥର ଗତିରେ କାର୍ଯ୍ୟ ହେଉଛି ଏହାର ପୂର୍ଣ୍ଣତା ଆସୁ ଆସୁ ବୋଧହୁଏ ଆହୁରି ପଚିଶ ବର୍ଷ ଲାଗିଯିବ । ଓଡ଼ିଶାର ପୂର୍ବ ଓ ପଶ୍ଚିମ ସୀମାରେ କେତେକାଂଶରେ ସୀମା ଚିହ୍ନିତ ରେଖା ଭଳି ରେଳପଥ ମାତ୍ର ରହିଛି । ଓଡ଼ିଶାର ଏକ ବହୁଳ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଫୁଲବାଣୀ ରେଳପଥ ବିହୀନ । ଏଯାଏ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ଓ ଗୋପାଳପୁର-ଫୁଲବାଣୀ ରେଳପଥର ନିର୍ମାଣ କୌଣସି ମତେ ବାସ୍ତବ ରୂପ ନେଇ ପାରୁନାହିଁ ।

ଓଡ଼ିଶାର ରେଳପଥ ସହ ଦେଶର ଅନ୍ୟ ରାଜ୍ୟମାନଙ୍କର ରେଳପଥର ପରିମାଣ ଦେଖିବାକୁ ଗଲେ ଓଡ଼ିଶା ସମସ୍ତଙ୍କଠୁଁ ତଳେ ଅର୍ଥାତ୍ ସପ୍ତୋଦଶ ସ୍ଥାନରେ । ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ପାଖାପାଖି ୫,୦୦୦ କି: ମି: ରେଳପଥ ରହିଥିଲା ବେଳେ ଆମ ରାଜ୍ୟ ପାଇଁ କେବଳ ମାତ୍ର ବହୁ କଷ୍ଟରେ ଏ ଯାବତ୍ ଦୁଇ ହଜାର କି.ମିରେ ସୀମିତ । ବହୁ ସମୟରେ କେନ୍ଦ୍ର ସରକାର ତାଙ୍କ କେନ୍ଦ୍ରୀୟ ଅନୁଦାନ ତଥା ରେଳପଥ ଆଦିର ମଞ୍ଜୁରୀ ରାଜ୍ୟର ଜନସଂଖ୍ୟା ଓ ଆୟତନକୁ ଦୃଷ୍ଟିରେ ରଖି କରିଥାନ୍ତି । ଏକ ଲକ୍ଷ ଜନସଂଖ୍ୟା ଅନୁପାତରେ ଓଡ଼ିଶା ପାଇଁ ମାତ୍ର ୭ କି: ମି: ରେଳପଥ । ଆନ୍ଧ୍ରରେ ୯, ବିହାର ପାଇଁ ୮, ପଞ୍ଜାବ ପାଇଁ ୧୩ ଓ ରାଜସ୍ଥାନ ପାଇଁ ୧୭ କି: ମି: ଲୋକସଂଖ୍ୟା ଦୃଷ୍ଟିରୁ ମଧ୍ୟ ଓଡ଼ିଶାର ସ୍ଥାନ ସପ୍ତୋଦଶ ।

ସେଭଳି ରାଜ୍ୟର ଆୟତନ ଦୃଷ୍ଟିରୁ ଏକ ହଜାର ବର୍ଗ କି: ମି: ପିଛା ଓଡ଼ିଶା ପାଇଁ ୧୭ କି: ମି:ରୁ କିଛି ଅଧିକା ଥିଲାବେଳେ ଏହା ଆନ୍ଧ୍ର ପାଇଁ ୧୮, ପଶ୍ଚିମବଙ୍ଗ ଓ ପଞ୍ଜାବ ପାଇଁ ୪୩, ବିହାର ପାଇଁ ୩୧ କି: ମି: ଏବଂ ମଧ୍ୟପ୍ରଦେଶର ଏହା ୧୩ କି: ମି:ରୁ ଅଧିକା । ହରିଆନା ପାଇଁ ୩୦ କି: ମି: ଏବଂ କେରଳରେ ୨୫ କି: ମି: ରେଳପଥ ରହିଛି । ହିମ ପ୍ରବାହ ଓ ପାର୍ବତ୍ୟ ଉପତ୍ୟକାର କେତୋଟି ରାଜ୍ୟକୁ ଛାଡ଼ିଦେଲେ ରେଳପଥ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ସବୁଠୁଁ ପଛୁଆ । ଭାରତର ରେଳ ମାନଚିତ୍ର ଦେଖାଯାଉ । ଜାଲ ଭଳି ରେଳପଥ ବିଛେଇ ହୋଇଥିବା ରାଜ୍ୟ ସବୁ ଆନ୍ଧ୍ର, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ବା ଅନ୍ୟ ସବୁ ରାଜ୍ୟ । ଓଡ଼ିଶା ପାଇଁ ଅଧିକ ରେଳପଥର ଦାବୀ ସର୍ବଦା ଲାଗି ରହିଛି । ଓଡ଼ିଶା ଆବଶ୍ୟକ କରୁଥିବା ନୂତନ ରେଳପଥଗୁଡ଼ିକର ନିର୍ମାଣ ପାଇଁ ଏ ଯାଏଁ କେନ୍ଦ୍ର ସରକାର ସମ୍ମତ ହୋଇନାହାନ୍ତି । ସମଗ୍ର ଭାରତର ରେଳ ପ୍ରଶାସନକୁ ୯ଟି କେନ୍ଦ୍ରୀୟ ଜୋନ୍‌ରେ ବିଭକ୍ତ କରାଯାଇଛି । ସେଥିରୁ ଦକ୍ଷିଣ-ପୂର୍ବ ରେଳପଥ ଅନ୍ୟତମ । ସମଗ୍ର ଦକ୍ଷିଣ-ପୂର୍ବ ରେଳପଥ ଓଡ଼ିଶା, ଆନ୍ଧ୍ର, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଦେଇ ବ୍ୟାପ୍ତ ହୋଇଥିଲେ ମଧ୍ୟ କେବଳ ଓଡ଼ିଶାରେ ହିଁ ତା'ର ଏକ ତୃତୀୟାଂଶ ରେଳପଥ ରହିଛି । ଏଭଳି ଦୀର୍ଘ ରେଳପଥ ଅନ୍ୟ କୌଣସି ପ୍ରଦେଶରେ ଦକ୍ଷିଣ-ପୂର୍ବ ରେଳ ଜୋନ୍‌ରେ ମଧ୍ୟ ନାହିଁ । ଅନୁନ୍ନତ ରାଜ୍ୟ ଓଡ଼ିଶାର ଏକ ବହୁ ଦିନର ଦାବୀ ହେଉଛି ଏହାର ମୁଖ୍ୟ କାର୍ଯ୍ୟାଳୟ କଲିକତାରେ ରଖାନଯାଇ ଓଡ଼ିଶାକୁ ସ୍ଥାନାନ୍ତର କରାଯାଉ । ଏଥିପାଇଁ ବହୁବାର ରାଜ୍ୟ ବିଧାନସଭାରେ ଓ ଲୋକସଭାରେ ଆମ ପ୍ରତିନିଧିମାନେ ବହୁ କଥା କହିଛନ୍ତି, କିନ୍ତୁ ସଫଳ ହେବାର କିଛିତ ଆଶା ଏ ଯାବତ୍ ଥିଲା ଭଳି ମନେ ହେଉନି । ସେଇଭଳି ନିର୍ମାଣାଧୀନ ସମ୍ବଲପୁର ରେଳ ଡିଭିଜନ୍ ନିର୍ମାଣ ସମ୍ପର୍କରେ ମନ୍ତବ୍ୟ "ମନ୍ଥର ନୁହେଁ ସତରେ" ଏ କଥାକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ.......କିନ୍ତୁ ଭଲ କାର୍ଯ୍ୟ ଏହା ବିଳମ୍ବରେ ହେବା ସ୍ୱାଭାବିକ । ଯେତେ ଶୀଘ୍ର ରୂପାୟିତ ହେବ ସମସ୍ତଙ୍କ ପାଇଁ ଏହା ସେତେ ମଙ୍ଗଳଦାୟକ ହେବ ।

---

ବାଣିଜ୍ୟ ବିଭାଗ,
ଜଟଣୀ କଲେଜ,
ଜଟଣୀ, ପୁରୀ ।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ ?
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?
—ଉତ୍କଳ ଗୌରବ ମଧୁସୂଦନ ଦାସ

# ଗଞ୍ଜାମରେ ମୁକ୍ତି ସଂଗ୍ରାମ

● ପ୍ରଫେସର ପ୍ରହଲ୍ଲାଦ ପଣ୍ଡା

ସିପାହୀ ବିଦ୍ରୋହର ବହୁ ପୂର୍ବରୁ ଓଡ଼ିଶାରେ ଓ ବିଶେଷ କରି ଗଞ୍ଜାମ ଜିଲ୍ଲାରେ ବୈଦେଶିକ ଶାସନର ସମ୍ପ୍ରସାରଣ ବିରୁଦ୍ଧରେ ଯେଉଁ ଭୟାନକ ବିଦ୍ରୋହ ମୁଣ୍ଡ ଟେକିଥିଲା ପାରଳା, ଘୁମୁସର, ମହୁରୀ, ସୁରଙ୍ଗୀ, ଖଲ୍ଲିକୋଟ ପ୍ରଭୃତି ରାଜ୍ୟର ଦେଶପ୍ରେମୀ ଜନତା ସେଥିରେ ଆତ୍ମାହୁତି କରିଥିଲେ। ଫରାସୀ ଜେନେରାଲ ଡି଼ ବୁସୀଙ୍କର ଖଜଣା ନୀତି ବିରୁଦ୍ଧରେ ପାରଳାର ଶାସକ ନାରାୟଣ ଗଜପତି ସର୍ବପ୍ରଥମ ଜନଜାଗରଣ ସୃଷ୍ଟି କଲେ। ପାରଳା ଓ ଘୁମୁସରରେ ବହୁ ସଂଖ୍ୟକ ସେନା ନିହତ ହେବା ଦେଖି ଡି଼ ବୁସୀ ବିସ୍ମୟାଭିଭୂତ ହୋଇପଡ଼ିଥିଲେ। ୟୁରୋପୀୟ ସମ୍ପ୍ରସାରଣ ବିରୁଦ୍ଧରେ ତାହା ହିଁ ଥିଲା ଓଡ଼ିଶାର ସର୍ବପ୍ରଥମ ସଂଗ୍ରାମ। ୧୭୬୬ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରେରିତ କାଟସ୍‌ଫୋର୍ଡଙ୍କ କର୍ତ୍ତୃତ୍ୱକୁ ନାରାୟଣ ଦେବ ଅସ୍ୱୀକାର କରିବା ଫଳରେ ଯେଉଁ ଗରିଲା ସଂଗ୍ରାମ ଆରମ୍ଭ ହେଲା ତାହା ୧୮୩୪ ସାଲ ପର୍ଯ୍ୟନ୍ତ ଚାଲୁ ରହି ଦେଶର ଦୀର୍ଘତମ ବିଦ୍ରୋହ ଭାବରେ ଇତିହାସରେ ଲିପିବଦ୍ଧ ରହିଲା। ପିଚ୍, ବଣ୍ଡନାଲ୍, ଟ୍ୟୁରିଂ, ବ୍ରୁସ୍, ମୁଆଟ୍, ଫଦେରିଂହମ୍, ସ୍ନଡସନ୍, ଭିଗର୍ସ ପ୍ରଭୃତି ବ୍ରିଟିଶ୍ ସେନାପତିମାନେ ପାରଳା ବିଦ୍ରୋହକୁ ଦମନ କରିବା ଲାଗି ପ୍ରେରିତ ହୋଇ ଅକୃତକାର୍ଯ୍ୟ ହୋଇଥିଲେ। ମହାନ୍ ବିପ୍ଳବୀ ଜଗନ୍ନାଥ ଗଜପତି କଲେକ୍ଟର ଘଟ୍‌କର ସେନା ବାହିନୀକୁ ବହୁ ସ୍ଥାନରେ ବିବ୍ରତ କରି ବିଦ୍ରୋହର ସ୍ରଷ୍ଟାକୁ ଅତ୍ୟନ୍ତ ପ୍ରଶସ୍ତ କରି ଦେଇଥିଲେ। ତାଙ୍କ ସହଯୋଗୀ ପାଇକ ସର୍ଦ୍ଦାର ଲକ୍ଷ୍ମୀ ନୃସିଂହ ପାତ୍ର ବ୍ରିଟିଶ୍ ସେନାପତି ସ୍ନଡସନଙ୍କୁ ବନ୍ଦୀ କରି ଅପୂର୍ବ ସାହସ ପ୍ରଦର୍ଶନ କରିଥିଲେ। ବ୍ରିଟିଶ୍ ସେନାମାନଙ୍କର ଆକ୍ରମଣ ତୀବ୍ର ହେଲା ପରେ ବିପ୍ଳବୀ ଜଗନ୍ନାଥ ଗଜପତି ରାଜ୍ୟ ଛାଡ଼ି ଜଙ୍ଗଲକୁ ପଳାୟନ କଲେ ଏବଂ ସୋରଡ଼ାଠାରେ ତାଙ୍କୁ ଧରାଯାଇ ୧୮୦୪ ସାଲରେ ମସଲିପଟମ୍ ଦୁର୍ଗକୁ ପ୍ରେରଣ କରାଗଲା। କିନ୍ତୁ ବନ୍ଦୀ ହେଲା ପର୍ଯ୍ୟନ୍ତ ସେ ଅସୀମ ସାହସ ପ୍ରଦର୍ଶନ କରିଥିଲେ। ସ୍ନଡସନଙ୍କୁ ମୁକ୍ତ କରିବା ଲାଗି କଲେକ୍ଟର ଘଟ୍‌କର ଏକ ପତ୍ରର ଉତ୍ତରରେ ସେ ଲେଖିଥିଲେ, "I came here to defend the right of my house and not otherwise ......... my brother and four persons are kept at Masalipatnam fort, I demand that they be liberated. If you do not let them go, I have got a gentleman in return and have kept up a hill. and we are in search of three gentlemen more." ଜଗନ୍ନାଥ ଦେବଙ୍କ ଉତ୍ତରରେ ଦେଶ ପ୍ରେମର ପ୍ରଚ୍ଛନ୍ନ ଇଙ୍ଗିତ ପରିସ୍ଫୁଟ ହୋଇଥିଲା। ଦେଶ ପ୍ରେମ ହିଁ ପାରଳାର ବିଦ୍ରୋହୀମାନଙ୍କର ମନୋବଳକୁ ଦୃଢ଼ କରିଥିଲା।

ପାରଳା ବିଦ୍ରୋହର ଶେଷ ପର୍ଯ୍ୟାୟ ୧୮୩୧ ସାଲରେ ଆରମ୍ଭ ହେଲା। ଗୁମ୍ମା ଦୁର୍ଗର ରକ୍ଷକ ଓ ବିଶୋଇ ବାହିନୀର ସେନାପତି ବିପ୍ଳବୀ କୃଷ୍ଣଚନ୍ଦ୍ର ବିଶୋଇଙ୍କ ରଣ କୌଶଳ ଥିଲା ଅଦ୍ୱିତୀୟ। ୧୭୯୮ ସାଲଠାରୁ ବିଭିନ୍ନ ଗିରି କନ୍ଦରରେ ୫,୦୦୦ ପାଇକଙ୍କୁ ସଙ୍ଗଠିତ କରି ସେ କମ୍ପାନୀ ସେନାଙ୍କର ପ୍ରତିରୋଧ କରି ଆସୁଥିଲେ। ଏହି ସଂଗ୍ରାମରେ ତାଙ୍କର ପ୍ରଧାନ ସହାୟକ ଥିଲେ ନରସିଂହ ଦଣ୍ଡସେନା ଓ ପହୀ ହାରାମଣି। ଏମାନେ କମ୍ପାନୀ ସେନାପତି କିଟିଂ (Keatings)ଙ୍କର ଯୁଦ୍ଧ ସରଞ୍ଜାମ ଛଡ଼ାଇ ନେଇ ଓ ୬୦ ଜଣ ସିପାହୀଙ୍କୁ ନିରସ୍ତ୍ର କରି ଯେଉଁ ଭୟାନକ ପରିସ୍ଥିତି ସୃଷ୍ଟି କଲେ ତାର ପ୍ରତିକାର ଲାଗି ପରିଶେଷରେ ଶ୍ରୀ ରସେଲଙ୍କୁ ପ୍ରେରଣ କରାଗଲା। ପାରଳା ବିପ୍ଳବର ଶେଷ ପର୍ଯ୍ୟାୟରେ ବିପ୍ଳବୀ କୃଷ୍ଣଚନ୍ଦ୍ର, ଗୋଡ଼େପାତ୍ର, ମୋହିନୀଙ୍କ ଓ ଚନ୍ଦ୍ରାଙ୍କୁ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ। ଘନ ଜଙ୍ଗଲ ମଧ୍ୟରେ କୃଷ୍ଣଚନ୍ଦ୍ର ମୃତ୍ୟୁବରଣ କରିବା ଫଳରେ ବିପ୍ଳବିଣୀ ହାରାମଣି ଗୁମ୍ମା ଦୁର୍ଗକୁ ୧୮୩୪ ସାଲ ପର୍ଯ୍ୟନ୍ତ ସୁରକ୍ଷିତ କରି ବ୍ରିଟିଶ୍ ସେନାଙ୍କ ନିରାପତ୍ତା ବିପନ୍ନ କଲେ। କିନ୍ତୁ ସେହି ବର୍ଷ ଏହି ମହାନ ବିପ୍ଳବିଣୀ ରସେଲ୍‌ର ଗୁଳିରେ ପ୍ରାଣ ବିସର୍ଜନ କଲାପରେ ପାରଳା ବିଦ୍ରୋହର ଅବସାନ ଘଟିଲା।

ତିନୋଟି ପର୍ଯ୍ୟାୟରେ ସଙ୍ଗଠିତ ହୋଇଥିବା ଘୁମୁସର ବିଦ୍ରୋହର ସେନାପତି ଥିଲେ ଶ୍ରୀକର ଭଞ୍ଜ, ଧନଞ୍ଜୟ ଭଞ୍ଜ, ଦୋରା ବିଶୋଇ ଓ ଚକ୍ରଧର ବିଶୋଇ। ସେମାନଙ୍କର ପ୍ରଧାନ

ସଂଗ୍ରାମୀ ଥିଲେ ବାହୁବଳେନ୍ଦ୍ର, ସଂଗ୍ରାମ ସିଂହ, ବଳିସ୍ୱାର ସିଂହ, କୁଞ୍ଜ ରାୟ, ବୃନ୍ଦାବନ ଭଞ୍ଜ, ଶଙ୍କ ବିଶୋଇ, ପୁନିଆ ନାୟକ ଓ ପ୍ରଭୃତି ମଣିଷ। ଏମାନେ ବିପ୍ଳବର ହୋମ ଶିଖାରେ ଆହୂତି ଦେଇ ଝାସ ଦେଇ ବୈଦେଶିକମାନଙ୍କୁ ପଦେ ପଦେ ବିବ୍ରତ କରିଦେଇଥିଲେ। ବିପ୍ଳବର ପ୍ରଥମ ପର୍ଯ୍ୟାୟରେ ହତାଶ ମନୋଭାବ ବର୍ଣ୍ଣନା କରି ବ୍ରିଟିଶ୍ ପ୍ରଶାସକ ରସେଲ୍ ଲେଖିଥିଲେ, "Day by day the troops were employed with excessive toil and fatigue, cutting down the trees and endeavouring to make their way through the forest. The whole district is ......... subject to strokes of sun by which seven Europeans were in one day killed ......... having lost thirty Europeans and a much greater number of Sepoys in the little progress which the Army had made. The accomodation was concluded in the middle of April, 1758.'' କୃଷ୍ଣ ଭଞ୍ଜ, ଲକ୍ଷ୍ମଣ ଭଞ୍ଜ, ହିମ୍ମତ ଭଞ୍ଜ ଶ୍ରୀକର ଭଞ୍ଜଙ୍କ ପୂର୍ବରୁ ଘୁମୁସରରେ ବିପ୍ଳବର ଅଗ୍ନି ଜାଳି ଦେଇଥିଲେ। କିନ୍ତୁ ଶ୍ରୀକର ଭଞ୍ଜଙ୍କ ସହଯୋଗରେ କନ୍ଧ ବାହିନୀ ପ୍ରେରିତ ହେବା ପରେ ନୟାଗଡ଼, ଦଶପଲ୍ଲା, ବାଣପୁର ଓ ଖୋର୍ଦ୍ଧାରେ ବିପ୍ଳବ ତେଜି ଉଠିଥିଲା। ୧୭୬୮ ସାଲରେ ଯେଉଁ ଘୁମୁସରର ବିପ୍ଳବର ସୂତ୍ରପାତ ହେଲା ୧୮୫୫–୫୬ ପର୍ଯ୍ୟନ୍ତ ତାହା ଲାଗି ରହିଥିଲା।

•

ପାରଳା ଓ ଘୁମୁସରର ବିଦ୍ରୋହ ଆରମ୍ଭ ହେବା ପରେ ବ୍ରିଟିଶ୍ ସେନାମାନେ ଦେଢ଼ିସିଙ୍ଗି, ବିଜୟନଗର (ଖେମୁଣ୍ଡି) ଓ ମହୁରୀରେ ପ୍ରତିରୋଧର ସମ୍ମୁଖୀନ ହେଲେ। ବିଜୟନଗରର ମଣିଦେଓ ଓ ସାନଖେମୁଣ୍ଡିର ଜଗନ୍ନାଥ ଦେବ କେରାଣ୍ଡିମାଳ ଅଞ୍ଚଳରେ ଶ୍ରୀକର ଭଞ୍ଜଙ୍କ ସହ ଯୋଗସୂତ୍ର ରକ୍ଷା କରିଥିଲେ। ଶେରଗଡ଼ ରାଜାଙ୍କ ନେତୃତ୍ୱରେ ଦେଢ଼ିସିଙ୍ଗି ଅନ୍ତର୍ଗତ ଗୁରୋଣ୍ଟିଯାକ ରାଜ୍ୟର ସେନା ଅଭିନବ ଭାବରେ ବ୍ରିଟିଶ୍ ସେନାଙ୍କୁ ଆକ୍ରମଣ କରିଥିଲେ କିନ୍ତୁ ରାଜାଙ୍କ କପାଳରେ ଶତ୍ରୁ ସେନାଙ୍କର ଗୁଳି ବାଜିବା ପରେ ପାଇକମାନେ ପଳାୟନ କରିଥିଲେ। ମହୁରୀ ରାଣୀ ପାଇକ୍ଲା ଜେମା, ସାନଦେଓ, ଲକ୍ଷ୍ମଣ ବିଶୋଇ ଓ ସୁରସିଂହ ମାଣ୍ଡା ବ୍ରିଟିଶ୍ ବାହିନୀକୁ ଆଠବର୍ଷ ଅଷ୍ଟବ୍ୟସ୍ତ କରି ପକାଇ ଥିଲେ। ତତ୍‌ପରେ ବ୍ରିଟିଶ୍ ସେନାମାନେ ଆଠଗଡ଼ ଓ ଖଲ୍ଲିକୋଟରେ ପ୍ରତିରୋଧର ସମ୍ମୁଖୀନ ହେଲେ। ଖଲ୍ଲିକୋଟ ଅବରୋଧ ବେଳେ ଇଂରେଜମାନଙ୍କର ୭୪ ଜଣ ସେନା ପ୍ରାଣ ହରାଇଥିଲେ।

ବିଦ୍ରୋହ ଯୁଗର ଅବସାନ ବେଳକୁ ଗଞ୍ଜାମରେ ସର୍ବଂସ ଭାଷା ଓ ଦେଶ ମିଶ୍ରଣ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଓଡ଼ିଆ ଭାଷାକୁ ଉଚ୍ଛେଦରୁ ରକ୍ଷା କରିବା ପାଇଁ ବ୍ରହ୍ମପୁରର ହିତବାଦିନୀ ଓ ପାରଳାର ହିତୈଷିଣୀ ସମାଜ ଜାତୀୟ କଂଗ୍ରେସ ଅଧିବେଶନକୁ ପ୍ରତିନିଧି ପ୍ରେରଣ କରିବା ସଙ୍ଗେ ସଙ୍ଗେ ୧୮୭୦ ସାଲରେ ଐତିହାସିକ ରସୁଲ୍‌କୋଣ୍ଡା ଅଧିବେଶନର ଆୟୋଜନ କରିଥିଲେ। ସେ ସବୁର ପ୍ରଧାନ ଉଦ୍ୟୋକ୍ତା ଥିଲେ ଗୌରଚନ୍ଦ୍ର ଗଜପତି, ପଦ୍ମନାଭ ଗଜପତି, ଶ୍ୟାମସୁନ୍ଦର ରାଜଗୁରୁ, ଓ୍ୱିଲିୟମ୍ ମହାନ୍ତି ଓ ଡାନିଏଲ୍ ମହାନ୍ତି। ଗଞ୍ଜାମର ଦେଶପ୍ରେମୀ ଶ୍ରୀବତ୍ସ ପଣ୍ଡା, ହରିହର ପଣ୍ଡା, ନିରଞ୍ଜନ ପଟ୍ଟନାୟକ, ଦିବାକର ପଟ୍ଟନାୟକ, ଶଶିଭୂଷଣ ରଥ, ବିଶ୍ୱନାଥ ଦାସ, ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ କଂଗ୍ରେସ ନେତାମାନେ ମୁକ୍ତି ସଂଗ୍ରାମ ଓ ଦେଶ ମିଶ୍ରଣ ଆନ୍ଦୋଳନ ମଧ୍ୟରେ ଯୋଗସୂତ୍ର ରକ୍ଷା କରି ଏକ ମହାନ୍ ରାଷ୍ଟ୍ରୀୟ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ସଂଗ୍ରାମୀ ଲିଙ୍ଗରାଜ ପାଣିଗ୍ରାହୀ ଶ୍ରୀମତୀ ଆନିବେଶାନ୍ତଙ୍କ ସେକ୍ରେଟାରୀ ଭାବରେ ଦାୟିତ୍ୱ ବହନ କରିଥିଲେ। ୧୯୨୧ ସାଲରେ ଗାନ୍ଧିଜୀଙ୍କ ଗଞ୍ଜାମ ପରିଦର୍ଶନ ବେଳେ ଅଭୂତପୂର୍ବ ଜାତୀୟ ଜାଗରଣର ସୂତ୍ରପାତ ହେଲା। ସେହି ବର୍ଷ ମାର୍ଚ୍ଚ ମାସ ୧୦ ତାରିଖରେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଥାଇ ମଧ୍ୟ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ଗଠନ କରି ଗଞ୍ଜାମବାସୀ ଏକ ବୈପ୍ଳବିକ ପଦକ୍ଷେପ ନେଇଥିଲେ। ତାର ତିନିବର୍ଷ ପରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହୋଇଥିଲା। ୧୯୨୧ ସାଲର ଆନ୍ଦୋଳନରେ ଭି. ଭି. ଗିରି ଅତ୍ୟନ୍ତ ସକ୍ରିୟ ଅଂଶ ଗ୍ରହଣ କରି ଜେଲ୍ ବରଣ କରିଥିଲେ ଏବଂ ଅନ୍ୟାୟର ପ୍ରତିବାଦରେ ଜେଲ୍ ଭିତରେ ଆମରଣ ଅନଶନ ଆରମ୍ଭ କରିଥିଲେ। ଡବ୍‌ଲିନ୍ ସହରରେ ଅଧ୍ୟୟନ ବେଳେ ସେ ଆଇରିଶ୍ ଆନ୍ଦୋଳନର ଗୁରୁତ୍ୱ ବେଶ୍ ହୃଦୟଙ୍ଗମ କରିଥିଲେ। ଭି. ଭି. ଗିରି ଶ୍ରମିକ ସଙ୍ଗଠନ ପ୍ରତି ଧ୍ୟାନ ଦେଲାବେଳେ ବିଶ୍ୱନାଥ ଦାସ କୃଷକ ସଙ୍ଗଠନରେ ନିଜକୁ ନିୟୋଜିତ କରିଥିଲେ। ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ବିଶ୍ୱନାଥ ଦାସଙ୍କ ସଭାପତିତ୍ୱରେ ଏକ ଶୃଙ୍ଖଳିତ କୃଷକ ସଂସ୍ଥା ଜନ୍ମଲାଭ କଲା। ତାର ସମ୍ପାଦକ ଥିଲେ ଭି. ଭି. ଗିରି। ଓଡ଼ିଶାର ବିଦ୍ୟାସାଗର ରୂପେ ପରିଚିତ ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଇଂରେଜମାନଙ୍କର ଶୋଷଣ ବିରୁଦ୍ଧରେ ଅତିଷ୍ଠ ହୋଇ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ସଙ୍ଗେ ସଙ୍ଗେ ସାହିତ୍ୟ ଓ ସଙ୍ଗଠନଗୁଡ଼ିକୁ ଜାତୀୟତାବାଦୀ ରୂପ ଦେବା ଲାଗି ଅଗ୍ରସର ହେଲେ ଓ ନିଜେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ପ୍ରଥମ ସଭାପତି ରହି ସ୍ୱରାଜ୍ୟ ପାର୍ଟିକୁ ମଜବୁତ୍ କରିଥିଲେ। କୃପାସିନ୍ଧୁ ପଣ୍ଡା, ନିରଞ୍ଜନ ପଟ୍ଟନାୟକ ଓ ଜୟମଙ୍ଗଳ ରଥଙ୍କ ଆନ୍ତରିକ ପ୍ରଚେଷ୍ଟାରେ ହରିଜନ ଆନ୍ଦୋଳନ ଓ ଚରଖା ଆନ୍ଦୋଳନ ସକ୍ରିୟ ହୋଇ ଉଠିଥିଲା। ବ୍ରହ୍ମପୁରର ଏକ ଜନସଭାରେ ଦୟାନିଧି ମିଶ୍ର ଗାନ୍ଧିଜୀଙ୍କ ସମ୍ମୁଖରେ ସରକାରୀ ପଦବୀରୁ ଇସ୍ତଫା ଘୋଷଣା କରି ମୁକ୍ତି ଆନ୍ଦୋଳନରେ ଝାସ ଦେଇଥିଲେ।

୧୯୨୭ ସାଲରେ ଗାନ୍ଧୀଜୀଙ୍କ ଗସ୍ତ ବେଳେ ସମଗ୍ର ଗଞ୍ଜାମରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଏବଂ ଏହି ସମୟରେ ମୁକ୍ତି ଆନ୍ଦୋଳନର ବାର୍ତ୍ତା ପୁରପଲ୍ଲୀରେ ପ୍ରସ୍ତାରିତ ହେଲା। ବ୍ରହ୍ମପୁରରେ ପଦାର୍ପଣ ପରେ ଗାନ୍ଧିଜୀ ମଧୁସୂଦନ ପାଣିଗ୍ରାହୀଙ୍କ ବାସଭବନରେ ଅତିଥି ଭାବରେ ରହିଥିଲେ ଏବଂ

ବାରବେସ୍ ମଇଦାନରେ ବାଳକୃଷ୍ଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଷଣ ଦେଇଥିଲେ । ୧୯୨୮ ସାଲରେ କଲିକତା ସର୍ବଦଳୀୟ ବୈଠକରେ ଯୋଗ ଦେବା ଲାଗି ଓଡ଼ିଶାରେ ଯେଉଁ ପ୍ରାଦେଶିକ କମିଟି ଗଠିତ ହେଲା ସେଥିରେ ଗଞ୍ଜାମର ପ୍ରତିନିଧି ଭାବରେ ବିଶ୍ୱନାଥ ଦାସ, ନିରଞ୍ଜନ ପଟ୍ଟନାୟକ ଓ ଲିଙ୍ଗରାଜ ପାଣିଗ୍ରାହୀ ସ୍ଥାନ ପାଇଥିଲେ । ୧୯୩୦ ସାଲରେ ସୁଗଡା ଓ ହୁମାଠାରେ ଲବଣ ସତ୍ୟାଗ୍ରହୀମାନଙ୍କର ଆନ୍ଦୋଳନ, ନେତାଜୀଙ୍କ ଅନ୍ତର୍ଦ୍ଧାନ ପରେ ସଙ୍ଗଠିତ ଜାତୀୟତାବୋଧ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଜନିତ ବିପ୍ଳବ ଗଞ୍ଜାମର ପୁରପଲ୍ଲୀକୁ ପରିବ୍ୟାପ୍ତ ହୋଇ ଯାଇଥିଲା । ନେତାଜୀଙ୍କ ଦ୍ୱାରା ଆଣ୍ଡାମାନ୍ ଓ ନିକୋବର ଦ୍ୱୀପକୁ ବ୍ରିଟିଶ୍ କବଳରୁ ମୁକ୍ତ କରି ଶହୀଦ ଓ ସ୍ୱରାଜ୍ୟ ଦ୍ୱୀପ ନାମରେ ନାମିତ କରିବା ଓ ଆଜାଦ୍ ହିନ୍ଦ୍ ବାହିନୀର ଯୁଦ୍ଧ ଘୋଷଣା ପରେ ପାଲୁରଠାରେ ଏହି ବାହିନୀର ଅବତରଣ ଲାଗି ସଂଗ୍ରାମୀମାନେ ପ୍ରସ୍ତୁତ ହେଲେ ଓ ବହୁ ସଂଖ୍ୟକ ଗଞ୍ଜାମବାସୀ ଏହି ବାହିନୀରେ ଯୋଗଦାନ କଲେ । ଫଳରେ ବହୁ ସଂଗ୍ରାମୀ ତଥା ସଙ୍ଗଠକଙ୍କୁ ବ୍ରିଟିଶ୍ ପୋଲିସ୍ ଗିରଫ କରି ନେଇଥିଲେ ।

ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ କରି ଓ ବ୍ୟକ୍ତିଗତ ସତ୍ୟାଗ୍ରହର ବାର୍ତ୍ତାକୁ ସାରା କୋରାପୁଟ ଜିଲ୍ଲାରେ ପ୍ରସ୍ତୁତ କରି ଯେଉଁ ଶହୀଦ ଲକ୍ଷ୍ମଣ ମାଥିଲିଠାରେ ବିରାଟ ଶୋଭାଯାତ୍ରା ଆୟୋଜନ କଲେ, ତାଙ୍କରି ନାମରେ ମିଥ୍ୟା ମକଦ୍ଦମା ଦାୟର କରାଗଲା ଏବଂ ହତ୍ୟା ଅପରାଧରେ ବ୍ରହ୍ମପୁର ଜେଲରେ ୧୯୪୩ ସାଲ ମାର୍ଚ୍ଚ ୨୯ ତାରିଖରେ ସେ ଫାଶୀ ଖୁଣ୍ଟରେ ଝୁଲିଲେ। ଲକ୍ଷ୍ମଣଙ୍କୁ ଫାଶୀ ମୁକ୍ତ କରିବା ପାଇଁ ଏହି ସମୟରେ ବ୍ରହ୍ମପୁର ମୁଖର ହୋଇ ଉଠିଥିଲା । ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଦେଶ ମିଶ୍ରଣ ଆନ୍ଦୋଳନ ବେଳେ ଯେପରି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଜାତୀୟ ମୁକ୍ତି ସଂଗ୍ରାମରେ ପୁତ୍ର ବିଜୟାନନ୍ଦଙ୍କର ଭୂମିକା ସେଭଳି ସକ୍ରିୟ ଥିଲା । ଯୁବକ ବେଳେ ବ୍ରିଟିଶ୍ ଶାସନର ବିରୋଧ କରିଥିବାରୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ବିଜୟାନନ୍ଦ ଯୁବଶକ୍ତିର ପ୍ରତୀକ ଭାବରେ ସମ୍ମାନିତ ହୋଇଥିଲେ । ଏହିପରି ଭାରତର ମୁକ୍ତି ସଂଗ୍ରାମର ଇତିହାସରେ ଗଞ୍ଜାମବାସୀ ଏକ ଉଲ୍ଲେଖଯୋଗ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ରାଜଭବନଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ କସ୍ତୁରୀ ଚରଣ ଦ୍ୱିବେଦୀଙ୍କର ଜୀବନ ଉପରେ ଆଧାରିତ ପୁସ୍ତକ ଉନ୍ମୋଚନ କରୁଛନ୍ତି । ଅରୁଣାଚଳ ପ୍ରଦେଶର ରାଜ୍ୟପାଳ ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉପସ୍ଥିତ ଅଛନ୍ତି (୦୩/୭) ।

# ସ୍ୱାଧୀନତାର ଜନ୍ମ ମୁହୂର୍ତ୍ତ

● ଯଶୋବନ୍ତ ନାରାୟଣ ଧର

ସେଦିନ ଥିଲା ଅଗଷ୍ଟ ୧୫ ତାରିଖ, ୧୯୪୭ ମସିହା, ସମ୍ବାଦ ପତ୍ରଗୁଡ଼ିକର ପ୍ରଥମ ପୃଷ୍ଠାରେ ଭାରତର ସ୍ୱାଧୀନତା ଲାଭ ସମ୍ବାଦ ହିଁ ମୁଖ୍ୟ ସ୍ଥାନ ଗ୍ରହଣ କରିଥିଲା । ବମ୍ବେରୁ ପ୍ରକାଶିତ Times of India ପୃଷ୍ଠାରୁ ସେଦିନର ରାଜନୈତିକ ଓ ସାମାଜିକ ଅବସ୍ଥାର ଚିତ୍ର ମିଳିଥାଏ ।

ଅଗଷ୍ଟ ୧୫ ତାରିଖ Times of India, No. 195, Vol. CIX, Special Supplement ର ମୂଲ୍ୟ ଥିଲା ଦୁଇଅଣା ମାତ୍ର, ଏହାର ରେଜିଷ୍ଟାର୍ଡ଼ ନମ୍ବର B III ପ୍ରଥମ ପୃଷ୍ଠାର ଉପର ପ୍ୟାନେଲ୍‌ର ଗୋଟିଏ ପଟେ କାର୍ପେଟ ଓ ଅନ୍ୟପଟେ ଲହରୀ ଚଷମା ତଥା ପୃଷ୍ଠାର ତଳ ଅଂଶରେ ଡାକ୍ତରୀ ଓ ସିନେମାର ମାମୁଲି ବିଜ୍ଞାପନ ରହିଥିଲେ ହେଁ ସମଗ୍ର ଖବର କାଗଜଟି ଥିଲା ଏକ ସ୍ମରଣୀୟ ଏବଂ ସଂଗ୍ରହଣୀୟ ସଂଖ୍ୟା ।

'ଟାଇମସ୍ ଅଫ୍ ଇଣ୍ଡିଆ'ର ସେଦିନର ପ୍ରଥମ ପୃଷ୍ଠାର ସମଗ୍ର ଆଠ କଲମ ବ୍ୟାପୀ ଶିରୋନାମା ଥିଲା''BIRTH OF INDIA'S FREEDOM'' ଏହି ହେଡ୍ ଲାଇନ୍ ତଳେ ପ୍ରଥମ ସ୍ତମ୍ଭର ଶୀର୍ଷରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଫଟୋ ଦିଆ ଯାଇଥିଲା । ତା'ରି ତଳେ NEW CABINET OF INDIA (ଭାରତର ନୂତନ କ୍ୟାବିନେଟ୍) ଶୀର୍ଷକ ଏବଂ ଚଉଦ ଜଣ ସଦସ୍ୟ–ପଣ୍ଡିତ ନେହେରୁ ପ୍ରଧାନ ମନ୍ତ୍ରୀ ଇଂରାଜୀ ଉପଶୀର୍ଷକ ତଳେ ଭାରତର ପ୍ରଥମ କ୍ୟାବିନେଟ୍‌ର ନାମ ତାଲିକା ପ୍ରକାଶିତ ହୋଇଥିଲା । ନୂଆଦିଲ୍ଲୀ, ଅଗଷ୍ଟ ୧୪ ଡେଟ୍‌ଲାଇନ୍‌ରେ ପ୍ରଥମ ସମ୍ବାଦରେ ଉଲ୍ଲେଖ ଥିଲା ଯେ ଅଗଷ୍ଟ ୧୫ ତାରିଖରୁ କାର୍ଯ୍ୟାସୀନ ହେଉଥିବା ସ୍ୱାଧୀନ ଭାରତର ପ୍ରଥମ କ୍ୟାବିନେଟ୍ ଆଜି ଘୋଷିତ ହୋଇଛି । ସେମାନେ ହେଲେ:

ପଣ୍ଡିତ ଜବାହରଲାଲ୍ ନେହେରୁ–
ପ୍ରଧାନ ମନ୍ତ୍ରୀ, ବୈଦେଶିକ ବ୍ୟାପାର, ରାଜ୍ୟଗୋଷ୍ଠୀ ସମ୍ପର୍କ ଏବଂ ବୈଜ୍ଞାନିକ ଗବେଷଣା ।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ–ଘରୋଇ ବ୍ୟାପାର, ସୂଚନା ଓ ପ୍ରସାରଣ ଏବଂ ରାଜ୍ୟ ବ୍ୟାପାର ।

ଡକ୍ଟର ରାଜେନ୍ଦ୍ର ପ୍ରସାଦ–ଖାଦ୍ୟ ଓ କୃଷି ।

ମୌଲାନା ଆବୁଲ୍ କାଲାମ୍ ଆଜାଦ୍–ଶିକ୍ଷା ।

ଡଃ ଜନ୍ ମାଥାଇ–ରେଳବାଇ ଓ ପରିବହନ ।

ସର୍ଦ୍ଦାର ବଳଦେବ ସିଂ–ପ୍ରତିରକ୍ଷା ।

ଶ୍ରୀ ଜଗଜ୍ଜୀବନ ରାମ–ଶ୍ରମ ।

ଶ୍ରୀ ସିଃ ଏଚ୍ଃ ଭାବା–ବାଣିଜ୍ୟ ।

ଶ୍ରୀ ରଫି ଅହମ୍ମଦ୍ କିଦ୍‌ୱାଇ–ଯୋଗାଯୋଗ ।।

ରାଜକୁମାରୀ ଅମ୍ରିତ୍ କାଉର–ସ୍ୱାସ୍ଥ୍ୟ ।

ଡଃ ବି: ଆରଃ ଆମ୍ବେଦ୍‌କର–ଆଇନ୍ ।

ଶ୍ରୀ ଆରଃ କେଃ ସନ୍ମୁଖମ୍ ଚେଟି–ଅର୍ଥ ।

ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ–ଶିଳ୍ପ ଏବଂ ଯୋଗାଣ ।

ଶ୍ରୀ ଏନ୍ଃ ଭିଃ ଗାଡ୍‌ଗିଲ୍–ପୂର୍ତ୍ତ, ଖଣି ଓ ଶକ୍ତି ।

ପ୍ରଥମ ସ୍ତମ୍ଭର ଏହି ଖବର ତଳେ ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ସ୍ୱାଧୀନତା ଦିବସର ବାର୍ତ୍ତା ସ୍ଥାନ ପାଇଥିଲା । କାବ୍ୟିକ ଭାଷାରେ ସେ ଲେଖିଥିଲେ–

''O, Lovely dawn of freedom that breaks in gold and purple over anicient capital of Prithviraj. O, Splendid Flag of new-born India to be Un-Furled, on the morrow over the Red-Fort of Shahjahan ! We pay you the homage of

our dedicated hearts and hands and pledge our selves to translate in to glorious deeds, the dreams that were our share and inspiration in the long darkness of our bondage"

ଏହି ସମ୍ବାଦର ନିମ୍ନ ଦେଶରେ ମାତ୍ର ପ୍ରଥମ ଓ ଦ୍ୱିତୀୟ ଦୁଇ ସ୍ତମ୍ଭ ବ୍ୟାପୀ ଶିରୋନାମାରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ମିଃ ଆଟ୍‌ଲିଙ୍କର ପଣ୍ଡିତ ନେହେରୁଙ୍କ ଉଦ୍ଦେଶ୍ୟରେ ପ୍ରେରିତ ବାର୍ତ୍ତା ଛାପିତ ହୋଇଥିଲା, ଶୀର୍ଷକ ଥିଲା,

"GoFORWARDIN TRANQUILTTY AND PROSPERITY"

ମୁଖ୍ୟ ସମ୍ବାଦର ଶୀର୍ଷକ ଥିଲା ପାଞ୍ଚ ଧାଡିର । ଏଗୁଡିକ ଯଥାକ୍ରମେ ଥିଲା–

NATION WAKES TO NEW LIFE– Mr. Nehru calls for Big Effort from People– "INCESSANT STRIVING TASK OF FUTURE"– Assembly members Take Solemn Pledge–WILD SCENES OF JUBILATION IN DELHI–

ଏହି ସବୁ ଶୀର୍ଷକ ତଳେ ନୂଆଦିଲ୍ଲୀ, ଅଗଷ୍ଟ ୧୪ ତାରିଖରେ ପ୍ରାପ୍ତ ସମ୍ବାଦର ମର୍ମାନୁବାଦ ହେଉଛି :–

ମଧ୍ୟ ରାତ୍ରିର ପବିତ୍ର ମୁହୂର୍ତ୍ତରେ ସ୍ୱାଧୀନତା ଲାଭ ଐତିହାସିକ ଘଟଣା ଦେଖିବା ପାଇଁ ସାରା ଦିଲ୍ଲୀ ଥିଲା ଜାଗ୍ରତ । କନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲିର ଭିତରେ ଏବଂ ବାହାରେ ଉତ୍ସାହ ଉଦ୍ଦୀପନାର ଅଭୂତପୂର୍ବ ଦୃଶ୍ୟ । ଶଙ୍ଖଧ୍ୱନି ମଧ୍ୟରେ ସ୍ୱାଧୀନତାର ଆବାହନ । ଉନ୍ମାଦିତ ଜନତାଙ୍କ ହର୍ଷଧ୍ୱନିରେ ଗଗନ ପବନ ପ୍ରକମ୍ପିତ ।

ଘଟଣାର ଗୁରୁତ୍ୱ ସହିତ ତାଳ ଦେଇ ପଣ୍ଡିତ ନେହେରୁ ଯେଉଁ ଭାଷଣ ଦେଲେ ତାହା ଥିଲା ମହାର୍ଘ ଏବଂ ଉଚ୍ଚକୋଟୀର ସାହିତ୍ୟର ବହୁମୂଲ୍ୟ ନିଦର୍ଶନ:

Years ago we made a tryst with destiny, he said, and now the time comes when we shall redeem our pledge not wholly or in full measure, but very substantially. At the stroke of midnight hour, when the world sleeps, India will awake to life and Freedom. (ଇତ୍ୟାଦି)

ଏହି ଭାଷଣର ପ୍ରଭାବକୁ ମୁସଲିମ୍ ଲିଗର ଚୌଧୁରୀ କାଲିକ୍ୱାଜ୍ଜମାନ୍ ଓ ଡଃ ଏସ୍ଃ ରାଧାକ୍ରିଷ୍ଣନ୍ ପ୍ରଭୃତି ମଧ୍ୟ ସମର୍ଥନ କରିଥିଲେ । ଏହି ସମ୍ବାଦ ତଳେ ଗୋଟିଏ ଛୋଟିଆ ବକ୍ସ ନି... ପ୍ରକାଶିତ ହୋଇଥିଲା । ତା'ର ଶିରୋନାମା ଥିଲା :

MR. GANDHI TO FAST TO DAY
Also League Leader.

କଲିକତା, ଅଗଷ୍ଟ ୧୪ ଡେଟ୍ ଲାଇନ୍ ଥିବା ଏହି ସମ୍ବାଦ... ମିଷ୍ଟର ଗାନ୍ଧୀ ସ୍ୱାଧୀନତା ପ୍ରାପ୍ତି ଦିନ ୨୪ ଘଣ୍ଟିଆ ଅନଶନ ପାଳ... କରିବେ ବୋଲି ଉଲ୍ଲେଖ ଥିଲା । ଏଥିରେ ଆହୁରି ମ... ଲେଖାଥିଲା ଯେ ବଙ୍ଗର ଅବସର ନେଉଥିବା ମିଃ ଏଚ୍. ଏସ୍... ସୁରାବର୍ଦ୍ଦି ଓ କଲିକତାର ପୂର୍ବତନ ମେୟର ମିଃ ଏସ୍ଃ ଏମ୍ଃ ଉସମା... ଦୁଇଜଣ ମୁସଲିମ୍ ଲିଗ୍ ନେତା ମଧ୍ୟ ମିଃ ଗାନ୍ଧୀଙ୍କ ସହିତ ଅନଶ... କରିବେ ।

ଏହି ସମ୍ବାଦ ତଳେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ପ୍ରକାଶ ପାଇଥି... ଯେ ୧୮୫୭ ମସିହାରୁ ନିରବଚ୍ଛିନ୍ନ ଭାବେ ଉତ୍ତୋଳିତ ହୋଇଥି... ଲକ୍ଷ୍ନୌ ରେସିଡେନ୍‌ସୀର ଏକମାତ୍ର ୟୁନିୟନ୍ ଜ୍ୟାକ୍ ଛଣ୍ଡା... ଅପସାରଣର ୨୪ ଘଣ୍ଟା ପୂର୍ବରୁ କାଢ଼ି ନିଆ ଯାଇଛି । ଏହା... ଇଂରାଜୀ ଶିରୋନାମା ଥିଲା,

UNION JACK HAULED DOWN-
Lucknow Residency

ଏହି ପ୍ରଥମ ପୃଷ୍ଠାର କେନ୍ଦ୍ର ସ୍ତମ୍ଭ ଦୁଇଟିର ଉପର ଅଂଶରେ **STATE VISIT TO KARACHI** ଶୀର୍ଷକରେ ଲର୍ଡ ମାଉଣ୍ଟବ୍ୟାଟେନ୍ ଓ ତାଙ୍କ ପତ୍ନୀଙ୍କ ପାକିସ୍ତାନର କରାଚି ବିମାନ ବନ୍ଦରରେ ସମ୍ବର୍ଦ୍ଧନା ଗ୍ରହଣର ଫଟୋ ଚିତ୍ର ପ୍ରକାଶିତ ହୋଇଥିଲା । ସେହି ଫଟୋ ତଳକୁ ସ୍ୱାଧୀନ ପାକିସ୍ତାନର ଜନ୍ମ ସମ୍ପର୍କରେ ଦୁଇ ସ୍ତମ୍ଭ ଖବର ପ୍ରକାଶିତ ହୋଇଥିଲା । ତାହାର ଶିରୋନାମା ଥିଲା, **LORD MOUNTBATTEN GREETS PAKISTAN** ଏବଂ **Mr. Jinnah Re-Affirus firm freindship with Britain"** କରାଚୀରୁ ପ୍ରାପ୍ତ ଅଗଷ୍ଟ ୧୪ ତାରିଖର ଏଇ ସମ୍ବାଦରେ ଉଲ୍ଲେଖ ଥିଲା "ଆସନ୍ତା କାଲି ଦୁଇଟି ସାର୍ବଭୌମ ରାଷ୍ଟ୍ର ବ୍ରିଟିଶ୍ ରାଜ୍ୟଗୋଷ୍ଠୀରେ ଆସନ ଗ୍ରହଣ କରିବେ । ଏହି ରାଷ୍ଟ୍ର ଦୁଇଟି ସାଧାରଣ ବା ନୂତନ ନୁହନ୍ତି କାରଣ ପରମ୍ପରା ଓ ଐତିହାସିକ ସମ୍ବନ୍ଧ ଏ ଦୁଇରାଷ୍ଟ୍ରର ଅତୀତ" । ଲର୍ଡ ମାଉଣ୍ଟବ୍ୟାଟେନ୍ ଆଜି ସକାଳେ ପାକିସ୍ତାନର କନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲିରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି, ଇତ୍ୟାଦି ।

ଏହି ସମ୍ବାଦର ତଳେ ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କ Earldom ପ୍ରାପ୍ତିର ସମ୍ବାଦ ମଧ୍ୟ ପ୍ରକାଶିତ ହୋଇଥିଲା । ଏହାର ନିମ୍ନ ଦେଶରେ ମିଃ ଲିଆକତ୍ ଅଲୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗଠିତ ପାକିସ୍ତାନର ନୂତନ ମନ୍ତ୍ରୀମଣ୍ଡଳରେ ହୋଇଥିବା ଶେଷ ମୁହୂର୍ତ୍ତ...

...ଦେଶ ପୃଷ୍ଠାରେ ଖବର ପ୍ରକାଶିତ ହୋଇଥିଲା ।

ପ୍ରଥମ ପୃଷ୍ଠାଟି ସାତ ସ୍ତମ୍ଭ ବିଶିଷ୍ଟ (ଆଜିକାଲି ସାଧାରଣତଃ ୮ ସ୍ତମ୍ଭ ବିଶିଷ୍ଟ) ହୋଇଥିବାରୁ ଶେଷ ଦୁଇ ସ୍ତମ୍ଭର ସମ୍ବାଦ ଥିଲା ବମ୍ବେରେ ସ୍ୱାଧୀନତା ଲାଭ ଅବସରରେ ଆନନ୍ଦ ଉନ୍ମାଦନାର ଖବର । ଏହାର ଶୀର୍ଷକ ଥିଲା FRENZIED ENTHUSIASM IN BOMBAY ଏବଂ Crowds in Festive Mood ଏଥିରେ ପ୍ରକାଶିତ ହୋଇଥିଲା ଯେ ୭୪ ବର୍ଷର ପୁରୁଣା ବମ୍ବେ ସିଭିଲ୍ ସେକ୍ରେଟେରିଏଟ୍‌ରେ ମଧ୍ୟରାତ୍ରିରେ ଉତ୍ତୋଳିତ କରାଯାଇଥିଲା ଓ ମଧ୍ୟରାତ୍ର ଉତ୍ସବରେ ଏହି ତ୍ରିରଙ୍ଗପତାକାର ଉତ୍ତୋଳନ କରି ବମ୍ବେର ପ୍ରଧାନମନ୍ତ୍ରୀ ଶ୍ରୀ ବି: ଜି: ଖେର କହିଲେ :

ଏ ଭାରତର ସ୍ୱାଧୀନ ନାଗରୀକ–ତୁମେ ବର୍ତ୍ତମାନ ମୁକ୍ତ ! (ଅନୂଦିତ)

ଏହି ସମ୍ବାଦ ମଝିରେ ବମ୍ବେର ଗଭର୍ଣ୍ଣର ମି: ଜନ୍ କୋଲଭିଲେଙ୍କର ଏକ ଶୁଭେଚ୍ଛା ବାର୍ତ୍ତା ପ୍ରକାଶିତ ହୋଇଥିଲା ।

ଶେଷ ସ୍ତମ୍ଭର ତଳ ଭାଗରେ ଦୁଇଟି କ୍ଷୁଦ୍ର ସମ୍ବାଦରେ ଇନ୍ଦୋର ଓ ଜୟପୁର ମହାରାଜାଙ୍କ ଭାରତରେ ମିଶ୍ରଣ ନିଷ୍ପତ୍ତି ସଂକ୍ରାନ୍ତୀୟ ଖବର ପ୍ରକାଶିତ ହୋଇଥିଲା ।

ଗତକାଲିର ସମ୍ବାଦ ଆଜି ପରିଣତ ହୁଏ ଇତିହାସରେ ମାତ୍ର ସାଧାରଣ ଜନତାର ବିଶ୍ୱରେ ସେହି ସମ୍ବାଦ ସେତିକି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଆବଶ୍ୟକ । ଏହି ଦୃଷ୍ଟିରୁ ସେଦିନର ଟାଇମ୍ସ୍ ଅଫ ଇଣ୍ଡିଆର ଏହି ପ୍ରଥମ ପୃଷ୍ଠାଟି ସ୍ମରଣୀୟ ଓ ଆଜି ଚର୍ଚ୍ଚାର ବିଷୟ ।

---

(*୧୯୮୭ ମସିହା ଅଗଷ୍ଟ ୧୫ ତାରିଖରେ Times of India ପତ୍ରରୁ ୪୦ ବର୍ଷ ତଳର ପ୍ରଥମ ପୃଷ୍ଠାଟି ପୁନଃ ପ୍ରକାଶିତ ହୋଇଥିଲା, ତାହା ଉପରୋକ୍ତର ଫଟୋ କପି ଏହି ଲେଖା ସହିତ ସଂଲଗ୍ନ କରାଗଲା ।)

---

ପ୍ରୋଗ୍ରାମ୍ ଏକ୍ସିକ୍ୟୁଟିଭ୍,
ଆକାଶବାଣୀ,
କଟକ ।



# ଭାରାକ୍ରାନ୍ତ ବସୁନ୍ଧରା

ପୃଥିବୀର ଜନସଂଖ୍ୟା ଯେ ଦିନକୁ ଦିନ ବଢ଼ି ଚାଲିଛି, ଏ କଥା ପ୍ରାୟ ପ୍ରତ୍ୟେକ ଶିକ୍ଷିତ ଲୋକ ଊଣା ଅଧିକେ ଜାଣନ୍ତି । କିନ୍ତୁ ଏହି ଜନସଂଖ୍ୟା କେତେ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ତାହା ବୋଧହୁଏ ଅନେକଙ୍କୁ ଅଗୋଚର ।

୭୦୦ ବର୍ଷ ତଳେ ପୃଥିବୀର ଜନସଂଖ୍ୟା ଥିଲା ମାତ୍ର ୨୫ କୋଟି । ୧୯୦୦ ଖ୍ରୀଷ୍ଟାବ୍ଦ ବେଳକୁ ବିଶ୍ୱ ଜନସଂଖ୍ୟା ୧୫୦ କୋଟିରେ ପହଞ୍ଚିଲା । ଏବେ ପୃଥିବୀର ଲୋକସଂଖ୍ୟା ହେଲାଣି ୫୪୦ କୋଟି ପାଖାପାଖି । ୨୦୦୦ ଖ୍ରୀଷ୍ଟାବ୍ଦ ବେଳକୁ ଏହି ଜନସଂଖ୍ୟା ୬୦୦ କୋଟିକୁ ଟପିଯିବାର ସମ୍ଭାବନା ରହିଛି । ଦିନେ ଜନସଂଖ୍ୟା ଥିଲା ଦେଶ ତଥା ବିଶ୍ୱର ସମ୍ପଦ । ଏବେ ଜନ ବହୁଳତା ସମଗ୍ର ବିଶ୍ୱ ପାଇଁ ଏକ ସର୍ବଗ୍ରାସୀ ସମସ୍ୟା ରୂପେ ଦେଖାଦେଇଛି ।

ଆମ ଦେଶରେ ପ୍ରତି ସେକେଣ୍ଡରେ ଶିଶୁଟିଏ ଜନ୍ମ ଗ୍ରହଣ କରୁଛି । ପ୍ରତିବର୍ଷ ଆମ ଦେଶର ଲୋକସଂଖ୍ୟା ଯେତିକି ବଢୁଛି, ତାହା ଅଷ୍ଟ୍ରେଲିଆ ମହାଦେଶର ମୋଟ ଜନସଂଖ୍ୟା ସହିତ ପ୍ରାୟ ସମାନ । ଜନସଂଖ୍ୟା ଏହି ବେଗରେ ବଢ଼ି ଚାଲିଲେ, ଆମର ଭବିଷ୍ୟତ ଅବସ୍ଥା ଯେ କିଭଳି ଆକାର ଧାରଣ କରିବ, ତାହା ନିମ୍ନୋକ୍ତ ବୈଜ୍ଞାନିକ ପରୀକ୍ଷାର ଫଳାଫଳରୁ ଜଣାପଡ଼େ ।

- ମୂଷାମାନଙ୍କୁ ଏକ ଆବଦ୍ଧ କୋଠରୀରେ ରଖି ଯଥେଷ୍ଟ ପରିମାଣରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେଲେ, ସେମାନଙ୍କର ଅତ୍ୟଧିକ ବଂଶ ବୃଦ୍ଧି ଘଟିଥାଏ । ଫଳରେ, ସେମାନେ ଏପରି ଏକ ଅବସ୍ଥାରେ ପହଞ୍ଚନ୍ତି, ଯେତେବେଳେ କି ସେମାନଙ୍କ ପ୍ରକୃତିରେ ଚରମ ଅସ୍ୱାଭାବିକତା ପ୍ରକାଶ ପାଏ ।
- ମାଛମାନଙ୍କୁ ଏକ ଆବଦ୍ଧ ଜଳରେ ରଖି ଯଥେଷ୍ଟ ପରିମାଣରେ ଖାଦ୍ୟ ଖାଇବାକୁ ଦେଲେ, ସେମାନଙ୍କର ବଂଶ ବୃଦ୍ଧି ହୁଏ, କିନ୍ତୁ ଏହି ବଂଶ ବୃଦ୍ଧି ଏକ ନିର୍ଦ୍ଦିଷ୍ଟ ପରିମାଣକୁ ଟପିଯିବା ପରେ, ସବୁଯାକ ମାଛ ଏକାବେଳକେ ମରିଯାନ୍ତି ।
- ପଶୁପକ୍ଷୀମାନଙ୍କ କ୍ଷେତ୍ରରେ କେତେକ ପରୀକ୍ଷାରୁ ଦେଖାଦେଇଛି ଯେ ଅତ୍ୟଧିକ ବଂଶ ବୃଦ୍ଧି ସେମାନଙ୍କ ସମୂଳ ବଂଶ ନାଶର କାରଣ ହୋଇଥାଏ ।

ଏ ସମସ୍ତ ପରୀକ୍ଷିତ ସତ୍ୟ କ'ଣ ମାନବ ସମାଜ ପାଇଁ ପ୍ରଯୁଜ୍ୟ ନୁହେଁ କି ? ଜନସଂଖ୍ୟା ବୃଦ୍ଧି ଦିନେ ହୁଏତ ମାନବ ସମାଜର ବିନାଶର କାରଣ ହୋଇପାରେ । କିନ୍ତୁ ଏବେ ମଧ୍ୟ ଏହି ଦୁର୍ବିପାକକୁ ଏଡ଼ାଇ ଦେବା ପାଇଁ ସମୟ ରହିଛି ।

ଆସନ୍ତୁ, ଆମେ ସମସ୍ତେ ସଚେତନ ନାଗରିକ ହିସାବରେ ଆମର ଏଇ ଭାରାକ୍ରାନ୍ତ ବସୁନ୍ଧରାର ଗୁରୁଭାର ଲାଘବ କରିବାରେ ସହାୟକ ହେବା । ସମୟ ଥାଉଁ ଥାଉଁ ସେତକ କରିପାରିଲେ, ସେହି ଭାଗବତ ବାଣୀ ସତ୍ୟ ହେବ — "ମଣିଷ ଦେହେ ଭଗବାନ, ଦେଖି ସନ୍ତୋଷ ଭଗବାନ" ।

ରାଜ୍ୟ ସୂଚନା, ଶିକ୍ଷା ଓ ସଞ୍ଚାର କେନ୍ଦ୍ର,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା, ଭୁବନେଶ୍ୱର ।




## ବିଶ୍ୱମ୍ବର ପ୍ରଧାନଙ୍କ ସେଚକୂପ

...ଲପୁର ଜିଲ୍ଲା ଅସାଭୋନା ବ୍ଲକ୍ ଅନ୍ତର୍ଗତ ଅସାଭୋନା ଗ୍ରାମ ...ପାଖରେ ଥିବା ମୌଜା–କୁଶମୁଦା ଗ୍ରାମର କ୍ଷୁଦ୍ର ଚାଷୀ ଯୁବକ ...ଶ୍ୱର ପ୍ରଧାନ ଖୁବ୍ ଗରିବଥିଲା । ସେ କୁଶମୁଦା ପଲ୍ଲୀଶ୍ରୋତା ...ଳୀର ଜଣେ ସଭ୍ୟ । ପଲ୍ଲୀଶ୍ରୋତା ମଣ୍ଡଳୀର ପ୍ରତ୍ୟେକ ...କ୍ରମକୁ ସେ ରେଡ଼ିଓରୁ ଶୁଣେ । ଦିନେ ସେ ଏହି ...କ୍ରମରେ କ୍ଷୁଦ୍ର ଚାଷୀମାନଙ୍କୁ ସରକାରୀ ସାହାଯ୍ୟ ସମ୍ପର୍କରେ ...ଯୋଜନାଟିଏ ଶୁଣିଲା । ଏହା ପରେ ସେ କୂପଟିଏ ପାଇଁ ...କାରୀ ସାହାଯ୍ୟ ପାଇବାକୁ ଇଚ୍ଛା ପ୍ରକାଶ କଲା ଓ ଅସାଭୋନା ...ଅଫିସକୁ ଯାଇ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ମନକଥା ...ହିଲା । ସେ ମହାଶୟ କୂପଟିଏ ପାଇଁ ଯୁବକର ଆଗ୍ରହ ...କ୍ଷୁଦ୍ରଚାଷୀ ଯୋଜନା (SFPP) ରେ ତା' ପାଇଁ କୂପଟିଏ ...କରି ଖୋଳିବାକୁ ଆଦେଶ ଦେଲେ । ୧୯୯୦ ମସିହା ...ଆରୀ ୩୦ ତାରିଖ ଶ୍ରୀପଞ୍ଚମୀ ଦିନ ବିଶ୍ୱମ୍ବର ପ୍ରଧାନ କୂପ ...ବା ଶୁଭାରମ୍ଭ କଲା । ଭାଗ୍ୟକୁ କୂପରୁ ଉଚ୍ଛୁଳି ଉଠିଲା ପାଣି । ୩୦ ଫୁଟ ଗଭୀର ଥିବାରୁ ବି: ଡି: ଓ: ତା କୂପ ...କୁ ଗଲେ ଓ କୂପର ଗଭୀରତା ଓ ପାଣିଧାର ଦେଖି ତାକୁ ... ଦେଲେ । S. F. P. P. ଯୋଜନାରୁ ତାକୁ ସଙ୍ଗେ ...ହଜାର ଟଙ୍କା ସାହାଯ୍ୟ ଦେଲେ । ଜୁନ୍ ତା ୧୫ ରିଖ ...କୂପଟିକୁ ପକ୍କା ବନ୍ଧେଇକରି ସେ ପୁଣି ଦୁଇ ହଜାର ଟଙ୍କା ... ପାଇଲା । ଏହି ପରି ସେ ବ୍ଲକ ତରଫରୁ କୂପ ...ଚାରି ହଜାର ଟଙ୍କାର ସବ୍‌ସିଡ଼ି ପାଇଲା । ଏବେ ସେ ...ସାହାଯ୍ୟରେ ଜଳସେଚନ କରି ବର୍ଷ ସାରା ଅନେକ ...ବା ସୃଷ୍ଟି କରି ତାକୁ ବିକି ଭାଙ୍ଗି ବେଶ୍ ଦି' ପଇସା ...କରିପାରୁଛି । କୂପ କଡ଼େ କଡ଼େ କଦଳୀ ଅମୃତଭଣ୍ଡା, ...ଲମୀ ଆମ୍ବ ପ୍ରଭୃତି ଫଳଗଛ ମଧ୍ୟ ଲଗାଇଛି । କୂପଟି ...ବର୍ତ୍ତମାନ ତା'ର ପରିବାରକୁ ସୁରୁଖୁରୁରେ ଚଳାଉ ...'ର ସଫଳତା ଦେଖି ଆଖପାଖ ଗାଁର ଚାଷୀମାନେ ବି ...ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । କୂପଟି ଗାଁକୁ ଲାଗି ...ପିଇବା ପାଇଁ ଅଧିକାଂଶ ଗ୍ରାମବାସୀ ଏହି କୂପର ପାଣି ବ୍ୟବହାର କରୁଛନ୍ତି । ଏବେ ସେ କୂପରୁ ଜଳସେଚନ ପାଇଁ ବ୍ଲକ ଆନୁକୂଲ୍ୟରେ ପାଣିପମ୍ପଟିଏ କିଣିବା ପାଇଁ ଇଚ୍ଛା ପ୍ରକାଶ କରୁଛି ।

---

ଶ୍ରୀ ଅଲେଖ ପ୍ରଧାନ,
ସଭାପତି, କୁଶମୁଦା ପଲ୍ଲୀଶ୍ରୋତା ମଣ୍ଡଳୀ ।

## ଶିଳ୍ପ ଉନ୍ନୟନ ନିଗମର ଆୟ ବୃଦ୍ଧି

ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଗତ ୧୯୯୦–୯୧ ବର୍ଷରେ ମୋଟ ୧୭୬ କୋଟି ୫୦ ଲକ୍ଷ ଟଙ୍କା ବିକ୍ରୀ କରି ପୂର୍ବବର୍ଷ ତୁଳନାରେ ବିକ୍ରୟ ବାବଦ ଆୟ ଶତକଡ଼ା ୧୬ ଭାଗ ବୃଦ୍ଧି କରିପାରିଛି । ଚଳିତ ୧୯୯୧–୯୨ ବର୍ଷରେ ଏହି ପରିମାଣ ଆହୁରି ବୃଦ୍ଧି ପାଇ ପ୍ରାୟ ୨୫୦ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି ।

ସେହିପରି ଗତବର୍ଷ, ତା' ପୂର୍ବବର୍ଷ ତୁଳନାରେ ଉତ୍ପାଦନ ମୂଲ୍ୟ ମଧ୍ୟ ଶତକଡ଼ା ୧୩ ଭାଗ ବୃଦ୍ଧି ଘଟିଛି । ଚଳିତ ବର୍ଷ ଏହି ପରିମାଣ ୧୮୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୫୦ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି । ପୂର୍ବବର୍ଷ ତୁଳନାରେ ଗତବର୍ଷ ସୁଧ ଓ ଡିପ୍ରିସିଏସନ୍ ବାବଦରେ ନିଗମର ଶତକଡ଼ା ୨୫ ଭାଗ ଅଧିକ ଲାଭ ହୋଇପାରିଛି । ଚଳିତ ବର୍ଷ ଏହି ଲାଭ ପରିମାଣ ଶତକଡ଼ା ୧୦୦ ଭାଗ ବୃଦ୍ଧିପାଇବ ବୋଲି ଅଟକଳ କରାଯାଉଛି ।

ଉକ୍ତ ନିଗମର କେତେକ ଶିଳ୍ପ ସଂସ୍ଥା, ଯଥା–ବଡ଼ବିଲ କଳିଙ୍ଗ ଲୁହା କାରଖାନା, ହୀରାକୁଦ ରି–ରୋଲିଂ ମିଲ୍ ଏବଂ ଯାଜପୁର ରୋଡ୍ ଫେରୋକ୍ରୋମ୍ କାରଖାନାରୁ ଏହି ସମୟ ମଧ୍ୟରେ ଉତ୍ପାଦନ କ୍ଷମତାର ଶତକଡ଼ା ୧୦୦ ଭାଗରୁ ଊର୍ଦ୍ଧ୍ୱ ଉତ୍ପାଦନ ହୋଇପାରିଛି । ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ୱାର୍କସ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟଠାରୁ ପାଉଥିବା କାମ ଚଳିତ ବର୍ଷ ଶତକଡ଼ା ୧୦୦ ଭାଗ ଅଧିକ ପାଇବ ବୋଲି ଆଶା କରାଯାଉଛି । ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ପକ୍ଷରୁ ତିଆରି ଚାଲିଥିବା ଇବ୍ ଉପତ୍ୟକା ତାପଜ ବିଦ୍ୟୁତ୍ କେନ୍ଦ୍ରରେ

# ଭାରାକ୍ରାନ୍ତ ବସୁନ୍ଧରା

ପୃଥିବୀର ଜନସଂଖ୍ୟା ଯେ ଦିନକୁ ଦିନ ବଢ଼ି ଚାଲିଛି, ଏ କଥା ପ୍ରାୟ ପ୍ରତ୍ୟେକ ଶିକ୍ଷିତ ଲୋକ ଭଣା ଅଧିକେ ଜାଣନ୍ତି । କିନ୍ତୁ ଏହି ଜନସଂଖ୍ୟା କେତେ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ତାହା ବୋଧହୁଏ ଅନେକଙ୍କୁ ଅଗୋଚର ।

୨୦୦ ବର୍ଷ ତଳେ ପୃଥିବୀର ଜନସଂଖ୍ୟା ଥିଲା ମାତ୍ର ୭୫ କୋଟି । ୧୯୦୦ ଖ୍ରୀଷ୍ଟାବ୍ଦ ବେଳକୁ ବିଶ୍ୱ ଜନସଂଖ୍ୟା ୧୪୦ କୋଟିରେ ପହଞ୍ଚିଲା । ଏବେ ପୃଥିବୀର ଲୋକସଂଖ୍ୟା ହେଲାଣି ୫୪୦ କୋଟି ପାଖାପାଖି । ୨୦୦୦ ଖ୍ରୀଷ୍ଟାବ୍ଦ ବେଳକୁ ଏହି ଜନସଂଖ୍ୟା ୬୦୦ କୋଟିକୁ ଟପିଯିବାର ସମ୍ଭାବନା ରହିଛି । ଦିନେ ଜନସଂଖ୍ୟା ଥିଲା ଦେଶ ତଥା ବିଶ୍ୱର ସମ୍ପଦ । ଏବେ ଜନ ବହୁଳତା ସମଗ୍ର ବିଶ୍ୱ ପାଇଁ ଏକ ସର୍ବଗ୍ରାସୀ ସମସ୍ୟା ରୂପେ ଦେଖାଦେଇଛି ।

ଆମ ଦେଶରେ ପ୍ରତି ସେକେଣ୍ଡରେ ଶିଶୁଟିଏ ଜନ୍ମ ଗ୍ରହଣ କରୁଛି । ପ୍ରତିବର୍ଷ ଆମ ଦେଶର ଲୋକସଂଖ୍ୟା ଯେତିକି ବଢୁଛି, ତାହା ଅଷ୍ଟ୍ରେଲିଆ ମହାଦେଶର ମୋଟ ଜନସଂଖ୍ୟା ସହିତ ପ୍ରାୟ ସମାନ । ଜନସଂଖ୍ୟା ଏହି ବେଗରେ ବଢ଼ି ଚାଲିଲେ, ଆମର ଭବିଷ୍ୟତ ଅବସ୍ଥା ଯେ କିଭଳି ଆକାର ଧାରଣ କରିବ, ତାହା ନିମ୍ନୋକ୍ତ ବୈଜ୍ଞାନିକ ପରୀକ୍ଷାର ଫଳାଫଳରୁ ଜଣାପଡ଼େ ।

- ମୂଷାମାନଙ୍କୁ ଏକ ଆବଦ୍ଧ କୋଠରୀରେ ରଖି ଯଥେଷ୍ଟ ପରିମାଣରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେଲେ, ସେମାନଙ୍କର ଅତ୍ୟଧିକ ବଂଶ ବୃଦ୍ଧି ଘଟିଥାଏ । ଫଳରେ, ସେମାନେ ଏପରି ଏକ ଅବସ୍ଥାରେ ପହଞ୍ଚନ୍ତି, ଯେତେବେଳେ କି ସେମାନଙ୍କ ପ୍ରକୃତିରେ ଚରମ ଅସ୍ୱାଭାବିକତା ପ୍ରକାଶ ପାଏ ।
- ମାଛମାନଙ୍କୁ ଏକ ଆବଦ୍ଧ ଜଳରେ ରଖି ଯଥେଷ୍ଟ ପରିମାଣରେ ଖାଦ୍ୟ ଖାଇବାକୁ ଦେଲେ, ସେମାନଙ୍କର ବଂଶ ବୃଦ୍ଧି ହୁଏ, କିନ୍ତୁ ଏହି ବଂଶ ବୃଦ୍ଧି ଏକ ନିର୍ଦ୍ଦିଷ୍ଟ ପରିମାଣକୁ ଟପିଯିବା ପରେ, ସବୁଯାକ ମାଛ ଏକାବେଳକେ ମରିଯାଆନ୍ତି ।
- ପଶୁପକ୍ଷୀମାନଙ୍କ କ୍ଷେତ୍ରରେ କେତେକ ପରୀକ୍ଷାରୁ ଦେଖାଦେଇଛି ଯେ ଅତ୍ୟଧିକ ବଂଶ ବୃଦ୍ଧି ସେମାନଙ୍କ ସମୂଳ ବଂଶ ନାଶର କାରଣ ହୋଇଥାଏ ।

ଏ ସମସ୍ତ ପରୀକ୍ଷିତ ସତ୍ୟ କ'ଣ ମାନବ ସମାଜ ପାଇଁ ପ୍ରଯୁଜ୍ୟ ନୁହେଁ କି ? ଜନସଂଖ୍ୟା ବୃଦ୍ଧି ଦିନେ ହୁଏତ ମାନବ ସମାଜର ବିନାଶର କାରଣ ହୋଇପାରେ । କିନ୍ତୁ ଏବେ ମଧ୍ୟ ଏହି ଦୁର୍ବିପାକକୁ ଏଡ଼ାଇ ଦେବା ପାଇଁ ସମୟ ରହିଛି ।

ଆସନ୍ତୁ, ଆମେ ସମସ୍ତେ ସଚେତନ ନାଗରିକ ହିସାବରେ ଆମର ଏଇ ଭାରାକ୍ରାନ୍ତ ବସୁନ୍ଧରାର ଗୁରୁଭାର ଲାଘବ କରିବାରେ ସହାୟକ ହେବା । ସମୟ ଥାଉଁ ଥାଉଁ ସେତକ କରିପାରିଲେ, ସେହି ଭାଗବତ ବାଣୀ ସତ୍ୟ ହେବ — "ମଣିଷ ଦେହେ ଭଗବାନ, ଦେଖି ସନ୍ତୋଷ ଭଗବାନ" ।

ରାଜ୍ୟ ସୂଚନା, ଶିକ୍ଷା ଓ ସଞ୍ଚାର କେନ୍ଦ୍ର,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା, ଭୁବନେଶ୍ୱର ।



## ବିଶ୍ୱମ୍ବର ପ୍ରଧାନଙ୍କ ସେଚକୂପ

ସମ୍ବଲପୁର ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଅମ୍ବାଭୋନା ଗ୍ରାମ ପଞ୍ଚାୟତରେ ଥିବା ମୌଜା–କୁଶମୁଦା ଗ୍ରାମର କ୍ଷୁଦ୍ର କୃଷୀ ଯୁବକ ବିଶ୍ୱମ୍ବର ପ୍ରଧାନ ଖୁବ୍ ଗରିବଥିଲା । ସେ କୁଶମୁଦା ପଲ୍ଲୀଶ୍ରୋତା ମଣ୍ଡଳୀର ଜଣେ ସଭ୍ୟ । ପଲ୍ଲୀଶ୍ରୋତା ମଣ୍ଡଳୀର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସେ ରେଡ଼ିଓରୁ ଶୁଣେ । ଦିନେ ସେ ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର କୃଷୀମାନଙ୍କୁ ସରକାରୀ ସାହାଯ୍ୟ ସମ୍ପର୍କରେ ଆଲୋଚନାଟିଏ ଶୁଣିଲା । ଏହା ପରେ ସେ କୂପଟିଏ ପାଇଁ ସରକାରୀ ସାହାଯ୍ୟ ପାଇବାକୁ ଇଚ୍ଛା ପ୍ରକାଶ କଲା ଓ ଅମ୍ବାଭୋନା ବ୍ଲକ୍ ଅଫିସକୁ ଯାଇ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ମନକଥା କହିଲା । ସେ ମହାଶୟ କୂପଟିଏ ପାଇଁ ଯୁବକର ଆଗ୍ରହ ଦେଖି କ୍ଷୁଦ୍ରକୃଷୀ ଯୋଜନା (SFPP) ରେ ତା' ପାଇଁ କୂପଟିଏ ମଞ୍ଜୁର କରି ଖୋଳିବାକୁ ଆଦେଶ ଦେଲେ । ୧୯୯୦ ମସିହା ଜାନୁଆରୀ ୩୦ ତାରିଖ ଶ୍ରୀପଞ୍ଚମୀ ଦିନ ବିଶ୍ୱମ୍ବର ପ୍ରଧାନ କୂପ ଖୋଳିବା ଶୁଭାରମ୍ଭ କଲା । ଭାଗ୍ୟକୁ କୂପରୁ ଉଛୁଳି ଉଠିଲା ପ୍ରଚୁର ପାଣି । ୩୦ ଫୁଟ ଗଭୀର ଥିବାରୁ ବି: ଡି: ଓ: ତା କୂପ ଦେଖିବାକୁ ଗଲେ ଓ କୂପର ଗଭୀରତା ଓ ପାଣିଧାର ଦେଖି ତାକୁ ସାବାସି ଦେଲେ । S. F. P. P. ଯୋଜନାରୁ ତାକୁ ସଙ୍ଗେ ସଙ୍ଗେ ଦୁଇହଜାର ଟଙ୍କା ସାହାଯ୍ୟ ଦେଲେ । ଜୁନ୍ ତା ୧୫ ରିଖ ପୂର୍ବରୁ କୂପଟିକୁ ପକ୍କା ବନ୍ଧେଇକରି ସେ ପୁଣି ଦୁଇ ହଜାର ଟଙ୍କା ସାହାଯ୍ୟ ପାଇଲା । ଏହି ପରି ସେ ବ୍ଲକ ତରଫରୁ କୂପ ବାବଦରେ ଚାରି ହଜାର ଟଙ୍କାର ସବ୍‌ସିଡ଼ି ପାଇଲା । ଏବେ ସେ କୂପରୁ ଦେଶୀ ସାହାଯ୍ୟରେ ଜଳସେଚନ କରି ବର୍ଷ ସାରା ଅନେକ ପନି ପରିବା ଚାଷ କରି ତାକୁ ବିକି ଭାଙ୍ଗି ବେଶ୍ ଦି' ପଇସା ରୋଜଗାର କରିପାରୁଛି । କୂପ କଡ଼େ କଡ଼େ କଦଳୀ ଅମୃତଭଣ୍ଡା, ଲେମ୍ବୁ, କଲମୀ ଆମ୍ବ ପ୍ରଭୃତି ଫଳଗଛ ମଧ୍ୟ ଲଗାଇଛି । କୂପଟି ଯୋଗୁଁ ସେ ବର୍ତ୍ତମାନ ତା'ର ପରିବାରକୁ ସୁରୁଖୁରୁରେ ଚଳାଇ ପାରୁଛି । ତା'ର ସଫଳତା ଦେଖି ଆଖପାଖ ଗାଁର କୃଷୀମାନେ ବି ସେଚକୂପ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । କୂପଟି ଗାଁକୁ ଲାଗି ରହିଥିବାରୁ ପିଇବା ପାଇଁ ଅଧିକାଂଶ ଗ୍ରାମବାସୀ ଏହି କୂପର ପାଣି ବ୍ୟବହାର କରୁଛନ୍ତି । ଏବେ ସେ କୂପରୁ ଜଳସେଚନ ପାଇଁ ବ୍ଲକ ଆନୁକୂଲ୍ୟରେ ପାଣିପମ୍ପଟିଏ କିଣିବା ପାଇଁ ଇଚ୍ଛା ପ୍ରକାଶ କରୁଛି ।

---

**ଶ୍ରୀ ଅଲେଖ ପ୍ରଧାନ,**
**ସଭାପତି, କୁଶମୁଦା ପଲ୍ଲୀଶ୍ରୋତା ମଣ୍ଡଳୀ, ।**

## ଶିଳ୍ପ ଉନ୍ନୟନ ନିଗମର ଆୟ ବୃଦ୍ଧି

ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଗତ ୧୯୯୦–୯୧ ବର୍ଷରେ ମୋଟ ୧୭୬ କୋଟି ୫୦ ଲକ୍ଷ ଟଙ୍କା ବିକ୍ରୀ କରି ପୂର୍ବବର୍ଷ ତୁଳନାରେ ବିକ୍ରୟ ବାବଦ ଆୟ ଶତକଡ଼ା ୨୬ ଭାଗ ବୃଦ୍ଧି କରିପାରିଛି । ଚଳିତ ୧୯୯୧–୯୨ ବର୍ଷରେ ଏହି ପରିମାଣ ଆହୁରି ବୃଦ୍ଧି ପାଇ ପ୍ରାୟ ୨୫୦ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି ।

ସେହିପରି ଗତବର୍ଷ, ତା' ପୂର୍ବବର୍ଷ ତୁଳନାରେ ଉତ୍ପାଦନ ମୂଲ୍ୟ ମଧ୍ୟ ଶତକଡ଼ା ୧୩ ଭାଗ ବୃଦ୍ଧି ଘଟିଛି । ଚଳିତ ବର୍ଷ ଏହି ପରିମାଣ ୧୮୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୫୦ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି । ପୂର୍ବବର୍ଷ ତୁଳନାରେ ଗତବର୍ଷ ସୁଧ ଓ ଡିପ୍ରିସିଏସନ୍ ବାବଦରେ ନିଗମର ଶତକଡ଼ା ୨୫ ଭାଗ ଅଧିକ ଲାଭ ହୋଇପାରିଛି । ଚଳିତ ବର୍ଷ ଏହି ଲାଭ ପରିମାଣ ଶତକଡ଼ା ୧୦୦ ଭାଗ ବୃଦ୍ଧିପାଇବ ବୋଲି ଅଟକଳ କରାଯାଉଛି ।

ଉକ୍ତ ନିଗମର କେତେକ ଶିଳ୍ପ ସଂସ୍ଥା, ଯଥା–ବଡ଼ବିଲ କଟିଂ ଲୁହା କାରଖାନା, ହୀରାକୁଦ ରି–ରୋଲିଂ ମିଲ୍ ଏବଂ ଯାଜପୁର ରୋଡ୍ ଫେରୋକ୍ରୋମ୍ କାରଖାନାରୁ ଏହି ସମୟ ମଧ୍ୟରେ ଉତ୍ପାଦନ କ୍ଷମତାର ଶତକଡ଼ା ୧୦୦ ଭାଗରୁ ଉର୍ଦ୍ଧ୍ୱ ଉତ୍ପାଦନ ହୋଇପାରିଛି । ହୀରାକୁଦ ଇଣ୍ଡଷ୍ଟ୍ରିଆଲ୍ ୱାର୍କସ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟଠାରୁ ପାଉଥିବା କାମ ଚଳିତ ବର୍ଷ ଶତକଡ଼ା ୧୦୦ ଭାଗ ଅଧିକ ପାଇବ ବୋଲି ଆଶା କରାଯାଉଛି । ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ପକ୍ଷରୁ ତିଆରି ହେଉଥିବା ଇବ୍ ଉପତ୍ୟକା ତାପଜ ବିଦ୍ୟୁତ୍ କେନ୍ଦ୍ରରେ

ଉତ୍ପାଦ ଯୋଗେଇ ଏବଂ ପ୍ରତିଷ୍ଠା କାମ ଏହି ଶିଳ୍ପ ସଂସ୍ଥା ସନ୍ତୋଷଜନକ ଭାବେ କାର୍ଯ୍ୟକାରୀ କରୁଛି ।

ବଡବିଲ କଳିଙ୍ଗ ଲୁହା କାରଖାନାରେ ବର୍ତ୍ତମାନ ଚତୁର୍ଥ ଚୁଲ୍ଲା ବସାଯାଉଛି । ଏହା ଫଳରେ କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ଏକ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ଚଳିତ ବର୍ଷ ଶେଷ ଆଡକୁ ଏକଲକ୍ଷ ତ୍ରିଶ ହଜାର ଟନ୍ କଞ୍ଚାଲୁହା ଉତ୍ପାଦିତ ହୋଇପାରିବ । ଯାଜପୁର ରୋଡ୍ ଫେରୋକ୍ରୋମ କାରଖାନାରେ ଏକ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କାମ ସରିଆସିଲାଣି । ପ୍ରାୟ ଏକମାସ ମଧ୍ୟରେ ଏଥିରୁ ଫେରୋକ୍ରୋମ୍ କାରଖାନା ପାଇଁ ୯.୬ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ବ୍ୟବହାର କରାଯାଇ ପାରିବ । ଯାଜପୁର ରୋଡ୍ ଫେରୋକ୍ରୋମ୍ କାରଖାନାରେ ଗୁଣ୍ଡ କ୍ରୋମ୍ ପଥର ବ୍ୟବହାର କରି ବ୍ରିକେଟ୍ ଉତ୍ପାଦନ ପାଇଁ ଏକ ସଫଳ ପରୀକ୍ଷା କରାଯାଇ ପାରିଛି । ଭୁବନେଶ୍ୱର ଆଞ୍ଚଳିକ ଗବେଷଣା ବିଜ୍ଞାନାଗାରର ସହଯୋଗିତାରେ ଏଥିପାଇଁ ଏକ ପଦ୍ଧତି ବାହାର କରାଯାଇଛି ଏବଂ ଏହାକୁ ପରୀକ୍ଷାମୂଳକ ଭାବେ ଚୁଲ୍ଲାରେ ପ୍ରୟୋଗ କରାଯାଇ ସନ୍ତୋଷଜନକ ଫଳାଫଳ ମିଳିଛି ।

ବରଗଡ ହୀରା ସିମେଣ୍ଟ କାରଖାନାର ଉତ୍ପାଦନ କ୍ଷମତା ବାର୍ଷିକ ୫ ଲକ୍ଷ ୬୫ ହଜାର ଟନ୍‌ରୁ ବୃଦ୍ଧି କରି ୯ ଲକ୍ଷ ୫୦ ହଜାର ଟନ୍ ସ୍ଲାଗ୍ ସିମେଣ୍ଟ କରିବା ପାଇଁ ଏହାର ଉତ୍ପାଦନ ପଦ୍ଧତିରେ ଆବଶ୍ୟକୀୟ ପରିବର୍ତ୍ତନଜନିତ ସମ୍ପ୍ରସାରଣ କରିବା ତଥା କାରଖାନାର ଆଧୁନିକୀକରଣ ପାଇଁ ସରକାର ନିକଟରେ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

୧୯୯୧ ମାର୍ଚ୍ଚ ମାସରେ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯାଇଥିବା ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଟିଟାନିୟମ୍ କଣ୍ଡେନ୍‌ସର ଟ୍ୟୁବ୍ କାରଖାନାଟି ବର୍ତ୍ତମାନ ବିଭିନ୍ନ ତାପଜ ଓ ଆଣବିକ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହୃତ ହୋଇପାରିବା ଭଳି କଣ୍ଡେନ୍‌ସର ଟ୍ୟୁବ୍ ଉତ୍ପାଦନ ଆରମ୍ଭ କରିବା ଅବସ୍ଥାକୁ ଆସିଲାଣି । ଏହି ଉତ୍ପାଦନର ଶତକଡ଼ା ୫୦ ଭାଗ ବିଦେଶକୁ ରପ୍ତାନୀ ହେଲା ଭଳି ଉଚ୍ଚମାନ ସମ୍ପନ୍ନ ହୋଇପାରିବ । ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଟିଟାନିୟମ୍ କଣ୍ଡେନ୍‌ସର ଟ୍ୟୁବ୍ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ବାହାରୁ ଆମଦାନୀ କରାଯାଉଥିଲା । ଏହି କାରଖାନା ଟିଟାନିୟମ୍ କଣ୍ଡେନ୍‌ସର ଟ୍ୟୁବ୍ ଉତ୍ପାଦନ ପାଇଁ ଭାରତର ପ୍ରଥମ କାରଖାନା ।

ସରୋଇ ଶିଳ୍ପୋଦ୍ୟୋଗୀଙ୍କ ମିଳିତ ଉଦ୍ୟମରେ କେତୋଟି ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ମଧ୍ୟ ଉକ୍ତ ନିଗମ ଚୁକ୍ତି ସ୍ୱାକ୍ଷରିତ କରିଛି । ଏହି କାରଖାନାଗୁଡ଼ିକ ହେଲା—କଟକ ଜିଲ୍ଲା କେନ୍ଦ୍ରାପଡ଼ାଠାରେ ଦିନକୁ ୭୦/୮୦ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଷ୍ଟୋଟକଲ, କୋରାପୁଟ ଜିଲ୍ଲା ସିକିଂ ଅଞ୍ଚଳରେ ଦିନକୁ ... ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ସିମେଣ୍ଟ କାରଖାନା, ... ଜିଲ୍ଲାରେ ୪୦୦ ହେକ୍ଟର ବିଶିଷ୍ଟ ଜମିରେ ... ଓ ... ନିକଟରେ ୨ ଲକ୍ଷ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ... ପ୍ଲାଣ୍ଟ ।

## ସବୁ ଦୁଃଖ ସରକାର ନେଲେ

ସୁନ୍ଦରଗଡ ଜିଲ୍ଲାର କୋକେରମା ଗ୍ରାମପଞ୍ଚାୟତ ... ଝୁନାପାହାଡ ଗ୍ରାମର ଶ୍ରୀ ସବନାଥ ସିଂହ ଜଣେ ଅତି ... ଗ୍ରାମବାସୀ । ଆର୍ଥିକ ଅବସ୍ଥା ଅତି ଶୋଚନୀୟ । ... ମୂଲ ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି । ପରିବାର ... ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ସହ ତିନୋଟି ଝିଅ । ଖାଇବାକୁ ପାଞ୍ଚ ... କୁଟୁମ୍ବ । ମାତ୍ର ମୂଲ ଲାଗିବ ଜଣେ । ବହୁ କଷ୍ଟରେ ... ଦିନ କାଟନ୍ତି । ମାତ୍ର ସବୁଦିନ ସମାନ ଯାଏନା । ସୁଖ ... ଦୁଃଖ, ଦୁଃଖ ପରେ ସୁଖ ସଂସାରର ନିୟମ । ... ତରଫରୁ ଗ୍ରାମପଞ୍ଚାୟତ ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀ ... ସହାୟତାରେ ଇ: ଆର: ପି: ଯୋଜନାରେ ତାଙ୍କୁ ୧୦୦ ... ଋଣ ଆକାରରେ ଯୋଗାଇ ଦିଆଯାଇଥିଲା । ... ନେଇ ସେ ଛେଳି ପାଳନରେ ବ୍ୟବସାୟ ଆରମ୍ଭ କଲେ । ... ବ୍ୟବସାୟ କଲା ପରେ ତାଙ୍କ ଅବସ୍ଥାର ପରିବର୍ତ୍ତନ ହେଲା । ... ଆଗପରି ଆଉ ଗଣ୍ଡାଏ ଖାଇବା ଓ ଖଣ୍ଡେ ପିନ୍ଧିବା ପାଇଁ ... ଅସୁବିଧା ଭୋଗିଲେ ନାହିଁ । ବଡ ଝିଅକୁ ବିବାହ ଦେବା ... ସ୍ଥିର କଲେ । ଆଉ ମଧ୍ୟ ବିବାହ କାର୍ଯ୍ୟ ଅତି ସୁରୁଖୁରୁରେ ... ସମାପନ ହେଲା । ଅନ୍ୟ ଦୁଇ ଝିଅଙ୍କୁ ... ବିଦ୍ୟାଳୟରେ ପଢ଼ାଉଛନ୍ତି । ନେଇଥିବା ଋଣରୁ ... ଅବଶିଷ୍ଟ ଟଙ୍କା ପରିଶୋଧ କଲେ । ଛେଳି ବ୍ୟବସାୟ ... ଆଜିକାଲି ପରିବାରଗୁଡ଼ିକ ମଧ୍ୟ କରୁଛନ୍ତି । ଆଗପରି ... କରୁନାହାନ୍ତି । ତାଙ୍କ ସଂସାର ବେଶ୍ ... ସ୍ୱାମୀ ସ୍ତ୍ରୀଙ୍କର ମୁହଁରେ ସେ ଦୁଃଖ ନାହିଁ । ପଚାରିଲେ ... କହନ୍ତି ଦୁଃଖ ସବୁ ସରକାର ନେଲେ ।

ଶ୍ରୀ ଶମ୍ଭୁ ଶରଣ ଗୋସ୍ୱାମୀ,
ମଣ୍ଡଳ ସଂଗଠକ,
ପଲ୍ଲୀଶ୍ରୋତା ମଣ୍ଡଳୀ ସମୂହ,
ସମ୍ବଲପୁର ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଜିଲ୍ଲା ପୁନର୍ଗଠନ କ୍ୟାବିନେଟ୍ ସବ୍‌କମିଟି ବୈଠକରେ ସଭାପତିତ୍ୱ କରୁଛନ୍ତି (୦୪/୭)।

# ସମ୍ବାଦ ପରିକ୍ରମା

## "ଗଢ଼ିବ ଯଦି ନୂଆ ପୀଢ଼ି, ବୃକ୍ଷରେ ବନ ଦିଅ ଭରି"

—ମୁଖ୍ୟମନ୍ତ୍ରୀ

ଜନ ସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସାମାଜିକ ବନୀକରଣ ଯୋଜନା ମାଧ୍ୟମରେ ଗଛ ଲଗାଇବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବନ ନିଗମ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଭୁବନେଶ୍ୱର ବିଜ୍ଞାନ କେନ୍ଦ୍ରଠାରେ ୪୨ତମ ବନ ମହୋତ୍ସବ ସପ୍ତାହ ଶୁଭ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି ଓଡ଼ିଶାର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲର ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ ହେବା ଉଚିତ ବୋଲି ସେ କହିଥିଲେ । ବଞ୍ଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ଆବଶ୍ୟକତା ପୂରଣ ଦିଗରେ ମନୁଷ୍ୟ ସମାଜ ବୃକ୍ଷ ଉପରେ ନିର୍ଭର କରୁଥିବା ହେତୁ ପୂର୍ବ କାଳରେ ଗଛ ଲଗାଇବାକୁ ଧର୍ମ କାର୍ଯ୍ୟ ବୋଲି ବିବେଚନା କରାଯାଉଥିଲା । କିନ୍ତୁ କାଳକ୍ରମେ ଏହା ଏକ ଆନୁଷ୍ଠାନିକ କାର୍ଯ୍ୟରେ ପରିଣତ ହୋଇଛି । ଆବଶ୍ୟକ ରକ୍ଷଣାବେକ୍ଷଣ କରାନଯାଇ କେବଳ ବୃକ୍ଷ ରୋପଣ କରିବା ମୂଲ୍ୟହୀନ ବୋଲି ସେ ମତବ୍ୟକ୍ତ କରିଥିଲେ । ବର୍ତ୍ତମାନ ରାଜ୍ୟର ଜଙ୍ଗଲ ସମ୍ପଦ ଯେଉଁ ହାରରେ କ୍ଷୟ ହେଉଛି, ଏଥିରେ ଉଦ୍‌ବେଗ ପ୍ରକାଶ କରି, ଏହାକୁ ରୋକା ନଗଲେ, ଆଗାମୀ ବଂଶଧରମାନେ ଜୀବନ ଧାରଣ ପାଇଁ ବିଷମ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସେ ସତର୍କ କରାଇ ଦେଇଥିଲେ । ରାଜ୍ୟର ବନ ସମ୍ପଦର ସୁରକ୍ଷା ନିମନ୍ତେ ବନ ନିଗମର କର୍ମଚାରୀମାନେ ନିଷ୍ପାପର ଭାବେ ସେମାନଙ୍କର ଦାୟିତ୍ୱ ତୁଲାଇବା ପାଇଁ ସେ ପରାମର୍ଶ ଦେଇଥିଲେ । ଏକ ସପ୍ତାହ ବ୍ୟାପୀ ଏହି ମହୋତ୍ସବ ପାଳନ ଅବସରରେ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ ଜନସାଧାରଣ ହେଉଛନ୍ତି ଜଙ୍ଗଲର ପ୍ରକୃତ ମାଲିକ । ଜଙ୍ଗଲ ବିଭାଗ କେବଳ ଏହାର ତଦାରଖ ଦାୟିତ୍ୱ ତୁଲାଇଥାନ୍ତି । ଜଙ୍ଗଲ ସମ୍ପଦର ଆଶାନୁରୂପ ସୁରକ୍ଷା ନିମନ୍ତେ ପୂର୍ଣ୍ଣ ଜନ ସହଯୋଗ ଆବଶ୍ୟକ । ଏଣୁ ଜଙ୍ଗଲ ଓ ପରିବେଶର ସୁରକ୍ଷା ନିମନ୍ତେ ବନ ଚେତନା ଏକାନ୍ତ ଆବଶ୍ୟକ ।

ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ ମହାନନ୍ଦ, ପୂର୍ତ୍ତ ଓ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିରଣ ଚନ୍ଦ୍ର ସିଂହଦେଓ, ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ ଅର୍ଜ୍ଜୁନ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ମହେଶ ଚନ୍ଦ୍ର ଦାସ, ସାମାଜିକ ବନୀକରଣ ନିର୍ଦ୍ଦେଶକ ଶ୍ରୀ ଏମ୍‌ଃ ଏଫ୍‌ଃ ଅହମ୍ମଦ ଏବଂ ବନ ବିଭାଗର ବହୁ ପଦସ୍ଥ କର୍ମକର୍ତ୍ତା ଉତ୍ସବରେ ଉପସ୍ଥିତ ଥିଲେ ।

ଶେଷରେ ଜଙ୍ଗଲ ଓ ପରିବେଶ ବିଭାଗ ଶାସନ ସଚିବ ଶ୍ରୀ ସୁବାସ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ଜୀବନକୁ ରଙ୍ଗମୟ କରିଛି

—ରାଜ୍ୟପାଳ ଶର୍ମା

ଆମମାନଙ୍କ ମଧ୍ୟରେ ଏକତା, ସମ୍ପ୍ରୀତୀ ଓ ସହଯୋଗର ବାତାବରଣ ସୃଷ୍ଟି କରି ନୃତ୍ୟ, ନାଟକ, ସାହିତ୍ୟ ଓ କଳାର ସୃଜନ ଓ ସମୃଦ୍ଧିର ଧାରାକୁ ଅବ୍ୟାହତ ରଖାଯାଉ ବୋଲି ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ରବୀନ୍ଦ୍ର ମଣ୍ଡପରେ ଉପସ୍ଥିତ ଉପସ୍ଥିତ ଥିବା ଦର୍ଶକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

ରାଜଭବନ ଷ୍ଟାଫ୍ କ୍ଲବ୍ ତରଫରୁ ଦୁଇଦିନ ଧରି ଆୟୋଜିତ ହେଉଥିବା ନାଟକ "ବାପା ନିରୁଦ୍ଦିଷ୍ଟ"କୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ପ୍ରଦୀପ ଜାଳି ଉଦ୍‌ଘାଟନ କରିଛନ୍ତି । ରାଜ୍ୟପାଳଙ୍କ କମିଶନର ସଚିବ ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା ସମ୍ମାନିତ ଅତିଥି ଭାବରେ ଏହି କାର୍ଯ୍ୟକ୍ରମ ମଧ୍ୟ ଯୋଗଦାନ କରିଥିଲେ ।

ବିଧାତାର ସୃଷ୍ଟିକୁ ଏକ ନାଟ୍ୟଶାଳା ଓ ଆମେମାନେ ଛୋଟବଡ଼ ଭୂମିକାରେ ଅଭିନୟ କରୁଥିବା ଜଣେ ଜଣେ କଳାକାର ବୋଲି ଶ୍ରୀ ଶର୍ମା ବର୍ଣ୍ଣନା କରିଥିଲେ । ସମାଜର ସ୍ଥିତି, ସମସ୍ୟା ଓ ଘଟଣାବଳୀ ନାଟକ ମାଧ୍ୟମରେ ପରିବେଶିତ ହୋଇ ଜନ ମାନସକୁ ସଚେତନ କରାଇଥାଏ । ଏଇ ନାଟ୍ୟଶାଳାର ଉନ୍ନତ ଅନୁଚିନ୍ତାକୁ ସଠିକ ଭାବେ ଅଭିନୟରେ ରୂପ ଦେଲେ ମାନସିକ ଶାନ୍ତି ଢେର ପରିମାଣରେ ମିଳିପାରିବ ବୋଲି ଶ୍ରୀ ଶର୍ମା ପ୍ରକାଶ କରିଥିଲେ । ଓଡ଼ିଶାର ମହାନ କଳା, ସାହିତ୍ୟ ଓ ସଂସ୍କୃତି ଜନ ଜୀବନକୁ ଋଦ୍ଧିମନ୍ତ ଓ ସୁନ୍ଦର କରିଛି । ଏହି ରାଜ୍ୟର ସାମାନ୍ୟ ପ୍ରସ୍ତର ଖଣ୍ଡରେ ସମସ୍ତ ଭାବର ଅଭିବ୍ୟକ୍ତି ଓଡ଼ିଆ କାରିଗର ସୃଷ୍ଟି କରି ଆସିଛି । ସୌଭାଗ୍ୟର ବିଷୟ ଯେ ଏଭଳି ଏକ ରାଜ୍ୟର ରାଜ୍ୟପାଳ ହୋଇଥିବାରୁ ସେ ନିଜେ ଗର୍ବିତ ଏବଂ ଏହାର ପ୍ରଭାବ ତାଙ୍କ ଜୀବନରେ ପ୍ରତିଭାତ ହୋଇଛି ବୋଲି ଶ୍ରୀ ଶର୍ମା କହିଥିଲେ । ଏଭଳି ଅନୁଷ୍ଠାନମାନଙ୍କ ତରଫରୁ ଅଧିକରୁ ଅଧିକ ସୃଜନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆଯିବା ଉଚିତ ବୋଲି ଶ୍ରୀ ଶର୍ମା ଆଶା ପୋଷଣ କରିଥିଲେ ।

ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା ତାଙ୍କ ଅଭିଭାଷଣରେ କହିଥିଲେ ଯେ ରାଜ୍ୟପାଳ ପଣ୍ଡିତ ଯଜ୍ଞଦତ୍ତ ଶର୍ମାଙ୍କ ପରି ଜଣେ ବିଜ୍ଞ, ସଂସ୍କୃତିବନ୍ତ, ସତ୍ ପୁରୁଷ ଓଡ଼ିଶାର ରାଜ୍ୟପାଳ ଭାବେ ଅଭିଷିକ୍ତ । ଓଡ଼ିଶାରେ କାହିଁକି ଓଡ଼ିଶା ବାହାରେ ମଧ୍ୟ ଆଜି ଓଡ଼ିଶାର ସଂସ୍କୃତି ପ୍ରାଣବନ୍ତ ଭାବେ ପ୍ରତିଭାତ ହୋଇପାରିଛି, ତାହା ପଛରେ ନିଶ୍ଚିତ ଭାବେ ରାଜ୍ୟପାଳଙ୍କ ଆଶୀର୍ବାଦ ରହିଛି । ଅଧିକରୁ ଅଧିକ ସୃଜନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ଏକ ଶୁଭ ସଙ୍କେତ ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ । କଳା, ନୃତ୍ୟ, ସମାଜ ସେବା ବା ଜନଚେତନା ଯେ କୌଣସି ପ୍ରତି କର୍ମଚାରୀମାନଙ୍କ ମଧ୍ୟରେ ଆଗ୍ରହ ରହିବା ଉଚିତ । ତା ନହେଲେ ଆଜିର କର୍ମଚାରୀ କାଲି ଯେତେବେଳେ କର୍ମକ୍ଷେତ୍ରରୁ ଅବ୍ୟାହତି ନେବ, ମହାଶୂନ୍ୟତା ତାକୁ ଘେରି ରହିବ ଓ ସେ ହତାଶା ଅନୁଭବ କରିବ । ତେଣୁ କାର୍ଯ୍ୟକ୍ଷେତ୍ରରେ ଗୁରୁ ଦାୟିତ୍ୱ ସମ୍ପାଦନା କରିବା ସହିତ ସେମାନଙ୍କ ମଧ୍ୟରେ ସାଂସ୍କୃତିକ ଚେତନା ଜାଗ୍ରତ ହେବା ଏକାନ୍ତ କାମ୍ୟ ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ ।

ଏହି ସଂସ୍ଥାର ଅଧ୍ୟକ୍ଷ ଶ୍ରୀ ବେଣୁଧର ବେହେରା ପ୍ରଥମେ ଏକ ବିବରଣୀ ପ୍ରଦାନ କରି ରାଜ୍ୟପାଳଙ୍କ ସଦିଚ୍ଛା କାମନା କରିଥିଲେ । ରାଜଭବନର ଲେଖା ନିୟନ୍ତ୍ରକ ଶ୍ରୀ ଅମରେନ୍ଦ୍ର ନାରାୟଣ ଦାସ ଉଦ୍‌ଘାଟନୀ ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିବେଶ ସୁରକ୍ଷା ପାଇଁ ଜନ ସଚେତନତା ଅପରିହାର୍ଯ୍ୟ

—ଶରତ କର

ଜଙ୍ଗଲ ଓ ପରିବେଶର ସୁରକ୍ଷା ନିମନ୍ତେ ଜନ ସଚେତନତା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟ ସଂସ୍କୃତି, ସୂଚନା ଓ ଲୋକ ସମ୍ପର୍କ, କ୍ରୀଡ଼ା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶରତ କୁମାର କର ମତ ପ୍ରକାଶ କରିଛନ୍ତି ।

ରାଜଧାନୀର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ "ପିପୁଲ୍‌ସ କଲଚରାଲ୍ ସେଣ୍ଟର(ପିକକ୍)" ଦ୍ୱାରା ଆୟୋଜିତ ଚାରିଦିନ ବ୍ୟାପୀ ପରିବେଶ ସଚେତନତା ଅଭିଯାନର ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ କର ଉପରୋକ୍ତ ବିଷୟ ପ୍ରକାଶ କରି କହିଲେ ଯେ ଯଦି ଆମ ରାଜ୍ୟର ଜଙ୍ଗଲ ସମ୍ପଦ ଯେଉଁ ହାରରେ କ୍ଷୟ ହେଉଛି, ତାକୁ ରୋକା ନଗଲେ, ଆଗାମୀ ବଂଶଧରମାନେ ଜୀବନ ଧାରଣ ପାଇଁ ବିଷମ ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ପ୍ରତ୍ୟେକ ଜଣ ପରିବେଶକୁ ସୁଧାରିବା ଦିଗରେ ପ୍ରଚେଷ୍ଟା କଲେ ହିଁ ଜଙ୍ଗଲ ସୁରକ୍ଷିତ ହୋଇପାରିବ । ସେ କହିଲେ ଯେ, "ଭଗବାନ ବିଷ୍ଣୁଙ୍କ ଶଙ୍ଖ ଚକ୍ର ପରି" ବୃକ୍ଷ ମନୁଷ୍ୟ ସମାଜକୁ ରକ୍ଷା କରିଆସିଛି । ଯଦି ଆଜିର ମାନବ ସମାଜ ନୂତନ ବୃକ୍ଷ ରୋପଣ କରିବା ସଙ୍ଗେ ସଙ୍ଗେ ଜଙ୍ଗଲଗୁଡ଼ିକର ସୁରକ୍ଷା ପାଇଁ ଯତ୍ନଶୀଳ ନହୁଏ, ତାହାହେଲେ ଦିନ ଆସିବ, ଆମ ପୃଥିବୀ ମଙ୍ଗଳ ଗ୍ରହ ପରି ଜନ ମାନବ ଶୂନ୍ୟ ହୋଇଯିବ ବୋଲି ଶ୍ରୀ କର ସତର୍କବାଣୀ ଶୁଣାଇଥିଲେ । ପୂର୍ବରୁ ବନ୍ୟଜନ୍ତୁ ଜଙ୍ଗଲକୁ ବଞ୍ଚାଇ ରଖୁଥିଲେ । କିନ୍ତୁ ବର୍ତ୍ତମାନ ବନ୍ୟଜନ୍ତୁଙ୍କର ବିନାଶ ଫଳରେ ବନ୍ୟ ସମ୍ପଦ ହ୍ରାସ ପାଉଛି ବୋଲି ସେ କହିଥିଲେ । ଶ୍ରୀ କର କହିଲେ ଯେ, ନିଜର ସନ୍ତାନ ସନ୍ତତିମାନଙ୍କୁ ଲାଳନ ପାଳନ କଲା ପରି ବୃକ୍ଷଲତାମାନଙ୍କୁ ବଢ଼ାଇବା ଉଚିତ । ଗଛକାଟ ଯୋଗୁ ପରିବେଶ ଦୂଷିତ ହେଉଛି । ଯେଉଁ ବାୟୁମଣ୍ଡଳ ମନୁଷ୍ୟ ପାଇଁ ଆବଶ୍ୟକ, ମନୁଷ୍ୟ ସେହି ମନୁଷ୍ୟ ନଷ୍ଟ କରୁଛି । ଗଛ ନଲଗାଇଲେ, ବର୍ଷା ହେବ ନାହିଁ ବୋଲି ସେ କହିଥିଲେ । କଳକାରଖାନା ଅଞ୍ଚଳର ପରିବେଶ ଯେପରି ଦୂଷିତ ନହେବ, ସେଥିପାଇଁ ବୈଜ୍ଞାନିକ ପ୍ରଣାଳୀ ପ୍ରୟୋଗ କରିବାକୁ ପଡ଼ିବ ବୋଲି ସେ ମତ ଦେଇଥିଲେ ।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ "ପିକକ୍" ପକ୍ଷରୁ ଗତ ୨୦ ତାରିଖରେ ଆୟୋଜିତ ଏହି ଅଭିଯାନ ବନ୍ଦକାଠାରେ ଉଦ୍‌ଘାଟିତ ହୋଇଥିଲା । "ପିକକ୍"ର ଅଧ୍ୟକ୍ଷ ଶ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ବୈଜ୍ଞାନିକ ଶ୍ରୀ ରବୀନ୍ଦ୍ରନାଥ ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । "ପିକକ୍"ର ସମ୍ପାଦକ ଶ୍ରୀ ରଞ୍ଜନ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ସହ ପରିବେଶ ସଚେତନତା ଅଭିଯାନ ସମ୍ପର୍କରେ ନେତୃତ୍ୱ ନେଇଥିଲେ । ଅଧ୍ୟାପକ ପରୀକ୍ଷିତ ଦାସ, "ପିକକ୍"ର ନିର୍ଦ୍ଦେଶକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଶ୍ରୀମତୀ ଅନୁରାଧା ମହାନ୍ତି ପରିବେଶ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ "ପିକକ୍"ର ଅନ୍ୟତମ ନିର୍ଦ୍ଦେଶକ ଶ୍ରୀ ଉପେନ୍ଦ୍ର ସାବତ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ଥାନୀୟ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ପରିସର ମଧ୍ୟରେ ଗତ ଜୁନ୍ ୨୭ ତାରିଖ ଦିନ "ପିକକ୍" ପକ୍ଷରୁ ଅନୁଷ୍ଠିତ ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଭାଗ ନିର୍ଦ୍ଦେଶକ ଡଃ ସଦାନନ୍ଦ ତରାସିଆ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଉତ୍ସବରେ ବିଭାଗୀୟ ଉପ ନିର୍ଦ୍ଦେଶକ ଶ୍ରୀ ଯତୀନ୍ଦ୍ରନାଥ ଦାସ ଏବଂ ପରିବେଶ ବିଭାଗର ବୈଜ୍ଞାନିକ ଶ୍ରୀ ଆର୍ଃ ଏନ୍ଃ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

୪ ଦିନ ବ୍ୟାପୀ ପରିବେଶ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ "ପିକକ୍" ପଥପ୍ରାନ୍ତ ନାଟକ ଦଳ ମଧ୍ୟ ସାମିଲ ହୋଇ ଭୁବନେଶ୍ୱର ବ୍ଲକ୍‌ର ବିଭିନ୍ନ ଗ୍ରାମମାନଙ୍କରେ ପରିବେଶର ସୁରକ୍ଷା ପାଇଁ ଏକ ଉନ୍ନତ ଧରଣର ନାଟକ ପ୍ରଦର୍ଶନ କରିଥିଲେ । ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି "ଅନାମ ଖାଇଦ" ନାଟକଟିକୁ ଶ୍ରୀ ପ୍ରତାପଚନ୍ଦ୍ର ସାହୁ ନିର୍ଦ୍ଦେଶନା ଦେଇଥିଲେ ।

## ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ

ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏକ୍ଷେତ୍ରରେ ୧୯୯୧–୯୨ ଆର୍ଥିକ ବର୍ଷ ଆରମ୍ଭରୁ ଗତ ମାସ ଶେଷ ସୁଦ୍ଧା ମୋଟ୍ ୩,୧୯୧ ଜଣ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକ ଉପକୃତ ହୋଇଛନ୍ତି । ସମୁଦାୟ ଉପକୃତ ହୋଇଥିବା ପରିବାରଙ୍କ ମଧ୍ୟରେ ତଫସିଲଭୁକ୍ତ ଜାତିର ୧,୬୭୬ ଓ ଉପଜାତିର ୧,୫୧୫ ଲୋକ ଅନ୍ତର୍ଭୁକ୍ତ । କେବଳ ମଇ ମାସରେ ଏଥିରେ ଉପକୃତ ହୋଇଥିବା ଲୋକଙ୍କ ସଂଖ୍ୟା ହେଉଛି ଯଥାକ୍ରମେ ୮୩୧ ଓ ୭୬୩ । ଉକ୍ତ ସମୟ ମଧ୍ୟରେ ଆଇଃ ଆରଃ ଡିଃ ପିଃ ମାଧ୍ୟମରେ ୧,୫୮୫ ତଫସିଲଭୁକ୍ତ ଜାତି ଓ ୧,୦୬୦ ଜଣ ଉପଜାତିର ଲୋକଙ୍କୁ ସହାୟତା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ୯୧ ତଫସିଲଭୁକ୍ତ ଜାତି ଓ ୪୫୫ ଜଣ ଉପଜାତିର ଲୋକ ଉପକୃତ ହୋଇଛନ୍ତି ବୋଲି ଗତ ମଇ ମାସ କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ପ୍ରକାଶ ।

## କୋଡ଼ିଏ ସୂତ୍ରୀ ଅନ୍ତର୍ଭୁକ୍ତ ବିଭିନ୍ନ ଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ରମ

କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ "ବିଭିନ୍ନ ଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ରମ" ଅନୁଯାୟୀ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଗତ ମଇ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍ ୧,୫୮୭ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି । ଗତ ମଇ ମାସରେ ସ୍ଥାପନ କରାଯାଇଥିବା ୧,୫୮୦ଟି ପ୍ଲାଣ୍ଟ ଏହାର ଅନ୍ତର୍ଭୁକ୍ତ ।

ଉନ୍ନତ ଚୂଲ୍ଲୀ ଯୋଗାଣ କାର୍ଯ୍ୟକ୍ରମରେ ଉକ୍ତ ସମୟ ମଧ୍ୟରେ ୮୭୩ଟି ଉନ୍ନତ ଚୂଲ୍ଲୀ ଯୋଗାଇ ଦିଆଯାଇଛି । ଗତ ମଇ ମାସରେ ଏହି କାର୍ଯ୍ୟକ୍ରମରେ ଯୋଗାଇ ଦିଆଯାଇଥିବା ଚୂଲ୍ଲୀ ସଂଖ୍ୟା ହେଉଛି ୧,୦୩୬ ।

ଗତ ମଇ ମାସ ସୁଦ୍ଧା ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ୩୭୪ଟି କୃଷି ପାଇଁ ଉଦ୍ଦିଷ୍ଟ ପମ୍ପ ସେଟ୍‌କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ବୋଲି ଗତ ମଇ ମାସ କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ପ୍ରକାଶ ।

## ଟସର ଓ ରେଶମ ଶିଳ୍ପର ସମ୍ପ୍ରସାରଣ ଆବଶ୍ୟକ

ଓଡ଼ିଶା ରାଜ୍ୟ ଟସର ଓ ରେଶମ ସମବାୟ ସମିତିର ବାର୍ଷିକ ଅଧିବେଶନ ଗତ ଜୁନ୍ ୨୯ ତାରିଖ ଦିନ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବୟନ ଓ ହସ୍ତତନ୍ତ ମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମ୍ମଦ ବିଶେଷ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରାଥମିକ ସମିତିର ସଭାପତି ଶ୍ରୀ ସନାତନ ମହାନ୍ତି ସଭାପତିତ୍ୱ କରିଥିଲେ । ଏହି ସଭାରେ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଶୀର୍ଷ ବୁଣାକାର ସମିତିର ସଭାପତି ଶ୍ରୀ ଶେଷ କୁମାର ମେହେର ଓ ପ୍ରାଥମିକ ଟସର ତଥା ବୁଣାକାର ସମିତିର ସଭ୍ୟ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

ସଭାର ପ୍ରାରମ୍ଭରେ ସମିତିର ୧୯୯୦–୯୧ ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ସମିତି ଏହି ଆର୍ଥିକ ବର୍ଷରେ ୬୭ ଲକ୍ଷ ଟଙ୍କାର ଟସର କୋଷା ବିକ୍ରୟ କରିଛି । ୧୪ ଲକ୍ଷ ଟଙ୍କାର ପାଟକୋଷା ଚାଷୀମାନଙ୍କଠାରୁ ଖରିଦ କରି ତହିଁରୁ ସୂତା କାଟିବାର ବ୍ୟବସ୍ଥା କରିଛି । ଟସର ତଥା ରେଶମ ଶିଳ୍ପ ପାଇଁ ସମିତି ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରିଛି । ସୁପରିଚାଳନା ପାଇଁ ସମିତି ଗୋଟିଏ ସ୍ୱତନ୍ତ୍ର ବୈଷୟିକ ପ୍ରକୋଷ୍ଠ ଖୋଲିଛି । ଏହି ବର୍ଷ ଟସର ଗୁଟି କୋଷାର କିଣା ଦର ହୋଲା ପିଛା ୧୦୦ ଟଙ୍କାକୁ ଓ ପାଟକୋଷା କିଣା ଦର କେଃ ଜିଃ ପ୍ରତି ୬୦ ଟଙ୍କାକୁ ବଢ଼ାଯାଇଛି । ସମିତି ବ୍ୟବସାୟରେ ୫ ଲକ୍ଷ ୭୩ ହଜାର ଟଙ୍କା ଲାଭ କରିଛି । ମନ୍ତ୍ରୀ ମହୋଦୟ ସମିତିର ସୁପରିଚାଳନା ପାଇଁ ସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଏହି ସମିତି ଟସର ଓ ରେଶମ ଶିଳ୍ପ ସମ୍ପ୍ରସାରଣରେ ଚାଷୀମାନଙ୍କୁ ଅଧିକ ସାହାଯ୍ୟ କରିବ ବୋଲି ଆଶା ପୋଷଣ କରିଥିଲେ ।

ପରେ ମନ୍ତ୍ରୀ ଢେଙ୍କିକୋଟ ଟସର ସମବାୟ ସମିତିକୁ ଯାଇ ସେଠାରେ ଆଦିବାସୀ ପରିବାରଙ୍କ ଦ୍ୱାରା ଟସର କୋଷା କିଣା ବିକା ହେଉଥିବା ଓ ଟସର ସୂତା କଟା, ଲୁଗା ବୁଣା ଆଦି ଅନୁଧ୍ୟାନ କରିଥିଲେ ।

## ମହୁ ଉତ୍ପାଦନ ବୃଦ୍ଧି ପାଇଁ ଉଚ୍ଚସ୍ତରୀୟ ବୈଠକ

ଓଡ଼ିଶାରେ ମହୁ ଶିଳ୍ପର ଉନ୍ନତି ପାଇଁ ଅଧିକ ସୁବିଧା ଥିବାରୁ ମହୁ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ

ଆଲୋଚନା କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଚିବାଳୟଠାରେ ଜୁନ୍ ୨୦ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ମହୁ ଚାଷର ଉନ୍ନତି କରି ମହୁ ଉତ୍ପାଦନ ବୃଦ୍ଧି ପାଇଁ ସକ୍ରିୟ ପଦକ୍ଷେପମାନ ଗ୍ରହଣ କରାଯିବା ଉଚିତ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ଏବଂ ପାରମ୍ପରିକ ରୀତିରେ କରାଯାଉଥିବା ମହୁ ଚାଷକୁ ଅଧିକ ସୁଦୃଢ଼ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ, ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଓ ରାଜ୍ୟ ଖଦୀ ଏବଂ ଗ୍ରାମୋଦ୍ୟୋଗ ବୋର୍ଡ଼ ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ଚାଷକୁ ଅଧିକ ଉତ୍ସାହିତ କରାଯାଇ ଆମଦାନୀ କରାଯାଉଥିବା ମହୁକୁ ରାଜ୍ୟ ବାହାରେ ବିକ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରିବାକୁ ସେ ସମ୍ପୃକ୍ତ ବିଭାଗମାନଙ୍କୁ ପରାମର୍ଶ ଦେଇଥିଲେ ।

ରାଜ୍ୟରେ ବର୍ତ୍ତମାନ ୧୨ ହଜାର ୬୫୫ଟି ଗ୍ରାମରେ ମହୁ ଚାଷ କରାଯାଉଛି ଏବଂ ମୋଟ୍ ୨୮ ହଜାର ୨୮୧ ଜଣ ଚାଷୀ ମହୁଚାଷ କରୁଛନ୍ତି । ୬୦ ହଜାର ୨୬୦ଟି ମହୁ ମାଛି ପାଳନ କେନ୍ଦ୍ର ସ୍ଥାପିତ ହୋଇଛି ଏବଂ ଏଥିରୁ ଗତ ୧୯୯୦ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ୫ ଲକ୍ଷ ୮୦ ହଜାର ୩୪୧ କିଲୋଗ୍ରାମ ମହୁ ଉତ୍ପାଦିତ ହୋଇଛି ଏବଂ ଯାହାର ମୂଲ୍ୟ ହେଉଛି ୧ କୋଟି ୨୭ ଲକ୍ଷ ୬୭ ହଜାର ୫୬୮ ଟଙ୍କା । ଉକ୍ତ ସମୟ ମଧ୍ୟରେ ୫୮୧ କିଲୋଗ୍ରାମ ୱାକ୍ସ ଆମଦାନୀ ହୋଇଛି । ଯାହାର ମୂଲ୍ୟ ହେଉଛି ୧୨ ହଜାର ୬୨୫ ଟଙ୍କା । ଏହି କାର୍ଯ୍ୟକ୍ରମରେ ମୋଟ୍ ୨୯ ହଜାର ୨୮୧ ଜଣ ବ୍ୟକ୍ତି ଆଂଶିକ ଭାବେ କର୍ମ ନିଯୁକ୍ତି ପାଇଛନ୍ତି ଏବଂ ୨,୫୧୦ଟି ମହୁ ବାକ୍ସ ବଣ୍ଟାଯାଇଛି । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସମବାୟ ସମିତି ଏବଂ ଆଦିବାସୀ ଉନ୍ନୟନ ସଂସ୍ଥା ଜରିଆରେ କାର୍ଯ୍ୟ କରୁଛି ।

ରାଜ୍ୟର ୨୧ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମଧ୍ୟରୁ ୨୦ଟିରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ଏବଂ ୮୯ଟି ମହୁ ମାଛି ପାଳନ କେନ୍ଦ୍ର କାର୍ଯ୍ୟ କରୁଛି । ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ୧,୬୧୬ଟି ଗ୍ରାମରେ ୮,୧୬୯ଟି ମହୁ ମାଛି ପାଳନ କେନ୍ଦ୍ର କାର୍ଯ୍ୟ କରୁଛି ଏବଂ ସେଥିରୁ ୨୭ ହଜାର ୪୧୦ କିଲୋଗ୍ରାମ୍ ମହୁ ଉତ୍ପାଦନ କରାଯାଇଛି ।

ଏହି ବୈଠକରେ ସମ୍ପୃକ୍ତ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଓଡ଼ିଶା ସାହିତ୍ୟ ଏକାଡେମୀର ନୂତନ ସଦସ୍ୟ

ରାଜ୍ୟ ସାହିତ୍ୟ ଏକାଡେମୀର ନୂତନ ପରିଷଦ ଜୁନ୍ ମାସ ୧୯ ତାରିଖଠାରୁ ତିନିବର୍ଷ ପାଇଁ ନିମ୍ନଲିଖିତ ସଦସ୍ୟଙ୍କୁ ନେଇ ଗଠନ କରାଯାଇଛି । ଏହି ନୂତନ ପରିଷଦର ସଭାପତି ରୂପେ ଶ୍ରୀମତୀ ମନୋରମା ମହାପାତ୍ର ଏବଂ ଉପ ସଭାପତି ରୂପେ କୋଣାର୍କ ମାଗାଜିନ୍‌ର ସମ୍ପାଦକ ଶ୍ରୀ ବିନୋଦ ଚନ୍ଦ୍ର ନାୟକ ମନୋନୀତ ହୋଇଥିବା ବେଳେ ଏକାଡେମୀର ସମ୍ପାଦକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହା ... ସଂସ୍କୃତି ନିର୍ଦ୍ଦେଶାଳୟର ଆକାଉଣ୍ଟାଣ୍ଟଙ୍କୁ ପରିଷଦର କୋ... ତଥା ଅର୍ଥ ପରାମର୍ଶଦାତା ରୂପେ ମନୋନୀତ କରାଯା... ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶି... ପରିଷଦର ନିର୍ଦ୍ଦେଶକ, ପ୍ରଫେସର ଶ୍ରୀ ଗୌରୀକୁମାର ବ୍ର... ପ୍ରଫେସର ଶ୍ରୀ ଜ୍ଞାନାନନ୍ଦ ରାୟ ଏବଂ ପ୍ରଫେସର ଶ୍ରୀ ... କୁମାର ଆଚାର୍ଯ୍ୟଙ୍କୁ ପରିଷଦର ରାଜ୍ୟସ୍ତରୀୟ ସଭ୍ୟ ରୂ... ନିଆଯାଇଛି । ଜିଲ୍ଲା ସ୍ତରରୁ ମନୋନୀତ ସଭ୍ୟମାନଙ୍କ ମଧ୍ୟ... କଟକରୁ ଶ୍ରୀ ହୁସେନ୍ ରବି ଗାନ୍ଧୀ, ପୁରୀରୁ ଶ୍ରୀ ବିଷ୍ଣୁ ପ୍ର... ବାହାଲିଆ, ବାଲେଶ୍ୱରରୁ ଶ୍ରୀ ବ୍ରଜନାଥ ରଥ, ଗଞ୍ଜା... ଶ୍ରୀ ଲକ୍ଷ୍ମୀ ନାରାୟଣ ମହାପାତ୍ର, କୋରାପୁଟରୁ ଶ୍ରୀ ଗୋପ... ପଣ୍ଡା, କଳାହାଣ୍ଡିରୁ ଶ୍ରୀ ନୀଳ ଲୋହିତ ସିଂହଦେଓ, ବଲାଙ୍ଗି... ଶ୍ରୀ କେଶବ ଚନ୍ଦ୍ର ମେହେର, ସମ୍ବଲପୁରରୁ ଶ୍ରୀ ଶରତ ନାର... ବେହେରା, ଢେଙ୍କାନାଳରୁ ଶ୍ରୀ ରମେଶ ଚନ୍ଦ୍ର ଧଳ, ମୟୂରଭ... ଶ୍ରୀ ସାତକୋଡ଼ି ହୋତା, କେନ୍ଦୁଝରରୁ ଶ୍ରୀ ବେଣୁଧର ରାଉ... ଫୁଲବାଣୀରୁ ଶ୍ରୀ କୁମୁଦ ଚନ୍ଦ୍ର ମଲ୍ଲିକ ଏବଂ ସୁନ୍ଦରଗଡ଼ ଜି... ଶ୍ରୀମତୀ ଅଳକା ଶୁଦ୍ଧ ଅନ୍ତର୍ଭୁକ୍ତ । ସେହିଭଳି ବିଶ୍ୱବିଦ୍ୟା... ସ୍ତରରୁ ମନୋନୀତ ସଭ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟା... ଡଃ ବାସୁଦେବ ସାହୁ, ଡଃ ବୈଷ୍ଣବ ସାମଲ ଓ ଡଃ କେ.ଉ.ମି... ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଡଃ ଗଗନେନ୍ଦ୍ର ଦାସ, ଜଗନ୍ନାଥ ସଂସ୍କୃ... ବିଶ୍ୱବିଦ୍ୟାଳୟରୁ ଡଃ ଗୌରାଙ୍ଗ ଚରଣ ନାୟକ, ସମ୍ବଲପୁ... ବିଶ୍ୱବିଦ୍ୟାଳୟରୁ ଶ୍ରୀ ହାଡ଼ିବନ୍ଧୁ ମିଶ୍ର, କୃଷି ଓ ବୈଷୟି... ବିଶ୍ୱବିଦ୍ୟାଳୟରୁ ଡଃ ଏନ୍: ସି: ପଣ୍ଡା ଏବଂ ରାଜ୍ୟ ଆର୍କେଓଲୋ... ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ପ୍ରଶାନ୍ତ କୁମାର ରାୟ ପ୍ରମୁଖଙ୍କୁ ... ପରିଷଦର ସଭ୍ୟ ରୂପେ ମନୋନୀତ କରାଯାଇଛି ।

## ଖଣି ଶ୍ରମିକ କଲ୍ୟାଣ ପାଣ୍ଠି ଉପଦେଷ୍ଟା କମିଟି ବୈଠକ

ଗିଜୁନ୍ ୨୦ ତାରିଖରେ ରାଜ୍ୟସ୍ତରୀୟ ଖଣି ଶ୍ରମିକ କଲ୍ୟାଣ ପା... ଉପଦେଷ୍ଟା-କମିଟିର ଅଧ୍ୟକ୍ଷ ତଥା ଶ୍ରମ ଓ ନିଯୋଜନ ମନ୍ତ୍ରୀ... ଶ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୌରହିତ୍ୟରେ ଏଠାରେ କମିଟିର ୧୦... ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ଜାନୁଆରୀ ୧... ତାରିଖରେ ବସିଥିବା ଲୁହା ପଥର, ମାଙ୍ଗାନିଜ୍ ଓ କ୍ରୋମ ପଥ... ଖଣି ଶ୍ରମିକ କଲ୍ୟାଣ ପାଣ୍ଠି ରାଜ୍ୟସ୍ତରୀୟ ଉପଦେଷ୍ଟା କମି... ୬୮ତମ ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଅନୁମୋଦନ କରାଯିବା ସଙ୍ଗେ ସଙ୍ଗେ ତାହା ଉପରେ ଗ୍ରହ... କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ମଧ୍ୟ ଆଲୋ... କରାଯାଇଥିଲା ।

ଏହା ବ୍ୟତୀତ ଏସ୍: ସି: ବି: କେ: ମାଙ୍ଗାନିଜ୍ ଖଣି ପାଇଁ ... ମିନି ସ୍କୁଲ ବସ୍ କ୍ରୟ, ବିଭିନ୍ନ ଖଣି ପରିଚାଳନା ସଂସ୍ଥା ପାଇଁ ... ଏମ୍: ଏମ୍: ପ୍ରୋଜେକ୍ଟର ଲାଗି ମଞ୍ଜୁରୀ, ଓଡ଼ିଶା ଖଣି ନିଗମ ... ଏକ ଆମ୍ବୁଲାନ୍ସ ଗାଡ଼ି ଖର୍ଚ୍ଚ ନିମନ୍ତେ ଅନୁଦାନ ଦେବା ଇତ୍ୟାଦି

ଅନ୍ୟ ପ୍ରସ୍ତାବ ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ମିନିବସ୍ ଓ ସାଧାରଣ ବସ୍ ଖର୍ଚ୍ଚ ଲାଗି କେନ୍ଦ୍ର ମନ୍ତ୍ରଣାଳୟ ଯଥାକ୍ରମେ ୬୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କା ଏବଂ ୧ ଲକ୍ଷ ୨୫ ହଜାର ଟଙ୍କାରୁ ୧ ଲକ୍ଷ ୫୦ ହଜାର ଟଙ୍କାକୁ ବୃଦ୍ଧି କରିଥିବାରୁ ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ । ଯୋଡ଼ା କେନ୍ଦ୍ରୀୟ ଡାକ୍ତରଖାନାକୁ ଦ୍ୱିତୀୟ ଆମ୍ବୁଲାନ୍ସ ଗାଡ଼ି ଯୋଗାଇ ଦେବା ପାଇଁ ପୁନର୍ବିଚାର କରିବା ଲାଗି ଶ୍ରମ ମନ୍ତ୍ରଣାଳୟକୁ ଆଉ ଥରେ ଅନୁରୋଧ କରାଯିବା ପାଇଁ ସଦସ୍ୟମାନେ ଦୃଢ଼ ମତ ପ୍ରକାଶ କରିଥିଲେ ।

## ରାଜ୍ୟ ପରିବହନ ବସ୍ ଟିକଟ ଫାଙ୍କି ରୋକିବାକୁ ଦୃଢ଼ ପଦକ୍ଷେପ

ରାଜ୍ୟ ସଡ଼କ ପରିବହନ ନିଗମର ବସ୍‌ଗୁଡ଼ିକରେ ଟିକଟ ଫାଙ୍କିକୁ ରୋକିବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି । ଟିକଟ ବାବଦ ଦେୟ ଦେଉନଥିବା ବସ୍ ଯାତ୍ରୀମାନଙ୍କଠାରୁ ଏଣିକି ୫୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବା ଲାଗି ବ୍ୟବସ୍ଥା ହେଉଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା କହିଛନ୍ତି ।

ଭୁବନେଶ୍ୱର କସ୍ତୁରବା ନାରୀ ମହଲଠାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବସ୍ ଚାଳକ ସଙ୍ଘ ସମ୍ମିଳନୀର ଖୋଲା ଅଧିବେଶନରେ ଉଦ୍‌ବୋଧନ ଦେଇ ଜୁନ୍ ୨୩ରେ ଶ୍ରୀ ବେହେରା ଏହା ପ୍ରକାଶ କରିଛନ୍ତି । ସେ କହିଲେ ଯେ ରାଜ୍ୟ ବିଧାନ ସଭାର ଆସନ୍ତାମୀ ଅଧିବେଶନରେ ଏ ସମ୍ପର୍କରେ ଏକ ବିଲ୍ ଆଗତ କରାଯିବ । ଏଥି ପୂର୍ବରୁ ନିଗମ ବସ୍‌ଗୁଡ଼ିକର ଟିକଟ ଫାଙ୍କି ଲାଗି ୫୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟର ବ୍ୟବସ୍ଥା ଥିଲା । ଅନ୍ଧ୍ରପ୍ରଦେଶର ପରିବହନ ନିୟମାବଳୀ ଢାଞ୍ଚାରେ ଏଠାରେ ଜୋରିମାନା ବାବଦ ଅର୍ଥ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

ରାଜ୍ୟରେ ପରିବହନ ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବେହେରା କହିଲେ ଯେ ରାଜ୍ୟର ୩ଟି ଆର. ଟି. ଓ. ଡିଭିଜନ୍‌ରେ ଡେପୁଟି କମିଶନର ପଦବୀ ସୃଷ୍ଟି କରାଯିବା ଲାଗି ବ୍ୟବସ୍ଥା ହେଉଛି । ଦୁର୍ଘଟଣାକୁ ରୋକିବା ପାଇଁ ଜାତୀୟ ରାଜପଥରେ ପରିବହନ ବିଭାଗ ପକ୍ଷରୁ ପ୍ରଥମ କରି ବେତାର ଯନ୍ତ୍ର ଥିବା ଗାଡ଼ି ସହିତ ପ୍ରାଥମିକ ଚିକିତ୍ସାର ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଉଛି । ବେପରୁଆ ଭାବରେ ଗାଡ଼ି ଚଳାଉଥିବା ବସ୍ ଚାଳକମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ଯାତ୍ରୀବାହୀ ବସ୍‌ଗୁଡ଼ିକରେ ହେଉଥିବା ଦୁର୍ନୀତିମୂଳକ କାର୍ଯ୍ୟକଳାପ ଧରାଇ ଦେବା ବ୍ୟକ୍ତି ବିଶେଷଙ୍କୁ ଆର୍ଥିକ ପୁରସ୍କାର ଦେବା ଲାଗି ମଧ୍ୟ ପରିବହନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଥିଲେ ।

ପରିବହନ କର୍ମଚାରୀମାନେ ଏକତାବଦ୍ଧ ଭାବରେ ଦାୟିତ୍ୱ ସମ୍ପାଦନ କରିବାକୁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ପରିବହନ କର୍ମଚାରୀମାନଙ୍କ ସମ୍ପର୍କରେ ଜନସାଧାରଣଙ୍କର ଯେଉଁ ଭ୍ରାନ୍ତ ଧାରଣା ରହିଛି, ତାହା ଦୂର କରିବାଦିଗରେ ସେମାନେ ଯତ୍ନଶୀଳ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ ।

ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ରାଜ୍ୟର ମୋଟ୍ ଘରୋଇ ବସ୍‌ର ଶତକଡ଼ା ୬୭ ଭାଗ ଗ୍ରାମାଞ୍ଚଳକୁ ନଯାଇ ଜାତୀୟ ରାଜପଥରେ ଚଳାଚଳ କରୁଥିବା ଦର୍ଶାଇ ଗ୍ରାମାଞ୍ଚଳର ଯାତ୍ରୀମାନଙ୍କ ସୁବିଧା ଦୃଷ୍ଟିରୁ ଅଧିକ ସଂଖ୍ୟକ ଘରୋଇ ବସ୍ ଏହି ଅଞ୍ଚଳରେ ଚଳାଚଳ ନିମନ୍ତେ ସମ୍ପୃକ୍ତ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ ବୋଲି ଶ୍ରୀ ମିଶ୍ର ଆଶା ପ୍ରକାଶ କରିଥିଲେ । କୋରାପୁଟ ଓ ଫୁଲବାଣୀ ଜିଲ୍ଲାରେ ରାସ୍ତା ଜାତୀୟକରଣ କରାଯାଇ କେବଳ ସରକାରୀ ବସ୍ ଚଳାଚଳ ହେବ ବୋଲି ସେ ସୂଚନା ଦେଇଥିଲେ । ପରିବହନ ନିଗମରେ କର୍ମଚାରୀମାନଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବାର ପଦକ୍ଷେପ ନିଆଯାଉଛି ଏବଂ ନିଗମର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପେନ୍‌ସନ୍, ଗ୍ରାଚ୍ୟୁଇଟି ନିଗମର ମୁଖ୍ୟ କାର୍ଯ୍ୟାଳୟରୁ ସିଧାସଳଖ ମିଳିବ ବୋଲି ସେ ସୂଚନା ଦେଇଥିଲେ ।

ଏହି ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରସଙ୍ଗରେ ବସ୍ ଚାଳକମାନଙ୍କର ବିଭିନ୍ନ ଦାବୀ ଉପସ୍ଥାପନ କରିଥିଲେ । ଶେଷରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉନ୍ନତ ଚୁଲ୍ଲୀ ସ୍ଥାପନ

ଗତ ମଇ ମାସରେ ରାଜ୍ୟରେ ୧,୦୩୬୬ଟି ଉନ୍ନତ ଚୁଲ୍ଲୀ ସ୍ଥାପନ କରାଯାଇଛି । ସେଥିମଧ୍ୟରୁ କଟକ ଜିଲ୍ଲାରେ ୮୯୬ଟି, ସମ୍ବଲପୁର ଜିଲ୍ଲାରେ ୨୩୦ଟି ଓ ପୁରୀ ଜିଲ୍ଲାରେ ୯୦ଟି ଉନ୍ନତ ଚୁଲ୍ଲୀ ସ୍ଥାପନ କରାଯାଇଛି ବୋଲି ବିଜ୍ଞାନ ଓ ବୈଷୟିକ ବିଭାଗ ସୂତ୍ରରୁ ପ୍ରକାଶ ।

## ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପିତ

ଗତ ମଇ ମାସରେ ରାଜ୍ୟରେ ୧,୫୮୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି ବୋଲି ବିଜ୍ଞାନ ଓ ବୈଷୟିକ ବିଭାଗ ସୂତ୍ରରୁ ପ୍ରକାଶ । ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୫୬୧ଟି ପ୍ଲାଣ୍ଟ ସ୍ଥାପିତ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ୨୯୦ଟି, ମୟୂରଭଞ୍ଜ ଜିଲ୍ଲାରେ ୨୬୩ଟି, କଳାହାଣ୍ଡି ଜିଲ୍ଲାରେ ୨୮୮ଟି, କଟକ ଜିଲ୍ଲାରେ ୧୯୩ଟି, ସମ୍ବଲପୁର ଜିଲ୍ଲାରେ ୬୧ଟି, ପୁରୀ ଜିଲ୍ଲାରେ ୨୮ଟି, କୋରାପୁଟ ଜିଲ୍ଲାରେ ୨୬ଟି, ଫୁଲବାଣୀ ଜିଲ୍ଲାରେ ୧୦ଟି, ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ୪ଟି ଲେଖାଏଁ ଏବଂ କେନ୍ଦୁଝର ଜିଲ୍ଲାରେ ୨ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ତ୍ୟାଗ ଓ ଦେଶପ୍ରେମର ଆଦର୍ଶରେ ଯୁବସମାଜ ଉଦ୍‌ବୁଦ୍ଧ ହୁଅନ୍ତୁ

### (ରାଜ୍ୟସ୍ତରୀୟ ଶ୍ରାଦ୍ଧ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ)

ଶହୀଦ ବୀର ଲକ୍ଷ୍ମଣ ନାୟକଙ୍କ ତ୍ୟାଗ ଓ ଦେଶପ୍ରେମରେ ନୂତନ ପିଢ଼ିର ଯୁବକମାନେ ଅନୁପ୍ରାଣିତ ହେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ସଂସ୍କୃତି ବିଭାଗ ଓ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶହୀଦ ବୀର ଲକ୍ଷ୍ମଣ ନାୟକଙ୍କ ୪୯ତମ ଶ୍ରାଦ୍ଧ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ, ଆଜକୁ ଦୀର୍ଘ ୫୦ ବର୍ଷ ତଳେ ସୁଦୂର କୋରାପୁଟର ଆଦିବାସୀ ଇଲାକାରେ ଭାରତର ମୁକ୍ତି ବିପ୍ଳବକୁ ସାହାଯ୍ୟ କରିବା ପାଇଁ ଯେଉଁ ଲକ୍ଷ୍ମଣ ନାୟକ ସ୍ୱପ୍ନ ଦେଖିଥିଲେ, ତାଙ୍କୁ ଆମର ଯୁବକମାନେ ଭଲରୂପେ ଜାଣିବା ଦରକାର । ସେ କହିଲେ ଯେ, ଆଜି ୫୦ ବର୍ଷ ଭିତରେ ଯୁଗ ବଦଳି ଯାଇଛି । ସେତେବେଳେ କେହି ଚିନ୍ତା କରୁନଥିଲେ ଯେ ଦେଶଠାରୁ ଆମେ କ'ଣ ପାଇବା, ମାତ୍ର ଦେଶକୁ ଆମେ କ'ଣ ଦେଇପାରିବା । ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରି କହିଲେ ଯେ, ଦେଶର ଗରିବ ଲୋକ, ଆଦିବାସୀ ଲୋକେ ଆଜି ମଧ୍ୟ ଶୋଷିତ ଓ ଲୁଣ୍ଠିତ । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ଚିନ୍ତା କରିବାକୁ ସେ ପରାମର୍ଶ ଦେଇଥିଲେ ।

ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର ମହା... ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ସଂଗ୍ରାମ ଆରମ୍ଭ ହୋଇଥି... ସେଥିରେ ସଂଗ୍ରାମୀମାନେ ଯେଉଁଭଳି ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ଶହୀଦ ଲକ୍ଷ୍ମଣ ନାୟକ ଏହାର ଶ୍ରେଷ୍ଠ ଦୃଷ୍ଟା... ଥିଲେ । ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋ... ଦେଶାତ୍ମବୋଧ ଜାଗ୍ରତ କରିବା ପାଇଁ ଚେଷ୍ଟିତ ହେବା ଉପରେ ... ଗୁରୁତ୍ୱ ଆରୋପ କରିଥିଲେ ।

ବିଶିଷ୍ଟ ସଂଗ୍ରାମୀ ଶ୍ରୀ ମନମୋହନ ମିଶ୍ର କହିଲେ ଯେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ସ୍ୱାଧୀନତା ପରେ ... ମଧ୍ୟ ସ୍ୱାଧୀନତା ପୂର୍ବବର୍ତ୍ତୀ ଅବସ୍ଥା ଭଳି ଦରିଦ୍ର ଓ ଲାଞ୍ଛିତ ହୋ... ରହିଛନ୍ତି । ଲକ୍ଷ୍ମଣ ନାୟକଙ୍କ ଦେଶପ୍ରେମ ଅତୁଳନୀୟ ବୋଲି ସେ ବର୍ଣ୍ଣନା କରିଥିଲେ ।

ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସି... ତାଙ୍କର ପ୍ରାରମ୍ଭିକ ଭାଷଣରେ କହିଲେ ଯେ, ଜାତୀୟ ଆନ୍ଦୋଳନ... ଆଦର୍ଶ ଓ ମୂଲ୍ୟବୋଧକୁ ବ୍ୟାପକ ଭାବରେ ଯୁବକମାନ... ନିକଟରେ ପହଞ୍ଚିବା ପାଇଁ ଏହି ଶହୀଦ ଦିବସ ରାଜ୍ୟର ଭିନ୍ନ... ସ୍ଥାନରେ ପାଳନ କରାଯାଉଛି । ଶହୀଦ ଲକ୍ଷ୍ମଣ ନାୟକ ଯେଉଁ... ସମାଜ ଓ ଶ୍ରେଣୀରୁ ଆସି ସ୍ୱାଧୀନତାର ବିପ୍ଳବୀ ... ସେହି ଆଦିବାସୀ ଜୀବନର ସମସ୍ୟା ସମ୍ପର୍କରେ ଶବରୀ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସେମିନାରମାନ କରାଯିବ ବୋଲି ସେ ସୂଚନା ଦେଇଥିଲେ ।

ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଅନ୍ୟମାନଙ୍କ ମଧ୍ୟରେ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝି ଭାଷଣ ଦେଇଥିଲେ ।




**କୃଷି ବୈଷୟିକ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ କୃଷିମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ ଉଦ୍‌ବୋଧନ ଦେଉଛନ୍ତି (୨୭/୬) ।**

# କୁନ୍ତନକାରୀ ବନ୍ୟପ୍ରାଣୀ ଝିଙ୍କ

• ଜେନାମଣି ଲକ୍ଷ୍ମୀକାନ୍ତ

ଏବର ବିଶ୍ୱରେ ଥିବା ତିନି ହଜାରରୁ ମୂଷିକ ଜାତୀୟ ବା କୁନ୍ତନକାରୀ ପ୍ରାଣୀଙ୍କ ମଧ୍ୟରେ 'ଝିଙ୍କ' ଅନ୍ୟତମ ବୋଲି ପ୍ରାଣୀ ବିଜ୍ଞାନୀ ବ୍ଲାକ୍ ଓ୍ୱେଲଡ଼ରଙ୍କର ଅଭିମତ । ଭାରତୀୟ କୁନ୍ତନକାରୀ ପ୍ରାଣୀ ମୁଖ୍ୟତଃ ତିନି ଜାତିର—ଏମାନେ ହେଲେ ଯଥାକ୍ରମେ ମୂଷା, ଗୁଞ୍ଜୁଚି ମୂଷା ଓ ଝିଙ୍କ । ଆଉସବୁ କୁନ୍ତନକାରୀ ପ୍ରାଣୀଙ୍କର ପର ଓ କାଠି ନଥିବା ବେଳେ ଝିଙ୍କର ଲୋମ ଗୋଜିଆ କାଠି ଭଳି ହୋଇଥାଏ ଓ ତା ଉପରେ କଳାଧଳାର ମୁଦି ଭଳି ଗାର ଗାର ପଡ଼ିଥାଏ । ଝିଙ୍କର ଲୋମ ଏମିତି କାଠି ଭଳି କିଭଳି ହେଲା ସେ ସମ୍ପର୍କରେ ମାଳୟରେ ସୁନ୍ଦର ଲୋକ କଥାଟିଏ ଏବେ ବି ଜନ ମୁଖରେ ବଞ୍ଚି ରହିଛି କେଉଁ ଆଉ ମା' ଅମଳରୁ । ସଂକ୍ଷେପରେ ସେହି ଲୋକ କଥାଟି ହେଉଛି ଏହିଭଳି ।

ଜୋର ଯାହାର ମୁଲକ ତାହାର ଓ ଜଙ୍ଗଲୀ ନ୍ୟାୟରେ ବଡ଼ ବଡ଼ ହିଂସ୍ର ପଶୁମାନେ ଛୋଟ ଛୋଟଙ୍କୁ ନିର୍ଦ୍ଦ୍ୱନ୍ଦ୍ୱରେ ଯେତେବେଳେ ନିପାତ କରି ଖାଇ ବସିଲେ ସେତେବେଳେ ବଂଶଲୋପ ଭୟରେ ବହୁ ପ୍ରାଣୀଙ୍କ ମଧ୍ୟରେ ଚହଳ ପଡ଼ିଗଲା । ଦିନେ ସମସ୍ତେ ରୁଣ୍ଡ ହୋଇ ବିଚାରିଲେ ଆମେ ସମସ୍ତେ ମିଳି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପାଖକୁ ଯିବା ଓ ଏହାର ପ୍ରତିକାର ପାଇଁ ଦାବୀ କରିବା । ତାହା ହିଁ ହେଲା । ବଡ଼ବଡ଼ିଆଙ୍କ ଖାଦ୍ୟ ହୋଇ ମରୁଥିବା ବହୁ ନିରୀହ ବନ୍ୟ ପ୍ରାଣୀ ବ୍ରହ୍ମାଙ୍କ ଦରବାରରେ ରୁଣ୍ଡ ହେଲେ । ସମସ୍ତଙ୍କୁ ଆତ୍ମରକ୍ଷା ପାଇଁ ବ୍ରହ୍ମା କିଛିନା କିଛି ପ୍ରତିରୋଧ ଶକ୍ତି ଦେଲେ । ଯିଏ ଯାହାର ମନ ଖୁସିରେ ଘରକୁ ମୁହାଁଇଲେ । ଶେଷରେ ବୁଦା ମୂଳରେ ଛପି ରହିଥିବା କୁନ୍ତନକାରୀ ପ୍ରାଣୀଟିଏ ଭୟରେ ବ୍ରହ୍ମାଙ୍କ ପାଖକୁ ଯାଇ ଆପଣାର ଦୁଃଖ ଓ ଓଜର ଜଣାଇଲା । ବ୍ରହ୍ମା ଅଭୟ ଆଶୀର୍ବାଦ ଦେଇ ତା ଉପରେ ନିଜ ହାତ ବୁଲାଇ ଆଣି କହିଲେ "ବତ୍ସ ! ଏବେ ନିର୍ଭୟରେ ଯାଅ । ଆଜିଠାରୁ ତୁମର ଲୋମ ଗୋଜିଆ କାଠିର ତୀରରୂପ ନେଲା ଏବଂ ଯେତେବେଳେ ତୁମେ ଶତ୍ରୁର ଆକ୍ରମଣକୁ ପ୍ରତିହତ କରିବାକୁ ଚାହିଁବ ସେତେବେଳେ ଏହି କାଠି ତୀର ଭଳି ଛୁଟି ଦେହରୁ ଅକ୍ଲେଶରେ ବାହାରି ଯାଇ ଶତ୍ରୁକୁ ବିଦ୍ଧ କରିବ"। ତାହାହିଁ ହେଲା । ସେଇ ଦିନୁ କୁନ୍ତନକାରୀ ପ୍ରାଣୀ ଝିଙ୍କର ଲୋମ କାଠି ଭଳି ତୀର ହୋଇ ତାକୁ ବଞ୍ଚାଇବାରେ ସାହାଯ୍ୟ କରୁଛି ଆଜିଯାଏ । ଅନ୍ୟ କୁନ୍ତନକାରୀ ପ୍ରାଣୀଙ୍କ ଭଳି ଝିଙ୍କର ଚାରିଗୋଟି ଛାମୁଦାନ୍ତ ଓ ବଞ୍ଚିଥିଲା ଯାଏ ଏହି ଦାନ୍ତ ତା'ର ବଢୁଥାଏ । ମୁନିଆ ଓ ଟାଣୁଆ ଦାନ୍ତ ବଳରେ ଝିଙ୍କ ଟୁକୁରୁ ଟୁକୁରୁ କରି କାଟି ପକାଏ ଓ ଖୁଣ୍ଟିପାରେ । ଗୋଟିଏ ବଡ଼ିଆଳ ଭାରତୀୟ ଝିଙ୍କର ଆକାର ସତୁରୀରୁ ନବେ ସେଣ୍ଟିମିଟର, ଲାଞ୍ଜ ଆଠରୁ ଦଶ ସେଣ୍ଟିମିଟର ଏବଂ ଓଜନ ଏଗାରରୁ ପ୍ରାୟ ଅଠର କିଲୋ ଗ୍ରାମ ମଧ୍ୟରେ ସୀମିତ ଥାଏ । ଭାରତୀୟ ଝିଙ୍କ କାଠିର ଲମ୍ବା ସାଧାରଣତଃ ଛଅ ଇଞ୍ଚରୁ ୧୨/୧୩ ଇଞ୍ଚ ।

ବର୍ଣ୍ଣ ଓ ଅବୟବ ଭିତ୍ତିରେ ସାରା ଦୁନିଆର ଝିଙ୍କଗୁଡ଼ିକ ମୁଖ୍ୟତଃ ତିନି ଜାତିର ଓ ସେଗୁଡ଼ିକ ହେଲେ(୧) ଲାଲଝିଙ୍କ, (୨) ଧୂସର ଝିଙ୍କ ଏବଂ (୩) ବୁଦା ମୂଳିଆ ଝିଙ୍କ । ଭାରତର ମହୀଶୂର, କୋଇମ୍ବାଟୁର ଓ କେରଳରେ ଦେଖା ଯାଉଥିବା ଲାଲ ଝିଙ୍କର ବର୍ଣ୍ଣ ବଦଳେ କେବେ କେବେ ଧୂସରଲାଲତ କେବେ କମଳା ରଙ୍ଗୀ ଲାଲ ବର୍ଣ୍ଣ ଧାରଣ କରେ । ଆଦିବାସୀ ଓ ଜନଜାତିମାନଙ୍କ ମଧ୍ୟରେ ଏହି ଜାତୀୟ ଝିଙ୍କ ମାଂସ ଖାଇଲେ ସ୍ନାୟୁ ଦୌର୍ବଲ୍ୟ ଓ ଦୁରାରୋଗ୍ୟ ବ୍ୟାଧି ଉପଶମ ହୁଏ ବୋଲି ଏକ ପାରମ୍ପରିକ ବିଶ୍ୱାସ ରହିଛି । ଧୂସର ଝିଙ୍କ ମାନେ ଭୂପତନର ପ୍ରାୟ ପନ୍ଦର ଶହ ମିଟର ଉଚ୍ଚ ପାହାଡ଼ ଘେରା ଜଙ୍ଗଲର ଅଧିବାସୀ । କେନ୍ଦ୍ରୀୟ ଓ ପୂର୍ବ ହିମାଳୟ ବଙ୍ଗଳାର ମାଳ ଅରଣ୍ୟରେ ଏହି ଧୂସର ଝିଙ୍କ ଦେଖାଯାନ୍ତି – ଅନ୍ୟ ଝିଙ୍କଙ୍କ ତୁଳନାରେ ଏମାନଙ୍କ ଲୋମ କାଠି ଅପେକ୍ଷାକୃତ ଛୋଟ ଅର୍ଥାତ୍ ଛଅଇଞ୍ଚ ବା ପନ୍ଦର ସେଣ୍ଟିମିଟର । ମଧ୍ୟ ପ୍ରଦେଶ, ମାଳୟ ଓ ବଙ୍ଗଳାର ମାଳ ଅରଣ୍ୟରେ ବୁଦାମୂଳିଆ (ଅର୍ଥାତ୍ ଘଞ୍ଚ ବୁଦାଳିଆ ପରଜାତି ଭରା) ଝିଙ୍କ ଦେଖା ଯାଆନ୍ତି—କାଳକ୍ରମେ ଏହି ଜାତୀୟ ଝିଙ୍କ ଏବେ ବିପନ୍ନ ପ୍ରାୟ ଓ ଏମାନଙ୍କ ସମ୍ପର୍କରେ ବିଶେଷ କିଛି ଜଣାନାହିଁ ।

ଗୋଟିଏ ସୁସ୍ଥ ସବଳ ଭାରତୀୟ ଝିଙ୍କର ପରମାୟୁ ପ୍ରାୟ ପନ୍ଦର କୋଡ଼ିଏ ବର୍ଷରେ ସୀମିତଥାଏ । ଅନ୍ୟସବୁ କୁନ୍ତନକାରୀ ପ୍ରାଣୀଙ୍କ ଭଳି ଝିଙ୍କ ଦଳଗତ ଜୀବନ ଯାପନ କରେ । ପାହାଡ଼ିଆ ବଣ ଜଙ୍ଗଲ ସମେତ ସମତଳ ଅଞ୍ଚଳ ଏମାନଙ୍କର ଚରାଭୂଇଁ । ଷାଠିଏ ଫୁଟ ବା ଅଠର ମିଟର ଲମ୍ବର ସୁଡ଼ଙ୍ଗପଥ ଖୋଳି ଭୂଇଁଠାରୁ ପ୍ରାୟ ପାଞ୍ଚ ଫୁଟ ତଳେ ଚାରି ଫୁଟ ବିଶିଷ୍ଟ ଓ ଅଠର ଇଞ୍ଚ ଉଚ୍ଚା ଏକ ଆୟତାକାର କୋଠରୀ ଖୋଳି ତା ଭିତରେ ଝିଙ୍କ ରହୁଥିବା କଥା ଜଣେ ପ୍ରାଣୀ ବିଜ୍ଞାନୀଙ୍କର " ମଧ୍ୟ ପ୍ରଦେଶୀ ଝିଙ୍କର ଜୀବନଧାରା" ଅନୁଶୀଳନରୁ ପ୍ରତିପାଦିତ । ସମତଳ ଅଞ୍ଚଳରେ ଶସ୍ୟ କ୍ଷେତର ଅନତି ଦୂରରେ ଝିଙ୍କମାନେ ଏଭଳି ଗାତ ଖୋଳି ଡ଼େରା ବାନ୍ଧନ୍ତି । ଦିନସାରା ଏମାନେ ଗାତରେ ବିଶ୍ରାମ ନିଅନ୍ତି ଓ ଝୁଲସନ୍ଧ୍ୟା ନଇଁ ଆସିଲେ ଖାଦ୍ୟ ଅନ୍ୱେଷଣରେ ବାହାରି ପଡ଼ନ୍ତି – ପାହାଡ଼ୀ ଝିଙ୍କ ମାନେ ମୁଖ୍ୟତଃ ପାହାଡ଼ ଖାପ ଖୋଲରେ ବସା ବାନ୍ଧନ୍ତି । ମାଈ ଝିଙ୍କଟିଏ ଗର୍ଭଧାରଣ କରିବାର ଛଅମାସ ଭିତରେ ଥରକେ ଦୁଇ ତିନୋଟି ଛୁଆ ଦିଏ । ଜନ୍ମବେଳେ ଛୁଆଗୁଡ଼ିକ ଆଖି ଖୋଲି ଜନ୍ମ ନିଅନ୍ତି ଓ ତାଙ୍କର ଲୋମ କଅଁଳିଆ ଥାଏ– ପରେ ଏହା ବଢ଼ି କାଠି ପରରେ ଛାର ହୋଇଯାଏ ୩/୪ ବର୍ଷ ବେଳକୁ ।

କୁନ୍ତନକାରୀ ଝିଙ୍କ ଏକ ଶାକାହାରୀ ବନ୍ୟପ୍ରାଣୀ, ଶସ୍ୟ, ମଞ୍ଜି, ବଣୁଆ ଫଳ ଓ ମୂଳ ଝିଙ୍କର ପ୍ରିୟ ଆହାର । ଏହା ସତ୍ତ୍ୱେ ମଝିରେ ମଝିରେ ଏମାନେ ବଣରେ ହରିଣ (କଳା ବାହୁଟିଆ) ଓ ବାରଶିଙ୍ଗା ଆଦିର ଛାଡ଼ିଲା ଭଙ୍ଗା ଶିଙ୍ଗ ଓ ଅନ୍ୟ ବନ୍ୟ ଜୀବଜନ୍ତୁଙ୍କର ହାଡ଼ ଚୋବାଇ ଚୋବାଇ ଖାଆନ୍ତି – ଏଥିରୁ ସେମାନେ ନିଜର ପର ବୃଦ୍ଧି ପାଇଁ ଆବଶ୍ୟକୀୟ ଚୂର୍ଣ୍ଣ ଜାତୀୟ ଖାଦ୍ୟସାର ସଂଗ୍ରହ କରିଥାନ୍ତି । ଝିଙ୍କ ସ୍ୱଭାବତଃ ନିରୀହ ଅଥଚ ଚଲାଖ । ଯେଉଁ ଗାତରେ ସେ ରୁହେ ମୁଖ୍ୟ ପ୍ରବେଶ ସୁଡ଼ଙ୍ଗ ଛଡ଼ା ଆକସ୍ମିକ ପ୍ରସ୍ଥାନ ପାଇଁ ଅନ୍ୟ ଏକ ସୁଡ଼ଙ୍ଗ ପଥ ରଖିଥାଏ । ଏଣୁ ଝିଙ୍କ ଗାତ ତାଡ଼ି ଆଦିବାସୀ ଓ ହରିଜନ ଝିଙ୍କ ଧରିବାରେ ବହୁ କ୍ଷେତ୍ରରେ ବିଫଳ ହୋଇ ଥାନ୍ତି । ଝିଙ୍କର ଆତ୍ମରକ୍ଷା ପାଇଁ ଆକ୍ରମଣ କୌଶଳ ମଧ୍ୟ ନିଆରା । ବିପଦ ବେଳେ ଶତ୍ରୁକୁ ଝିଙ୍କ ପଛକରି ଠିଆ ହୁଏ ଓ ତୂଣୀରରୁ ତୀର ଛାଡ଼ିଲା ଭଳି ସେ ଖଡ଼ ଖଡ଼ ଶବ୍ଦ କରି ପ୍ରଥମେ ଡରାଏ ଓ ସତର୍କ କରିଦିଏ । ଏହାସତ୍ତ୍ୱେ ଯଦି ଆକ୍ରମଣକାରୀ ନପଳାଏ ତେବେ ସିଏ କ୍ଷିପ୍ର ଗତିରେ ପଛେଇ ପଛେଇ ଧାଇଁ ଆସି (ଠିକ୍ କିଅର ଖେଳାଳୀ ଭଳି) ଶତ୍ରୁ ଦେହକୁ ଆଖିବୁଜା ଏହି ଗୋଳିଆ କାଠି ସଦୃଶ ବିଷାକ୍ତ ଲୋମ ବର୍ଷଣ କରେ । ଝିଙ୍କ ଆପଣାର ଆତ୍ମରକ୍ଷା ପାଇଁ ବ୍ରହ୍ମା ଦତ୍ତ ଏହି ଆୟୁଧ ବଳରେ ଚିତାବାଘ, ବାଘୁଆର, ହାଇନା ଆଦିକୁ କାବୁ ଓ ପ୍ରତିହତ କରିବାର ବହୁ ନଜିର ମଧ୍ୟ ରହିଛି ।

ଝିଙ୍କ ପରର ତୀର ନିକ୍ଷେପ କରେ ବୋଲି ବହୁ ଦିନର ଆମର ଯେଉଁ ଧାରଣା ରହି ଆସିଛି ତାହା ଅମୂଳକ ବୋଲି ପର୍ଯ୍ୟବେକ୍ଷଣକାରୀ ପ୍ରାଣୀ ବିଜ୍ଞାନୀଙ୍କ ପ୍ରତ୍ୟକ୍ଷଦର୍ଶୀ ... ପ୍ରମାଣିତ ଏବେ । ପ୍ରକୃତରେ ଝିଙ୍କ ଦ୍ରୁତ ଗତିରେ ... ଶତ୍ରୁର ଦେହରେ ତାର ଏହି ଲୋମଶ କାଠି ଭୁଷିଦିଏ ଓ ... ସଙ୍ଗେ ତା' ଦେହରୁ ସ୍ୱତଃ ବିଚ୍ଛିନ୍ନ ହୋଇଯାଏ । ... (ଉପୁଡ଼ିଲା ବା ଝଡ଼ିଲା ଲୋମ ଭଳି) ପୁଣି ଝିଙ୍କ ପିଠିରେ ... କାଠି କଅଁଳି ଗଜୁରି ଉଠେ ଓ ବଢ଼େ । ବଡ଼ ବା ... କାଠିଠାରୁ ଶ୍ୱେତ କାଠିଗୁଡ଼ିକ ଅଧିକ ଦୃଢ଼ ଓ ବଳଶାଳୀ ... ଝିଙ୍କର ଆଘ୍ରାଣ ଶକ୍ତି ବଡ଼ ପ୍ରଖର । କୌଣସି ବିପଦ ... ବୋଲି ଜାଣିବା ସଙ୍ଗେ ସଙ୍ଗେ ସେ ସେଠାରୁ ... ହୋଇଯାଏ । ମଣିଷ ଝିଙ୍କର ବଡ଼ ଶତ୍ରୁ । ଆଉ ... କାଠି ଖଡ଼ ଖଡ଼ କରି ଡରେଇଲା କ୍ଷଣି ... ବେଳେ, ମଣିଷ ଉହ୍ମଙ୍କେ ନାହିଁ – ବରଂ ଝିଙ୍କ ପ୍ରାଣ ରକ୍ଷା ପାଇଁ ... ଗତିରେ ଠେକୁଆ ଭଳି ଦୌଡ଼ି ପଳାଏ । ଓଡ଼ିଶାର ବହୁ ... ଜଙ୍ଗଲରେ ଝିଙ୍କ ଉଣାଅଧିକେ ଦେଖାଯାନ୍ତି । ମାର୍ଚ୍ଚ ମାସ ... ଠାବ ଓ ଦେଖିବାର ଏକ ପ୍ରକୃଷ୍ଟ ସମୟ । ଝିଙ୍କ ମାଂସ ... ଏଣୁ ଝିଙ୍କ ଅବାଧ ଶିକାରର ଶରବ୍ୟ । ଏଥିପାଇଁ ଭାରତ ସରକାର ... ବନ୍ୟପ୍ରାଣୀ ସଂରକ୍ଷଣ ଆଇନ୍ ୧୯୭୪ ବଳରେ ଝିଙ୍କ ଶିକାର ... ମାଂସ ଭକ୍ଷଣ ଅଥବା ପାଳନ ନିଷେଧ କରି ଅଛନ୍ତି । ... ଦ୍ରୁତ ଜଙ୍ଗଲ କ୍ଷୟ ଓ ପରିବେଶ ବିପର୍ଯ୍ୟସ୍ତ ହେତୁ, ଅନ୍ୟ ... ବନ୍ୟ ପ୍ରାଣୀଙ୍କ ସମେତ ଝିଙ୍କର ସଂଖ୍ୟା ହ୍ରାସ ପାଉଥିବା ... ଏକ ଅନୁଦାର ଦାନ । ସୁଖର କଥା ଓଡ଼ିଶାରେ ... ତେଇଶଟି ଅଭୟାରଣ୍ୟ ସୃଷ୍ଟି କରାଯାଇଛି ଓ ... ପାଇଁ ନୂଆ ଅଭିଯାନ ଚାଲିଛି । ତେଣୁ ଜଙ୍ଗଲ ... ସୃଷ୍ଟି କରାଯିବ ସେତେ ଭଲ, ହେଲେ ଥିବା ଜଙ୍ଗଲକୁ ... ଆକାଶିଆ ଇଉକାଲି ପଟ୍‌ସ ଗଛ ଏତେ ଲଗା ନଯାଉ, ... ଓ ବୃକ୍ଷରାଜିରେ ପୂର୍ଣ୍ଣ ଜଙ୍ଗଲହିଁ ପ୍ରକୃତି ସୃଷ୍ଟି– ଧାଡ଼ି ଧାଡ଼ି ... ଜଙ୍ଗଲରେ ଠେକୁଆଟିଏ ଲୁଚିବ କେଉଁଠି ? ମନଖୋଲା ... ବୁଲିବ କେମିତି ? ସାମାଜିକ ବନୀକରଣ କାର୍ଯ୍ୟକ୍ରମ ... ବନ୍ୟଜନ୍ତୁ ଗୁଣ୍ଡ ବା ହରିଣ, ଠେକୁଆ, ଝିଙ୍କ, ନେଉଳ, ... କରାଗଲେ– ଏହି ସବୁ ବିପନ୍ନ ପ୍ରାଣୀଙ୍କର ଶିକାର ଓ ... ନିୟନ୍ତ୍ରିତ ହେବ ଏଥିରେ ସନ୍ଦେହ ନାହିଁ । ... ପାଇବାକୁ ଯାଉଥିବା ତାଲିକାଭୁକ୍ତ ନହୋଇଥିଲେ ବି ଝିଙ୍କ ... ବିପନ୍ନ କୁନ୍ତନକାରୀ ବର୍ଗର ଅନ୍ତର୍ଭୁକ୍ତ । ଥରେ ଲୁପ୍ତ ହେଲା ପରେ ଆମେ ତାକୁ ଫେରି ପାଇବା ଏତେ ସହଜ ନୁହେଁ । ... ସଂରକ୍ଷଣ ଆମର ଅବଶ୍ୟ କର୍ତ୍ତବ୍ୟ ।

---

କବିଭାରତୀ,
କନ୍ଦନାଉଳ,
ଭୁବନେଶ୍ୱର–୬ ।

# ଓଡ଼ିଶାରେ ଲବଣ ସତ୍ୟାଗ୍ରହ

● ଅଧ୍ୟାପିକା ଗୀତିରାଣୀ ଦାଶ

ଓଡ଼ିଶାର ପ୍ରାଚୀନ ଇତିହାସ ଯେପରି ବିସ୍ତୃତ ସେହିପରି ଗୌରବମୟ । ଅତି ପ୍ରାଚୀନ କାଳରେ ଓଡ଼ିଶା ଉତ୍ର, ଉତ୍କଳ ଓ କଳିଙ୍ଗ ଏହି ତିନୋଟି ନାମରେ ପରିଚିତ ଥିଲା । ଉକ୍ତ ଅଞ୍ଚଳ ଭିତ୍ରୁ କଳିଙ୍ଗ ଥିଲା ସର୍ବାପେକ୍ଷା ପ୍ରସିଦ୍ଧ ଓ ସମୃଦ୍ଧିଶାଳୀ । ପ୍ରାଚୀନ ଉତ୍କଳଭୌଗୋଳିକକାରଣ ଯୋଗୁ କେବଳ ଯେ ଦକ୍ଷିଣ ଓ ଉତ୍ତର ଭାରତର ମିଳନପୀଠ ଥିଲା ସେତିକି ନୁହେଁ, ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ପ୍ରବେଶ ପାଇଁ କଳିଙ୍ଗ ଥିଲା ଦ୍ୱାର ଦେଶ । ଗ୍ରୀକ୍‌ଭୌଗୋଳିକ ଟୋଲେମି ପ୍ରମୁଖଙ୍କ ବିବରଣୀରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶାର ବିଭିନ୍ନ ବନ୍ଦରରୁ ଜାହାଜମାନ ଦକ୍ଷିଣ ପୂର୍ବ ଏସିଆର ଦେଶମାନଙ୍କୁ ଯାଉଥିଲା । ଐତିହାସିକ ମାନଙ୍କ ମତରେ ପ୍ରଚୁର ଧନସମ୍ପଦ ଯୋଗୁ କଳିଙ୍ଗ ଅଧିବାସୀ ସେତେବେଳେ ସୁଖ ଓ ଶାନ୍ତିରେ ଜୀବନଯାପନ କରୁଥିଲେ ଏବଂ ତାହାହିଁ କଠିନ ପରିଶ୍ରମ ଓ କାରୁକାର୍ଯ୍ୟରେ ଆତ୍ମନିୟୋଗ ପାଇଁ ଲୋକଙ୍କୁ ଶକ୍ତି ଦେଇଥିଲା । ସମ୍ରାଟ ଅଶୋକ, ଖାରବେଳଙ୍କଠାରୁ ଆରମ୍ଭ କରି ସୂର୍ଯ୍ୟବଂଶୀୟ ସମ୍ରାଟ ଗଜପତି ପ୍ରତାପରୁଦ୍ର ଓ ମୁକୁନ୍ଦଦେବଙ୍କ ପର୍ଯ୍ୟନ୍ତ ଶାସନ ସମୟ ପ୍ରାଚୀନ ଓଡ଼ିଶା ଇତିହାସକୁ ଗୌରବାନ୍ୱିତ କରିଥିଲା ।

ପ୍ରାଚୀନ ଓଡ଼ିଶାର ସମୃଦ୍ଧି, ସଭ୍ୟତା ଓ ସଂସ୍କୃତିରେ ପ୍ରଲୋଭିତ ହୋଇ ବୈଦେଶିକ ଶାସକମାନେ ବାରମ୍ବାର ଏ ଦେଶକୁ ଆକ୍ରମଣ କରିବାର ଦୃଷ୍ଟାନ୍ତ ରହିଛି ଇତିହାସରେ । ୧୫୬୮ ମସିହାରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପରାଜୟ ପରେ ଆଫଗାନ୍‌ମାନେ ଓଡ଼ିଶାର ଶାସନ ଦାୟିତ୍ୱ ହାତକୁ ନେଲେ । ଆଫଗାନ ଶାସନ ପରେ ଓଡ଼ିଶା ଇତିହାସରେ ମୋଗଲ ଓ ମରହଟ୍ଟା ଶାସକମାନଙ୍କର ଶାସନ ପ୍ରଣାଳୀ ଆଉ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ଏବଂ ୧୮୦୩ ରେ ଓଡ଼ିଶା ଇଂରେଜମାନଙ୍କର ଅଧିକୃତ ଅଞ୍ଚଳ ଭାବେ ଘୋଷିତ ହେଲା । ଇଂରେଜମାନଙ୍କର ଓଡ଼ିଶା ଅଧିକାର ପରେ ସେମାନଙ୍କୁ ଏ ଅଞ୍ଚଳରୁ ତଡ଼ିବାର ଉଦ୍ୟମ ଆରମ୍ଭ ହୋଇଥିଲା । ମାତ୍ର ଏହି ଉଦ୍ୟମ ଏତେ କ୍ଷୀଣ ଥିଲା ଯେ ତାହାକୁ ଇଂରେଜମାନେ ସହଜରେ ଦମନ କରିପାରିଥିଲେ । କ୍ରମେ ସମଗ୍ର ଭାରତବର୍ଷରେ ଇଂରେଜମାନଙ୍କ ବିରୁଦ୍ଧରେ ଜନମତ ସୃଷ୍ଟି ହେବାକୁ ଲାଗିଲା । ଏହି ଜନମତ ହିଁ ଶେଷରେ ଏକ ଗଣଆନ୍ଦୋଳନ ରୂପନେଲା ଏବଂ ପରାଧୀନ ଦେଶକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମ କରିବାର ଆହ୍ୱାନ ଓ ପ୍ରେରଣା ଦେଲା ।

ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ଆନ୍ଦୋଳନ କ୍ଷେତ୍ରରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବ୍ରିଟିଶ୍ ବା ଇଂରେଜ ଶାସନର ପ୍ରଥମ ଭାଗରେ ଘନ ଘନ ବନ୍ଦୋବସ୍ତ ଦ୍ୱାରା ରାଜସ୍ୱବୃଦ୍ଧି, କଉଡ଼ି ବଦଳରେ ମୁଦ୍ରା ପ୍ରଚଳନ ଓ ଲୁଣ, ଧାନ, ଚାଉଳ ଓ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୁଟୀରଶିଳ୍ପ କାରବାରରୁ ଲୋକଙ୍କୁ ବଞ୍ଚିତ କରାଯିବା ଫଳରେ ଓଡ଼ିଶାର ସବୁଶ୍ରେଣୀର ଲୋକଙ୍କ ଭିତରେ ଅସନ୍ତୋଷର ବହ୍ନି ଜଳି ଉଠିଲା । ଏହା ସାଙ୍ଗକୁ ୧୮୧୭ ମସିହାରେ ବକ୍‌ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ଖୋର୍ଦ୍ଧାର ପାଇକ ବିଦ୍ରୋହ ଓଡ଼ିଶାବାସୀଙ୍କୁ ଜାଗିଉଠିବାର ଚେତାବନୀ ଦେଇଥିଲା । ଇଂରେଜମାନେ ଏହି ବିଦ୍ରୋହକୁ ଦମନ କରିପାରିଥିଲେ ସତ ମାତ୍ର ଏହା ଇଂରେଜ ଶକ୍ତିକୁ ପ୍ରଚଣ୍ଡ ଆଘାତ ଦେଇଥିଲା । ୧୮୫୩ ରେ ଚକ୍ର ବିଶୋଇଙ୍କ ନେତୃତ୍ୱରେ ଓଡ଼ିଶାରେ କନ୍ଧ ବିଦ୍ରୋହ ଚାଲିଥିବା ବେଳେ ୧୮୫୭ରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଦୁନ୍ଦୁଭି ବାଜି ଉଠିଲା । ଏହି ସଂଗ୍ରାମରେ ଓଡ଼ିଶାର ବିଦ୍ରୋହୀ ନେତା ଚକ୍ରି ଖୁଣ୍ଟିଆ ଓ ସୁରେନ୍ଦ୍ର ସାଏ ସାମିଲ ହେଲେ । ୧୮୫୭ ର ଏହି ବିଦ୍ରୋହ ସାରା ଭାରତବର୍ଷରେ ସିପାହୀ ବିଦ୍ରୋହ ଭାବରେ ଭୀଷଣ ଆକାର ଧାରଣ କଲା ।

ଇଂରେଜ ଶାସନ ସମୟରେ ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ଯେଉଁ ଦାରୁଣ ବିପତ୍ତି ପଡ଼ିଲା ସେଥିରେ ଓଡ଼ିଶାର ଶିକ୍ଷିତ ଯୁବକ ସଂପ୍ରଦାୟ ଅତିଷ୍ଠ ହେଲେ । ଫଳରେ ମଧୁସୂଦନ ଦାସ, ଗୋକୁଳାନନ୍ଦ ଚୌଧୁରୀ ଓ ଗୌରୀଶଙ୍କର ରାୟଙ୍କ ନେତୃତ୍ୱରେ ୧୮୮୨ରେ ଗଠିତ ହେଲା "ଉତ୍କଳ ସଭା" ନାମକ ପ୍ରଥମ ରାଜନୈତିକ ସଙ୍ଗଠନ ଏବଂ ଓଡ଼ିଆ ଭାଷା ଉଠାଇଦେବା ପ୍ରସ୍ତାବର

ବିରୋଧ କରି ଆରମ୍ଭ ହେଲା ଆନ୍ଦୋଳନ । ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ଥିଲା ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ । ଏହାର ତିନି ବର୍ଷ ପରେ ଯେତେବେଳେ ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହେଲା ସେତେବେଳେ 'ଉତ୍କଳ ସଭା' ଏହା ସହିତ ସମ୍ପର୍କ ସ୍ଥାପନ କରିଥିଲା । ପରେ, ୧୯୦୩ରେ 'ଉତ୍କଳ ସମ୍ମିଳନୀ' ଗଠିତ ହେବା ପରେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ଭିନ୍ନ ମୋଡ଼ ନେଲା ।

ଉତ୍କଳ ସମ୍ମିଳନୀର ପ୍ରାଣଦାତା ଉତ୍କଳମଣି ଗୋପବନ୍ଧୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଡାକରାରେ ଜାତୀୟ ମହାସ୍ରୋତରେ ସାମିଲ ହେବା ଫଳରେ ୧୯୨୦ ଫେବୃଆରୀ ମାସରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହେଲା ଏବଂ ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଗଠନ ମୂଳକ କାର୍ଯ୍ୟକ୍ରମର ପ୍ରସାର ଦିଗରେ ଗୁରୁତ୍ୱ ଦିଆଗଲା । ୧୯୨୧ରେ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ପରେ ଓଡ଼ିଶାରେ ଉତ୍ସାହ ଓ ଉନ୍ମାଦନା ସହିତ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ବହୁ ସଂଖ୍ୟାରେ ଛାତ୍ର, ଓକିଲ ଓ ଉଚ୍ଚ ସରକାରୀ କର୍ମଚାରୀ ନିଜ ନିଜର ସ୍ଥାନ ଛାଡ଼ି ଆନ୍ଦୋଳନରେ ଯୋଗ ଦେଲେ । ୧୯୨୧ ଶେଷ ସୁଦ୍ଧା ଜାତୀୟ କଂଗ୍ରେସର ନିର୍ଦ୍ଦେଶ ଅନୁସାରେ ଓଡ଼ିଶାରୁ ୪୦ ହଜାର କଂଗ୍ରେସ ସଭ୍ୟ ଓ 'ତିଳକ ସ୍ୱରାଜ ପାଣ୍ଠି' ପାଇଁ ୨୩ ହଜାର ଟଙ୍କା ସଂଗ୍ରହ କରାଯାଇଥିଲା । ଏହିପରି ଭାବରେ ଓଡ଼ିଶାବାସୀ ସମ୍ପୂର୍ଣ୍ଣରୂପେ ଅସହଯୋଗ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ ।

୧୯୩୦ରେ ଭାରତୀୟ ଜାତୀୟ କଂଗ୍ରେସର ନିର୍ଦ୍ଦେଶ ଅନୁସାରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନ କ୍ରମେ ସ୍ୱାଧୀନତା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଆଇନ –ଅମାନ୍ୟ ଆନ୍ଦୋଳନର କାର୍ଯ୍ୟ ପନ୍ଥା ସ୍ଥିର କରାଗଲା । ଏହି ଆଇନ–ଅମାନ୍ୟ ଆନ୍ଦୋଳନର ପ୍ରଥମଭାଗ ହେଲା ଲବଣ ସତ୍ୟାଗ୍ରହ । ଗାନ୍ଧିଜୀ ପ୍ରଥମେ ଲବଣ ଆଇନ୍ ଅମାନ୍ୟ କରିବା ବିଷୟ ବିଚାର କଲେ । ପ୍ରତ୍ୟେକଙ୍କ ପାଇଁ ଲୁଣ ନିହାତି ଦରକାରୀ ଜିନିଷ ଏବଂ ଆମ ଦେଶରେ ଧନୀମାନଙ୍କ ତୁଳନାରେ ଦରିଦ୍ର ଜନସାଧାରଣଙ୍କ ସଂଖ୍ୟା ବହୁତ ବେଶୀ ।,ତେଣୁ ଲୁଣ ଆବଶ୍ୟକତା ସେମାନଙ୍କ ପାଇଁ ଅଧିକ ।

ଗାନ୍ଧିଜୀ ପ୍ରଥମେ ସାବରମତୀ ଆଶ୍ରମବାସୀଙ୍କୁ ସାଙ୍ଗରେ ଧରି ଗୁଜୁରାଟର ଡାଣ୍ଡିଠାରେ ଅପ୍ରେଲ ୬ ତାରିଖଦିନ ଲବଣ ଆଇନ ଅମାନ୍ୟ କରିବାକୁ ସ୍ଥିର କଲେ ଓ ସେଥିପାଇଁ ମାର୍ଚ୍ଚ ୧୨ ତାରିଖ ଦିନ ଆଶ୍ରମବାସୀଙ୍କ ସହ ଡାଣ୍ଡିଯାତ୍ରା ଆରମ୍ଭ କଲେ । ଗାନ୍ଧିଜୀଙ୍କର ଡାଣ୍ଡିଯାତ୍ରା ସମଗ୍ର ଭାରତବର୍ଷରେ ଚହଳ ପକାଇ ଦେଇଥିଲା । ଗାନ୍ଧିଜୀଙ୍କ ପ୍ରତିଜ୍ଞା ଥିଲା ସ୍ୱରାଜ ନ ମିଳିବା ପର୍ଯ୍ୟନ୍ତ ସେ ଆଉ ସାବରମତୀ ଆଶ୍ରମକୁ ଫେରିବେ ନାହିଁ । ଡାଣ୍ଡିଯାତ୍ରା ଦ୍ୱାରା ଜନ ସାଧାରଣ ବିଶେଷ ଭାବରେ ପ୍ରଭାବିତ ହେବାର ଦେଖି ନିଖିଳଭାରତ କଂଗ୍ରେସ କମିଟି ସବୁଆଡ଼େ 'ଲବଣ ସତ୍ୟାଗ୍ରହ' ଆରମ୍ଭ କରିବା ପାଇଁ ପ୍ରାଦେଶିକ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଲେ ।

ସମଗ୍ର ଭାରତବର୍ଷର ଲବଣ ସତ୍ୟାଗ୍ରହ ଇତିହାସରେ ଓଡ଼ିଶା ଏକ ବିଶେଷ ସ୍ଥାନ ଅଧିକାର କରିଥିଲା । ଗାନ୍ଧିଜୀଙ୍କ ଡାଣ୍ଡିଯାତ୍ରା ପରେ ପରେ ମାର୍ଚ୍ଚ ୧୫ ତାରିଖରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଏକ ବିଶେଷ ବୈଠକ ବାଲେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଜିଲ୍ଲାର ସମୁଦ୍ରକୂଳ ଅଞ୍ଚଳରେ ଲବଣ ଆଇନ ଅମାନ୍ୟ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଗଲା । ବିଶେଷତଃ, କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ପୁରପଲ୍ଲୀରେ ସତ୍ୟାଗ୍ରହ ପାଇଁ ପ୍ରଚାର ଓ ସ୍ୱେଚ୍ଛାସେବକ ସଂଗ୍ରହ ଚାଲିଲା ।

୧୯୩୦ ମାର୍ଚ୍ଚ ୨୩ ତାରିଖ ଦିନ କଟକଠାରେ ଜିଲ୍ଲା କଂଗ୍ରେସ କମିଟି ବୈଠକ ବସି ସତ୍ୟାଗ୍ରହ ଆନ୍ଦୋଳନ ପାଇଁ ସକଳ ପ୍ରକାର ଆୟୋଜନର ପନ୍ଥା ସ୍ଥିର କରାଗଲା । ସେହିଦିନ ଶ୍ରୀ ଗୋପବନ୍ଧୁ ଚୌଧୁରୀ, ଶ୍ରୀ ଭାଗୀରଥୀ ମହାପାତ୍ର, ଶ୍ରୀ ଅଟଳ ବିହାରୀ ଆଚାର୍ଯ୍ୟ, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ଶ୍ରୀ ନବକୃଷ୍ଣ ଚୌଧୁରୀ, ଶ୍ରୀ ଯଦୁମଣି ମଙ୍ଗରାଜ ଓ ଶ୍ରୀ ରାଜକୃଷ୍ଣ ବୋଷଙ୍କ ଉପରେ କଟକ ସହରରେ କୌଣସି ସଭାରେ ଭାଷଣ ନଦେବା ପାଇଁ ୧୪୪ ଧାରା ଜାରି କରାଗଲା । ସେଦିନ ସନ୍ଧ୍ୟାରେ ଗାନ୍ଧୀଘାଟଠାରେ କାଠଯୋଡ଼ି ବାଲିରେ ଏକ ବିରାଟ ସାଧାରଣ ସଭାରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ୧୪୪ ଧାରା ଅମାନ୍ୟ କରି ଭାଷଣ ଦେଲେ । କଟକର ଶ୍ରୀ ପୂର୍ଣ୍ଣଚନ୍ଦ୍ର ବୋଷ ମଧ୍ୟ ୧୪୪ ଧାରା ଅମାନ୍ୟକଲେ । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ସମ୍ବଲପୁର ଠାରେ ଏକ ସଭାରେ ସତ୍ୟାଗ୍ରହ ସମ୍ପର୍କରେ ଭାଷଣ ଦେଇ ଗିରଫ ହେଲେ ଓ ତାଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ହେଲା ।

ଭାରତର ସ୍ମରଣୀୟ ଦିବସ ଅପ୍ରେଲ ୬ ତାରିଖଦିନ ଓଡ଼ିଶାର ପ୍ରଥମ ସତ୍ୟାଗ୍ରହୀ ଦଳ ଲବଣ ଆଇନ ଅମାନ୍ୟ କରିବା ପାଇଁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କଟକ ସତ୍ୟାଗ୍ରହୀ ଶିବିରରୁ ବାହାରି ବାଲେଶ୍ୱର ଅଭିମୁଖେ ଯାଇଥିଲେ । ସତ୍ୟାଗ୍ରହୀ ଦଳ କଟକରୁ ବାହାରିବାର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ଠିକ୍ ବାହାରିବା ସମୟରେ ପ୍ରାୟ ପାଞ୍ଚମିନିଟ୍ ପର୍ଯ୍ୟନ୍ତ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲା । ଶ୍ରୀମତୀ ରମାଦେବୀ ଓ ଶ୍ରୀମତୀ ମାଳତୀ ଦେବୀ ପୁଷ୍ପ ଚନ୍ଦନଦେଇ ସତ୍ୟାଗ୍ରହୀମାନଙ୍କୁ ସ୍ୱାଗତ କରିଥିଲେ । ହଜାର ହଜାର ଲୋକଙ୍କ ଜୟଧ୍ୱନି ଭିତରେ ସତ୍ୟାଗ୍ରହୀ ଦଳ ଧୀରସ୍ଥିର ଭାବରେ ଯାତ୍ରା ଆରମ୍ଭ କରିଥିଲେ । ସେମାନଙ୍କ ମଧ୍ୟରେ ଶ୍ରୀ ଗୋପବନ୍ଧୁ ଚୌଧୁରୀଙ୍କ [illegible] ଆଚାର୍ଯ୍ୟ ହରିହର ଦାସ, ବାଲେଶ୍ୱରର ଶ୍ରୀ ଗୋଲକ ନାଥ ଦେ, ଶ୍ରୀ ଗୋକୁଳାନନ୍ଦ ମହାନ୍ତି, ଶ୍ରୀ କିଶୋରୀ ମୋହନ ମହାପାତ୍ର, ଶ୍ରୀ ବିଶ୍ୱନାଥ ହୋତା ଏବଂ ଶ୍ରୀ କାଳୀପଦ ଦାସ, ସମ୍ବଲପୁରର ଶ୍ରୀ ଦୁର୍ଗାପ୍ରସାଦ ଗୁରୁ, ଶ୍ରୀ ରାମପ୍ରସାଦ ସାହୁ ଓ ଶ୍ରୀ ସୁଧାଂଶୁ ଶେଖର ଗୁପ୍ତ, କଟକର ଶ୍ରୀ ଗୁଣନିଧି ମହାନ୍ତି, ଶ୍ରୀ ଗୌରାଙ୍ଗ ଚରଣ ଦାସ, ଶ୍ରୀ ବଳରାମ ପଣ୍ଡା, ଶ୍ରୀ ମାଧବାନନ୍ଦ ଦାସ, ଶ୍ରୀ ସାଧୁଚରଣ ପାଣି, ଶ୍ରୀ ଶିବପ୍ରସାଦ ଭଗତ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଶ୍ରୀ ଶ୍ରୀଧର ମହାରଣା, ଶ୍ରୀ ଉଦୟନାଥ ମହାନ୍ତି ଓ ଶ୍ରୀ

ଶ୍ରୀ ମୁରାରୀ ତ୍ରିପାଠୀ ଏବଂ ପଣ୍ଡିତ ରଘୁନାଥ ମିଶ୍ର ଥିଲେ। ଏହି ପଦଯାତ୍ରୀ ସତ୍ୟାଗ୍ରହୀ ଦଳଙ୍କର ଯିବା ବାଟରେ ସଭା, ସମିତି ଓ ପ୍ରଚାର ଆଦିର ଆୟୋଜନ କରିବାପାଇଁ ଆଉ ଗୋଟିଏ ଦଳ ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ନେତୃତ୍ୱରେ ଆଗେ ଆଗେ ଯାଉଥିଲେ। ସତ୍ୟାଗ୍ରହ ଆନ୍ଦୋଳନର ସଂବାଦ ଓଡ଼ିଶାରେ ସାପ୍ତାହିକ 'ସମାଜ' ଓ ଦୈନିକ 'ପ୍ରଜାତନ୍ତ୍ର' ବ୍ୟତୀତ ଦୈନିକ 'ଆଶା' ରେ ମଧ୍ୟ ପ୍ରକାଶିତ ହେଉଥିଲା।

ଶ୍ରୀ ମହତାବଙ୍କ ନେତୃତ୍ୱରେ ବାଲେଶ୍ୱରରେ ସତ୍ୟାଗ୍ରହ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଥିବା ଦୁଇଜଣ ମୁଖ୍ୟକର୍ମୀ ଶ୍ରୀ ସୁରେନ୍ଦ୍ରନାଥ ଦାସ ଓ ଶ୍ରୀ ଜୀବରାମଜୀ କଲ୍ୟାଣଜୀ କୋଠାରୀଙ୍କୁ ଅପ୍ରେଲ ୫ ତାରିଖ ଦିନ ସମୁଦ୍ରକୂଳ ଅଞ୍ଚଳରୁ ଗିରଫ କରାଯାଇ ଛଅ ମାସ ଲେଖାଏଁ କାରାଦଣ୍ଡ ଦିଆଗଲା। ୧୪୪ ଧାରା ଅମାନ୍ୟ କରିଥିବାରୁ ଶ୍ରୀ ଚୌଧୁରୀ ଖୁଦୋଳ ଗ୍ରାମରେ ଓ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଘୋଷ କଟକ ଠାରେ ଗିରଫ ହେଲେ। ପରଦିନ କଟକ ସହରରେ ଶ୍ରୀଯୁକ୍ତ ଚୌଧୁରୀଙ୍କ ଗିରଫର ପ୍ରତିବାଦରେ ପୂର୍ଣ୍ଣ ହରତାଳ ପାଳିତ ହୋଇଥିଲା ଏବଂ ଶ୍ରୀଯୁକ୍ତ ଚୌଧୁରୀ ଓ ଶ୍ରୀ ଘୋଷଙ୍କୁ ସାତଦିନ ଲେଖାଏଁ ଅଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଶ୍ରୀଯୁକ୍ତ ଚୌଧୁରୀଙ୍କ ଗିରଫ ପରେ ଆଚାର୍ଯ୍ୟ ହରିହର ଦାସ ପଦଯାତ୍ରୀ ଦଳର ନେତୃତ୍ୱ ଗ୍ରହଣ କଲେ।

ଅପ୍ରେଲ ୯ ତାରିଖ ଦିନ କଟକରୁ ଦ୍ୱିତୀୟ ସତ୍ୟାଗ୍ରହୀଦଳ ଶ୍ରୀ ମଦନମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ଜଗନ୍ନାଥ ସଡ଼କରେ ବାଲେଶ୍ୱର ଅଭିମୁଖେ ଯାତ୍ରାକଲେ। ଏହି ଦଳକୁ "ଲୌହସ୍ତମ୍ଭ ବାହିନୀ" କୁହାଯାଉଥିଲା। ଏହା ପରେ ପରେ ପୁରୀରୁ ଶ୍ରୀ ସତ୍ୟବାଦୀ ନନ୍ଦଙ୍କ ନେତୃତ୍ୱରେ "ପତିତପାବନ ବାହିନୀ" ନାମରେ ଅନ୍ୟଏକ ଦଳ ଓ କଟକରୁ ଆଉ ଦୁଇ ଦଳ ସତ୍ୟାଗ୍ରହୀ ମଧ୍ୟ ବାଲେଶ୍ୱର ଯାଇଥିଲେ। ଗଞ୍ଜାମ ଓ ସମ୍ବଲପୁରରୁ ଗୋଟିଏ ଲେଖାଏଁ ସତ୍ୟାଗ୍ରହୀ ଦଳ ବାଲେଶ୍ୱର ଆସି ଲବଣ ସତ୍ୟାଗ୍ରହରେ ଭାଗ ନେଇଥିଲେ।

ସତ୍ୟାଗ୍ରହ ଆନ୍ଦୋଳନର ଜାତୀୟ ସପ୍ତାହ ପାଳନ ସମୟରେ ଦେଶରେ ସର୍ବତ୍ର ଲବଣ ଆଇନ୍ ଭଙ୍ଗ କରିବା ନିର୍ଦ୍ଦେଶ ଭାରତ କଂଗ୍ରେସ କମିଟିରୁ ପାଇବାପରେ ସତ୍ୟାଗ୍ରହୀଦଳ ଭଦ୍ରକ ଓ ଯାଜପୁର ରୋଡ଼ ରେଳ ଷ୍ଟେସନଠାରୁ ରେଳଯୋଗେ ବାଲେଶ୍ୱର ଯାଇ ଇଞ୍ଚୁଡ଼ି ଗ୍ରାମରେ ପହଞ୍ଚିଲେ ଏବଂ ୧୩ ତାରିଖ ସକାଳେ ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ଆଚାର୍ଯ୍ୟ ହରିହର ଦାସ ପ୍ରଥମେ ଆଇନ ଭଙ୍ଗକରି ଲବଣ ସଂଗ୍ରହ କଲେ। ଶହ ଶହ ସାଧାରଣ ଲୋକ ମଧ୍ୟ ଉତ୍ସାହ ସହକାରେ ଲବଣ ଆଇନ ଭଙ୍ଗକଲେ। ଆଚାର୍ଯ୍ୟଙ୍କ ସମେତ ଆଇନ–ଅମାନ୍ୟ କାରୀଙ୍କୁ ବହୁ ସଂଖ୍ୟାରେ ଗିରଫ କରାଯାଇ ବାଲେଶ୍ୱର ଜେଲକୁ ପଠାଗଲା। ଶ୍ରୀମତୀ ରମାଦେବୀ ଓ ଶ୍ରୀମତୀ ମାଳତୀ ଦେବୀଙ୍କ ନେତୃତ୍ୱରେ ଶହ ଶହ ସ୍ତ୍ରୀଲୋକ ପରଦା ଅନ୍ତରାଳରୁ ଆସି ଏହି ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ଇଞ୍ଚୁଡ଼ି ଅଞ୍ଚଳ ଆସ୍ତେ ଆସ୍ତେ ଏକ ରଣକ୍ଷେତ୍ରରେ ପରିଣତ ହେଲା। ହଜାର ହଜାର ସତ୍ୟାଗ୍ରହୀଙ୍କୁ ଜେଲରେ ରଖିବା ପାଇଁ ସ୍ଥାନଭାବ ଘଟିବାରୁ ପୋଲିସ ପକ୍ଷରୁ ଜନତା ଉପରେ ନିର୍ମମ ଭାବରେ ଲାଠି ପ୍ରହାର ଚାଲିଲା।

ପୋଲିସର ପ୍ରବଳ ବାଧାସତ୍ତ୍ୱେ ମହଣ ମହଣ ଲୁଣ ତିଆରି ଓ ସଂଗ୍ରହ ଚାଲିଲା ଏବଂ ହଜାର ହଜାର ଲୋକ ଶୋଭାଯାତ୍ରାରେ ଲୁଣଧରି ବିକ୍ରି ସକାଶେ ବାଲେଶ୍ୱର ଚାଲିଲେ। ୧୭ ତାରିଖ ଦିନ ବାଲେଶ୍ୱରଠାରୁ ପ୍ରାୟ ଚାରି ମାଇଲ ଦୂର ସୁନ୍ଦରୀଛକ ଠାରେ ସତ୍ୟାଗ୍ରହୀଙ୍କ ଉପରେ ଅତି ନିର୍ଦ୍ଦୟ ଭାବରେ ପୋଲିସ ଲାଠି ଚଳାଇ ଶହ ଶହ ଲୋକଙ୍କୁ ସଂଜ୍ଞାହୀନ କରି ଥିଲେ। ଆଖ ପାଖ ଗ୍ରାମର ସ୍ତ୍ରୀଲୋକମାନେ ଅନୁଗୁଳର ଡାକ୍ତର କୃପାସିନ୍ଧୁ ଭୋକ୍ତାଙ୍କ ପରାମର୍ଶରେ ରାତିସାରା ଆହତ ସତ୍ୟାଗ୍ରହୀମାନଙ୍କ ସେବା କରୁଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା।

ଶ୍ରୀ ଗୋପବନ୍ଧୁ ଚୌଧୁରୀ କଟକ ଜେଲରୁ ଖଲାସ ହୋଇ ବାଲେଶ୍ୱରରେ ପହଞ୍ଚିବା ମାତ୍ରେ ୧୮ ତାରିଖ ଦିନ ସେ ଓ ଶ୍ରୀ ମହତାବ ଗିରଫ ହେଲେ। ପୁରୁଣା ହଟର ଡାକ୍ତର କୃଷ୍ଣ ପ୍ରସାଦ ମହାନ୍ତି ମଧ୍ୟ ଗିରଫ ହୋଇଥିଲେ। ତାପରେ ଶ୍ରୀ ନନ୍ଦକିଶୋର ଦାସ ଉତ୍କଳ ପ୍ରାଦେଶିକ କମିଟିର ସଭାପତି ଓ ପଣ୍ଡିତ ଲିଙ୍ଗରାଜ ମିଶ୍ର ସାଧାରଣ ସମ୍ପାଦକ ମନୋନୀତ ହେଲେ ଏବଂ ସେମାନଙ୍କ ନେତୃତ୍ୱରେ ଆଇନ–ଅମାନ୍ୟ ଆନ୍ଦୋଳନ ଚାଲିଲା। ବାଲେଶ୍ୱର ଜିଲ୍ଲାର ଅନ୍ୟାନ୍ୟ ପ୍ରଧାନ ପ୍ରଧାନ କର୍ମୀ ଓ ଶହ ଶହ ସାଧାରଣ ଲୋକ ଗିରଫ ହୋଇ ବିଭିନ୍ନ ଜେଲରେ ଭର୍ତ୍ତି ହେଲେ।

ବାଲେଶ୍ୱର ବ୍ୟତୀତ ଓଡ଼ିଶାର ଅନ୍ୟସ୍ଥାନ ମାନଙ୍କରେ ମଧ୍ୟ ଲବଣ ଆଇନ୍‌ଭଙ୍ଗ କରିବାର ଯୋଜନା କରାଗଲା। ଶ୍ରୀମତୀ ମାଳତୀ ଚୌଧୁରୀ କଟକ ଜିଲ୍ଲାର କୁଜଙ୍ଗ ଅଞ୍ଚଳରେ ଲବଣ ସତ୍ୟାଗ୍ରହର ଆୟୋଜନ କଲେ। କୁଜଙ୍ଗ ଅଞ୍ଚଳ କିଛିଦିନ ପରେ ବ୍ୟାପକ ରଣ କ୍ଷେତ୍ରରେ ପରିଣତ ହେଲା। ସମୁଦ୍ରକୂଳରେ ମାଇଲ ମାଇଲ ଧରି ଆଇନ ଅମାନ୍ୟ ଚାଲିଲା। ଜୁନ୍ ୧୦ ତାରିଖରେ କୁଜଙ୍ଗର ଜନ ନେତା ଶ୍ରୀ ନାରାୟଣ ବୀରବର ସାମନ୍ତ ଗିରଫ ହେବା ଫଳରେ ସମଗ୍ର କୁଜଙ୍ଗ ତଥା ତିର୍ତ୍ତୋଲ ଓ ଏରସମା ଥାନାର ଚାରିଆଡ଼େ ହରତାଳ ପାଳିତ ହେଲା। କୁଜଙ୍ଗର ଭୂତପୂର୍ବ ରାଣୀ ଶ୍ରୀମତୀ ଭାଗବତୀ ପାଟମହାଦେଈ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଲୋକ ସାଧାରଣରେ ଉତ୍ସାହ ଓ ଉନ୍ମାଦନା ବୃଦ୍ଧି କଲେ।

ପୁରୀର ଅସ୍ତରଙ୍ଗ ଅଞ୍ଚଳରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଶ୍ରୀ ଜଗନ୍ନାଥ ରଥ ଏବଂ ଗଞ୍ଜାମରେ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ଗଞ୍ଜାମର ବହୁ ସଂଖ୍ୟକ କର୍ମୀ ଓ ନେତାଙ୍କୁ ଗିରଫ କରାଯାଇ ଭେଲୋର ଓ ଅନ୍ୟ ଜେଲ ମାନଙ୍କରେ ରଖାଯାଇଥିଲା। ଶ୍ରୀମତୀ ସରଳାଦେବୀ ସତ୍ୟାଗ୍ରହର ବାର୍ତ୍ତା ପ୍ରଚାରକରି କାରାବରଣ କରିଥିଲେ। ପୁରୀଜିଲ୍ଲାର ଅନେକ କର୍ମୀ ଓ ନେତା ମଧ୍ୟ ଗିରଫ ହେଲେ। ଶ୍ରୀ ବୀରକିଶୋର ଦାସ

ଓଡ଼ିଶାର ପ୍ରତ୍ୟେକ ପଲ୍ଲୀରେ ଉନ୍ମାଦନା ସୃଷ୍ଟି କରୁଥିବା ଜାତୀୟ ସଙ୍ଗୀତ ପାଇଁ ୧୦୮ ଦଫାରେ ରାଜଦ୍ରୋହ ଅଭିଯୋଗରେ ଏକବର୍ଷ କାରାଦଣ୍ଡ ମଧ୍ୟ ଭୋଗିଥିଲେ ।

ଲବଣ ଆଇନ-ଅମାନ୍ୟ କରି ଲୁଣ ତିଆରି ଓ ସଂଗ୍ରହ ସଙ୍ଗେ ସଙ୍ଗେ ଦେଶର ବିଭିନ୍ନ ସ୍ଥାନରେ ଥିବା ସରକାରୀ ଲୁଣ ଗୋଲାଗୁଡ଼ିକୁ ଲୁଟ୍ କରିବା ପାଇଁ ଗାନ୍ଧିଜୀ ଦେଶବାସୀଙ୍କୁ ଆହ୍ୱାନ କରିବାପରେ ହଠାତ୍ ମଇ ୪ ତାରିଖ ମଧ୍ୟରାତ୍ରିରେ ତାଙ୍କୁ ଗିରଫ କରାଗଲା । ଗାନ୍ଧିଜୀଙ୍କ ଗିରଫର ପ୍ରତିବାଦରେ ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ଭାରତର ସବୁଠି ହରତାଳ ପାଳିତ ହେବା ଯୋଗୁ ଓଡ଼ିଶାର ସବୁ ଅଞ୍ଚଳରେ ହରତାଳ ପାଳିତ ହୋଇ ପ୍ରତିବାଦ ସଭାମାନ କରାଗଲା । କଟକରେ ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ନେତୃତ୍ୱରେ ପ୍ରାୟ ଦଶହଜାର ଲୋକଙ୍କର ଏକ ବିରାଟ ଶୋଭାଯାତ୍ରା ସହର ତମାମ ବୁଲିଥିଲା । ଶ୍ରୀ ବୈଦ୍ୟନାଥ ରଥ ଓ ଶ୍ରୀ ବିଚିତ୍ରାନନ୍ଦ ଚୌଧୁରୀ ପ୍ରଭୃତି କେତେକ ଛାତ୍ର ଏହି ସମୟରେ ନିଜର ଶିକ୍ଷାକ୍ଷେତ୍ର ଛାଡ଼ି ସତ୍ୟାଗ୍ରହୀ ଶିବିରରେ ଯୋଗଦେଲେ । କ୍ରମେ କ୍ରମେ କଂଗ୍ରେସର ତୁଙ୍ଗ ନେତା ମାନେ କାରାବରଣ କଲେ । ପଣ୍ଡିତ ନୀଳକଣ୍ଠ ଦାସ କିଛି ସମୟ ପାଇଁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ହୋଇଥିଲେ । କିନ୍ତୁ ଗାନ୍ଧିଜୀଙ୍କ ଗିରଫର ପ୍ରତିବାଦ କରି ସେ ବଡ଼ଲାଟ ସଭା ପରିତ୍ୟାଗ କରି ଓଡ଼ିଶାର ଆଇନ-ଅମାନ୍ୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଓ ପୁରୀ ଜିଲ୍ଲା ଆନ୍ଦୋଳନର ସେ ନେତୃତ୍ୱ ଗ୍ରହଣ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ଦାସ ଗିରଫ ହେବା ପରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ମନୋନୀତ ହେଲେ । ସେ ଥିଲେ ଆନ୍ଦୋଳନ ସମୟର ବିଧିବଦ୍ଧ ଭାବରେ ମନୋନୀତ ଶେଷ ସଭାପତି । ସେ ସମୟରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ଡାକ୍ତର ବ୍ରଜନାଥ ମିଶ୍ର ଯୁଗ୍ମ ସାଧାରଣ ସମ୍ପାଦକ ଥିଲେ । କର୍ମକର୍ତ୍ତାଗଣ, ଶ୍ରୀମତୀ ରମାଦେବୀ, ଶ୍ରୀମତୀ ମା... ଦେବୀ ଓ ଶ୍ରୀ ରାଧାନାଥ ରଥ ପରସ୍ପର ଭିତରେ ଆଲୋ... କରି ଭବିଷ୍ୟତ କର୍ମପନ୍ଥା ନିରୂପଣ କରୁଥିଲେ । କିନ୍ତୁ ବର୍ଷା... ଆସିଯିବାରୁ ଲବଣ ସତ୍ୟାଗ୍ରହ ବନ୍ଦ ହୋଇଗଲା ଓ ... ଅନୁଯାୟୀ ବିଭିନ୍ନ ସ୍ଥାନରେ କଂଗ୍ରେସ କମିଟି ମାନେ ବି... ଧରଣର କାର୍ଯ୍ୟକ୍ରମ ଅନୁସରଣ କରିବାକୁ ଲାଗିଲେ । ପ୍ରକୃ... ଓଡ଼ିଶାରେ ମଧ୍ୟ ଲବଣ ସତ୍ୟାଗ୍ରହର ପରିସମାପ୍ତି ପରେ ... ବିଦେଶୀ ଲୁଗା ଦୋକାନ ଏବଂ ମଦ ଗଞ୍ଜେଇ ଓ ଅଫିମ ଦୋକାନ ଆଗରେ ପିକେଟିଂ କରିବା କାର୍ଯ୍ୟକ୍ରମ ହାତକୁ ନିଆଗଲା ଓ ... ଦରିଦ୍ର ଜନତା ଲବଣ କର ଦାଉରୁ ରକ୍ଷା ପାଇଲେ ।

ଲବଣ ସତ୍ୟାଗ୍ରହ ଶେଷହେବା ସଙ୍ଗେ ସଙ୍ଗେ ସ୍ୱାଧୀନତା ସଂଗ୍ରାମ ଶେଷ ହୋଇ ନଥିଲା । ବରଂ ସତ୍ୟାଗ୍ରହୀମାନଙ୍କ ପ୍ରେରଣାରେ ସାରା ଭାରତବର୍ଷର ଜନସାଧାରଣ ଗଭୀରଭାବେ ପ୍ରଭାବିତ ହେଲେ ଓ ଇଂରେଜ ସରକାର ବିରୁଦ୍ଧରେ ସ୍ୱାଧୀନତା ଆନ୍ଦୋଳନ ଭୀଷଣଭାବେ ତେଜି ଉଠିଲା, ଯାହା ଫଳରେ କି ୧୯୪୭ରେ ଏ ଦେଶ ସ୍ୱାଧୀନ ହେଲା । ଓଡ଼ିଶାର ସତ୍ୟାଗ୍ରହ ଆନ୍ଦୋଳନରେ ଛାତ୍ର, ଯୁବକ ଓ ନାରୀମାନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ଏହି ସତ୍ୟାଗ୍ରହ ଓଡ଼ିଶାରେ ଯେପରିକି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା, ଗୁଜୁରାଟକୁ ଛାଡ଼ିଦେଲେ ସମଗ୍ର ଭାରତବର୍ଷରେ ଅନ୍ୟତ୍ର କେଉଁଠି ସେପରି ହୋଇ ନଥିଲା । ଓଡ଼ିଶାରେ ସତ୍ୟାଗ୍ରହୀମାନଙ୍କ ଅତୁଳନୀୟ ଅବଦାନ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିଛି । ଓଡ଼ିଶାବାସୀଙ୍କ ଦେଶ ଜାତୀୟତା ବୋଧ ଓ ଦେଶପ୍ରୀତି ଆଜି ମଧ୍ୟ ଜନସାଧାରଣଙ୍କ ପ୍ରେରଣାର ଉତ୍ସ ହୋଇ ପଡ଼ିଛି ।

---

ଇତିହାସ ବିଭାଗ
ଶିଶୁଅନନ୍ତ ମହାବିଦ୍ୟାଳୟ,
ବାଲିପାଟଣା, ପୁରୀ ।



ଜଗନ୍ନାଥପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଉଦ୍‌ବୋଧନ ଦେଉଛନ୍ତି । ଲୋକସଭା ସଦସ୍ୟ ଶ୍ରୀ ରବି ରାୟ, ସଂସ୍କୃତି ବିଭାଗ ମନ୍ତ୍ରୀଶ୍ରୀ ଶରତ କୁମାର କର ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରିଛନ୍ତି (୨୨/୭) ।

# ଶ୍ରୀଅରବିନ୍ଦଙ୍କ ଅଖଣ୍ଡ ଭାରତ ଗଠନର ସ୍ୱପ୍ନ

• ଶ୍ରୀ ଦେବଦାସ ମହାନ୍ତି

"୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ସ୍ୱାଧୀନ ଭାରତର ନ୍ମଦିନ । ଏହି ଦିନରେ ଭାରତ ବର୍ଷ ପାଇଁ ଏକ ପ୍ରାଚୀନ ଯୁଗର ବସାନ ଓ ଆଉଏକ ନୂତନ ଯୁଗର ଅଭ୍ୟୁତ୍ଥାନର ସୀମା ନିର୍ଦ୍ଧାରଣ ଛି । ସମଗ୍ର ପୃଥିବୀରେ ମାନବ ସମାଜର ରାଜନୈତିକ, ମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭବିଷ୍ୟତ ନିର୍ମାଣରେ ଏ ଇଁ ନୂତନ ଯୁଗ ଆସିଛି ତାହା ମଧ୍ୟରେ ଏହି ଦିନଟିର ଗୁରୁତ୍ୱ ଜ ସ୍ୱାଧୀନ ଜାତିଭାବେ ଆମେ ନିଜ ଜୀବନ ଓ କର୍ମଦ୍ୱାରା ଶେଷ ରଖି ପାରିବା ।" (ଶ୍ରୀ ଅରବିନ୍ଦ)

ଶ୍ରୀ ଅରବିନ୍ଦଙ୍କର ଜନ୍ମଦିନ ଅଗଷ୍ଟ ୧୫ ତାରିଖ । ନିଜର ଏହି ନିଜ ଜନ୍ମ ଦିନରେ ଶ୍ରୀ ଅରବିନ୍ଦ ଏହିପରି ଏକ ଅଖଣ୍ଡ ଭାରତ ଓ ମହାନ୍ ଗୌରବମୟ ସ୍ୱାଧୀନ ଭାରତ ଭୂମିର ସ୍ୱପ୍ନ ଖିଥିଲେ । ସେ, କହିଥିଲେ "ଆସନ୍ତା କାଲିର ସୂର୍ଯ୍ୟୋଦୟ ପରି ରତର ଅଭ୍ୟୁଦୟ ଅପରିହାର୍ଯ୍ୟ, ବିଚିତ୍ର ମନୋଭାବ; ଅନନ୍ୟ ଚିନ୍ତ୍ୟ ଏବଂ ଜୀବନ ଚିନ୍ତା, ଶକ୍ତିଶାଳୀ ଧୀମତା ଏବଂ ବିପୁଳ ଣ ସ୍ଫୁରଣ ରହିଥିବା ୩ ଶହ ନିୟୁତ ଅଧିବାସୀଙ୍କ ମହାନ ରିର ଅଭ୍ୟୁତ୍ଥାନ ଆଧୁନିକ ଜଗତର ସବୁଠାରୁ କୁଞ୍ଚିସ୍ ରହସ୍ୟର ଧମ ଦୃଷ୍ଟାନ୍ତ ବ୍ୟତୀତ ଆଉ କଣ ହୋଇପାରେ"?

ଶ୍ରୀ ଅରବିନ୍ଦଙ୍କର ମାତୃଭାଷା ଥିଲା ବଙ୍ଗଳା ଏବଂ ପାଶ୍ଚାତ୍ୟ ତରେ ସେ ଶିକ୍ଷା ଅର୍ଜନ କରିଥିଲେ । ପାଶ୍ଚାତ୍ୟ ସଂସ୍କୃତି ଓ ତାରେ ସେ ବଢ଼ିଥିଲେ ମଧ୍ୟ ଭାରତ ପ୍ରତି ତାଙ୍କର ଶ୍ରଦ୍ଧା ଓ ତା ଥିଲା ସ୍ୱତଃସ୍ଫୁର୍ତ୍ତ । ତାଙ୍କର ମାନସ ପଟରେ ଭାରତ ନା ପ୍ରତି ମୁହୂର୍ତ୍ତରେ ଜାଗରିତ ହେଉଥିଲା । ଶ୍ରୀ ଅରବିନ୍ଦ ପୁର କାରାବାସ ସମୟରେ ପ୍ରାର୍ଥନାରେ ନିଜର ପ୍ରେମରେ ପାଗଳ ହୋଇ ପ୍ରକାଶ କରିଥିଲେ, "ମୁଁ ମୁକ୍ତି ଚାହୁଁ । ଅନ୍ୟମାନଙ୍କ ପରି ମୁଁ କୌଣସି ବସ୍ତୁ ଚାହୁଁ ନାହିଁ କେବଳ –ଏହି ଜାତିକୁ ଉଠାଇବାକୁ ଶକ୍ତି ଦିଅ । ମୁଁ ଚାହୁଁଛି ମୋ ପ୍ରିୟ ଜାତି ପାଇଁ ବଞ୍ଚିରହେ, କାର୍ଯ୍ୟକରେ, ଆସବଳି

ଶ୍ରୀ ଅରବିନ୍ଦଙ୍କ ସ୍ୱପ୍ନର ଭାରତ ଥିଲା, ଶାଶ୍ୱତ ଆଧ୍ୟାତ୍ମିକତାର ଭାରତ । ସେ ସ୍ୱପ୍ନର କେନ୍ଦ୍ର ବିନ୍ଦୁ ଥିଲା ଅଖଣ୍ଡ ଭାରତ ପରିକଳ୍ପନା । ତାଙ୍କର ପ୍ରଥମ ସ୍ୱପ୍ନ ହେଲା–ଏକ ବୈପ୍ଳବିକ ଆନ୍ଦୋଳନ ଯାହାଦ୍ୱାରା ଏକ ଅଖଣ୍ଡ ଏବଂ ସ୍ୱାଧୀନ ଭାରତ ଆସ୍ପ୍ରକାଶ କରିବ । ଅରବିନ୍ଦଙ୍କ ଦୃଷ୍ଟିରେ ଭାରତ ସ୍ୱାଧୀନତା ପାଇଛି ସତ ମାତ୍ର ସେ ଅଖଣ୍ଡତା ଲାଭ କରିପାରିନାହିଁ । ପରାଧୀନ ହେବାର ଅବ୍ୟବହିତ ପୂର୍ବରୁ ଭାରତ ବହୁ କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇ ପଡିଥିଲା । ଆଶା କରାଯାଉଥିଲା ସ୍ୱାଧୀନତା ଲାଭ ପରେ ଭାରତ ପୁନରାୟ ସେହି ସ୍ତରକୁ ଖସି ଯିବ । କିନ୍ତୁ ଶ୍ରୀ ଅରବିନ୍ଦ ସେହି ସମୟରେ ଅନୁଭବ କରିଥିଲେ ଭାରତକୁ ଏହି ବିପଦରୁ ନିଶ୍ଚିତ ଭାବେ ରକ୍ଷା କରାଯାଇ ପାରିବ ଏବଂ ପରିପୂର୍ଣ୍ଣ ଅଖଣ୍ଡତା ପ୍ରତିଷ୍ଠିତ ହୋଇ ନପାରିଲେ ମଧ୍ୟ ଏକ ସୁଦୃଢ଼ ଏକତା ପ୍ରତିଷ୍ଠା କରାଯାଇ ପାରିବ । ହିନ୍ଦୁ ମୁସଲମାନଙ୍କର ପ୍ରାଚୀନ ଧର୍ମଗତ ଦ୍ୱନ୍ଦ୍ୱ ଆଜି ଅତ୍ୟନ୍ତ ତୀବ୍ର ହୋଇ ଦେଶର ସ୍ଥାୟୀ ରାଜନୀତିକ ବିଭକ୍ତି କରଣ କରୁଛି । କିନ୍ତୁ ଏହାକୁ ଏକ ମୀମାଂସିତ ଘଟଣା ଭାବରେ ଧରି ନିଆଯାଇ ନପାରେ । ଅରବିନ୍ଦଙ୍କ ଭାଷାରେ "ଧର୍ମଗତ ଦ୍ୱନ୍ଦ୍ୱକୁ ଏକ ମୀମାଂସିତ ଘଟଣା ବୋଲି ଗ୍ରହଣ କରାଯାଇ ନ ପାରେ । ବରଂ ବିଶ୍ୱାସ ରଖିବା ଉଚିତ ଯେ ଏହା ଏକ ସାମୟିକ ଅସ୍ଥାୟୀ ବ୍ୟବସ୍ଥାଠାରୁ ଅଧିକ କିଛି ନୁହେଁ" । କାରଣ ସେ ଅନୁଭବ କରିଥିଲେ ଯେ ଯଦି ଏହି ଅବସ୍ଥା ଲାଗୁ ରହେ ତେବେ ଦିନେ ଭାରତ ହୁଏତ ଖୁବ୍ ଦୟନୀୟ ଭାବେ ଦୁର୍ବଳ ହୋଇପଡିବ । ଏପରିକି ଭାରତ ପଙ୍ଗୁ ହୋଇଯାଇ ପାରେ । ଭାରତ ଉପରେ ବିଦେଶୀ ରାଷ୍ଟ୍ରର ଲୋଲୁପ ଦୃଷ୍ଟି ପଡ଼ିପାରେ । ଭାରତର ଆଭ୍ୟନ୍ତରୀଣ ଉନ୍ନତି ଏବଂ ସମୃଦ୍ଧି ବାଧାପ୍ରାପ୍ତ ହୋଇପାରେ । ଦେଶ ମଧ୍ୟରେ ଗୃହ ବିବାଦ ମୁଣ୍ଡ ଟେକି ପାରେ । ଶାସନ କ୍ଷେତ୍ରରେ ସ୍ଥିରତା ରହି ନ ପାରେ । ପୃଥିବୀର ଅନ୍ୟ ରାଷ୍ଟ୍ରମାନଙ୍କ ପାଖରେ ତାର ସ୍ଥିତି ଦୋହଲି ଯାଇ ପାରେ । ଭାରତର ଭବିଷ୍ୟତ ବି ନୈରାଶ୍ୟ ଜନକ ହୋଇପାରେ । ତେଣୁ ସେ ଭାରତବାସୀଙ୍କୁ ସତର୍କ କରାଇ ଦେଇଥିଲେ । ତାଙ୍କ ମତରେ ଆମର ବିଶ୍ୱାସ ରଖିବା ଉଚିତ ଯେ, ଏକତ୍ୱ ଯେପରି ସ୍ୱାଭାବିକ ରୂପରେ ଆସିପାରେ । କେବଳ ଶାନ୍ତି

ଓ ଐକ୍ୟ ପାଇଁ ବିବର୍ଦ୍ଧମାନ ଆବଶ୍ୟକତା ଅନୁଭବ ଦ୍ୱାରା ନୁହେଁ ବରଂ ମିଳିତ କର୍ମଧାରାର ଅଭ୍ୟାସ ଦ୍ୱାରା ତଥା ଲକ୍ଷ୍ୟ ଲାଭର ଉପାୟ ପ୍ରସ୍ତୁତି ଦ୍ୱାରା । ଏହିପରି ଭାବରେ ଶେଷରେ ଏକତ୍ୱ ପ୍ରତିଷ୍ଠିତ ହେବ । ଯେ କୌଣସି ଉପାୟରେ ହେଉନା କାହିଁକି ସେହି ଉପାୟରେ ମୂଲ୍ୟ କେବଳ ବ୍ୟବହାରିକ, ମୌଳିକ ପ୍ରୟୋଜନ କର୍ମ ନୁହେଁ । ଯେକୌଣସି ଉପାୟରେ ହେଉ, ଯେକୌଣସି ପନ୍ଥା ଅବଲମ୍ବନରେ ହେଉ ଏ ଦେଶ ବିଭାଜନ ନିଶ୍ଚୟ ଲୋପ ପାଇବ । ଆମକୁ ଯେ କୌଣସି ମତେ ଐକ୍ୟ ସ୍ଥାପନ କରିବାକୁ ହେବ । କାରଣ ଭାରତର ଭାବୀ ମହାନତା ପାଇଁ, ସୁଦୃଢ଼ ଭାରତ ଗଠନ ପାଇଁ ଏହା ଏକାନ୍ତ ପ୍ରୟୋଜନ ।

ଶ୍ରୀ ଅରବିନ୍ଦଙ୍କର ଦ୍ୱିତୀୟ ସ୍ୱପ୍ନ ଥିଲା ଭାରତରେ ନୂତନ ସୁସ୍ଥ ସମାଜ ଗଠନ କରିବା । ଅର୍ଥାତ୍ ମାନବ ସମାଜର ବାହ୍ୟ ଜୀବନକୁ ଅଧିକ ସୁସ୍ଥ ସୁନ୍ଦର, ଉଜ୍ଜ୍ୱଳ ତଥା ଆଦର୍ଶ କରି ଗଢ଼ିବା ପାଇଁ ଜାତି ସଂଘ ପ୍ରତିଷ୍ଠା କରିବା । ତାଙ୍କ ମତରେ ମାନବ ସମାଜରେ ଐକ୍ୟ ପ୍ରସ୍ତୁତି ପଥେ । ପ୍ରଥମରେ ଏହା ତ୍ରୁଟି ବହୁଳ ଜଣା ଯାଉଥିଲେ ମଧ୍ୟ ବହୁ ବାଧା ବିଘ୍ନ ସତ୍ତ୍ୱେ ତାକୁ ଆଗେଇବାକୁ ହେବ । ଦିନେ ଏହା ବୃଦ୍ଧି ପାଇ ବିଜୟ ଶ୍ରୀମଣ୍ଡିତ ହେବ ।

ଶ୍ରୀ ଅରବିନ୍ଦଙ୍କର ଆଉ ଏକ ସ୍ୱପ୍ନ ଥିଲା ବିରାଟ ଏସିଆ ଭୂଖଣ୍ଡରେ ଥିବା ରାଷ୍ଟ୍ରମାନଙ୍କର ପୁନରୁତ୍ଥାନ ତଥା ସ୍ୱାଧୀନତା । ତାଙ୍କର ସେହି ଏସିଆ ଭୂଖଣ୍ଡ ଆଜି ଜାଗ୍ରତ । ତା'ର ଅଧିକାଂଶ ରାଷ୍ଟ୍ର ଆଜି ସ୍ୱାଧୀନ । ଭାରତର ସ୍ଥାନ ଅତି ଉଚ୍ଚରେ । ଏସିଆର ଅନ୍ୟରାଷ୍ଟ୍ରମାନେ ଭାରତ ପାଖରେ ଆଶାବାଦୀ ଏବଂ ଭାରତଠାରୁ ସେମାନେ ଅନେକ କିଛି ଚାହାଁନ୍ତି । ସେଥିରେ ଭାରତର କିଛି କର୍ତ୍ତବ୍ୟ ରହିଛି ଏବଂ ସେହି କର୍ମ ସେ ସାମର୍ଥ୍ୟ ଓ ଦକ୍ଷତାର ସହ ଆରମ୍ଭ କରିଛି ।

ବିଶ୍ୱକୁ ଭାରତର ଆଧ୍ୟାତ୍ମିକ ଦାନ ଥିଲା ତାଙ୍କର ଆଉ ଏକ ସ୍ୱପ୍ନ । ବର୍ତ୍ତମାନ ଆମେରିକା ଓ ୟୁରୋପରେ ଭାରତର ଆଧ୍ୟାତ୍ମିକତା ଧିରେ ଧିରେ ଅଧିକରୁ ଅଧିକ ପ୍ରବେଶ କରିବାରେ ଲାଗିଛି । ବିଂଶ ଶତାବ୍ଦୀର ଶେଷ ଭାଗରେ ପୃଥିବୀ ଏକ ବିଂଶ ଶତାବ୍ଦୀ ଆଡ଼କୁ ଗତିକଲାବେଳେ ଦିନକୁ ଦିନ ପୃଥିବୀରୁ ଶାନ୍ତି ନଷ୍ଟ ହେବାରେ ଲାଗିଛି । ଏହି ଘଡ଼ି ସନ୍ଧି ମୁହୂର୍ତ୍ତରେ ପଡ଼ୋଶୀ ରାଷ୍ଟ୍ରମାନେ ଭାରତ ପ୍ରତି ଆଶା ଓ ଭରସା ସହ ଦୃଷ୍ଟିପାତ କରୁଛନ୍ତି । ସେମାନେ ଯେ କେବଳ ତାର ଶାସ୍ତ୍ର ପ୍ରତି ଆଗ୍ରହୀ ତା ନୁହେଁ ବରଂ ତାର ଅନ୍ତରାତ୍ମିକ ଓ ଆଧ୍ୟାତ୍ମିକ ସାଧନର ଆଶ୍ରୟ ଖୋଜୁଛନ୍ତି ।

ତାଙ୍କର ଶେଷ ସ୍ୱପ୍ନ ଥିଲା ଭାରତୀୟମାନେ ଏପରି ଏକ ପଦକ୍ଷେପ ନେବେ ଯାହା ସେମାନଙ୍କୁ ଏକ ଉଚ୍ଚତର ଓ ବିଶାଳତର ଚେତନାରେ ଉନ୍ନୀତ କରିବ । ସମାଜରେ ଥିବା ସମସ୍ୟାମାନଙ୍କ ମଧ୍ୟରୁ ଯେଉଁ ସମସ୍ୟା ସକଳ ମନୁଷ୍ୟଙ୍କୁ ବ୍ୟସ୍ତ ଓ ବିଚଳିତ କରିଛି, ଯେବେଠାରୁ ସେ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର କଥା ଚିନ୍ତା କରିଛି ଓ ସ୍ୱପ୍ନ ଦେଖୁଛି ସେହି ସବୁ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବା ତାର ଏକ ଜରୁରୀ କାର୍ଯ୍ୟ ଅବଶ୍ୟ... ଏବେବି ଏକ ବ୍ୟକ୍ତିଗତ ଆଦର୍ଶ ଓ ବିଶ୍ୱାସ, ଯଦିଓ ଏହା ... ପାଶ୍ଚାତ୍ୟର ଅଗ୍ରଗାମୀ ଚିନ୍ତାଶୀଳ ବ୍ୟକ୍ତିଙ୍କ ହୃଦୟରେ ... ପ୍ରବେଶ କରୁଛି । ମନୁଷ୍ୟର ଅନ୍ୟାନ୍ୟ ଉଦ୍ୟୋଗ ... ଏ କ୍ଷେତ୍ରରେ ବାଧା ବିପତ୍ତି ଅଧିକ ଦୁର୍ଜ୍ଜୟ । କିନ୍ତୁ ବାଧା ... ଅର୍ଥ ତାକୁ ଅତିକ୍ରମ କରିଯିବ । ଆଉ ଯଦି ଭଗବାନଙ୍କ ... ଥାଏ ତେବେ ଏହି ବାଧା ବିପତ୍ତିକୁ ଅତିକ୍ରମ କରାଯାଇ ... ପୁନଶ୍ଚ ଯଦି ବିବର୍ତ୍ତନରେ ଏହି ପଦକ୍ଷେପକୁ ଗ୍ରହଣ କରିବାକୁ ... ଯେହେତୁ ଏହା ସଙ୍ଗଠିତ ହେବ କେବଳ ଅନ୍ତଃ ଚେତନା ... ବିକାଶ ଦ୍ୱାରା । ଏ କ୍ଷେତ୍ରରେ ମଧ୍ୟ ଭାରତ ପ୍ରଥମେ ... ଆରମ୍ଭ କରିବା ଉଚିତ । ଯଦିଓ ଏହାର ପରିସର ବିଶ୍ୱବ୍ୟାପୀ ତଥାପି କେନ୍ଦ୍ରୀୟ ଗତି ହିଁ ଭାରତରୁ ଆରମ୍ଭ ହେବା ନିଶ୍ଚିତ ।

ଶ୍ରୀ ଅରବିନ୍ଦ ୧୯୦୫ ମସିହାରେ ୩୨ ବର୍ଷ ବୟସରେ ... ପତ୍ନୀଙ୍କ ନିକଟକୁ ଖଣ୍ଡିଏ ପତ୍ର ଲେଖିଥିଲେ । ସେଥିରେ ... ଜୀବନର ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ... ଜଣେ ପାଗଳର ଆଖ୍ୟା ଦେଇ ପତ୍ର ଲେଖିବା ଆ... କରିଥିଲେ । ଚିଠିଟି ଏହିପରି ଥିଲା, "ମୋର ପ୍ରଥମ ପାଗଳ... ଏହି ଯେ, ଭଗବାନ ମୋତେ ଯେଉଁ ଗୁଣ, ପ୍ରତିଭା, ଉଚ୍ଚ ଶି... ବିଦ୍ୟା ଓ ଧନ ଦେଇଛନ୍ତି ସେ ସବୁ ତାଙ୍କର । ପରିବାରର ... ପୋଷଣ ପାଇଁ ଯାହା ବ୍ୟୟ ହେବ, ଆଉ ଯାହା ନିତାନ୍ତ ଆବଶ୍ୟ... ସେତିକି ମାତ୍ର ବ୍ୟୟ କରିବାର ଅଧିକାର ମୋର ଅଛି । ଅବଶି... ଯାହା ରହିଲା, ସେ ସବୁକୁ ଭଗବାନଙ୍କୁ ଫେରାଇ ଦେବା ... ଭଗବାନଙ୍କୁ ସାକ୍ଷାତ ଦର୍ଶନ କରିବା ମୋର ଦ୍ୱିତୀୟ ପାଗଳାମି... ତାଙ୍କୁ ଦର୍ଶନ କରିବାର ପଥ ଯେତେ ଦୁର୍ଗମ ହେଉ ପଛେ, ... ସେହି ପଥରେ ଆଗେଇବା ପାଇଁ ଦୃଢ଼–ସଙ୍କଳ୍ପ ମୋର ତୃତୀୟ ପାଗଳାମି ସ୍ୱଦେଶକୁ ଅନ୍ୟ ଲୋକେ ଏକ ଜଡ଼ ପଦାର୍ଥ, ପଡ଼ିଆ ଭୂମି, ବଣ–ପର୍ବତ–ନଦୀର କ୍ଷେତ୍ର ବୋଲି ମନେ କରନ୍ତି, ମୁଁ କି... ସ୍ୱଦେଶକୁ ମା' ବୋଲି ଜାଣେ । ତାଙ୍କୁ ଭକ୍ତି କରେ, ପୂଜା କରେ । ମା'ଙ୍କ ବୁକୁ ଉପରେ ଯଦି ରାକ୍ଷସ ବସି ରକ୍ତ ପାନ କରେ, ତେବେ ପୁତ୍ର କ'ଣ କରେ ? କ'ଣ ନିଶ୍ଚିନ୍ତ ଭାବରେ ଆହାର କରି ... ସ୍ତ୍ରୀ ପୁତ୍ର ସଙ୍ଗେ ଆନନ୍ଦ–ଉପଭୋଗ କରିବାକୁ ଚାହେଁ, ନା ମା'... ଉଦ୍ଧାର କରିବାକୁ ଧାଇଁ ଯାଏ ? ମୁଁ ଜାଣେ ଯେ ଏହି ପ... ଜାତିକୁ ଉଦ୍ଧାର କରିବାକୁ ମୋର ବଳ ଅଛି । ଶାରୀରିକ ... ନୁହେଁ ତରବାରୀ ବା ବନ୍ଧୁକ ବଳ ନେଇ ମୁଁ ଯୁଦ୍ଧ କରିବାକୁ ... ନାହିଁ ମୁଁ ଚାହେଁ ଜ୍ଞାନ ବଳରେ ଯୁଦ୍ଧ କରିବାକୁ । କ୍ଷାତ୍ର ... ଏକମାତ୍ର ତେଜ ନୁହେଁ, ବ୍ରହ୍ମ ତେଜ ମଧ୍ୟ ଅଛି । ସେହି ତେଜ ଜ୍ଞାନ ଉପରେ ପ୍ରତିଷ୍ଠିତ । ଏହି ଭାବ ମୋର କିଛି ନୂତନ ନୁହେଁ... ଏହି ଭାବ ନେଇ ମୁଁ ଜନ୍ମିଥିଲି । ଏହି ମହାବ୍ରତ ସାଧନ କରିବାକୁ ଭଗବାନ ମୋତେ ପୃଥିବୀକୁ ପଠାଇଛନ୍ତି ।"

ଉପରୋକ୍ତ ପତ୍ର ପାଠ କଲେ ଶ୍ରୀ ଅରବିନ୍ଦଙ୍କର ସ୍ୱଦେଶ ପ୍ରୀତି ... ଯେ କି ହୃଦୟଙ୍ଗମ କରି ପାରିବ । ଶ୍ରୀ ଅରବିନ୍ଦ ବିଦେଶୀ ... ଶାସନରେ ବର୍ଷ ବର୍ଷ ଧରି ଅଜ୍ଞତା ଓ ଦୁଃଖ କଷ୍ଟର ଅନ୍ଧକାର ମଧ୍ୟରେ ରାହା ଖୋଜୁଥିବା ଅସଂଖ୍ୟ ଭାରତୀୟଙ୍କୁ ସେ ଅର୍ଥାତ୍...

ପ୍ରକାଶ କରୁଥିଲେ ଏବଂ କହୁଥିଲେ ଯେ ବିଶ୍ୱବଳୟ ଶୀଘ୍ର ଆଲୋକ କ୍ଷେତ୍ରରେ ପ୍ଲାବିତ ହେବ । ଶ୍ରୀ ଅରବିନ୍ଦଙ୍କ ପାଇଁ ରାଜନୈତିକ ସ୍ୱାଧୀନତା ଲକ୍ଷ୍ୟରେ ଶେଷ ହୋଇ ନଥିଲା । ସେ ଖୁବ୍ ଥିଲେ ଭାରତ ହେବ ବିଶ୍ୱର ଆଧ୍ୟାତ୍ମିକ ଗୁରୁ । ସେ କହିଥିଲେ ଭାରତ ଯଦି ଆଧ୍ୟାତ୍ମିକ ଐତିହ୍ୟକୁ ଏହି ମୁହୂର୍ତ୍ତରେ ବିସର୍ଜନ କରେ ଏହା ହେବ ଭାଗ୍ୟର ବିୟୋଗାନ୍ତକ ଉପହାସ । ଶ୍ରୀ ଅରବିନ୍ଦଙ୍କ ପଥ ଅନୁସରଣ କରି ପଣ୍ଡିଚେରୀ ଆଶ୍ରମର ଶ୍ରୀମା ଭାରତ ପ୍ରତି ସତର୍କ ବାଣୀ ଶୁଣାଇଥିଲେ–"ଭାରତ ପୃଥିବୀର ଆଧ୍ୟାତ୍ମିକ ନେତୃତ୍ୱ ବଜାୟ ରଖିବା ଉଚିତ । ଯଦି ସେ ଏହା ନକରେ ତାହେଲେ ବିପର୍ଯ୍ୟୟ ଘଟିବ । ଏପରି ହେଲେ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ସହିତ ସାମିଲ ହୋଇ ଯିବ" । ଶ୍ରୀ ଅରବିନ୍ଦ କହିଥିଲେ–"ଆମ ଦେଶ ସବୁ ପ୍ରକାରର ପାର୍ଥିବ କଳଙ୍କରୁ ମୁକ୍ତ ରହିବା ଉଚିତ । ସେଥିପାଇଁ ଉତ୍କଟ ପାର୍ଥିବ ଅନୁସନ୍ଧିତ୍ସାରେ ଭ୍ରମଣ ହୋଇଥିବା ପ୍ରତ୍ୟେକ ଯାତ୍ରୀ ମୁକ୍ତିର ସନ୍ଧାନରେ ଆସିବା ଉଚିତ । କାରଣ ଭାରତ ହେଉଛି ଈଶ୍ୱର ଆକାଙ୍କ୍ଷିତ ଦେଶ । ଆମ ଭାରତ ହେଉଛି ଶାଶ୍ୱତ ଭୂମି । ଅଧିବାସୀମାନେ ଶାଶ୍ୱତ, ଧର୍ମ ଶାଶ୍ୱତ, ଶାନ୍ତି ଆତ୍ମୀୟତା ଏବଂ ପବିତ୍ରତାରେ ସମ୍ପୂର୍ଣ୍ଣ ଆଛନ୍ନ ହୋଇଥିବା ଭାରତ ଦେଶ । ତେଣୁ କେବେହେଲେ ମୁହୂର୍ତ୍ତଟିଏ ପାଇଁ ଏହା ସମ୍ପୂର୍ଣ୍ଣ ବିଲୋପ ହେବ ନାହିଁ । ମହାନାୟକ, ସାଧୁ ଓ ଋଷି ଆମ ଭାରତ ଭୂମିର ପ୍ରକୃତିଦତ୍ତ ଫଳ ଏପରି କୌଣସି ଯୁଗ ନାହିଁ ସମୟ ନାହିଁ ଯେତେବେଳେ କି ସେମାନେ ଜନ୍ମ ନେଇ ନାହାନ୍ତି । ଭଗବାନ ବାରମ୍ବାର ରାମ, କୃଷ୍ଣ, ବୁଦ୍ଧ ଭାବରେ ଅବତାର ଗ୍ରହଣ କରି ଏ ଭାରତ ଭୂମିକୁ ପବିତ୍ର କରିଛନ୍ତି । କଳିଯୁଗରେ ଶ୍ରୀଜଗନ୍ନାଥ ଭାରତ ଭୂମିରେ ଦାରୁ ଦେବତା ରୂପେ ଶ୍ରୀକ୍ଷେତ୍ରର ବଡ଼ଦେଉଳରେ ପୂଜା ପାଉଛନ୍ତି ଏବଂ ଚକା ଆଖି ଖୋଲି ସାରା ବିଶ୍ୱକୁ ଚାହିଁ ରହିଛନ୍ତି । ନିୟନ୍ତ୍ରଣ କରୁଛନ୍ତି । ସାରା ବିଶ୍ୱବାସୀ ତାଙ୍କୁ ଆଶ୍ରା କରି ରହିଛନ୍ତି । ଶ୍ରୀ ଅରବିନ୍ଦଙ୍କ ଜନ୍ମତିଥି ଅଗଷ୍ଟ ୧୫ରେ ହୋଇଥିବାରୁ ସେ ତାଙ୍କର ବାର୍ତ୍ତା ମାଧ୍ୟମରେ ଭାରତର ସ୍ୱାଧୀନତା ଦିବସରେ ଭାରତ ବାସୀଙ୍କୁ ଏହିପରି ଅଖଣ୍ଡ ଭାରତ ଗଠନ ପାଇଁ ଆହ୍ୱାନ କରିଛନ୍ତି । ଆଜି ପବିତ୍ର ଦିନରେ ତାଙ୍କର ପଦାଙ୍କ ଅନୁସରଣ କରିବା ପ୍ରତ୍ୟେକ ଭାରତୀୟର ଲକ୍ଷ୍ୟ ହେଉ ।

ସମୀକ୍ଷକ,
ସମୀକ୍ଷା ଅଧିକାରୀ ସମବାୟ ସମିତି,
କଟକ ମଣ୍ଡଳ ନଂ–୧, ଖାଣ୍ଡିମେଣ୍ଟଳା,
ରାଜାବଗିଚା, କଟକ ।



ବିଶ୍ୱ ବ୍ୟାଙ୍କ ପ୍ରତିନିଧିମାନଙ୍କ ସହିତ ଜଳସେଚନ ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଆଲୋଚନା କରୁଛନ୍ତି । ଏହି ଆଲୋଚନାରେ ଜଳସେଚନ ବିଭାଗ ମନ୍ତ୍ରୀ ଶ୍ରୀ ବିଜୟ କୁମାର ମହାପାତ୍ର ଓ ରାଜ୍ୟର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଅଛନ୍ତି (୪/୭) ।

# ORISSA STATE FINANCIAL CORPORATION

O.M.P. Square : Cuttack-753 003

Telegram : FINCORISSA

Telex : 0676—225
PABX : 21123, 21125
21172, 21173

We have been on the industrial scene of Orissa for the last 33 years. We are the pioneer financial institution for industrial financing in the State. As on 31-3-1990, the Corporation has sanctioned Rs.489·52 crores and disbursed Rs.297·68 crores.

If you are thinking of setting up an industry in Orissa, you would find it helpful to contact us, for we have many effective schemes to offer you and one may just suit to your needs.

**WE PROVIDE :**

1. Term loan upto Rs.60 lakhs to create fixed assets.
2. Loans to Technician Entrepreneurs with 15 % margin.
3. Soft loan upto Rs.4.00 lakhs to TECHNICIAN ENTREPRENEURS.
4. Seed Capital loan assistance upto Rs.10·00 lakhs on soft terms to Technician as well as professionally experienced entrepreneurs.
5. Loans to MEDICAL GRADUATES for 'X' Ray, ECG and Electro-Medical Equipments and for P.G. Degree holders to set up nursing homes.
6. Term loan upto Rs.2·00 lakhs with 10% margin to EDUCATED UNEMPLOYED.
7. Seed Capital assistance to TINY SECTOR Industries.
8. Assistance for REHABILITATION AND MODERNISATION and also for QUALITY CONTROL Equipment.
9. Assistance for WOMEN ENTREPRENEURS AND EX-SERVICE PERSONNEL.
10. Term and working capital loan upto Rs.5·00 lakhs under SINGLE WINDOW SCHEME.

We assure you of our best services. For details, please call on the Managing Director or our Regional Manager/Branch Manager.

MANAGING DIRECTOR


OGP—MP—PTS (I&PR) 15—10,000—12-8-1991




ବନ ମହୋତ୍ସବ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପରିସର ମଧ୍ୟରେ ଏକ ଚାରା ରୋପଣ କରୁଛନ୍ତି ।

Vol XLVIII No. 1 UTKAL PRASANGA Regd. No. 0-05/91
Licence No. C.R.N.P. 5—Licensed to post without Pre-payment



ଚଉଦତମ ଲୋକ ଅଦାଲତ ପ୍ରତି ଉପଲକ୍ଷେ ଓଡ଼ିଶା ହାଇକୋର୍ଟ ହତା ପରିସର ମଧ୍ୟରେ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ମାନନୀୟ ଶ୍ରୀ ରଙ୍ଗନାଥ ମିଶ୍ର, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଶ୍ରୀ ବି: ଏଲ: ହଂସାରିଆ ଓ ବିଚାରପତି ଶ୍ରୀ ରାଧାଚରଣ ପଟ୍ଟନାୟକ ।

PRINTED AT ORISSA GOVERNMENT PRESS, CUTTACK—10


ଉତ୍କଳ
ପ୍ରସଙ୍ଗ